# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 16/2023 Page 16 ₹ 7.00

୪୯ଶ ଭାଗ ୧୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 141 ମୂଲ୍ୟ ₹୭/-



DSPL - 10

Industry Partner

FICCI

Government of Odisha

www.odishaskillconclave.in

# ବିଶ୍ୱସ୍ତରୀୟ ଦକ୍ଷତା ଉତ୍ସବକୁ ସ୍ୱାଗତ

ଆସନ୍ତୁ, ଦକ୍ଷତା ଏବଂ ବୈଷୟିକ ଶିକ୍ଷାର ଉତ୍ସବ 'ଓଡିଶା ସ୍କିଲ୍ କନକ୍ଲେଭ ୨୦୨୩'ରେ ଆମ ସହିତ ଯୋଗ ଦିଅନ୍ତୁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଭାରତ ତଥା ବିଶ୍ୱର ଶିକ୍ଷାର୍ଥୀ ଏବଂ ଦକ୍ଷତା ବିକାଶ ଉପକ୍ରମରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସୁଯୋଗ ଆଣିଦେବ । 'ନୂଆ ବିଶ୍ୱ ପାଇଁ ଦକ୍ଷତା' ବିଷୟକୁ ନେଇ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ସହଭାଗିତା ସୃଷ୍ଟିରେ ସାହାଯ୍ୟ କରିବା ସହିତ ଏକ ନୂତନ ଭବିଷ୍ୟତର ସମ୍ଭାବନା ସୃଷ୍ଟି କରିବ ।

"ଦିନ ଆସିବ ଯେତେବେଳେ ଲୋକେ ପଚାରିବେ, ଆପଣ କ'ଣ ଓଡ଼ିଶାରୁ ଦକ୍ଷତା ପ୍ରାପ୍ତ ?"

ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଓଡ଼ିଶା
### ସ୍କିଲ୍ କନକ୍ଲେଭ ୨୦୨୩
ଭୁବନେଶ୍ୱର । ୨୦ରୁ ୨୨ ଅପ୍ରେଲ

*ନୂଆ ବିଶ୍ୱ ପାଇଁ ଦକ୍ଷତା*

କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର

3 ଦିନର ଦକ୍ଷତା ଉତ୍ସବ | 2000+ ଶିକ୍ଷାର୍ଥୀ ଅଂଶଗ୍ରହଣକାରୀ | 1000+ ଶିଳ୍ପପତି

100+ ବକ୍ତା | 7 ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନା | 150+ ପ୍ରଦର୍ଶକ

ପଞ୍ଜିକରଣ ପାଇଁ ସ୍କାନ୍ କରନ୍ତୁ

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

@sdte.odisha @sdteodisha @SDTE_Odisha @SDTE_Odisha

OIPR-44011/13/0002/2324

**ଜନ୍ମଦିନରେ ପ୍ରେମିକାଙ୍କୁ ହତ୍ୟା**

ବେଙ୍ଗାଲୁରୁ ଲଗେର ଅଞ୍ଚଳରେ ପ୍ରଶାନ୍ତ ନାମକ ଯୁବକ ନିଜ ପ୍ରେମିକାଙ୍କୁ ହତ୍ୟା କରି ଗିରଫ ହୋଇଛନ୍ତି। ମଙ୍ଗଳବାର ପ୍ରେମିକା ନବ୍ୟାଙ୍କର ଜନ୍ମଦିନ ଥିଲା। ପ୍ରଶାନ୍ତ କୌଣସି କାମ ପାଇଁ ବ୍ୟସ୍ତ ଥିବା ହେତୁ ନବ୍ୟାଙ୍କ ଜନ୍ମଦିନ ପାର୍ଟିରେ ସାମିଲ ହୋଇ ପାରି ନ ଥିଲେ। ସେ ଶୁକ୍ରବାର ପ୍ରେମିକାଙ୍କ ଜନ୍ମଦିନ କେକ୍ କାଟିବାର କିଛି ସମୟ ପରେ ନବ୍ୟାଙ୍କ ଗଳାକାଟି ହତ୍ୟା କରିଥିବା ପୋଲିସ କହିଛି। ନବ୍ୟା ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କରେ ଥିବା ପ୍ରଶାନ୍ତ ସନ୍ଦେହ କରି ଏହି ହତ୍ୟା କରିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ସକ୍ରିୟ ମାମଲା ୫୩,୭୨୦

**ଦିଲ୍ଲୀରେ ସର୍ବାଧିକ ଆକ୍ରାନ୍ତ**

**ନୂଆଦିଲ୍ଲୀ,୧୫।୪:** ଗତ ୨୪ଘଣ୍ଟା ମଧ୍ୟରେ ଦେଶରେ ୧୦,୭୫୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୭ ଜଣଙ୍କ ମୃତ୍ୟୁ ଘଟିଥିବା ଶନିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଦ୍ୟାବଧି ଦେଶରେ କରୋନା ସକ୍ରିୟ ମାମଲା ୫୩,୭୨୦ ରହିଛି। ଦିଲ୍ଲୀରେ ସର୍ବାଧିକ ୧,୩୯୬ ଜଣ ଦୈନିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିଲ୍ଲୀରେ ସର୍ବାଧିକ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମହାରାଷ୍ଟ୍ରରେ ୪, ରାଜସ୍ଥାନରେ ୩ ଏବଂ ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡରେ ଜଣେ ଲେଖାଏ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ଦେଶରେ ଦୈନିକ ପଜିଟିଭିଟି ହାର ବୃଦ୍ଧି ପାଇ ବର୍ତ୍ତମାନ ୬.୭୮ ରହିଛି।

### ପୋଲରୁ ନଦୀକୁ ଖସିଲା ଟ୍ରାକ୍ଟର ଟ୍ରଲି: ୧୧ମୃତ

**ଲକ୍ଷ୍ନୌ,୧୫।୪:** ଉତ୍ତରପ୍ରଦେଶ ଶାହଜାହାନପୁରର ବିରସିଙ୍ଗପୁର ଗ୍ରାମରେ ଶନିବାର ଏକ ବ୍ରିଜ୍‌ରୁ ଟ୍ରାକ୍ଟର ଟ୍ରଲି ନଦୀକୁ ଖସିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୮ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଛି। ଟ୍ରାକ୍ଟର ଟ୍ରଲିରେ ଭଗବଦ୍‌ଗୀତା କଥା ଲାଗି ଶ୍ରଦ୍ଧାଳୁ ଗାରା ନଦୀରୁ ଦଳ ଉଠାଇବା ପାଇଁ ଆସିଥିଲେ। ଦୁର୍ଘଟଣା ବେଳେ ଗାଡ଼ିରେ ୩୦ ଜଣ ଉପସ୍ଥିତ ଥିବା ପୋଲିସ କହିଛି। ଅନ୍ୟପକ୍ଷେ ଘଟଣାରେ ପ୍ରାଣ ହରାଇଥିବା ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ସହାୟତା ରାଶି ପ୍ରଦାନ ପାଇଁ ଯୋଗୀ ଘୋଷଣା କରିଛନ୍ତି।

### ଅମ୍ରିତପାଲ୍‌ଙ୍କ ଘନିଷ୍ଠ ସହଯୋଗୀ ଯୋଗା ଗିରଫ

**ଚଣ୍ଡିଗଡ଼, ୧୫।୪:** ତାଲିବାନୀ ସମର୍ଥକ ଫେରାର୍ ଅମ୍ରିତପାଲ୍‌ଙ୍କ ଘନିଷ୍ଠ ସହଯୋଗୀ ଯୋଗା ସିଂଙ୍କୁ ଶନିବାର ପୋଲିସ ଗିରଫ କରିଛି। ଅମ୍ରିତପାଲ୍‌ଙ୍କୁ ବିଭିନ୍ନ କାର୍ଯ୍ୟରେ ଯୋଗା ସହଯୋଗ କରୁଥିବାବେଳେ ଫେରାର୍ ପରେ ଅମ୍ରିତ୍‌ପାଲ୍‌ଙ୍କୁ ସେ ଆଶ୍ରୟ ଦେଇଥିବା ପୋଲିସ କହିଛି। ପୋଲିସର ଜଏଣ୍ଟ ଅପରେଶନ୍‌ରେ ଯୋଗାଙ୍କୁ ହୋସିପୁରର ସିରହିନ୍ଦରୁ ଗିରଫ କରାଯାଇଛି। କିଛିଦିନ ପୂର୍ବେ ଅମ୍ରିତପାଲ୍‌ଙ୍କ ସହଯୋଗୀ ପପଲପ୍ରୀତଙ୍କୁ ପୋଲିସ ସଫଳତା ପୂର୍ବକ ଗିରଫ କରିଥିବାବେଳେ ସେ ଏବେ ଆସାମ ଡିବ୍ରୁଗଡ ଜେଲରେ।

### ସୁଦାନରେ ସଂଘର୍ଷ: ଭାରତୀୟଙ୍କୁ ଘରେ ରହିବାକୁ ପରାମର୍ଶ

**ଖାର୍ଟୋମ୍, ୧୫।୪:** ଉତ୍ତର ଆଫ୍ରିକାର ସୁଦାନରେ ସେନା ଓ ଅର୍ଦ୍ଧ ସାମରିକ ବଳ ମଧ୍ୟରେ ଲାଗିରହିଥିବା ସଂଘର୍ଷ ଶନିବାର ଉଗ୍ର ରୂପ ନେଇଛି। ଦୁଇ ପକ୍ଷରୁ ଗୁଳିମାଡ଼ ସହ ବିଭିନ୍ନ ସ୍ଥାନରୁ ବୋମା ଫୁଟିବାର ଶବ୍ଦ ଶୁଣିବାକୁ ମିଳିଛି । ସୁଦାନରେ ରହୁଥିବା ଭାରତୀୟ ଘରୁ ନ ବାହାରିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ପରମର୍ଶ ଦିଆଯାଇଛି। ସେନା ଓ ଅର୍ଦ୍ଧ ସାମରିକ ବଳ ମଧ୍ୟରେ ସଂଘର୍ଷ ଯୋଗୁ ରାଜଧାନୀ ଖାର୍ଟୋମର ସ୍ଥିତି ବିଗିଡ଼ିବାରେ ଲାଗିଛି। ପ୍ରେସିଡେନ୍ସିଆଲ୍ ପ୍ୟାଲେସ୍, ସୁଦାନ ଆର୍ମି ମୁଖ୍ୟ ଅବଦେଲ ଫତହ ଆଲ-ବୁର୍ହାନଙ୍କ ବାସଭବନ ଏବଂ ଖାର୍ଟୋମ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଅର୍ଦ୍ଧ ସାମରିକ ବଳ କବ୍‌ଜା କରି ନେଇଥିବା ଦାବି କରିଛି।



ଫ୍ରାନ୍ସର ସାମ୍ବିଧାନିକ ପରିଷଦ ଶୁକ୍ରବାର ବିବାଦୀୟ ପେନ୍‌ସନ ସଂସ୍କାର ଯୋଜନାକୁ ଅନୁମୋଦନ କରିବା ପରେ ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ ପ୍ୟାରିସ୍ ସିଟି ହଲ୍ ବାହାରେ ଥିବା ସାଇକେଲଗୁଡ଼ିକୁ ଜାଳିଦେଉଛନ୍ତି।

# ଆଇନରେ ପରିଣତ ହେଲା ପେନ୍‌ସନ ସଂସ୍କାର

**ଆନ୍ଦୋଳନ ସତ୍ତ୍ୱେ ପ୍ରସ୍ତାବରେ ସ୍ୱାକ୍ଷର କଲେ ଫ୍ରାନ୍ସ ରାଷ୍ଟ୍ରପତି**

**ପ୍ୟାରିସ୍, ୧୫।୪**

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଶନିବାର ତାଙ୍କ ବିବାଦୀୟ ପେନ୍‌ସନ ସଂସ୍କାରରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି। ଉକ୍ତ ଆଇନକୁ କାର୍ଯ୍ୟକାରୀ ନ କରିବାକୁ ବିଭିନ୍ନ ୟୁନିୟନର ନିବେଦନ ଓ ଦୀର୍ଘ ୩ ମାସ ଧରି ଆନ୍ଦୋଳନ ସତ୍ତ୍ୱେ ରାଷ୍ଟ୍ରପତି ଏହାକୁ ଭ୍ରୂକ୍ଷେପ ନ କରି ଆଇନକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ରାତାରାତି ଫ୍ରାନ୍ସ ସରକାରୀ ପତ୍ରିକାରେ ଉକ୍ତ ଆଇନ ପ୍ରକାଶ ପାଇଛି। ଶୁକ୍ରବାର କନ୍‌ଷ୍ଟିଚ୍ୟୁଶନାଲ କାଉନସିଲ୍ ପେନ୍‌ସନ ସଂସ୍କାରକୁ ଅନୁମୋଦନ କରିଥିଲା। ସେଥିରେ ଅବସର ଗ୍ରହଣ ବୟସକୁ ୬୨ରୁ ୬୪କୁ ବୃଦ୍ଧି କରାଯାଇଛି। ସାମ୍ବିଧାନିକ ପରିଷଦ ବିବାଦୀୟ ପେନ୍‌ସନ ସଂସ୍କାର ଯୋଜନାକୁ ଅନୁମୋଦନ କରିବା ପରେ ଏହାର ପ୍ରତିବାଦରେ



ଏମାନୁଏଲ୍ ମାକ୍ରଁ

ଆନ୍ଦୋଳନକାରୀମାନେ ପ୍ୟାରିସ୍ ସିଟି ହଲ୍ ବାହାରେ ପୋଡ଼ାଜଳା କରିଥିଲେ। ମେ’ ୧ରେ ଗଣଶ୍ରମ ଦିବସ ବିକ୍ଷୋଭ କରିବାକୁ ୟୁନିୟନଗୁଡ଼ିକ ଚେତାବନୀ ଦେଇଛନ୍ତି।

# କର୍ଣ୍ଣାଟକ ଭାଜପାରେ ବିଦ୍ରୋହ

**ବେଙ୍ଗାଲୁରୁ, ୧୫।୪**

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲାଗି ଶାସକ ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଦଳ ଭିତରେ ଅସନ୍ତୋଷ ବୃଦ୍ଧି ପାଇଛି। ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ଅନେକ ଆଶାୟୀ ଖୋଲା ବିଦ୍ରୋହର ଆହ୍ୱାନ ଦେଇଛନ୍ତି। କେତେକ ଟିକେଟ ଆଶାୟୀ ବିରୋଧୀ ଦଳ କଂଗ୍ରେସ ଶିବିରରେ ଯୋଗ ଦେଇଥିବାବେଳେ ଅନ୍ୟ କେତେକ ଭାଜପାକୁ ଧମକ ଦେବାକୁ ପଛାଇନାହାନ୍ତି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଥିବାବେଳେ ଶାସକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଏବଂ ଅସନ୍ତୋଷ ଏହାକୁ ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୧୨ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ୨୦ରୁ ୩୦ ଆସନରେ ଭାଜପାର ବିଦ୍ରୋହୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ତେବେ ବିଦ୍ରୋହୀ ପ୍ରାର୍ଥୀ ୭ରୁ ୮ ଆସନରେ ସୀମିତ ରହିବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ହିମାଚଳ ପ୍ରଦେଶରେ ଗତ ନଭେମ୍ବରରେ ହୋଇଥିବା ନିର୍ବାଚନରେ ୨୧ ଆସନରେ ବିଦ୍ରୋହୀ ପ୍ରାର୍ଥୀ ଲଢ଼ିଥିଲେ।

କର୍ଣ୍ଣାଟକରେ ଭାଜପା ପ୍ରଥମ



କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

- ଗୈରିକ ଦଳକୁ ୨୦-୨୫ ଆସନ ହରାଇବାକୁ ପଡ଼ିବ: ଜଗଦୀଶ ଶେଟ୍ଟାର
- ଟିକେଟ ବଣ୍ଟାକୁ ନେଇ ବଢ଼ୁଛି ଅସନ୍ତୋଷ

ଥର ପାଇଁ ବଡ଼ ବିଦ୍ରୋହର ସମ୍ମୁଖୀନ ହୋଇଛି। ଦଳ ୧୮ ବିଧାୟକ, ୨ ବିଧାନ ପରିଷଦ ସଦସ୍ୟ ଏବଂ ଅନେକ ପୂର୍ବତନ ବିଧାୟକଙ୍କୁ ଟିକେଟ ଦେଇନାହିଁ। ସେମାନଙ୍କ ମଧ୍ୟରେ ପ୍ରମୁଖ ନେତା ହେଲେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାବଦୀ, କେ.ଏସ୍.ଈଶ୍ୱରାପ୍ପା, ଏମ୍.ପି. କୁମାରସ୍ୱାମୀ, ଏସ୍.ଏ. ରବୀନ୍ଦ୍ରନାଥ, ଆର୍. ଶଙ୍କର ଏବଂ ନେହେରୁ ଓଲେକାର। ଏହି ଅସନ୍ତୁଷ୍ଟ ନେତାଙ୍କ ମଧ୍ୟରୁ କେତେଜଣ ବିରୋଧୀ ଦଳରେ ଯୋଗ ଦେଇଥିବାବେଳେ ଅନ୍ୟମାନେ ସ୍ୱାଧୀନ ଭାବେ ଲଢ଼ିବାକୁ ସଜବାଜ ହେଉଛନ୍ତି। ଫଳରେ ବିରୋଧୀ କଂଗ୍ରେସ ଏବଂ ଜେଡିଏସ୍ ଭୋଟ ବିଭାଜନରୁ ଫାଇଦା ଉଠାଇବେ ବୋଲି କୁହାଯାଉଛି। ୨୦୧୯ରେ କଂଗ୍ରେସ ଏବଂ ଜେଡିଏସ୍ ଛାଡ଼ି ଭାଜପାରେ ଯୋଗଦେଇଥିବା ସବୁ ନେତାଙ୍କୁ ନିର୍ବାଚନ ଲଢ଼ିବା ଲାଗି ଦଳୀୟ ଟିକେଟ ମିଳିଥିବାରୁ ପୁରୁଣା ନେତାମାନେ ଖପ୍ପା ହୋଇଛନ୍ତି। କେତେଜଣ ରାଜ୍ୟ



ଜଗଦୀଶ ଶେଟ୍ଟାର

ନେତୃତ୍ୱ ବିଶେଷ କରି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ଓ ତାଙ୍କୁ ପରିହାସ କରି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବୋଲି କହୁଛନ୍ତି। ଦଳୀୟ ନେତୃତ୍ୱ ସ୍ଥିତି ପରିଚାଳନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବରିଷ୍ଠ ନେତା ଜଗଦୀଶ ଶେଟ୍ଟାର, ସାବଦୀ, ଈଶ୍ୱରାପ୍ପା, ଏପରିକି ବି.ଏସ୍. ୟେଦୁରପ୍ପା ମଧ୍ୟ ଅଭିଯୋଗ କରିଛନ୍ତି।

ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର କହିଛନ୍ତି, ଏଥିପାଇଁ ଗୈରିକ ଦଳକୁ ଅନ୍ୟୂନ ୨୦ରୁ ୨୫ ଆସନ ହରାଇବାକୁ ପଡ଼ିବ। ଦଳର ନିଷ୍ପତ୍ତିକୁ ସେ ରବିବାର ପର୍ଯ୍ୟନ୍ତ ଅପେକ୍ଷା କରିବେ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ହୁବ୍‌ଲି-ଧରୱାଦ ସେଣ୍ଟ୍ରାଲ ସମେତ ୧୨ ଆସନ ପାଇଁ ଭାଜପା ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ମେ’ ୧୦ରେ କର୍ଣ୍ଣାଟକ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଭାଜପା ପ୍ରଥମ ପର୍ଯ୍ୟାୟରେ ୫୨ ନୂଆ ମୁହଁଙ୍କୁ ଟିକେଟ ଦେଇଛି। ସେହିପରି ଦ୍ୱିତୀୟ ତାଲିକାରୁ ୭ ବିଧାୟକ ବାଦ୍ ପଡ଼ିଛନ୍ତି। ଟିକେଟ ବଣ୍ଟାକୁ ନେଇ ଦଳରେ ଅସନ୍ତୋଷ ସାଙ୍ଗକୁ ଅମୂଲ ଏବଂ ନନ୍ଦିନୀ ବ୍ରାଣ୍ଡ କ୍ଷୀରକୁ ନେଇ ନିର୍ବାଚନ ପୂର୍ବରୁ ଭାଜପାର ଭାବମୂର୍ତ୍ତି ଖରାପ ହୋଇଛି। ଦହି ପ୍ୟାକେଟ ଜରିଆରେ ହିନ୍ଦୀକୁ ରାଜ୍ୟରେ ଲାଗୁ କରିବା ପାଇଁ ଉଦ୍ୟମ ହେଉଥିବାର ଅଭିଯୋଗ ପରେ କେନ୍ଦ୍ରୀୟ ସଂସ୍ଥା ଏହାକୁ କର୍ଣ୍ଣାଟକ ସମେତ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟରୁ ପ୍ରତ୍ୟାହାର କରିନେଇଥିଲା। ତେବେ କର୍ଣ୍ଣାଟକରେ ସିଧାସଳଖ ଅମୂଲ କ୍ଷୀର ଓ ଦହି ପ୍ୟାକେଟ ବିକ୍ରି କରି ଭାଜପା ପୁଣି ଏକ ଅଡୁଆ ସୃଷ୍ଟି କରିଛି। ବିରୋଧୀ ଏବଂ କନ୍ନଡ଼ କର୍ମୀମାନେ ଏହାକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ବିରୋଧ ବଢ଼ିବାରୁ କର୍ଣ୍ଣାଟକ ଦୁଗ୍ଧ ମହାସଂଘ (କେଏମ୍‌ଏଫ୍) ଏବଂ ନନ୍ଦିନୀ ବ୍ରାଣ୍ଡକୁ ଶକ୍ତିଶାଳୀ କରିବା ଲାଗି ପଦକ୍ଷେପ ନିଆଯାଉଥିବା ଭାଜପା କହିଛି।

### ଓଡ଼ିଆ ସମେତ ୧୩ ଆଞ୍ଚଳିକ ଭାଷାରେ ହେବ ସିଏପିଏଫ୍ ପରୀକ୍ଷା

**ନୂଆଦିଲ୍ଲୀ, ୧୫।୪**

କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) କନଷ୍ଟେବଲ(ସାଧାରଣ ଡ୍ୟୁଟି) ପରୀକ୍ଷା ହିନ୍ଦୀ, ଇଂଲିଶ ସମେତ ୧୩ଟି ଆଞ୍ଚଳିକ ଭାଷାରେ ଅନୁଷ୍ଠିତ ହେବ। ଆଞ୍ଚଳିକ ଭାଷା ମଧ୍ୟରେ ଓଡ଼ିଆ, ବଙ୍ଗଳା, ଅସମୀୟା, ଗୁଜରାଟୀ, ମରାଠୀ, ମାଲାୟାଲମ, କନ୍ନଡ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ ଓ କୋଙ୍କଣୀ ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନେଇଛି। ସିଏପିଏଫ୍‌ରେ ସ୍ଥାନୀୟ ଯୁବବର୍ଗଙ୍କୁ ସାମିଲ ଲାଗି ପ୍ରେରଣା ଏବଂ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁତ୍ୱ ଦେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କୁ ଏହା ସୁଯୋଗ ଦେବା ସହ ସେମାନଙ୍କ ସ୍ୱପ୍ନ ପୂରଣରେ ଭାଷା ବାଧକ ରହିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସିଏପିଏଫ୍ ଅଧୀନରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍), ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍), ଇଣ୍ଡୋ-ତିବେତାନ୍ ବର୍ଡର ପୋଲିସ (ଆଇଟିବିପି), ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏବଂ ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ରହିଛି।

## ଜାପାନ ପ୍ରଧାନମନ୍ତ୍ରୀଙ୍କ ସଭାରେ ବିସ୍ଫୋରଣ

**ଟୋକିଓ/ନୂଆଦିଲ୍ଲୀ, ୧୫।୪**

ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡ଼ା ଶନିବାର ଏକ ନିର୍ବାଚନୀ ସଭାରେ ଯୋଗଦେଇଥିବାବେଳେ ବିସ୍ଫୋରଣ ଘଟିଛି। ତେବେ ସୁରକ୍ଷା କର୍ମୀମାନେ କିଶିଡାଙ୍କୁ ସୁରକ୍ଷିତ ଅବସ୍ଥାରେ ସେଠାରୁ ନେଇଯାଇଥିଲେ। ସ୍ଥାନୀୟ ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ କିଶିଡା ୱାକାୟାମାର ସାଇକାଜାକି ବନ୍ଦରକୁ ଯାଇଥିଲେ। ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ବିସ୍ଫୋରଣ ଘଟିଥିଲା। କେହି ଜଣେ ସଭା ମଧ୍ୟକୁ ବିସ୍ଫୋରକ ଫିଙ୍ଗିଥିଲା ବୋଲି କୁହାଯାଉଛି। ବିସ୍ଫୋରଣରେ କେହି ମୃତାହତ



ଫୁମିଓ କିଶିଡ଼ା

ହୋଇନାହାନ୍ତି। ପୋଲିସ ଜଣେ ସନ୍ଦିଗ୍ଧକୁ ଗିରଫ କରି ପଚରାଉଚରା କରୁଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ହତ୍ୟା କରାଯିବାର ୯ ମାସ ପରେ

**ଅଳ୍ପକେ ବର୍ତ୍ତିଲେ କିଶିଡା**

**ହିଂସାକୁ ଭାରତର ନିନ୍ଦା**

କିଶିଡାଙ୍କ ସଭାରେ ବିସ୍ଫୋରଣ ହୋଇଛି। ସିଞ୍ଜୋ ନାରା ସହରରେ ଏକ ପ୍ରଚାର ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ତାଙ୍କ ସୁରକ୍ଷାରେ ତ୍ରୁଟି ଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। କିଶିଡାଙ୍କ ସଭାରେ ବିସ୍ଫୋରଣକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ସବୁ ପ୍ରକାର ହିଂସାକୁ ଭାରତ ବିରୋଧକରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରିଛନ୍ତି।

## ବିଷାକ୍ତ ମଦ ପିଇ ୨୦ ମୃତ

**ପାଟନା,୧୫।୪**

ବିହାର ମୋତିହାରରେ ଶୁକ୍ରବାର ରାତିରେ ବିଷାକ୍ତ ମଦ ପିଇ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୨ ଡଜନ୍‌ରୁ ଅଧିକ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଏକ ଟ୍ୟାଙ୍କରରେ ନକଲି ମଦ ଅଣାଯାଇ ସ୍ଥାନୀୟ ଦୋକାନରେ ବିତରଣ କରାଯାଇଥିଲା। ସେହି ମଦକୁ ପିଇବା ପରେ ଲୋକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ପୂର୍ବ ଚମ୍ପାରନ ଥାନା ଅନ୍ତର୍ଗତ ତୁର୍କାଉଲିୟା, ପାହାଡପୁର ଅଞ୍ଚଳର। ଘଟଣାରେ ସମ୍ପୃକ୍ତି ନେଇ ୭ ଜଣଙ୍କୁ ଅଟକ ରଖାଯାଇଥିବା ବିହାର ହେଡ୍‌କ୍ୱାର୍ଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ମୃତକ ଟୁନ୍‌ଟୁନ୍ ସିଂ ଏବଂ ଭୁଟାନ ମାଝିଙ୍କ ପରିବାର ସେମାନଙ୍କ ଅନ୍ତିମ ସଂସ୍କାର କରିସାରିଥିବା ବେଳେ ଛୋଟୁ ଓ ଅଶୋକ ପାସୱାନଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଛି। ଜିଲା ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଘଟଣାର ତଦନ୍ତ ଚଳାଇଛନ୍ତି। ବିଷାକ୍ତ ମଦ ଯୋଗୁ ଲୋକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ମୃତ୍ୟୁର ପ୍ରକୃତ କାରଣ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଉଚ୍ଚ ପୋଲିସ ଅଧିକାରୀ କହିଛନ୍ତି। ୨୦୧୬ ଏପ୍ରିଲରେ ରାଜ୍ୟ ସରକାର ବିହାରରେ ମଦ ବିକ୍ରି ଉପରେ ରୋକ ଲଗାଇବା ପରଠାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଗତବର୍ଷ ଡିସେମ୍ବରରେ ସାରନ ଜିଲାରେ ବିଷାକ୍ତ ମଦ ପିଇବା ଯୋଗୁ ୫୨ ଜଣ ପ୍ରାଣ ହରାଇଥିଲେ।

### ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଆବେଦନ: ସାମ୍ବିଧାନିକ ପୀଠରେ ଶୁଣାଣି ହେବ

**ନୂଆଦିଲ୍ଲୀ, ୧୫।୪**

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ଲାଗି ଏକାଧିକ ପିଟିଶନ୍‌ର ଶୁଣାଣି ନିମନ୍ତେ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିଛନ୍ତି। ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବେଞ୍ଚରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହ ରହିଛନ୍ତି। ୧୮ ତାରିଖରେ ଉକ୍ତ ସାମ୍ବିଧାନିକ ପୀଠରେ ସମଲିଙ୍ଗୀ ବିବାହ ପିଟିଶନଗୁଡ଼ିକର ଶୁଣାଣି ଆରମ୍ଭ ହେବ।

## ଖାତରେ ବସ୍ ଖସି ୧୩ ମୃତ




**ପୁଣେ, ୧୫।୪ :** ମହାରାଷ୍ଟ୍ରର ରାୟଗଡ଼ ଜିଲାରେ ଶନିବାର ଭୋର ସମୟରେ ଏକ ବସ୍ ଖାତକୁ ଖସିପଡ଼ିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୫ ଜଣ ଆହତ ହୋଇଛନ୍ତି। ଭୋର ୪ଟା ୩୦ରେ ପୁଣେ-ରାୟଗଡ଼ ସୀମାରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ପୁଣେର ପିମ୍ପଲ ଗୁରଭରୁ ୪୧ ଯାତ୍ରୀଙ୍କୁ ନେଇ ଗୋରେଗାଁଓ ଯାଉଥିଲା। ଏଭଳି ଦୁର୍ଘଟଣାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସେ ଏନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ପ୍ରଶାସନ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଥିଲା।

## ତେଲଙ୍ଗାନାର ବିକାଶ ଦେଶ ପାଇଁ ଦୃଷ୍ଟାନ୍ତ

**ହାଇଦ୍ରାବାଦ, ୧୫।୪**

**୨୦୨୪ରେ ବିଆର୍‌ଏସ୍ ବହୁମତରେ ଜିତିବ: କେସିଆର୍**

ହାଇଦ୍ରାବାଦ୍‌ରେ ଶୁକ୍ରବାର ଭାରତୀୟ ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ୧୨୫ ଫୁଟର ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏ ନେଇ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏବଂ ଆମ୍ବେଡ୍‌କରଙ୍କ ଅଣନାତି ପ୍ରକାଶ ଆମ୍ବେଡ୍‌କର ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ କେସିଆରଙ୍କ ନେତୃତ୍ୱରେ ଭାରତ ଇତିହାସରେ ତେଲଙ୍ଗାନା ଏକ ନୂଆ ଅଧ୍ୟାୟ ରଚିଛି। ଶୁକ୍ରବାର ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପ୍ରତିମୂର୍ତ୍ତିରେ ପୁଷ୍ପବର୍ଷା କରାଯାଇଥିଲା। କେସିଆର୍ ମଞ୍ଚାସୀନ ହେବା ସମୟରେ ସେଠାରେ ଉପସ୍ଥିତ ଲୋକେ ଜୟ ଭୀମ, ଜୟ ତେଲଙ୍ଗାନା ଜୟ କେସିଆର୍ ସ୍ଲୋଗାନ୍ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଷଣ ଦେଇ ମୁଖ୍ୟ ଅତିଥି ପ୍ରକାଶ ଆମ୍ବେଡ୍‌କର କହିଥିଲେ, ମୁଖ୍ୟମନ୍ତ୍ରୀ କେସିଆର୍ ଭବିଷ୍ୟତରେ ଜଣେ ରାଷ୍ଟ୍ରନେତା ଭାବେ ଉଭା ହେବେ। ତେଲଙ୍ଗାନାରେ ହେଉଥିବା ବିକାଶ ସାରା ଦେଶ ପାଇଁ ଦୃଷ୍ଟାନ୍ତ ପାଲଟିଛି। ଦେଶର ବିଭିନ୍ନ ପ୍ରାନ୍ତରେ ଆମ୍ବେଡ୍‌କରଙ୍କ ପ୍ରଶଂସକ ରହିଛନ୍ତି। ୨୦୨୪ ଲୋକ ସଭା ନିର୍ବଚାନରେ ବିଆର୍‌ଏସ୍ ବହୁମତରେ ବିଜୟ ହାସଲ କରିବ ବୋଲି କେସିଆର୍ ଭାଷଣରେ କହିଛନ୍ତି। ବିକାଶକୁ ଶତ୍ରୁ ହଜମ କରିପାରୁ ନାହାନ୍ତି। ମହାରାଷ୍ଟ୍ରରେ ବିଆର୍‌ଏସ୍‌କୁ ବିପୁଳ ସମର୍ଥନ ମିଳିଛି। ଦେଶ ଶାସନ ପାଇଁ ଦଳରୁ ସୁଯୋଗ ନିଶ୍ଚିତ ମିଳିବ ବୋଲି କେସିଆର୍ କହିଛନ୍ତି।



DSPL-09

SAMS
Student Academic Management System
Skilled in ODISHA

# DIRECTORATE OF TECHNICAL EDUCATION & TRAINING, ODISHA

KILLAMAIDAN, BUXIBAZAR, CUTTACK-753001
email: ccrdiploma2023@gmail.com, Website: http://www.dtetorissa.gov.in

## DIPLOMA ADMISSION – 2023

NOTICE No.5270 Dt.15.04.2023

ONLINE Applications are invited from eligible candidates for admission into following Diploma courses in the Government & Private Engineering Schools/Polytechnics of Odisha for 2023-24 Academic Session through SAMS Portal (**www.samsodisha.gov.in**). The portal will be opened wef **17.04.2023 (Monday)** for registration and filling up of **Common Application Form (CAF)** by the applicants.

| Sl. | Diploma Courses | Eligibility |
|---|---|---|
| 1. | 1st Semester Diploma in Engineering/Technology | Pass in HSC examination/10th standard examination conducted/ declared equivalent by BSE, Odisha. |
| 2. | 3rd Semester Engineering/ Technology (Lateral Entry) | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (2 years course) in any Engineering Trade / 2 years ITI in Engineering Trades/ COE Trades with pass in HSC examination or 10th standard examination conducted / declared equivalent by BSE, Odisha |

**AGE** – Minimum 14 years for the above courses as on 01.07.2023. No upper Age Limit.
**RESERVATION** – Reservation under different categories as applicable will be mentioned in the Diploma e-Admission 2023 Information Brochure to be notified shortly.
**OUTSIDE STATE CANDIDATES** – Outside State candidates fulfilling eligibility criteria are also eligible for:
(i) Admission to **1st** Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only.
(ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution inside the State of Odisha having approval from the competent authority after exhaustion of state merit list.

| Sl. | Diploma Courses | Eligibility |
|---|---|---|
| 3. | 1st Semester/ Year Non-Engineering | (i) **Modern Office Management (MOM):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha. |

**(ii) Pharmacy:** A pass in10+2 examination (science academic stream) with Physics, Chemistry and Biology or Mathematics or Any other qualification approved by Pharmacy Council of India as equivalent to the above examination.
**(iii)Hotel Management & Catering Technology (HM&CT):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha.
**(iv)Beauty Culture (BC):** Educational qualification is same as 1st Semester of Engineering/ Technology course.
**AGE:**Minimum 14 years for BC & 16 years for MOM, Pharmacy & HM&CT as on **01.07.2023**. No Upper Age limit.

| Sl. | Diploma Courses | Eligibility |
|---|---|---|
| 4. | 1st Semester Diploma in Vocational Courses | Pass in HSC examination/ 10th standard examination conducted/ declared equivalent by BSE, Odisha. |

**N.B.**
1) Reservation under different categories will be applicable as specified by Government of Odisha for admission to Diploma Courses.
2) Candidates appeared in the qualifying examination can also apply.
3) The Diploma e-Admission Information Brochure 2023 shall be made available shortly on the website: **www.samsodisha.gov.in** and **http://www.dtetorissa.gov.in**.

**How to Apply:** On the Home Page of the SAMS Portal, by clicking on **Diploma (Polytechnic)** TAB under **Skill Development & Tech Education** BOX, the applicant will be directed to DIPLOMA Admission Home Page. **Applicants need to download the USER MANUAL and follow the detailed procedure prior to Registration, Filling up of CAF, Uploading the valid Documents, Filling up of Choices, Payment of non-refundable Application Fee and submit the Application (CAF).** The applicants may also visit the DTE&T, Odisha Website **www.dtetodisha.gov.in** where all admission related information will be made available and he/she will be redirected to SAMS Home Page by clicking DIPLOMA NEW ASPIRANT Tab for new registration.




**WELFARE SCHEMES:**
- **AICTE Pragati Scholarship for eligible GIRL STUDENTS (for Freshers) @ Rs.50,000/- Annum for all category.**
- **Financial Assistance for all GIRL STUDENTS under SUDAKHYA SCHEME of Govt. of Odisha.**
- Exemption of Fees and payment of Stipend to Orphans during study under GREEN PASSAGE SCHEME of Govt. of Odisha
- AICTE SAKSHAM Scholarship for eligible differently able students having disability 40% or more (for Fresher) @ Rs.50,000/- Annum for all category.
- AICTE SWANATH Scholarship for eligible Orphans/ children, whose either or both parents died due to Covid-19/ Wards of Armed Forces and Central Paramilitary Forces martyred in action (Shaheed)
- Merit-cum-poverty scholarships for 20% students in every discipline in every Govt. institute.
- Post-metric scholarships & other financial assistance sanctioned by Govt. from time to time for ST/ SC/OBC/ SEBC/EBC students.
- Scholarship for Minority Community students in all institutions as applicable.
- One time scholarship of **Rs.6000/-** to eligible **Topper/Girl Topper students** in each semester examination.
- National Scholarship/Junior Scholarship basing on HSC Marks.

**IMPORTANT NOTES:** Candidates should read the USER MANUAL carefully and apply through **ONLINE mode only** along with required DATA & non-refundable application fee of (i) **Rs.200/-** for **ST, SC & FEMALE** (ii) **Rs.300/-** for **MALE** candidates (Transgender, Orphan & **Physically Challenged category applicants are exempted from payment of Application Fee**) and the payment can be made through **ATM cum DEBIT/ Credit Card/ Net Banking only** through Internet before submission of the CAF.

**For any specific query, contact Diploma Admission Call Centre Phone No. 155335/1800-345-6770 (Toll Free) (From 9 AM to 6 PM) or email to ccrdiploma2023@gmail.com or Contact / Visit nearby Govt. Polytechnics for assistance.**

OIPR-44008/13/0001/2324 Sd./- Director of Technical Education & Training

# ଅତିକ୍, ଅଶ୍ରଫ୍‌ଙ୍କୁ ଗୁଳିକରି ହତ୍ୟା


ଅଶ୍ରଫ୍ ଅହମ୍ମଦ | ଅତିକ୍ ଅହମ୍ମଦ

**ପ୍ରୟାଗରାଜ/ଲକ୍ଷ୍ନୌ,୧୫।୪**

ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଅତିକ୍ ଅହମ୍ମଦ ଓ ତାଙ୍କ ଭାଇ ଅଶ୍ରଫ୍ ଅହମ୍ମଦ ଓରଫ ଖାଲିଦ୍ ଅଜିମ୍‌ଙ୍କୁ ଶନିବାର ରାତି ୧୦ଟାରେ ଗୁଳିକରି ହତ୍ୟା କରାଯାଇଛି। ପୋଲିସ ସୁରକ୍ଷାରେ ପ୍ରୟାଗରାଜର ଏକ ମେଡିକାଲ କଲେଜକୁ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଦୁଇଭାଇଙ୍କୁ ନିଆଯାଉଥିବାବେଳେ କେହି ଦୁର୍ବୃତ୍ତ ଗୁଳି କରିଥିବା କୁହାଯାଉଛି। ଅତିକ୍‌ଙ୍କ ପୁଅ ଅସଦ୍ ଅହମ୍ମଦ ଓ ସହଯୋଗୀ ଗୁଲାମ ମହମ୍ମଦଙ୍କୁ ଉତ୍ତର ପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାନ୍ସୀର ବବିନା ଜଙ୍ଗଲରେ ଏନ୍‌କାଉଣ୍ଟର କରି ହତ୍ୟା କରିବାର ଦୁଇଦିନ ନ ବିତୁଣୁ ଏହି ମାମଲା ନାଟକୀୟ ମୋଡ଼ ନେଇଛି। ଏହି ହତ୍ୟାକାଣ୍ଡରେ ଶନି, ଲଭଲେସ୍ ଓ ଅରୁଣ ନାମକ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ତେବେ ପୋଲିସର କଡ଼ା ସୁରକ୍ଷା ବଳୟରେ ଥିବା ଦୁଇ ଅଭିଯୁକ୍ତଙ୍କୁ କେଉଁ ପରିସ୍ଥିତିରେ ହତ୍ୟା କରାଗଲା ତାହା ବର୍ତ୍ତମାନ ସବୁଠୁ ବଡ଼ ପ୍ରଶ୍ନ। ଦୁଇଦିନ ତଳେ ଏସ୍‌ଟିଏଫ୍ ଗୁଳିରେ ଅସଦ୍ ଓ ଗୁଲାମଙ୍କ ହତ୍ୟା ପ୍ରସଙ୍ଗ ବିବାଦୀୟ ହୋଇଥିବାବେଳେ ସଦ୍ୟ ହତ୍ୟାକାଣ୍ଡ ଯୋଗୀ ସରକାରଙ୍କୁ ସନ୍ଦେହ ଓ ବିବାଦ ଘେରକୁ ଟାଣିନେଇଛି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟ୍ କରିଛନ୍ତି, ୟୁପିରେ ଅପରାଧ ଚରମସୀମାରେ ପହଞ୍ଚିଛି। ଅପରାଧୀମାନେ ନିର୍ଭୟରେ ବୁଲୁଛନ୍ତି। ପୋଲିସ ସୁରକ୍ଷା ମଧ୍ୟରେ ଯଦି ହତ୍ୟା କରାଯାଇପାରୁଛି, ତେବେ ସାଧାରଣ ଜନତାଙ୍କ ସୁରକ୍ଷା କଥା କିଏ ପଚାରେ। ରାଜ୍ୟରେ ବର୍ତ୍ତମାନ ଜାଣିଶୁଣି ଆତଙ୍କର ବାତାବରଣ ଖେଳାଯାଉଛି। ପ୍ରକାଶ ଯେ, ୨୦୧୭ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କ୍ଷମତାକୁ ଆସିବା ପରଠୁ ଅଦ୍ୟାବଧି ୧୮୩ ଜଣଙ୍କୁ ☞ପୃଷ୍ଠା-୨

- **ଯୋଗୀ ସରକାରଙ୍କ ଶାସନକୁ ନେଇ ଉଠିଲା ପ୍ରଶ୍ନ**
- **'ଜୟ ଶ୍ରୀରାମ'ସ୍ଲୋଗାନ ଦେଇଥିଲେ ହତ୍ୟାକାରୀ**
- **୨ ଦିନ ପୂର୍ବରୁ ପୁଅ ଓ ସହଯୋଗୀଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା**

# ପୁଲ୍‌ୱାମା ପ୍ରସଙ୍ଗ: ମୋଦି କହିଲେ 'ଚୁପ୍ ରୁହ'


କରନ୍ ଥାପର | ସତ୍ୟପାଳ ମଲିକ

**କେନ୍ଦ୍ରର ଭୁଲ୍ ଯୋଗୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା: ସତ୍ୟପାଲ**

**ନୂଆଦିଲ୍ଲୀ, ୧୫।୪**

ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଗାଡ଼ିକୁ ଆତଙ୍କବାଦୀମାନେ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇଦେବାରୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଭାଜପା ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରିଥିଲା ବୋଲି ସତ୍ୟପାଲ ଏକ ସାକ୍ଷାତ୍‌କାରରେ କହିଛନ୍ତି। ☞ପୃଷ୍ଠା-୨




# ସମ୍ବଲପୁରରେ କର୍ଫ୍ୟୁ ବଳବତ୍ତର

- **ଆଉ ୪୮ ଘଣ୍ଟା ଇଣ୍ଟରନେଟ୍ ବନ୍ଦ**
- **ପରୀକ୍ଷାର୍ଥୀଙ୍କ ପାଇଁ କର୍ଫ୍ୟୁ କୋହଳ ହେବ: ଡିଜିପି**

**ସମ୍ବଲପୁର,୧୫।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ବୁଧବାର ଏବଂ ଶୁକ୍ରବାର ହୋଇଥିବା ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଛି। ବୁଧବାରଠାରୁ ସହର ଏକପ୍ରକାର ଅଶାନ୍ତର ଅଞ୍ଚଳ ପାଲଟିଛି। ଆକ୍ରମଣ, ପୋଡ଼ାଜଳା, ପଥରମାଡ଼ ଆଦି ହିଂସାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶୁକ୍ରବାର ରାତି ୧୨ଟାରୁ ସହରରେ କର୍ଫ୍ୟୁ ଜାରି କରିଛି। ଚାପା ଉତ୍ତେଜନା ଥିବାରୁ ଶନିବାର ମଧ୍ୟ କର୍ଫ୍ୟୁ ବଳବତ୍ତର ରହିଛି।

ପୋଲିସ ଡିଜି ସୁନୀଲ ବଂଶଲ ଶନିବାର ସମ୍ବଲପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ଆଇନଶୃଙ୍ଖଳା ଏଡିଜି ଆର. କେ. ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଉପସ୍ଥିତ ଥିଲେ। ପ୍ରଥମେ ଆଇଜି ଅଫିସ୍‌ରେ ସମୀକ୍ଷା ବୈଠକ ହୋଇଥିଲା। ଘଟଣା ଦିନଠାରୁ ଏପର୍ଯ୍ୟନ୍ତ କ'ଣ ସବୁ ଘଟିଛି, କାହିଁକି ଏଭଳି ଅଘଟଣ ଘଟିଲା ସେନେଇ ଡିଜିପି ଆଲୋଚନା କରିଥିଲେ। ବୈଠକରେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ। ପରେ ଡିଜିପି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ବିତର୍କ ଲୋଡ଼ା



FOR TRADE ENQUIRIES : Wholesalers, Departmental Stores & Showrooms
EMAIL: jkjsparky@gmail.com | WEBSITE: www.sparkyjeans.in
Download Sparky Jeans App From: Google Play | facebook.com/sparkyclothing

**ଆଜିର ମନ୍ତବ୍ୟ**

" ଜଳବାୟୁ ପରିବର୍ତ୍ତନ ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହାର ମୁକାବିଲାରେ ସମସ୍ତଙ୍କର ଯୋଗଦାନ ଜରୁରୀ। କେବଳ ସମ୍ମିଳନୀ ଟେବୁଲ୍‌ରୁ ନୁହେଁ ପ୍ରତି ଘରର ଡାଇନିଂ ଟେବୁଲ୍‌ରୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବାକୁ ହେବ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ ମୁଦି ଆଗୁଆଳି**
**କଥାଏ ଦି'କଥା କହିଥାନ୍ତି**
**ସଙ୍ଗେ ସଙ୍ଗେ ଜଗୁଆଳି ।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା ଅଇଲା କଥା ଯେତେ**
**ସଙ୍ଗାତ ନ ପକା ଏତେ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯିବା ସହ ବିଗତ କଥାକୁ ରେଣ୍ଟି କରି ନ ଧରିବାକୁ ବନ୍ଧୁଙ୍କୁ ଅନୁରୋଧ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବଣଭୋଜି ବେଳେ ଆକ୍ରମଣ, ୫ ଆହତ

**ବାସୁଦେବପୁର, ୧୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗମେଇ ନଦୀପଠା ଖାଉଁବଣଠାରେ ଶନିବାର ଅପରାହ୍ନରେ ବଣଭୋଜି କରୁଥିବା ବେଳେ ମନ୍ଧାରୀ ଗ୍ରାମର ୫ଜଣଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ଗ୍ରାମର ସୁରେଶ ନାୟକ, ପ୍ରଦୀପ ନାୟକ, ରଞ୍ଜନ ନାୟକ, ଦିନେଶ ମଲ୍ଲିକ ଓ ଜୟନ୍ତୀ ମଲ୍ଲିକ ଆହତ ହୋଇଛନ୍ତି। ଏନେଇ ପ୍ରଦୀପ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ନନ୍ଦପୁର ଗ୍ରାମର ଏକ ପରିବାର ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାରଣାସ୍ତ୍ରରେ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଅପରପକ୍ଷର ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

# କମ୍ପାନୀ କ୍ୟାମ୍ପରେ ନିଆଁ, ଜଳିଗଲା ପ୍ଲାଷ୍ଟିକ ସାମଗ୍ରୀ



କ୍ୟାମ୍ପରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀ ଆୟତ୍ତ କରୁଛନ୍ତି।

**ସଇଁତଳା, ୧୫।୪ (ଡି.ଏନ.ଏ.)**

ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନ ଦୋହରାକରଣ କାର୍ଯ୍ୟ ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀର ସଇଁତଳା ରେଳଷ୍ଟେଶନ ନିକଟ କ୍ୟାମ୍ପରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ ସାମଗ୍ରୀ ଜଳିଯାଇଛି। ନିଆଁ ଅଧିକ ବ୍ୟାପିବା ପୂର୍ବରୁ ସଇଁତଳା ଓ ଦେଓଗାଁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ତେବେ ନିଆଁ ଲାଗିଥିବା ସମୟରେ ଟ୍ରେନ ଚଳାଚଳ ଦୀର୍ଘ ସମୟ ଧରି ବ୍ୟାହତ ହୋଇଥିଲା। ଅଗ୍ନିକାଣ୍ଡର ତୀବ୍ରତାକୁ ଦେଖି ଜାମପଦର ଓ ସଇଁତଳାକୁ ସଂଯୋଗ

- **ସଇଁତଳା ରେଳ ଷ୍ଟେଶନ ନିକଟରେ ଘଟିଥିଲା ଅଗ୍ନିକାଣ୍ଡ**
- **ରେଳଲାଇନ ଦୋହରାକରଣ ପାଇଁ କରାଯାଇଥିଲା କ୍ୟାମ୍ପ**

କରୁଥିବା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଲ୍‌ଆଣ୍ଡଟି କମ୍ପାନୀ କିମ୍ବା ରେଲୱେର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

ଦୁଇବର୍ଷ ତଳେ ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନ ଦୋହରୀକରଣ, ବିଭିନ୍ନ ରେଳ ଷ୍ଟେଶନର ଉନ୍ନତୀକରଣ ସହ ବିଦ୍ୟୁତୀକରଣ କାମ ଏଲ୍‌ଆଣ୍ଡଟି କମ୍ପାନୀ ତରଫରୁ ଚାଲିଥିଲା। ଏହି ସମୟରେ ସଇଁତଳା ରେଳଷ୍ଟେଶନ ନିକଟ ସିଲେଟପଡ଼ା ପାଖରେ କମ୍ପାନୀ ତା'ର ଏକ କ୍ୟାମ୍ପ କରି ସେଠାରେ ପ୍ଲାଷ୍ଟିକ କେବୁଲ ପାଇପ, ବିଦ୍ୟୁତ୍ ତାର, ଲାଇଟ ଖମ୍ବ ସହ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ସାମଗ୍ରୀ ରଖିଥିଲା। ରେଳଲାଇନ ଦୋହରୀକରଣ କାମ ସମାପ୍ତ ହୋଇଯାଇଥିବାବେଳେ ବଳି ଯାଇଥିବା ପ୍ଲାଷ୍ଟିକ ସାମଗ୍ରୀ କ୍ୟାମ୍ପରେ ହିଁ ପଡ଼ି ରହିଥିଲା। ଶନିବାର ସକାଳୁ କୌଣସି କାରଣରୁ ନିଆଁ ଲାଗି କ୍ୟାମ୍ପ ଜଳିବାକୁ ଲାଗିଥିଲା। ପଖରେ ଥିବା ସିଲେଟପଡ଼ା ଗ୍ରାମବାସୀ ତୁରନ୍ତ ସଇଁତଳା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିବାକୁ ପଛାଇବ ନାହିଁ। ଅଶ୍ୱିନୀ ନକ୍ଷତ୍ରର ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ ଉପକୃତ ହେବେ। ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବୃଷ**
ଆଜି କୃତ୍ତିକା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ପ୍ରଯତ୍ନ କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ କିନ୍ତୁ ପିଲାଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ**
ଶନିଙ୍କ ପ୍ରଭାବରୁ ଆଧ୍ୟାତ୍ମିକତା ଦିଗରେ ଅନୁଧାବିତ ହୋଇପାରନ୍ତି। କିନ୍ତୁ ନିଜ ପରିସରସ୍ଥ ଭିନ୍ନ ଜାତି ବିଶେଷ ପରୋକ୍ଷ ଶତ୍ରୁତା ଆଚରଣ କରି ସମସ୍ୟାକୁ ବଢ଼ାଇଦେବେ। କହୁ କହୁ ଏପରି କିଛି କଥା କହିଦେବେ ଯେ କଳହ ଲାଗିଯିବ। ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ପାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି ଏବଂ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିପାରେ। ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଷାଦିତ କରିବ। ପୁନର୍ବସୁ ନକ୍ଷତ୍ର ସକାଶେ ସମୟଟି କିଛି ସୁଖ ଓ ଦୁଃଖ ଭିତରେ କଟିବ।

**ସିଂହ**
ପରିସ୍ଥିତି ସୁଧାରିବାକୁ ଯାଇ କରଜ କରିବାକୁ ବାଧ ହେବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର କାହାର ଡାକରା ପାଇ ଦୂରଯାଗାକୁ ଯିବାକୁ ପଡ଼ିପାରେ। ଆଜି ଫେରିବା ସମୟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଆଣିବା ଲାଗି ଘରୁ ବରାଦ ପାଇବେ। କ୍ରୀଡ଼ା, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା**
କାର୍ଯ୍ୟହାନିଜନିତ କିମ୍ବା ସ୍ଥଗିତ କାର୍ଯ୍ୟ ସକାଶେ କର୍ମକ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**
ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂରା କରିବେ। ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପିଲାଙ୍କ ସମ୍ବନ୍ଧୀୟ କେତେକ ସମସ୍ୟା ମନକୁ ବିଶେଷ ଆନ୍ଦୋଳିତ କରିବ।

**ବିଛା**
ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ସକାଶେ ବ୍ୟସ୍ତ ହୋଇପାରନ୍ତି। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ ଘଟିପାରେ। ଅନୁରାଧା ନକ୍ଷତ୍ରର କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। କୌଣସି ଲୋକ ବିଷୟରେ କିଛି ନ ଜାଣି ତାହାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ।

**ମକର**
ଶ୍ରବଣା ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପାଖ, ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ**
ଆଜିର କାମଗୁଡ଼ିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବ, ତେଣୁ ମାନସିକ ସ୍ଥିତି ଭଲ ରହି ନ ପାରେ। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ପୂର୍ବ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଧନିଷ୍ଠା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ଲାଗି ତତ୍ପରତା ବଢ଼ିପାରେ।

**ମୀନ**
ଆଜି ଦିନଟିରେ ସତର୍କତାର ସହ କାମ କରିବା ଭଲ ହେବ ନଚେତ୍ ନୂଆ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ରେବତୀ ନକ୍ଷତ୍ରର ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ବୈଶାଖ କୃଷ୍ଣପକ୍ଷର ସର୍ବସମ୍ମତ ବରୁଥିନୀ ଏକାଦଶୀ ରବିବାର,ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ମି. ଗତେ ଘ.୦୯।୪୧ମି. ମଧ୍ୟେ, ଘ.୦୧।୨୦ମି. ଗତେ ଘ.୦୧।୫୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୭ମି. ଗତେ ଘ.୬।୦୧ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...



କର୍ଫ୍ୟୁ ଯୋଗୁ ଜିଲାସ୍କୁଲ ଛକ ଶୁନ୍‌ଶାନ୍ ହୋଇପଡ଼ିଛି ।



ସମ୍ବଲପୁର ଗୋଲବଜାର ଅଞ୍ଚଳ ବୁଲି ସ୍ଥିତି ପରଖୁଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ।

# ସମ୍ବଲପୁରରେ କର୍ଫ୍ୟୁ ...

ପୋଡ଼ାଜଳା ହୋଇଥିବା ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରି ଆଇନଶୃଙ୍ଖଳା ଫେରାଇ ଆଣିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି କହିଛନ୍ତି, ସ୍ଥିତିରେ ସୁଧାର ଆସିବା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି। କର୍ଫ୍ୟୁ ସମୟ ବୃଦ୍ଧି କରାଯାଇଛି। ଶୁକ୍ରବାର ଅପେକ୍ଷା ଶନିବାର ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଛି। ଅଧିକ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ତେବେ ପରୀକ୍ଷାର୍ଥୀମାନଙ୍କ ପାଇଁ କର୍ଫ୍ୟୁ କୋହଳ ହେବ। ସେମାନେ ଆଡ୍‌ମିଟ୍ କାର୍ଡ ଦେଖାଇ ପରୀକ୍ଷା ପାଇଁ ଯାଇପାରିବେ। ଦୁଇଦିନ ଭିତରେ ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଆଶା କରାଯାଉଛି। ତଥ୍ୟ ପ୍ରମାଣ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି। ସମ୍ବଲପୁରବାସୀ ପ୍ରଶାସନ ଓ ପୋଲିସକୁ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଜିଲାପାଳ ଅନନ୍ୟା ଦାସ କହିଛନ୍ତି ଯେ, ସମ୍ବଲପୁରକୁ ପରୀକ୍ଷା ଦେବାକୁ ଆସିବାକୁ ଥିବା ଛାତ୍ରୀଛାତ୍ରମାନଙ୍କୁ ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନରୁ ସ୍ୱତନ୍ତ୍ର ବସ୍‌ରେ ପରୀକ୍ଷା କେନ୍ଦ୍ରକୁ ନେବାଆଣିବା ବ୍ୟବସ୍ଥା କରାଯାଇଛି। ଏପରି କି ପରୀକ୍ଷାର୍ଥୀଙ୍କ ପାଇଁ ଦେୟଯୁକ୍ତ ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜିଲାପାଳ କହିଛନ୍ତି। କର୍ଫ୍ୟୁ ଯୋଗୁ ଦୋକାନବଜାର ବନ୍ଦ ସହ ରାସ୍ତା ଶୁନ୍‌ଶାନ ହୋଇପଡ଼ିଛି। ତେବେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାରୁ ଶନିବାର ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଆଉ ସେଭଳି କୌଣସି ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇନାହିଁ। ହିଂସା ଘଟଣାରେ ଶନିବାର ୧୭ଜଣଙ୍କୁ ମିଶାଇ ମୋଟ ୪୯ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଜଣେ ପୋଲିସ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୋଲିସ ଡ୍ରୋନ୍ ଓ ସିସିଟିଭି କ୍ୟାମେରାରେ ସ୍ଥିତି ଉପରେ ନଜର ରଖିଛି। ଇଣ୍ଟରନେଟ ସେବାକୁ ପୁଣି ୪୮ ଘଣ୍ଟା ପାଇଁ ବନ୍ଦ କରି ଦିଆଯାଇଛି। ଫଳରେ ଜନସାଧାରଣ ବହୁତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସରକାରୀ, ବେସରକାରୀ ଅଫିସ୍‌ଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହୋଇଛି। ତେବେ କର୍ଫ୍ୟୁ ମଧ୍ୟରାତ୍ରିରେ ଘୋଷଣା କରାଯାଇଥିବାରୁ ଲୋକମାନେ ପୂର୍ବ ପ୍ରସ୍ତୁତି କରି ପାରି ନ ପାରି ସମସ୍ୟା ଭୋଗିଛନ୍ତି। ପ୍ରଶାସନ ପକ୍ଷରୁ ସକାଳେ ଡାକବାଜି ଯନ୍ତ୍ର ଜରିଆରେ କର୍ଫ୍ୟୁ ସମ୍ପର୍କରେ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ବାଇକ ରାଲି ଆୟୋଜନ ହୋଇଥିଲା। ଏହି ସମୟରେ ପଥରମାଡ ହୋଇ ହିଂସା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲାରେ ୪୮ ଘଣ୍ଟା ପାଇଁ ନେଟ୍ ସେବା ବନ୍ଦ କରିଦିଆଯିବା ସହ ୧୪୪ ଧାରା ଲାଗୁ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ସୁନାପାଲି ଅଞ୍ଚଳରୁ କେତେଜଣଙ୍କ ଘରୁ ଚଢ଼ାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏହାସହ ୪୦ ପ୍ଲାଟୁନ୍ ଫୋର୍ସ ସହରରେ ମୁତୟନ କରାଯାଇଥିଲା। କିନ୍ତୁ ଶୁକ୍ରବାର ହନୁମାନ ଜୟନ୍ତୀରେ ଶୋଭାଯାତ୍ରା ଚାଲିଥିବାବେଳେ ପୁଣି ହିଂସା ଦେଖିବାକୁ ମିଳିଥିଲା। ପୋଡ଼ାଜଳ, ଭଙ୍ଗାରୁଜା ସମେତ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିଲା।

ଘଟଣାରେ ଗୋଇନ୍ଦା ଓ ପୋଲିସ ଫେଲ୍ ମାରିବା ସମ୍ପର୍କରେ ପଚରାଯିବାରୁ ଡିଜିପି ବଂଶଲ କହିଛନ୍ତି ଯେ, ପ୍ରଥମେ ଶାନ୍ତି ଫେରିବା ଉପରେ ପ୍ରାଥମିକତା ଦିଆଯାଇଛି। ପରବର୍ତ୍ତୀ ସମୟରେ ଘଟଣା ପାଇଁ କେଉଁମାନେ ଦାୟୀ କିମ୍ବା କାହାର ଅବହେଳା ରହିଛି ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅତିକ୍, ଅଶ୍ରଫ୍‌ଙ୍କୁ ...

ଏନ୍‌କାଉଣ୍ଟର କରି ହତ୍ୟା କରାଗଲାଣି। ପୋଲିସ ସୂଚନାନୁସାରେ ଶନିବାର ଉମେଶ ପାଲ୍ ହତ୍ୟାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଅତିକ୍ ଓ ଅଶ୍ରଫ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଥିଲା। ସବୁ ଥର ଭଳି ଏଥର ମଧ୍ୟ ପୋଲିସ ସେମାନଙ୍କୁ ସୁରକ୍ଷା ଦେଇ ନେଉଥିଲା। ସୁରକ୍ଷା ଗାଡ଼ିକୁ ଗଣମାଧ୍ୟମ ପ୍ରତିନିଧିମାନେ ଅନୁସରଣକରି ଯାଉଥିଲେ। କ୍ୟାମେରାମ୍ୟାନ୍‌ମାନଙ୍କ ସହ ଥିବା ଦୁଇଜଣ ବ୍ୟକ୍ତି ହଠାତ୍ ଅତି ନିକଟରୁ ଅତିକ୍ ଓ ଅଶ୍ରଫ୍‌ଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ହିଁ ଦୁଇଭାଇ ଟଳିପଡ଼ିଥିଲେ। ପୋଲିସ ଦୁଇ ଆକ୍ରମଣକାରୀ ଓ ଅନ୍ୟ ଜଣଙ୍କୁ ତତ୍କାଳ କାବୁ କରିଥିଲା। ଏହି ଚାଞ୍ଚଲ୍ୟକର ହତ୍ୟା ପରେ ଉତ୍ତେଜନା ବୃଦ୍ଧି ପାଇବା ଆଶଙ୍କାରେ ଦୁହିଁଙ୍କ ଗୁଳିବିଦ୍ଧ ଶରୀରକୁ ସେଠାରୁ ଅନ୍ୟତ୍ର ନିଆଯାଇଛି। ଘଟଣା ଉପରେ ଆମେ ନଜର ରଖିଛୁ। ବର୍ତ୍ତମାନ କିଛି କହିବା ଅନୁଚିତ ହେବ। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯାଉଛି ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଆକ୍ରମଣକାରୀମାନେ ଗୁଳିକରି ହତ୍ୟା କରିବା ପରେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ।

୨୦୦୫ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ତତ୍କାଳୀନ ବିଧାୟକ ରାଜୁ ପାଲ୍‌ଙ୍କୁ ହତ୍ୟା କରାଯାଇଥିଲା। ଅତିକ୍ ଓ ଅଶ୍ରଫ୍ ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ଥିଲେ। ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ(ଆଇନଜୀବୀ)ଙ୍କୁ ଗତ ଫେବୃୟାରୀ ୨୪ରେ ପ୍ରୟାଗରାଜର ଧୂମାନଗରସ୍ଥିତ ତାଙ୍କ ଘର ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ଆକ୍ରମଣରେ ଉମେଶଙ୍କ ୨ ପୋଲିସ ସୁରକ୍ଷା ଗାର୍ଡ ସନ୍ଦୀପ ନିଷାଦ ଓ ରାଘବେନ୍ଦ୍ର ସିଂ ମଧ୍ୟ ପ୍ରାଣ ହରାଇଥିଲେ। ଉମେଶଙ୍କୁ ହତ୍ୟା ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏଥିରେ ଅସଦ ଓ ଗୁଲାମ ଗୁଳି ଚଳାଇବା ସହ ବୋମା ଫିଙ୍ଗୁଥିବା ଦେଖାଯାଇଥିଲା। ଦିନକ ପରେ ଉମେଶଙ୍କ ସ୍ତ୍ରୀ ଜୟା ପାଲ୍ ଏନେଇ ଥାନାରେ ଏତଲା ଦେଇଥିଲେ। ଅତିକ୍, ଅଶ୍ରଫ୍, ଶୁଟର ଗୁଲାମ ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୧୪୭ (ଦଙ୍ଗା), ୧୪୮ (ଘାତକ ଅସ୍ତ୍ର ଧରି ଦଙ୍ଗା ଭିଆଇବା), ୧୪୯ (ସମାନ ଆପରାଧିକ ଉଦ୍ଦେଶ୍ୟ ରଖି ବେଆଇନ ସମାବେଶ), ୩୦୨ (ହତ୍ୟା), ୩୦୭ (ହତ୍ୟା ଉଦ୍ୟମ) ଓ ୫୦୬ (ଆପରାଧିକ ଭୟ ପ୍ରଦର୍ଶନ) ବଳରେ ପୋଲିସ ମାମଲା ରୁଜୁ କରିଥିଲା। ସେହିଦିନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଧାନସଭାରେ କହିଥିଲେ, ଉମେଶଙ୍କ ହତ୍ୟାକାରୀ ଓ ଅନ୍ୟ ଅପରାଧୀମାନଙ୍କୁ ମାଟିରେ ମିଶାଇ ଦିଆଯିବ। ଏହି ବହୁଚର୍ଚ୍ଚିତ ହତ୍ୟା ମାମଲାରେ ଫେରାର ଥିବା ଅସଦ ଓ ଗୁଲାମଙ୍କୁ ଧରାଇଦେଲେ ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଥିଲା। ଅନ୍ୟପକ୍ଷେ ଉମେଶ ହତ୍ୟା ମାମଲାରେ ଅତିକ୍‌ଙ୍କୁ ଗୁଜରାଟର ସାବରମତୀ କେନ୍ଦ୍ରୀୟ କାରାଗାରରୁ ଏବଂ ଅଶ୍ରଫ୍‌ଙ୍କୁ ବରେଲି ଜେଲରୁ ପ୍ରୟାଗରାଜ ବିଚାରବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତକୁ ଗୁରୁବାର ନିଆଯାଇଥିଲା। ହାଜିରା ପରେ ପୋଲିସ ଉଭୟଙ୍କୁ ରିମାଣ୍ଡରେ ନେଇଥିଲା। ଅତିକ୍‌ଙ୍କୁ ଅଣାଯାଉଥିବା ରାସ୍ତା ସଂଲଗ୍ନ ଜଙ୍ଗଲରେ ଅସଦ୍ ଓ ଗୁଲାମ ଛକି ବସିଥିଲେ। ଅତିକ୍‌ଙ୍କୁ ଅଣାଯାଉଥିବା ସୁରକ୍ଷା ଗାଡ଼ିକୁ ଦୁହେଁ ଟାର୍ଗେଟ କରିବାକୁ ଚାହୁଁଥିଲେ। ଲକ୍ଷ୍ୟ ଥିଲା ଭ୍ୟାନ୍ ସାଙ୍ଗରେ ଯାଉଥିବା କାର୍‌କେଡ୍ ଉପରକୁ କିଛି ରାଉଣ୍ଡ ଗୁଳି ଫୁଟାଇ ଆତଙ୍କ ଖେଳାଇବା। ଏପରି କରାଯାଇପାରିଲେ ୟୁପି ସରକାର ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି ହେବ ଏବଂ ତାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲେ ସାବରମତୀ ଜେଲରୁ ୟୁପିକୁ ଅଣାଯିବା ଯୋଜନା ବନ୍ଦ ହୋଇଯିବ ବୋଲି ଅସଦ୍ ଧରିନେଇଥିଲେ। କିନ୍ତୁ ୟୁପି ଏସ୍‌ଟିଏଫ୍‌ର ଗୁଳିମାଡ଼ରେ ସେ ନିହତ ହୋଇଥିଲେ। ଶନିବାର ଅସଦ୍‌ଙ୍କୁ ପ୍ରୟାଗରାଜର କସାରି ମାସାରିରେ ସମାଧି ଦିଆଯାଇଥିବାବେଳେ ତାଙ୍କ ବାପା ଅତିକ୍ ଓ ଦାଦା ଅଶ୍ରଫ୍‌ଙ୍କୁ ସେଠାରୁ ୩ କି.ମି. ଦୂରରେ ଥିବା ଧୂମାଗଞ୍ଜ ଥାନାରେ ପଚରାଉଚରା କରାଯାଉଥିଲା। ଖବରଦାତାମାନେ ଅଶ୍ରଫ୍‌ଙ୍କୁ ଅସଦ୍‌ଙ୍କ ମୃତ୍ୟୁ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଥିଲେ, ଆଲ୍ଲା ତାଙ୍କୁ ଫେରାଇନେଇଛନ୍ତି। ଘଟଣା ପରେ ଯୋଗୀ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଜରୁରୀ ବୈଠକ କରିଛନ୍ତି। ଅତିକ୍ ଓ ଅଶ୍ରଫ୍‌ଙ୍କ ହତ୍ୟାର ତଦନ୍ତ ପାଇଁ ୩ ଜଣିଆ ବିଚାରବିଭାଗୀୟ କମିଶନ ଗଠନ କରାଯାଇଥିବା ସ୍ପେଶାଲ ଡିଜି (ଆଇନଶୃଙ୍ଖଳା) ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି।

# ପୁଲ୍‌ୱାମା ପ୍ରସଙ୍ଗ: ମୋଦି ...

ଯେତେବେଳେ ସତ୍ୟପାଲ ରାଜ୍ୟପାଳ ଭାବରେ ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଦାୟୀ କରି ରିପୋର୍ଟ ଦେଲେ, ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ କହିଥିଲେ ବୋଲି ସେ ଅଭିଯୋଗ ଆଣିଛନ୍ତି। 'ଦି ୱେର୍' ନ୍ୟୁଜ୍ ପୋର୍ଟାଲ ପାଇଁ ବରିଷ୍ଠ ଖବରଦାତା କରନ୍ ଥାପରଙ୍କୁ ସାକ୍ଷାତ୍କାର ଦେଇ ସତ୍ୟପାଲ କହିଛନ୍ତି, ପୁଲ୍‌ୱାମା ଘଟଣା ପୂର୍ବରୁ ସିଆର୍‌ପିଏଫ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବିମାନ ମାଗିଥିଲା। ଏତେ ସଂଖ୍ୟାରେ ଯବାନଙ୍କୁ ସଡ଼କ ପଥରେ ନେବା ନିରାପଦ ନୁହେଁ ବୋଲି ସିଆର୍‌ପିଏଫ୍ ଜଣାଇବା ସହ ସେମାନଙ୍କ ପାଇଁ ୫ଟି ବିମାନ ଆବଶ୍ୟକ ବୋଲି କହିଥିଲା। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିମାନ ଦେବାକୁ ମନା କରିଦେଇଥିଲା। ସେଥିପାଇଁ ବିସ୍ଫୋରଣରେ ୪୦ ଯବାନଙ୍କ ଜୀବନ ଗଲା ବୋଲି ସତ୍ୟପାଲ କହିଛନ୍ତି। ବିସ୍ଫୋରଣ ଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର କର୍ବେଟ୍ ଜାତୀୟ ଉଦ୍ୟାନ ବାହାରୁ ତାଙ୍କୁ ଫୋନ୍ କରି କେନ୍ଦ୍ରର ତ୍ରୁଟି ପାଇଁ ଯବାନ ଶହୀଦ ହେବା କଥାକୁ ସ୍ୱୀକାର କରିଥିଲେ। ତେବେ 'ବର୍ତ୍ତମାନ ତୁମେ ଚୁପ୍ ରୁହ' ବୋଲି ମୋଦି ସତ୍ୟପାଲଙ୍କୁ ପରାମର୍ଶ ଦେଇଥିଲେ। 'ଏସବୁ କୁହନାହିଁ, ଏହା କିଛି ଅଲଗା ଘଟଣା, ଆମକୁ କହିବାକୁ ଦିଅ' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ମଧ୍ୟ ସତ୍ୟପାଲ୍‌ଙ୍କୁ ପୁଲ୍‌ୱାମା ସମ୍ପର୍କରେ କିଛି ନ କହି ନୀରବ ରହିବାକୁ ପରାମର୍ଶ ଦେଇଥିଲେ। ଏବେ ବିସ୍ଫୋରଣର ଦୋଷ ପାକିସ୍ତାନ ମୁଣ୍ଡରେ ଲଦିବାକୁ ହେଲେ ଚୁପ୍ ରହିବା ଆବଶ୍ୟକ ବୋଲି ସେ କହିଥିଲେ।

ପୂର୍ବତନ ରାଜ୍ୟପାଳ ସତ୍ୟପାଲ ଆହୁରି କହିଛନ୍ତି, ପୁଲ୍‌ୱାମା ଆକ୍ରମଣକୁ ନେଇ ଗୋଇନ୍ଦା ୧୦୦ ପ୍ରତିଶତ ବିଫଳ ହୋଇଥିଲା। ସିଆର୍‌ପିଏଫ୍ ଗାଡ଼ିକୁ ଧକ୍କା ଦେଇଥିବା କାର୍‌ରେ ୩୦୦ କିଲୋଗ୍ରାମ ବିସ୍ଫୋରକ ଥିଲା। କାର୍ ବିସ୍ଫୋରଣ ହେବା ପୂର୍ବରୁ ୧୦-୧୨ ଦିନ ଯାଏ ଉକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଲିଥିଲେ ମଧ୍ୟ ତାହାକୁ ଚିହ୍ନଟ କରାଯାଇ ନ ଥିଲା। ଏତେ ପରିମାଣରେ ବିସ୍ଫୋରକ କେବଳ ପାକିସ୍ତାନରୁ ଆସିଥାଇପାରେ। କିନ୍ତୁ ଏନେଇ ଗୋଇନ୍ଦା ବିଭାଗ ସୁରାକ ନ ପାଇବା ଯବାନମାନଙ୍କ ମୃତ୍ୟୁର ଅନ୍ୟତମ କାରଣ ବୋଲି ସତ୍ୟପାଲ କହିଛନ୍ତି।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ନେଇ ମୋଦି ସରକାରଙ୍କ ଯୋଜନା ସମ୍ପର୍କରେ ରାଜ୍ୟପାଳଙ୍କୁ ଆଗୁଆ ସୂଚନା ଦିଆଯାଇ ନ ଥିଲା। ତେବେ କେନ୍ଦ୍ର ଏଜେଣ୍ଡାରେ ଏହା ରହିଥିବାରୁ ଉକ୍ତ ରାଜ୍ୟରୁ ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହୃତ ହେବା ନେଇ ସେ ଜାଣିଥିଲେ ବୋଲି ସତ୍ୟପାଲ କହିଛନ୍ତି। ୩୭୦ ଉଚ୍ଛେଦ ହେବାର ପୂର୍ବଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାଙ୍କୁ ଫୋନ୍ କରିଥିଲେ। ତାଙ୍କ ପାଖକୁ ପଠାଯାଇଥିବା ଏକ ପତ୍ରକୁ କମିଟିରେ ଗୃହୀତ କରାଇ ପରଦିନ ପୂର୍ବାହ୍ନ ୧୧ଟା ସୁଦ୍ଧା ପଠାଇଦେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ପୂର୍ବରୁ ତାଙ୍କର ପରାମର୍ଶ ନିଆଯାଇଥାନ୍ତା, ତେବେ ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବାକୁ ସେ ଦେଇ ନ ଥାନ୍ତେ। ବିଦ୍ରୋହକୁ ଡରି ପୋଲିସକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିବା ସେ ଅନୁମାନ କରୁଛନ୍ତି ବୋଲି ପୂର୍ବତନ ରାଜ୍ୟପାଳ କହିଛନ୍ତି।

କଶ୍ମୀର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭୁଲ୍ ସୂଚନା ଦିଆଯାଇଥିବା କଥା ସତ୍ୟପାଲ ୨୦୧୮ରେ ତାଙ୍କ ସହ ଆଲୋଚନା ବେଳେ ଜାଣିବାକୁ ପାଇଥିଲେ। ସେତେବେଳକୁ ମୋଦି ୪ ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହିସାରିଥିଲେ। ଏକ ବୀମା ଡିଲ୍ ଏବଂ ବିଦ୍ୟୁତ୍ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ସତ୍ୟପାଲ ଏକାଧିକ ଥର ଅଭିଯୋଗ କରିଛନ୍ତି। ସେ ରାଜ୍ୟପାଳ ଭାବେ ଉକ୍ତ ଡିଲ୍ ଓ ପ୍ରକଳ୍ପକୁ ଅଟକାଇଥିଲେ। ଏହି ଅଭିଯୋଗ ସହ ଏକ ବ୍ୟବସାୟ ପ୍ରତିଷ୍ଠାନ, ଜମ୍ମୁ-କଶ୍ମୀରର ଜଣେ ପୂର୍ବତନ ମନ୍ତ୍ରୀ ଏବଂ ଆର୍‌ଏସ୍‌ଏସ୍‌ର ଜଣେ ନେତା ସମ୍ପୃକ୍ତ। ଆର୍‌ଏସ୍‌ଏସ୍ ନେତା ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ପ୍ରଧାନମନ୍ତ୍ରୀ ଦୁର୍ନୀତିକୁ ସେତେବେଶି ଘୃଣା କରନ୍ତି ନାହିଁ। ଦୁର୍ନୀତି ସମ୍ପର୍କରେ ମୋଦିଙ୍କୁ ଅଭିଯୋଗ କରିବାର ସପ୍ତାହେ ପରେ ତାଙ୍କୁ ଗୋଆରୁ ବଦଳି କରାଯାଇଥିଲା ବୋଲି ସତ୍ୟପାଲ କହିଛନ୍ତି। ତେବେ ଜମ୍ମୁ-କଶ୍ମୀରର ଅସାଧୁ ପ୍ରକଳ୍ପକୁ ବାତିଲ କରିବା ଘଟଣାରେ ମୋଦି ତାଙ୍କୁ ସମର୍ଥନ କରିଥିଲେ। ପାକିସ୍ତାନରୁ ତାଙ୍କ ପ୍ରତି ବିପଦ ଥିବା ଅଭିଯୋଗ ପରେ ଜେଡ୍ ସୁରକ୍ଷା ଓ ଘର ଯୋଗାଇଦେବାକୁ ସୁପାରିସ କରାଯାଇଥିଲା। ଏହା ସତ୍ତ୍ୱେ ତାଙ୍କୁ ମାତ୍ର ଜଣେ କନ୍‌ଷ୍ଟେବଲ ଯୋଗାଇଦିଆଯାଇଛି। ସରକାର ଚାହାନ୍ତି, ମୋତେ କେହି ମାରିଦେଉ ବୋଲି ସତ୍ୟପାଲ କହିଛନ୍ତି।

ସୂଚନାଯୋଗ୍ୟ, ସତ୍ୟପାଲ ମେଘାଳୟ ରାଜ୍ୟପାଳ ଥିବା ସମୟରୁ କେନ୍ଦ୍ର ବିରୋଧରେ ମନ୍ତବ୍ୟ ଦେଇଆସୁଛନ୍ତି। କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନକୁ ଦମନ କରିବାରେ ସରକାରଙ୍କ ପଦକ୍ଷେପକୁ ସତ୍ୟପାଲ ବିରୋଧ କରିଥିଲେ। ମୁସଲମାନଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଭାଜପା ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ମଧ୍ୟ ସେ ସମାଲୋଚନା କରିଥିଲେ। ଆଦାନୀ ଦୁର୍ନୀତି ପ୍ରସଙ୍ଗ ମୋଦି ସରକାରକୁ ଶେଷ କରିଦେବ। ବିରୋଧୀ ଯଦି ଜଣେ ସହ ଜଣେ ଲଢ଼େଇ ପାଇଁ ଆହ୍ୱାନ ଦିଅନ୍ତି, ତେବେ ମୋଦି ସରକାର ବର୍ତ୍ତିପାରିବେ ନାହଁ ଏବଂ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ନିଜ ସପକ୍ଷରେ ପଦେ ବି ଉଚ୍ଚାରଣ କରିପାରିବେ ନାହିଁ ବୋଲି ସତ୍ୟପାଲ କହିଛନ୍ତି।




# ଋଷିକୁଲ୍ୟାରେ ଭାସୁଛି ମଲାମାଛ


ଋଷିକୁଲ୍ୟା ନଦୀରେ ଭାସୁଥିବା ମଲାମାଛ।

**ଗଞ୍ଜାମ,୧୫।୪(ଡି.ଏନ୍.ଏ.)**

ଗଞ୍ଜାମ ସହର ପୋତାଗଡ଼ସ୍ଥିତ ଋଷିକୂଲ୍ୟା ନଦୀରେ ହଜାର ହଜାର ସଂଖ୍ୟକ ମାଛ ମରିଭାସୁଥିବା ଦେଖିବାକୁ ମିଳିଛି। ପଣାସଂକ୍ରାନ୍ତି ପାଇଁ କୌଣସି ମତ୍ସ୍ୟଜୀବୀ ଋଷିକୁଲ୍ୟା ନଦୀକୁ ଡଙ୍ଗା ଧରି ମାଛ ମାରିବାକୁ ଯାଇ ନ ଥିବା ବେଳେ କେଉଁ କାରଣରୁ ମାଛ ମରିଛି ତାହା ଜଣାପଡ଼ିନାହିଁ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳି ଯୋଗୁ ନଦୀପାଣି ତାତିଯାଇ ମାଛଗୁଡିକ ମରି ଥାଇପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି। ଅନ୍ୟପଟେ ବାୟୁମଣ୍ଡଳ ବିଷାକ୍ତ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା କେତେକ ଲୋକ ଅଭିଯୋଗ କରିଛନ୍ତି। ପ୍ରଥମେ ପୁଇଁତୋଳା ଗ୍ରାମର ଗୁରୁନା ବାରିକି ପ୍ରାତଃଭ୍ରମଣରେ ନଦୀପାର୍ଶ୍ୱରେ ଯିବା ବେଳେ ମାଛ ମରି ଭାସୁଥିବା ଦେଖିବାକୁ ପାଇଥିଲେ ଏବଂ ପରେ ଏନେଇ ସ୍ଥାନୀୟ ପ୍ରଶାସନଙ୍କୁ ଅବଗତ କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ପ୍ରକାଶଯୋଗ୍ୟ, ଗୋଖରକୁଦା, ପୋଡ଼ମପେଟା, ନୂଆଗାଁ ଆଦି ଅଞ୍ଚଳର ମତ୍ସ୍ୟଜୀବୀ ଏହି ନଦୀରୁ ମାଛ ମାରି ଜୀବିକା ନିର୍ବାହ କରିଥା'ନ୍ତି।

# କୋଟିଆରେ ଆନ୍ଧ୍ର ଆଧାର କ୍ୟାମ୍ପ

***କୋଟିଆ ସୀମା ବିବାଦ ଅଦାଲତରେ ବିଚାରାଧୀନ ରହିଛି। ହେଲେ ଅନୁପ୍ରବେଶ ବନ୍ଦ ହେଉ ନାହିଁ। ଆନ୍ଧ୍ର ପକ୍ଷରୁ କେତେବେଳେ ଓଡ଼ିଶା ସୀମାନ୍ତ ଗ୍ରାମରେ ପ୍ରବେଶ କରି ନିର୍ବାଚନ ପାଇଁ ଚେଷ୍ଟା କରାଯାଉଛି ତ ଆଉ କେତେବେଳେ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭତ୍ତା ଏବଂ ସହାୟତା ବଣ୍ଟା ଯାଉଛି। ଏବେ ପୁଣି ଆଧାର କ୍ୟାମ୍ପ ପକାଇ ଲୋକମାନଙ୍କ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରାଯାଉଛି। କଳେବଳେ କୌଶଳେ କୋରାପୁଟ ଜିଲା କୋଟିଆ ପଞ୍ଚାୟତର କିଛି ଗ୍ରାମକୁ ଆନ୍ଧ୍ର ନିଜ ଅଧୀନକୁ ନେବାକୁ ଉଦ୍ୟମ କରି ଆସୁଛି।***

**ପଟ୍ଟାଙ୍ଗି, ୧୫।୪(ଡି.ଏନ୍.ଏ.)**

ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଥିବାବେଳେ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ କିଛି ଗ୍ରାମରେ ନିଜର ଆଧିପତ୍ୟ ଜାରି ରଖିଛି। ଏବେ କୋଟିଆ ପଞ୍ଚାୟତ ତଳସେମ୍ଭି ଗ୍ରାମର ଏକ ଘରେ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନ ପକ୍ଷରୁ ଏକ ୧୦ ଦିନିଆ ଆଧାର କ୍ୟାମ୍ପ ଆରମ୍ଭ ହୋଇଛି। ଏଥିରେ ପଞ୍ଚାୟତର ଉପରସେମ୍ଭି, ଧୁଳିପଦର, ପାନୁକୁଲୁବାଲସା, ଝଙ୍କାରବାଲସା, ଆରୁଜୁବାଲସା, ନେରିଡିବାଲସା ଓ ତାଡିବାଲସା ଗ୍ରାମର ଲୋକେ ଏହି କ୍ୟାମ୍ପରେ ପହଞ୍ଚି ନିଜ ଆଧାର କାର୍ଡ ନିମନ୍ତେ ନାମ ପଞ୍ଜୀକରଣ କରି ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଏପରି କି ଲୋକମାନେ ଆଧାର କାର୍ଡ ଏବଂ ସଂଶୋଧନ ପାଇଁ କ୍ୟାମ୍ପ ନିକଟରେ ଲମ୍ବା ଧାଡ଼ି ଲଗାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଏସମ୍ପର୍କରେ ପଚାରିବାରେ ସେ ଆନ୍ଧ୍ରର ଆଧାର କ୍ୟାମ୍ପ ସମ୍ପର୍କରେ ଅବଗତ ଥିବା କହିଛନ୍ତି। ବିଗତ ଦିନରେ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଆଧାର କାର୍ଡ କ୍ୟାମ୍ପ କରି ସମସ୍ତ ପରିବାର ସଦସ୍ୟଙ୍କୁ ଆଧାର କାର୍ଡ ପ୍ରଦାନ କରାଯାଇଥିବାବେଳେ ପୁଣି ସେହି ଗ୍ରାମବାସୀଙ୍କୁ ଦ୍ୱିତୀୟ ଥର ଆନ୍ଧ୍ର ଆଧାର କାର୍ଡ କ୍ୟାମ୍ପ କରି ଗ୍ରାମବାସୀଙ୍କ ନାମ ପଞ୍ଜୀକରଣ ସହ ଫଟୋ ଉଠାଇବା ଜାରି ରଖିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖ ଓଡ଼ିଶା ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୬ଜଣ ଭାଜପା ବିଧାୟକ ବିବାଦୀୟ କୋଟିଆର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ

## ତଳସେମ୍ଭି ଗ୍ରାମରେ ୧୦ଦିନିଆ ଶିବିର


କୋଟିଆ ପଞ୍ଚାୟତ ତଳସେମ୍ଭି ଗ୍ରାମରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ଚାଲିଥିବା ଆଧାର କ୍ୟାମ୍ପ।

## ଅନୁପ୍ରବେଶ ଜାରି

ମିଶି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଏପରି କି ଆନ୍ଧ୍ରର ଅନୁପ୍ରବେଶ ଚିନ୍ତାଧାରାକୁ ବିରୋଧ କରି ଏହାକୁ କେବେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଧର୍ମେନ୍ଦ୍ର କହିଥିଲେ। ଗସ୍ତ ସମୟରେ ଧର୍ମେନ୍ଦ୍ର ସେଠାରେ ଉପସ୍ଥିତ ଥିବା ଆନ୍ଧ୍ରର କେତେଜଣ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କୁ କୋଟିଆ ଅଞ୍ଚଳକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କୋଟିଆର ୨୧ଟି ଗ୍ରାମ ଆନ୍ଧ୍ର ଅଧୀନରେ ଯାଉଛି ବୋଲି ଅଧିକାରୀମାନେ କହିଥିଲେ। ହେଲେ ଧର୍ମେନ୍ଦ୍ର ତାଙ୍କୁ କୋଟିଆ କେବଳ ଓଡ଼ିଶାର ବୋଲି କହିବା ସହ ତୁରନ୍ତ ଅଧିକାରୀମାନଙ୍କୁ ସେଠାରୁ ଚାଲିଯିବାକୁ କହି 'ଆନ୍ଧ୍ର ଗୋ ବ୍ୟାକ୍' ନାରା ଦେଇଥିଲେ। ସେହି ଘଟଣାରେ ଆନ୍ଧ୍ର ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଧର୍ମେନ୍ଦ୍ର ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ସେ କେବଳ ଗୋଟିଏ ରାଜ୍ୟକୁ ସମର୍ଥନ କରିବା ଠିକ୍ ନୁହେଁ ବୋଲି ଆନ୍ଧ୍ର ପକ୍ଷରୁ କୁହାଯାଇଥିଲା। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ତାଗିଦା ପରେ ଆନ୍ଧ୍ର ସରକାର ଏବେ ଏକ କେନ୍ଦ୍ରୀୟ ଯୋଜନାକୁ ଉକ୍ତ ବିବାଦୀୟ ଅଞ୍ଚଳରେ କାର୍ଯ୍ୟକାରୀ କରାଇ ନିଜ ଦାବିର ଯଥାର୍ଥତା ପ୍ରତିପାଦନ ପାଇଁ ଉଦ୍ୟମ ଚଳାଇଥିବା କୁହାଯାଉଛି।

# ୪୦ ଉପରେ ୨୩ ସହର | ବୌଦ୍ଧ ସବୁଠୁ ଉତ୍ତପ୍ତ

## ବଦଳିବ ପାଗ, ୫ ଦିନ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଶନିବାରଠାରୁ ପାରଦ ସାମାନ୍ୟ ତଳମୁହାଁ ହୋଇଛି। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୧ ଓ ୨ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆସନ୍ତା ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହୋଇପାରେ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଉପରେ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ୧୭ ତାରିଖରୁ ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ୧୭ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଭଳି ପାଗ ୨୦ ତାରିଖ ଯାଏ ରହିବା ନେଇ ଅନୁମାନ କରାଯାଇଛି।

ଅନ୍ୟପକ୍ଷରେ ୨୩ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବୌଦ୍ଧ ୪୨.୫, ଝାରସୁଗୁଡ଼ାରେ ୪୨.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨.୨, ଟିଟିଲାଗଡ଼ ୪୧, ସମ୍ବଲପୁର ୪୦.୯, ବଲାଙ୍ଗୀର ୪୧.୭, ଅନୁଗୋଳ ୪୧.୧, ସୋନପୁର ୪୦.୭, ସୁନ୍ଦରଗଡ଼ ୪୧, ରାଉରକେଲା ୪୧.୬, ଭବାନୀପାଟଣା ୪୧.୨, କଟକ ୪୧.୨, କେନ୍ଦୁଝର ୪୧, ହୀରାକୁଦ ୪୦, ଭୁବନେଶ୍ୱର ୪୧.୭, ଢେଙ୍କାନାଳ ୪୦.୮, ଚାନ୍ଦବାଲି ୪୦.୭, ପାରଳାଖେମୁଣ୍ଡି ୪୦.୪, ନୟାଗଡ଼ ୪୦, ଯାଜପୁର ୪୧, ଭଦ୍ରକ ୪୦, ଖୋର୍ଦ୍ଧା ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଶନିବାର ବିଶ୍ୱର ତୃତୀୟ ଉତ୍ତପ୍ତ ସହର ପାଲଟିଥିବା ବାରିପଦାର ତାପମାତ୍ରା ହଠାତ୍ ୭.୪ ଡିଗ୍ରୀ ତଳକୁ ଖସି ୩୬.୬ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ଥିଲା ୪୪ ଡିଗ୍ରୀ। ସେଠାରେ ପାଗ ମେଘୁଆ ରହିବା ଯୋଗୁ ତାପମାତ୍ରା ତଳକୁ ଖସିଲା ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ବୈଜ୍ଞାନିକ ଉମା ଶଙ୍କର ଦାସ କହିଛନ୍ତି।

# ସୋମବାରରୁ ଖୋଲିବ ସ୍କୁଲ

## ୬ଟା ୩୦ରୁ ୧୧ଟା ଯାଏ ପାଠପଢ଼ା ହେବ

**ଭୁବନେଶ୍ୱର,୧୫।୪(ବ୍ୟୁରୋ):** ଆସନ୍ତା ସୋମବାର(୧୭ ତାରିଖ)ଠାରୁ ସ୍କୁଲ ଖୋଲିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳମାନେ ସେମାନଙ୍କ ଜିଲାର ସ୍କୁଲଗୁଡ଼ିକର ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ। ଏଥିସହିତ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସବୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପ୍ରିଲ ୧୨ ତାରିଖରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ (ଦଶମ ଶ୍ରେଣୀ ଯାଏ) ୧୬ ତାରିଖ ଯାଏ ବନ୍ଦ କରିବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତରୁ ଫେରିବା ପରେ ରାଜ୍ୟର ଗ୍ରୀଷ୍ମପ୍ରବାହ ସ୍ଥିତିକୁ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରି ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।
















ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୬ ଏପ୍ରିଲ, ୨୦୨୩

ପକ୍ଷପାତିତା ହେଉଛି ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ । ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ । ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ । ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ । -ଶ୍ରୀମା



# ବିତର୍କ ଲୋଡ଼ା



ଆକାର ପଟେଲ

ଏବକାର ସଂଖ୍ୟାବହୁଳବାଦ ରାଜନୀତିର ସମ୍ଭାବ୍ୟ ଗତିକୁ ନେଇ ଆମର ଉତ୍ସୁକତା ପଛରେ ଦୁଇଟି ଲକ୍ଷ୍ୟ ରହିଛି । ଏହା ମଧ୍ୟ ଜଣାଶୁଣା ଯେ, ଶେଷରେ କେବଳ ଗୋଟିଏ ସ୍ଥାନରେ ଆମେ ଶୀଘ୍ର ପହଞ୍ଚିପାରିବା । କିନ୍ତୁ ଆଉ ଏକ ଦୃଷ୍ଟିକୋଣ ଅଛି ଯାହା ଉପରେ ବିଚାର କରିବା ଉଚିତ । କିଛି ସପ୍ତାହ ତଳେ ନ୍ୟାୟପାଳିକା ଉପରେ ନ୍ୟାଶନାଲ ଲ' ସ୍କୁଲର ପୂର୍ବତନ ମୁଖ୍ୟ ପ୍ରଫେସର ମୋହନ ଗୋପାଳଙ୍କ ବକ୍ତବ୍ୟ 'ଲାଇଭ୍ ଲ'ରେ ପ୍ରକାଶ ପାଇଥିଲା । ବିଚାରପତିମାନେ ସମ୍ବିଧାନ ବଦଳରେ ଧର୍ମରେ ଆଇନର ଉତ୍ସ ପାଇବା ଧାରା ବଢ଼ୁଛି ବୋଲି ତାଙ୍କ ଶୀର୍ଷକର ସାରାଂଶ ଥିଲା । ୨୦୦୪ରୁ ଏଯାବତ ସୁପ୍ରିମକୋର୍ଟରେ ନିଯୁକ୍ତ ସମସ୍ତ ବିଚାରପତିଙ୍କ ରେକର୍ଡ ଅନୁଧ୍ୟାନକରି ସେ ଏଭଳି କହିଥିଲେ । ଏହି ସମୟ ମଧ୍ୟରେ ନିଯୁକ୍ତ ୧୧୧ ବିଚାରପତିଙ୍କ ମଧ୍ୟରୁ ଉପା ଶାସନ କାଳରେ ୫୬ ଏବଂ ଏବକାର ଭାଜପା ଶାସନ ଅମଳରେ ୫୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ବିଚାରପତିମାନେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି ନା ପକ୍ଷପାତୀ ହୋଇଛନ୍ତି ତାହା ଉପରେ ସେ ଅନୁଧ୍ୟାନ କରିଥିଲେ । ତାଙ୍କ ନିଷ୍କର୍ଷ ଥିଲା, ଉପା ସରକାର ବେଳେ ୬ ଜଣ ବିଚାରପତି ସମ୍ବିଧାନବିତ୍ ଥିଲେ । ଅର୍ଥାତ୍ ସେମାନେ କେବଳ ସମ୍ବିଧାନର ଉତ୍କୃଷ୍ଟତାକୁ ବିଶ୍ୱାସ କରୁଥିଲେ ଓ ଅନ୍ୟ କୌଣସି ଆଇନର ଉତ୍ସକୁ ଭରସା କରୁ ନ ଥିଲେ । ଏନ୍‌ଡିଏ ଶାସନକାଳରେ ବି ଏଭଳି ବିଚାରପତିଙ୍କ ସଂଖ୍ୟା ବଢ଼ି ୯ରେ ପହଞ୍ଚିଥିଲା । ସେମାନଙ୍କ ରାୟଗୁଡ଼ିକୁ ସମୀକ୍ଷା କରି ସେ ଜାଣିପାରିଥିଲେ ଯେ, ସମ୍ବିଧାନକୁ ଛାଡ଼ି ଯେଉଁମାନେ ଆଇନକୁ ଖୋଜିଛନ୍ତି ସେମାନେ ତାହା ହିନ୍ଦୁ ଧର୍ମୀୟ ପୁସ୍ତକରୁ ପାଇଛନ୍ତି । ଉପା ସମୟରେ ନିଯୁକ୍ତ ବିଚାରପତିଙ୍କ ମଧ୍ୟରେ ଏଭଳି କେହି ନ ଥିଲା ବେଳେ ଏନ୍‌ଡିଏ ଦ୍ୱାରା ଏଭଳି ୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଓ ଏମାନଙ୍କ ମଧ୍ୟରୁ ଏବେ ୫ ଜଣ ବେଞ୍ଚରେ ଅଛନ୍ତି । ଏମାନେ ସମ୍ବିଧାନ ବାହାରେ ଧର୍ମରେ ଆଇନର ଉତ୍ସ ଖୋଜି ରାୟ ପ୍ରଦାନ କରିଛନ୍ତି । ଅଯୋଧ୍ୟା ମାମଲାରେ ରାୟ ଆଇନର ଆଗକୁ ଚାଲିଗଲା ଏବଂ ସୁପ୍ରିମକୋର୍ଟଙ୍କ ହିଜାବ ରାୟ କ୍ଷେତ୍ରରେ ବି ଧର୍ମୀୟ ପୁସ୍ତକରେ ଏହାର ଅଧିକାରକୁ ଦେଖାଯାଇଛି ।

ପ୍ରଫେସର ଗୋପାଳଙ୍କ ସିଦ୍ଧାନ୍ତ କହେ, ଦୁଇଟି ପର୍ଯ୍ୟାୟରେ ୨୦୪୭ ସୁଦ୍ଧା ଏକ ହିନ୍ଦୁ ରାଷ୍ଟ୍ର ସଫଳ ହେବ ବୋଲି ସେ ଲକ୍ଷ୍ୟ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ସମ୍ବିଧାନ ବାଦ୍ ଧର୍ମୀୟ ଉତ୍ସକୁ ଦେଖୁଥିବା ବିଚାରପତିଙ୍କୁ ନିଯୁକ୍ତ ଦେଇ ଏହା ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁମାନେ କେବଳ ଧର୍ମୀୟ ଆଇନକୁ ଉତ୍ସ ଭାବେ ଚିହ୍ନଟ କରିବେ, ସେମାନଙ୍କ ନିଯୁକ୍ତି ଦ୍ୱାରା ଏହା ଘଟିବ । ହିନ୍ଦୁ ରାଷ୍ଟ୍ର କେବଳ ସମ୍ବିଧାନକୁ ତ୍ୟାଗ କରିଦେଲେ ଆସିବ ନାହିଁ, ବରଂ ହିନ୍ଦୁ ଡକ୍ୟୁମେଣ୍ଟ ଭାବେ ସମ୍ବିଧାନର ପୁନଃ ବ୍ୟାଖ୍ୟା ଦ୍ୱାରା ସମ୍ଭବ ହେବ । ହିଜାବ୍ ରାୟ ଏହାର ଏକ ଉଦାହରଣ ଥିଲା ବୋଲି ପ୍ରଫେସର ଗୋପାଳ କହନ୍ତି । ସେହି ରାୟ କହେ, ସମ୍ବିଧାନ ଉପରେ ଧର୍ମ ଲାଗୁ କରାଯାଇଛି, କାରଣ ପ୍ରସ୍ତାବନାରେ ଧର୍ମନିରପେକ୍ଷ ପାଇଁ ଯେଉଁ ହିନ୍ଦୀ ଖଣ୍ଡବାକ୍ୟ ବ୍ୟବହାର କରାଯାଇଛି ତାହା ଧର୍ମ-ନିରପେକ୍ଷ ନୁହେଁ, ବରଂ ପନ୍ଥ-ନିରପେକ୍ଷ, ଯାହା ଏକ ଗୋଷ୍ଠୀ ବା ସମ୍ପ୍ରଦାୟକୁ ସୂଚିତ କରେ । ସେହି ଦୃଷ୍ଟିରୁ ସମ୍ବିଧାନ ଧର୍ମନିରପେକ୍ଷ ନୁହେଁ; ଏଠି ଧର୍ମ କହିଲେ ବୁଝାଏ କେବଳ ସନାତନ ଧର୍ମ । ହିଜାବ ରାୟ କହେ, ''ସମ୍ବିଧାନରେ ପନ୍ଥ ନିରପେକ୍ଷ ଶବ୍ଦର ବ୍ୟବହାର 'ଧର୍ମନିରପେକ୍ଷ' ଓ 'ପନ୍ଥ ନିରପେକ୍ଷ' ମଧ୍ୟରେ ଥିବା ପ୍ରଭେଦକୁ ସାମ୍ନାକୁ ଆଣିଛି । 'ପନ୍ଥ' କିମ୍ବା ଗୋଷ୍ଠୀ କହିଲେ ଯେକୌଣସି ନିର୍ଦ୍ଦିଷ୍ଟ ବିଶ୍ୱାସ, ଉପାସନା ପଦ୍ଧତି କିମ୍ବା ଈଶ୍ୱରଙ୍କ ସ୍ୱରୂପ ପ୍ରତି ଭକ୍ତିର ସଙ୍କେତ । କିନ୍ତୁ ଧର୍ମ ହେଉଛି ପରମ ବା ପୂର୍ଣ୍ଣ ତଥା ଶାଶ୍ୱତ ମୂଲ୍ୟବୋଧର ପ୍ରତୀକ, ଯାହାକୁ ପ୍ରକୃତିର ନିୟମ ଭଳି କେବେ ବି ପରିବର୍ତ୍ତନ କରାଯାଇପାରିବ ନାହିଁ । ଧର୍ମ କଲ୍ୟାଣକୁ ବଜାୟ ରଖେ, ଧରି ରଖେ ଏବଂ ଫଳାଫଳ ପ୍ରଦାନ କରେ । ଏହା ପ୍ରଜା ନାଗରିକ ଏବଂ ବିଶେଷକରି ପୂରା ସମାଜର ଉତ୍‌ଥାନ ପାଇଁ ଅଭିପ୍ରେତ ।'' ଏଣୁ ସାମ୍ବିଧାନିକ ବିଧି ହେଉଛି ଧର୍ମ । କର୍ଣାଟକ ସ୍କୁଲଗୁଡ଼ିକରେ ହୋମକୁ ଅନୁମତି ଦିଆଯାଏ, କିନ୍ତୁ ହିଜାବକୁ ନାହିଁ । କାରଣ ସମଗ୍ର ମାନଜାତିର ମଙ୍ଗଳ ପାଇଁ ହିଜାବ ହେଉଛି ସମ୍ପ୍ରଦାୟ ଓ ହୋମ ହେଉଛି ଧର୍ମ ।

ପ୍ରଫେସର ଗୋପାଳ କହିଛନ୍ତି, ଏନ୍‌ଡିଏ ଅମଳରେ ସମ୍ବିଧାନବିତ୍ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କେବଳ କଲେଜିୟମର ସକ୍ରିୟତା ଯୋଗୁ ହୋଇଛି । ଭାଜପା ଦେଶକୁ ଯେଉଁ ଦିଗରେ ନେଉଛି ତାହା ପ୍ରତି କଲେଜିୟମ ଆଖି ବନ୍ଦ କରି ନ ଥିବାରୁ ଏହା ଘଟିଛି । ଏଭଳି ପ୍ରତିରୋଧ ନିକଟରେ ବିଚାରପତିଙ୍କ ନିଯୁକ୍ତିକୁ ନେଇ କଲେଜିୟମ ଓ ସରକାରଙ୍କ ମଧ୍ୟରେ ଲଢ଼େଇରୁ ସ୍ପଷ୍ଟ ହେଉଛି । ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ସେ ସୂଚିତ କରିଛନ୍ତି, ସେ ସମ୍ପର୍କରେ ସଂକ୍ଷେପରେ ଦର୍ଶାଯାଇପାରେ । ପ୍ରଥମରେ, ଭାରତକୁ ଶାସନ କରୁଥିବା କିଛି ମୁଷ୍ଟିମେୟ ନେତା ସମ୍ବିଧାନ ଗୁରୁତ୍ୱ ଦେଇଥିବା ଧର୍ମନିରପେକ୍ଷ, ଏକତା ଏବଂ ଏଭଳି ଅନେକର ମୂଲ୍ୟକୁ ବିରୋଧ କରିଛନ୍ତି । କ୍ଷମତା ଦଖଲ ପାଇଁ ପ୍ରାଥମିକ ପ୍ରତିରୋଧ ସମ୍ବିଧାନରୁ ଆରମ୍ଭ ହୋଇଛି । ଏଣୁ ଭାଜପାର ସବୁ ଶକ୍ତି ସେଠାରେ କେନ୍ଦ୍ରୀଭୂତ ହୋଇଛି । ଶେଷରେ ଦଖଲ କରାଇବାରେ ନ୍ୟାୟପାଳିକା ଆଜ୍ଞାକାରୀ ପାଲଟିଛି । ତେବେ ଭାରତର ଏବକାର ସଂଖ୍ୟାବହୁଳବାଦ ଲକ୍ଷ୍ୟର ଶେଷ ପରିଣତି କ'ଣ ? ହିନ୍ଦୁତ୍ୱ କ'ଣ ଆଭ୍ୟନ୍ତରୀଣ ବିକାଶ ବଦଳରେ କେବଳ ନିର୍ଯାତନା ଦେବା ଭୂମିକା ନିଭାଉଛି । ପ୍ରଫେସର ଗୋପାଳ ତାଙ୍କ ଘଟଣାକୁ ବର୍ଣ୍ଣନା କରିବା ଲାଗି ଅଯୋଧ୍ୟା ଓ ହିଜାବ ରାୟକୁ ବ୍ୟବହାର କରିଛନ୍ତି । ସେ ଯାହା କହୁଛନ୍ତି ଯଦି ସତ ଧରାଯାଏ, ତେବେ ନ୍ୟାୟିକ ବ୍ୟାଖ୍ୟା ମାଧ୍ୟମରେ ସୃଷ୍ଟି କରାଯାଉଥିବା ହିନ୍ଦୁ ରାଷ୍ଟ୍ର ମଧ୍ୟ ଜାତି ଏବଂ ଚତୁର୍ବର୍ଣ୍ଣ ଭଳି ବିଷୟଗୁଡ଼ିକୁ କିଭଳି ସମାଧାନ କରିବ ତାହା ଦେଖିବା କୌତୂହଳପ୍ରଦ ହେବ । ସ୍ପଷ୍ଟ କରିବାକୁ ଯାଇ ପ୍ରଫେସର ଗୋପାଳ ସଂଖ୍ୟାଲଘୁଙ୍କ ଉତ୍ପୀଡ଼ନକୁ ବି ତାଙ୍କ ସିଦ୍ଧାନ୍ତରୁ ବାଦ୍ ଦେଇନାହାନ୍ତି । ତାଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ, ଠିକ୍ ଓ ପ୍ରତ୍ୟକ୍ଷ ଏବଂ ଏହା ୟୁଟ୍ୟୁବ୍‌ରେ ଉପଲବ୍ଧ । ଏହାକୁ ଶୁଣିବା ଦରକାର, ବୁଝିବା ସହ ଏ ସମ୍ପର୍କରେ ବିତର୍କ ଲୋଡ଼ା ।

Email:aakar.patel@gmail.com

# ମରିବାକୁ ଥିଲା ବହୁ ବାଟ...



ରଞ୍ଜନ କୁମାର ଦାସ

କଥାରେ ଅଛି ଏମିତି ବୋଧହୁଏ କବି କେହି ନାହିଁ ଯାହା ଜୀବନରେ ଦୁଃଖ ନାହିଁ । ଏଠି କବି କହିଲେ କେବଳ କବିତା ଲେଖୁଥିବା ଲୋକଙ୍କୁ ବୁଝାଏ ନାହିଁ । ଯିଏ କବିତା ପଢ଼େ ସେ ବି କବି । ଶୁଣିଶୁଣି ଯିଏ ତା'ର ଭାବରେ ତଲ୍ଲୀନ ହୁଏ ସେ ବି କବି । ଏପରିକି ଯିଏ ଗଳ୍ପ ଲେଖେ, ଉପନ୍ୟାସ ଲେଖେ, ଗୀତ ଲେଖେ, ଗୀତ ଗାଏ, ଚିତ୍ର କରେ, ନୃତ୍ୟ କରେ ସମସ୍ତେ ହୃଦୟରେ ଜଣେ ଜଣେ କବି । ସେମାନଙ୍କ ଜୀବନର ଭୌତିକ ଓ ମାନସିକ ଅଭାବବୋଧ ତାଙ୍କୁ ସୃଜନଶୀଳତାର ହାତ ଧରାଏ । ଏ ପୃଥିବୀରେ ସମସ୍ତେ ଚାହାନ୍ତି ତା' ଚାରିପଟର ପୃଥିବୀଟି ସୁନ୍ଦର ହେଉ । ଯାହା କିଛି ସମ୍ପର୍କ ଏ ପୃଥିବୀରେ ଅଛି ସବୁ ସୁନ୍ଦର ଓ କମନୀୟ ହୋଇଥାଉ । କୋଉଥିରେ କେମିତି ଊଣା ଲାଗିଲେ କି ଖୁଣ ଦେଖିଲେ କବି ହେଉ ବା କଳାକାର ସେଇ ଅଭାବ ଟିକକ ପୂରଣ କରିବାକୁ ସେ ଅଣ୍ଟାଭିଡ଼େ । ତା'ଛଡ଼ା ଅନେକ ସୃଜନଶୀଳ ବ୍ୟକ୍ତିଙ୍କ ଅତୀତଟି ଅନେକାଂଶରେ ଦୁଃଖମୟ, କଷ୍ଟଦାୟକ ଓ ସଂଘର୍ଷପୂର୍ଣ୍ଣ ହୋଇଥାଏ, ଯାହାର ବୟାନ କରିବାକୁ ସେମାନେ କଲମ, ନିହାଣ ବା ତୂଳୀ ଧରିଥାନ୍ତି । ନିଜ କଣ୍ଠରେ ବି ତା'ର ବୟାନ କରିଥାନ୍ତି । ଭୀମ ଭୋଇ ଦୃଷ୍ଟିବାଧିତ ହୋଇ ନ ଥିଲେ ବା ସାଲବେଗ ପତିତ ହୋଇ ନ ଥିଲେ ତାଙ୍କ କବିତାରେ ଯେତିକି ବେଦନା ଅଛି ବୋଧହୁଏ ସେତିକି ଆସିପାରି ନ ଥାଆନ୍ତା । ବ୍ୟକ୍ତିଗତ ଜୀବନର ଦୁଃଖ, ଦୈନ୍ୟ, ନିରାଶା, ସାଧାରଣ ମଣିଷକୁ କବି ବନେଇବାର ଏଇଭଳି ରାଶିରାଶି ଉଦାହରଣ ଅଛି । ପରିସ୍ଥିତି ଅନେକଙ୍କୁ କବି କରେ ।

ମାତ୍ର ଏମିତି ବି ଅନେକେ ଅଛନ୍ତି, ଯେଉଁମାନେ ନିଜର ପନ୍ଥା ନିଜେ ନିର୍ଦ୍ଧାରଣ କରିଥାନ୍ତି । ପରିସ୍ଥିତି ଅପେକ୍ଷା ତାଙ୍କ ପ୍ରବୃତ୍ତି ତାଙ୍କୁ କବି ବନାଏ । ଏମାନେ ନିଜେ କଷ୍ଟ ଭୋଗି ନ ଥିଲେ ବି, ଦୁଃଖ ଯାତନାର ସାମ୍ନା କରି ନ ଥିଲେ ବି ଅନ୍ୟର ଦୁଃଖ ଯାତନା ଦେଖି ଏମାନେ ସହିପାରି ନ ଥାଆନ୍ତି । ସୃଷ୍ଟିରେ ସୁନ୍ଦର ଜିନିଷଟିଏ ଦେଖିଲେ ତା'ର ପ୍ରଶଂସାରେ ଶତମୁଖ ନ ହୋଇ ଏମାନେ ରହିପାରନ୍ତି ନାହିଁ । ତାଙ୍କ କଲମରୁ କାଳି ଝରିଆସେ, କଣ୍ଠରୁ ଝରିଆସେ ମନ୍ଦ୍ରମଧୁର ସଙ୍ଗୀତ, ତାଙ୍କ ତୂଳୀରେ ଉତୁରିଆସେ ମନୋମୁଗ୍ଧକର ଚିତ୍ରକଳା । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କ'ଣ ବା ଅଭାବ ଥିଲା ? କ'ଣ ଅଭାବ ଥିଲା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ? କି ଅଭାବବୋଧ ବ୍ୟସ୍ତ କରୁଥିଲା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କୁ କି ଅବା ରାଜା ରବି ବର୍ମାଙ୍କୁ । କାହିଁକି ପୁଣି ରାଜସିଂହାସନର ମୋହ ତ୍ୟାଗକରି ସନ୍ନ୍ୟାସର ପଥ କରିନେଇଥିଲେ ଶାକ୍ୟମୁନି ଗୌତମବୁଦ୍ଧ ? ଈଶ୍ୱର ଏ ସମସ୍ତଙ୍କୁ ତ ଖୁବ୍ ନିରୁପଦ୍ରବ, ଆରାମଦାୟକ ଜୀବନର ସବୁ ଉପାଦାନ ଖଞ୍ଜିହୋଇ ରହିଥିବା ଏକ ଜୀବନ ଦେଇଥିଲେ ।



ମାତ୍ର ଗୌତମଙ୍କୁ ବ୍ୟଥିତ କଲା ଅନ୍ୟ ମଣିଷର ରୋଗ, ଶୋକ, ଦୁଃଖ, ଯାତନା ଓ ମରଣ । ଜୀବନ ତାଙ୍କର କୁଚ୍ଛ ସାଧନାରେ ପରିଣତ ହୋଇଗଲା । ରାଜା ହେବାର ଅଭିଳାଷଠୁ କବି ହେବାର ଅଭିଳାଷ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁଙ୍କ ଜୀବନକୁ କରିଦେଲା ସୃଜନମୁଖର । ଧନର ପ୍ରାଚୁର୍ଯ୍ୟଠୁ ମୁହଁ ବୁଲେଇଆଣି ସେମାନେ ମନର ପ୍ରାଚୁର୍ଯ୍ୟକୁ ନେଇ ନୂଆ ଏକ ସାମ୍ରାଜ୍ୟ ଗଢ଼ିଲେ, ଯାହା ଚିର ଅମଳିନ ହୋଇ ରହିଗଲା ।

ଉପରୋକ୍ତ ଦୁଇଟି ବର୍ଗ ମଧ୍ୟରୁ ପ୍ରଥମଟି ଦୁଃଖ ଭୋଗିଭୋଗି କବି ହୋଇଗଲେ, ଦ୍ୱିତୀୟ ବର୍ଗଟି କବି ହେଉ ହେଉ ଜୀବନସାରା ଦୁଃଖ ଦୈନ୍ୟ ଭୋଗିଲେ । ଅନେକେ ଏଭଳି କବି ଓ ଲେଖକ ଅଛନ୍ତି ଯେଉଁମାନେ ରାଜଦରବାରରେ, ସମାଜରେ ଅବହେଳିତ, ଲାଞ୍ଛିତ ହୋଇଛନ୍ତି । ଜୀବନସାରା ଦୀପ ପରି ଜଳିଜଳି ଅନ୍ୟକୁ ଆଲୋକିତ କରିଛନ୍ତି ଅଥଚ ନିଜେ ଘୋର ଅନ୍ଧାର ଭିତରେ ବିତେଇଛନ୍ତି ନିଜ ଜୀବନ । ଅକ୍ଷୟ ମହାନ୍ତିଙ୍କର ଗୋଟେ ବହୁ ପୁରୁଣା ଗୀତ ମନେପଡ଼େ ଯାହାର ମର୍ମ ଥିଲା ''ମରିବାକୁ ଥିଲା ବହୁ ବାଟ, ହେଲେ କାହିଁକି ମୁଁ ଭଲପାଇଲି; ଦୁଃଖ ଭୁଲିବାକୁ ଲୁହ ନ ଢାଳି ମୁଁ କାହିଁକି ବା ଗୀତ ଗାଇଲି?'' ଗୀତଟି ଦିନେ ମତେ ବହୁତ ବ୍ୟତିବ୍ୟସ୍ତ କଲା । ଜୀବନସାରା ଗୀତ ଗାଇଗାଇ ସତରେ ସେ ପାଇଲେ କ'ଣ ? ଗୀତ ପାଇଁ ଚାକିରି ଛାଡ଼ିଲେ ଅଥଚ ଗୀତରୁ ବି କୋଉ ବିପୁଳ ଅର୍ଥ ପାଇଲେ ? ଓଡ଼ିଆ ଗୀତକୁ ନୂଆ ଏକ ଦିଗ ଦେଲେ, ହେଲେ ତାଙ୍କ ଆଧୁନିକତାର ସ୍ୱର୍ଶକୁ ତତ୍କାଳୀନ ସମାଜ ବୁଝିବାକୁ ଅନେକ ସମୟ ନେଲା । ତାଙ୍କ ଚରିତ୍ରର ହନନ କରିବାରେ କିଛିଲୋକ ମଜା ନେଲେ । ସତରେ ଯଦି ଖାଲି ଦୁଃଖ ଭୁଲିବାର ଥିଲା, ସେ ଗୀତ ନ ଗାଇ ମହାନଦୀ, କାଠଯୋଡ଼ି କୂଳରେ ବସି ଲଟକମଣି ଗୁଡ଼ି ଉଡ଼େଇ ପାରିଥାନ୍ତେ, ରଜାଝିଅର ପ୍ରେମରେ ପଡ଼ିପାରିଥାନ୍ତେ, ଚିତ୍ରଲେଖାର ଓଠରେ ଚନ୍ଦ୍ରମଲ୍ଲୀର ହସ ଦେଖି ବିଭୋର ହୋଇପାରିଥାନ୍ତେ ଭରାଭରା ଜହ୍ନରାତିରେ । ହେଲେ ସେ ଗୀତ ଗାଇବେ ବୋଲି ସବୁକିଛି ପଛରେ ଛାଡ଼ିଦେଇ ଚାଲିଆସିଲେ ଅମଡ଼ା ବାଟରେ ।

ଖାଲି ଅକ୍ଷୟ ମହାନ୍ତି ନୁହନ୍ତି, ଏମିତି ଅନେକ ପ୍ରତିଭାବାନ୍ କବି, ଲେଖକ, ଚିତ୍ରକର, ସ୍ଥପତି ଓ ସଙ୍ଗୀତଜ୍ଞ ଜୀବନବ୍ୟାପୀ ସାଧନା ସତ୍ତ୍ୱେ ଈର୍ଷା, ଅସୂୟା, ନିନ୍ଦା ବ୍ୟତୀତ ଆଉ ବିଶେଷକିଛି ପାଆନ୍ତି ନାହିଁ । ସମସାମୟିକ ସମୟ ତାଙ୍କୁ ବୁଝେନାହିଁ । ପରବର୍ତ୍ତୀ ସମୟ ତାଙ୍କୁ ମନେ ରଖେନାହିଁ । ଖାଲି ବୁଝି ନ ଥିଲେ କିଛି କଥା ନ ଥିଲା, ବରଂ ସମସାମୟିକ ସମୟ ତାଙ୍କ ବିଷୟରେ ଅପପ୍ରଚାର କରେ, ତାଙ୍କର ନିନ୍ଦା ଗାନ କରେ, ତାଙ୍କୁ ଢେଲା ମାଡ଼ କରେ, ତାଙ୍କ ବହିକୁ ରାଜରାସ୍ତାରେ ଜଳାଏ, ତାଙ୍କ ସିନେମା ବା ସଙ୍ଗୀତକୁ ବିରୋଧ କରାଯାଏ । ବିଚରା ସାଧକଟି ନିଜକୁ ପ୍ରଶ୍ନ କରେ, କ'ଣ ମୁଁ ଭୁଲ୍ କରିଥିଲି ଯେ ଏ ଦଣ୍ଡସବୁ ମିଳିଲା ? ଭଲ ହୋଇଥାନ୍ତା ବରଂ ଛୋଟ ହେଉପଛେ ଚାକିରିଟେ କି ଦୋକାନଟେ କରି ବସିଥାନ୍ତି । କ'ଣ ମିଳିଲା ଏ ଗୀତ ଗାଇ, ଚିତ୍ରକରି ଓ କବିତା ଲେଖି ? ଜୀବନ ଯେତିକି ଦୁର୍ବିଷହ ଥିଲା, ତା'ଠାରୁ ତ ଆହୁରି ଦୁର୍ବିଷହ ପାଲଟିଗଲା । କଳା କେବଳ କଳଙ୍କ ଦେଲା ସିନା ! ଦୁଃଖ ଭୁଲେଇବ କ'ଣ ଆହୁରି ଦୁଃଖ ଦେଲା ।

କବି, ଲେଖକ ଅନ୍ୟର ଦୁଃଖ ଦେଖିପାରେନା, ସହିପାରେନା ବୋଲି ଅନେକ ସମୟରେ ନିଜେ ନ ଭୋଗି ମଧ୍ୟ ଅନ୍ୟର ଦୁଃଖରେ ସମଦୁଃଖୀ ହୋଇ ଅନ୍ୟକୁ ସାନ୍ତ୍ୱନା ଦେବାକୁ ଲେଖେ । କଣ୍ଠଶିଳ୍ପୀ ତା'ର ସ୍ୱରରେ ଅନ୍ୟକୁ ସମବେଦନା ଜଣାଇ ଗୀତ ମଧ୍ୟ ଗାଏ । ମାତ୍ର କବି, ଲେଖକ, କଳାକାରଙ୍କୁ ତାଙ୍କ ଦୁଃଖରେ ସମବେଦନା ଜଣାଇବାକୁ କେହି ନ ଥା'ନ୍ତି । ବରଂ ତା'ର କଟା ଘା'ରେ ଲୁଣ ଦେବାକୁ ଲୋକ ଥାଆନ୍ତି । ତାକୁ କଷ୍ଟଦେବାକୁ ଲୋକ ଥାଆନ୍ତି । ତାକୁ ଏମିତି ବ୍ୟବହାର କରାଯାଏ ଯେମିତି ସେ ଜୀବନସାରା କିଛି ପାପ କରୁଥିଲା । ତା'ର ଅସୁମାରି ସାଧନାର ମୂଲ୍ୟ ମିଳେନା । ଶେଷରେ ତାକୁ ଲାଗେ ସତରେ କ'ଣ ମୁଁ ଏକ ଅନ୍ଧରାଇଜକୁ ଦର୍ପଣ ବିକିବାକୁ ଆସିଥିଲି ? ଜହ୍ଲାଦକୁ ଗୋଦାନ ଦେବାର ସ୍ପର୍ଦ୍ଧା କରିଥିଲି ? ସବୁଠୁ ବଡ଼କଥା ହେଲା ପରଲୋକ ମାରିଲେ ମାଡ଼ କାଟେନି, ହେଲେ ନିଜ ଲୋକମାନେ ଯେତେବେଳେ ମାରନ୍ତି ସେତେବେଳେ ବହୁତ କଷ୍ଟ ହୁଏ । ଭାଇ ଯେତେବେଳେ ଭଗାରି ହୁଏ ସବୁଠୁ ବେଶି ଦୁଃଖ ଆସେ । ଆଜିକାଲି କବି, ଲେଖକଙ୍କର ସବୁଠୁ ବଡ଼ ଶତ୍ରୁ ହେଲେ ସେଇ କବି ଓ ଲେଖକମାନେ । କେହି ଜଣେ ଯଦି ପୁରସ୍କାରଟିଏ ପାଉଛି ସାଧାରଣ ଲୋକଙ୍କ ଅପେକ୍ଷା କବି ଓ ଲେଖକମାନେ ଯେଉଁମାନେ ତାଙ୍କ ସୁହୃଦୟ ହେବାକଥା ସେଇମାନେ ହିଁ ତା' ପଛରେ ପଡ଼ିଯାଉଛନ୍ତି । ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଯାଉଛି ତାଙ୍କ ବିରୋଧରେ କୁତ୍ସାରଟନା, ଈର୍ଷା, ଅସୂୟା ଓ ପରଶ୍ରୀକାତରତାର ନିଦର୍ଶନସ୍ୱରୂପ ନାନାଦି ଅପଶବ୍ଦର ପ୍ରୟୋଗ । ଛିଃ କରିଦେବାକୁ ଇଚ୍ଛାହୁଏ ସେତେବେଳେ । ମନକୁ ପ୍ରଶ୍ନଟିଏ ଆସେ ଏଇଆ କ'ଣ ସତରେ ''ସହିତ ରହିବାର ଭାବ: ସାହିତ୍ୟ'' ?

ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

# ପରିସଂଖ୍ୟାନ ଗୁରୁ

ବ୍ୟକ୍ତିତ୍ୱ



ପ୍ରଫେସର ସି.ଆର୍. ରାଓ

ପରିସଂଖ୍ୟାନ ପାଠ ପଢ଼ିଥିବା ୪ ଜଣ ବନ୍ଧୁ ଏକ ନଦୀ କୂଳରେ ପହଞ୍ଚି ତାହାକୁ ଅତିକ୍ରମ କରିବାକୁ ଚାହିଁଲେ । ନଦୀର ଗଭୀରତା ମାପିବାକୁ ଯାଇ ଦେଖିଲେ ଯେ ୫ ଫୁଟ ୪ ଇଞ୍ଚ ଜଳ ରହିଛି । ବନ୍ଧୁମାନଙ୍କ ଉଚ୍ଚତା ଯଥାକ୍ରମେ ୬ ଫୁଟ ୨ ଇଞ୍ଚ, ୬ ଫୁଟ, ୫ ଫୁଟ ୮ ଇଞ୍ଚ ଏବଂ ୫ ଫୁଟ ୩ ଇଞ୍ଚ । ହାରାହାରି ଉଚ୍ଚତା ବାହାର କଲା ବେଳକୁ ଏହା ରହିଲା ୫ ଫୁଟ ୭ ଇଞ୍ଚରୁ ସାମାନ୍ୟ ଅଧିକ । ଜଳର ଗଭୀରତା ୫ ଫୁଟ ୪ ଇଞ୍ଚ ଥିବାରୁ ସମସ୍ତେ ଅତିକ୍ରମ କରିଯାଇପାରିବେ ବୋଲି ହିସାବ କରି ନଦୀ ଭିତରକୁ ପଶିଲେ । ହେଲେ ୫ ଫୁଟ ୩ ଇଞ୍ଚର ବନ୍ଧୁ ବୁଡ଼ିଗଲେ । ତତ୍‌କ୍ଷଣାତ୍ ବନ୍ଧୁମାନେ କୂଳକୁ ଫେରି ଆସି ବୁଡ଼ିବାର କାରଣ ଖୋଜିଲେ ଓ ପରେ ବୁଝିଗଲେ ପରିସଂଖ୍ୟାନ ସବୁ କ୍ଷେତ୍ରରେ ବାସ୍ତବ ଫଳ ଦେଇ ନ ଥାଏ । ତେଣୁ ପରିସ୍ଥିତି, ପରିବେଶ ଓ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ବିଚାର କଲାବେଳେ ଏଥିପ୍ରତି ଗଭୀର ଅନୁଶୀଳନ ଦରକାର । ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିସଂଖ୍ୟାନ ୯୯ ପ୍ରତିଶତରୁ ଅଧିକ ପରିଶୁଦ୍ଧ ଫଳ ଦେଉଥିବାରୁ ତାହାର ଉପସ୍ଥିତି ସବୁଆଡ଼େ ଲୋଡ଼ା ପଡୁଛି । ସେଥିପାଇଁ ଗଣିତ ସମେତ ଅର୍ଥନୀତିଠାରୁ ଆରମ୍ଭ କରି ନୃତତ୍ତ୍ୱ, ଭୂତତ୍ତ୍ୱ, ଜାତୀୟ ଯୋଜନା, ଜନସଂଖ୍ୟା ତତ୍ତ୍ୱ, ଭେଷଜ କ୍ଷେତ୍ରଯାଏ ଏହାର ବହୁଳ ଆଦୃତି ରହିଛି । ଏବେ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ଯେ, ଭାରତୀୟ-ଆମେରିକୀୟ ପରିସଂଖ୍ୟାନବିତ୍ ତଥା ଗଣିତଜ୍ଞ ସି.ଆର୍. ରାଓ ତାଙ୍କ ଦୀର୍ଘବର୍ଷର ଗବେଷଣା ଓ ତାହାକୁ ପ୍ରୟୋଗ କରି ଜୀବନବ୍ୟାପୀ ଯେଉଁସବୁ ଜନହିତକର ତତ୍ତ୍ୱ ଆଣିଥିଲେ, ତାହା ତାଙ୍କୁ ବିଶ୍ୱର ବଡ଼ ସମ୍ମାନ ଦେବାରେ ସହାୟକ ହୋଇଛି । ନୋବେଲ ପୁରସ୍କାର ସମକକ୍ଷ 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ୨୦୨୩' ପାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି । ୮୦ ହଜାର ଆମେରିକୀୟ ଡଲାର ଅର୍ଥରାଶିର ଏହି ପୁରସ୍କାର ଆସନ୍ତା ଜୁଲାଇରେ କାନାଡ଼ାର ଓଟ୍ଟାୱାଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିବାର୍ଷିକ ଇଣ୍ଟରନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ୱାର୍ଲଡ ଷ୍ଟାଟିଷ୍ଟିକ୍ସ କଂଗ୍ରେସରେ ପ୍ରଫେସର ରାଓଙ୍କୁ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି । ୭୫ବର୍ଷ ତଳେ ତାଙ୍କ ଯୁଗାନ୍ତକାରୀ କାର୍ଯ୍ୟ ପରିସଂଖ୍ୟାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିଲା ବୋଲି ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି ।

ରାଓଙ୍କ ବ୍ୟକ୍ତିତ୍ୱ ଏତେ ବ୍ୟାପକ ଯେ କିଛି ଶବ୍ଦରେ ବର୍ଣ୍ଣନା କରି ତାଙ୍କୁ ସୀମିତ ରଖାଯାଇପାରିବ ନାହିଁ । କାରଣ ୧୦୨ ବର୍ଷରେ ପହଞ୍ଚି ସକ୍ରିୟ ଥିବା ଏଭଳି ଜଣେ ଶତାୟୁ ପୁରୁଷ ବିଶ୍ୱକୁ ଯେଉଁ ଭାବେ ଦେଖିଆସିଛନ୍ତି, ତାହା ନିଶ୍ଚିତ ଭାବେ ପିଢ଼ି ପରେ ପିଢ଼ିକୁ ଦିଗ୍‌ଦର୍ଶନ ଦେବା ପାଇଁ ଯଥେଷ୍ଟ ହେବ ।

୧୯୨୦ ସେପ୍ଟେମ୍ବର ୧୦ରେ ବ୍ରିଟିଶ ଇଣ୍ଡିଆ ଅଧୀନ ମାଡ୍ରାସ ପ୍ରେସିଡେନ୍ସିର ହାଡାଗାଲି (ଏବେ କର୍ନାଟକ)ଠାରେ କାଲ୍ୟାମ୍‌ପୁଡି ରାଧାକ୍ରିଷ୍ଣ ରାଓ (ସି.ଆର୍. ରାଓ) ଏକ ତେଲୁଗୁ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପରିବାରର ୧୦ ସନ୍ତାନ ମଧ୍ୟରୁ ତାଙ୍କ ସ୍ଥାନ ଥିଲା ଅଷ୍ଟମ । ତେବେ ତାଙ୍କ ସ୍କୁଲ ଶିକ୍ଷା ଆନ୍ଧ୍ରପ୍ରଦେଶର ଗୁଡୁର, ନୁଜ୍‌ଭିଡ୍, ନନ୍ଦିଗାମା ଓ ବିଶାଖାପାଟଣାରେ ହୋଇଥିଲା । ସେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର ଏବଂ ୧୯୪୩ରେ କାଲ୍‌କାଟା ୟୁନିଭର୍ସିଟିରୁ ପରିସଂଖ୍ୟାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ । ଗବେଷଣା କ୍ଷେତ୍ରକୁ ଯାଇ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କିଙ୍ଗ୍‌ସ କଲେଜରୁ ଆର୍. ଏ. ଫିସରଙ୍କ ଅଧୀନରେ ୧୯୪୮ରେ ପିଏଚ୍.ଡି. କରିଥିଲେ । ସେହି ବିଶ୍ୱବିଦ୍ୟାଳୟରୁ ୧୯୬୫ରେ ଡିଏସ୍ ଡିଗ୍ରୀ ମଧ୍ୟ ଅର୍ଜନ କରିଥିଲେ । ରାଓଙ୍କ ଚାକିରି ଜୀବନ ଦେଖିଲେ ସେ ପ୍ରଥମେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇଥିଲେ । କେମ୍ବ୍ରିଜର ଆନ୍ଥ୍ରୋପୋଲୋଜିକାଲ୍ ମ୍ୟୁଜିୟମ୍‌ରେ କାମ କରିଥିଲେ । ପରବର୍ତ୍ତୀ ସମୟରେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ । ଭାରତରେ ଜବାହରଲାଲ ନେହେରୁ ପ୍ରଫେସର, ନ୍ୟାଶନାଲ ପ୍ରଫେସର ହେବା ପରେ ଆମେରିକାର ୟୁନିଭର୍ସିଟି ଅଫ୍ ପିଟ୍ସବର୍ଗ, ପେନ୍‌ସିଲଭାନିଆ ଷ୍ଟେଟ୍ ୟୁନିଭର୍ସିଟିର 'ଦି ସେଣ୍ଟର ଫର୍ ମଲ୍ଟିଭାରିଏଟ୍ ଆନାଲିସିସ୍'ରେ ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ପ୍ରଫେସର ରାଓ ଅବସ୍ଥାପିତ ହୋଇଥିଲେ । ତେବେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଓ ପରେ ନିର୍ଦ୍ଦେଶକ ଭାବେ ୪୦ ବର୍ଷ ଧରି ଜଡ଼ିତ ରହିବା ବେଳେ ସେ ବିକଶିତ କରିଥିବା ଗବେଷଣା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ବହୁ ଗଣିତ ଓ ପରିସଂଖ୍ୟାନ ବିଶେଷଜ୍ଞ ସୃଷ୍ଟି କରିପାରିଛନ୍ତି ।

ରାଓଙ୍କ ଶ୍ରେଷ୍ଠ ଆବିଷ୍କାର ଭାବେ ଅଟକଳକାରୀଙ୍କ ଗୁଣବତ୍ତା ଲାଗି କ୍ରାମେର-ରାଓ ବାଉଣ୍ଡ୍ ଏବଂ ରାଓ-ବ୍ଲାକ୍-ୱେଲ ଥିଓରମ୍ ପ୍ରସିଦ୍ଧି ଅର୍ଜନ କରିଛି । ସେହିପରି ମଲ୍ଟିଭେରିଏଟ୍ ଆନାଲିସିସ୍, ଏଷ୍ଟିମେଶନ ଥିଓରି, ଡିଫରେନ୍‌ସିଆଲ୍ ଜୋମେଟ୍ରି, ରାଓ ଡିଷ୍ଟାନ୍ସ ଏବଂ ଅର୍ଥୋଗୋନାଲ ଆରେଜ୍ ଭଳି ଗବେଷଣାପ୍ରସୂତ କାର୍ଯ୍ୟ ଗଣିତ ଓ ପରିସଂଖ୍ୟାନ କ୍ଷେତ୍ରକୁ ଅବଦାନ ସ୍ୱରୂପ ହୋଇଛି । ୧୪ ଖଣ୍ଡ ପୁସ୍ତକର ରଚୟିତା ତଥା ୪୦୦ ଜର୍ନାଲ ପବ୍ଲିକେଶନ୍ସ ରାଓଙ୍କ ବୌଦ୍ଧିକତାର ଜ୍ୱଳନ୍ତ ନିଦର୍ଶନ ବୋଲି କୁହାଯାଇଥାଏ । ଜୀବନବ୍ୟାପୀ ସାଧନା ଲାଗି ସେ ବିଶ୍ୱର ପ୍ରସିଦ୍ଧ ୧୯ଟି ବିଶ୍ୱବିଦ୍ୟାଳୟରୁ ୩୮ ସମ୍ମାନସୂଚକ ଡକ୍ଟୋରାଲ୍ ଡିଗ୍ରୀ ଅର୍ଜନ କରିଛନ୍ତି । ଏଥିସହିତ ୨୦୦୨ରେ ବିଜ୍ଞାନ କ୍ଷେତ୍ରରେ ଆମେରିକାର ସର୍ବୋଚ୍ଚ ସମ୍ମାନ ୟୁନାଇଟେଡ୍ ନେଶନ୍ସ ନ୍ୟାଶନାଲ ମେଡାଲ ଅଫ୍ ସାଇନ୍ସ ଏବଂ ଭାରତରେ ବିଜ୍ଞାନ କ୍ଷେତ୍ରରେ ଶ୍ରେଷ୍ଠ ସମ୍ମାନ ଇଣ୍ଡିଆନ୍ ସାଇନ୍ସ ଆୱାର୍ଡ ୨୦୧୦ରେ ମିଳିଥିଲା । ଏପରିକି ୨୦୧୩ରେ ତାଙ୍କ ନାମ ଇଣ୍ଟରନ୍ୟାଶନାଲ ଏନ୍‌ସାଇକ୍ଲୋପିଡିଆ ଅଫ୍ ଷ୍ଟାଟିଷ୍ଟିକାଲ୍ ସାଇନ୍ସକୁ ଅବଦାନ ନିମନ୍ତେ ନୋବେଲ ଶାନ୍ତି ପୁରସ୍କାର ସକାଶେ ମଧ୍ୟ ମନୋନୀତ ହୋଇଥିଲା । ଭାରତ ସରକାରଙ୍କ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ବିଭୂଷଣ'ରେ ସେ ଭୂଷିତ ହୋଇଛନ୍ତି । ତେବେ ତାଙ୍କ ସଫଳତାରେ ଆଉ ଏକ ଅନ୍ତର୍ଜାତୀୟ ଫର୍ଦ୍ଦ ଯୋଡ଼ିଦେଇଥିବା 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ୨୦୨୩' ରାଓଙ୍କୁ ବିଶ୍ୱର 'ପରିସଂଖ୍ୟାନ ଗୁରୁ' ସ୍ଥାନରେ ନେଇ ବସାଇ ଦେଇଛି ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମୋବାଇଲ ଚୋରି ହେବା କଥା ଶୁଣିବାକୁ ମିଳିଥାଏ । କିନ୍ତୁ ପୂରା ମୋବାଇଲ ଟାୱାର ଚୋରିହେବା ଆଶ୍ଚର୍ଯ୍ୟର ବିଷୟ । ବିହାରର ମୁଜାଫରପୁରରେ ଚୋରମାନଙ୍କର ଏଭଳି ଅଦ୍ଭୁତ କାର୍ଯ୍ୟ ସାମ୍ନାକୁ ଆସିଛି । ଚୋରମାନେ ମେକାନିକ୍ ଭଳି ଆସି ଲୋକଙ୍କ ସାମ୍ନାରେ ଟାୱାର ସବୁ ପାର୍ଟ ଖୋଲି ନେଇଚାଲିଗଲେ । ଏହି ଘଟଣା ଜିଲା ସଦର ପୋଲିସ ଷ୍ଟେଶନର ଶ୍ରମଜୀବୀ ନଗରରେ ଘଟିଛି । ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି । ସେଠାକାର ମନୀଷା କୁମାରୀଙ୍କ ଆବାସିକ କମ୍ପ୍ଲେକ୍ସରେ ଜିଟିଏଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଏହି ମୋବାଇଲ ଟାୱାର ବସାଇଥିଲା । କିନ୍ତୁ କିଛିଦିନ ଧରି ଏହା କାମକରୁ ନ ଥିଲା । ଚୋରମାନେ ଡିଜେଲ ଜେନେରେଟର ଏସ୍‌ଏମ୍‌ପିଏଫ୍ ଷ୍ଟାବିଲାଇଜରକୁ ମଧ୍ୟ ନେଇ ଯାଇଛନ୍ତି, ଯାହାର ମୂଲ୍ୟ ବର୍ତ୍ତମାନ ସାଢ଼େ ଚାରି ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏନେଇ ସ୍ଥାନୀୟ ଲୋକେ କହିଛନ୍ତି, କିଛିଦିନ ପୂର୍ବରୁ ୫ ଜଣ ଲୋକ ମୋବାଇଲ ଟାୱାର ଖୋଲିବାକୁ ଆସିଥିଲେ । ମୋବାଇଲ ଟାୱାର ଖୋଲିବା ପରେ ଏହାକୁ ଏକ ଟ୍ରକ୍‌ରେ ଲୋଡ୍ କରି ସେମାନେ ଚାଲିଯାଇଥିଲେ ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୮

- ବାଂଲାଦେଶର ଉତ୍ତର ଗାଲବାନ୍ଧା ଜିଲ୍ଲାରେ ବିଷାକ୍ତ ଦେଶୀ ମଦ ପିଇ ୨୧ଜଣଙ୍କ ମୃତ୍ୟୁ ।
- ଦକ୍ଷିଣକୋରିଆର ସିଓଲଠାରେ ଅନୁଷ୍ଠିତ ଏସୀୟ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍‌ରେ ୭୫ କିଗ୍ରା ଜେଡ ଲିଫ୍ଟ ଇଭେଣ୍ଟରେ ସରଳା ସେଟ୍ଟୀଙ୍କ ନୂତନ ଏସୀୟ ରେକର୍ଡ ପ୍ରତିଷ୍ଠା ।
- ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରିୟ ଶିଷ୍ୟା ତଥା 'ଦେଶୀ କୋଟ୍ଟମ' ପୁରସ୍କାର ବିଜୟିନୀ ସାବିତ୍ରୀ କ୍ରିଷ୍ଣନ୍‌ଙ୍କ ୮୫ ବର୍ଷ ବୟସରେ ପରଲୋକ ।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅୟୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ !

(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 7 | | | | 2 | |
| | | 3 | | 5 | 2 | | | |
| | | 8 | | | | | | |
| | | | | 1 | | | | 9 |
| | 6 | | | | 4 | | | |
| | 1 | | 9 | | 8 | | 4 | |
| | 5 | | | 9 | | 7 | | |
| | | 2 | | | | | | |
| | | 9 | 6 | 4 | 1 | 2 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 6 | 9 | 2 | 3 | 7 | 8 |
| 6 | 3 | 9 | 7 | 1 | 8 | 4 | 2 | 5 |
| 8 | 2 | 7 | 3 | 5 | 4 | 1 | 6 | 9 |
| 9 | 8 | 2 | 1 | 4 | 7 | 5 | 3 | 6 |
| 7 | 4 | 5 | 8 | 3 | 6 | 2 | 9 | 1 |
| 1 | 6 | 3 | 5 | 2 | 9 | 8 | 4 | 7 |
| 2 | 9 | 8 | 4 | 7 | 1 | 6 | 5 | 3 |
| 5 | 7 | 6 | 2 | 8 | 3 | 9 | 1 | 4 |
| 3 | 1 | 4 | 9 | 6 | 5 | 7 | 8 | 2 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିଆ ସମସ୍ୟା ଛୋଟିଆ ନୁହେଁ

ମହାଶୟ,

ଓଡ଼ିଶା ସୀମାକୁ ଲାଗି କୋରାପୁଟ ଜିଲା କୋଟିଆ ଅଞ୍ଚଳକୁ ନିଜର ବୋଲି ଆନ୍ଧ୍ର ସରକାର ଦାବି କରିବା ସଙ୍ଗେସଙ୍ଗେ ସେ ଅଞ୍ଚଳରେ ତେଲୁଗୁ ଭାଷାରେ ବିଭିନ୍ନ ନାମଖଳକ ଲଗାଇବା ସହିତ ସେଠାରେ ତଥାକଥିତ ଏକ ପଞ୍ଚାୟତ ଅଫିସ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ଚଳାଇଛି । ସ୍ଥାନୀୟ ଓଡ଼ିଆ ବାସିନ୍ଦାମାନେ ଏହାକୁ ବିରୋଧ କରୁଛନ୍ତି । ସେଠାକାର ଅଧିବାସୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି । କିନ୍ତୁ ଓଡ଼ିଶା ସରକାର ଏ ନେଇ ଦୃଢ଼ ସକ୍ରିୟ କାର୍ଯ୍ୟାନୁଷ୍ଠାନ ପାଇଁ ଯତ୍ନବାନ୍ ହେଉନାହାନ୍ତି । ଏହାର ଉଚିତ ସମାଧାନ ଠିକ୍ ସମୟରେ ନ ହେଲେ ଭବିଷ୍ୟତରେ ଏହା ଭୟଙ୍କର ରୂପ ନେବ । ଏଣୁ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ତୁରନ୍ତ ସମାଧାନ ଲାଗି ପ୍ରଚେଷ୍ଟା ଜାରି ରହୁ ।

– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଆରେ ମୁକ୍ତିଲାଭ କରିବ 'ସାର୍ ମ୍ୟାଡାମ ସରପଞ୍ଚ'

## ଗଞ୍ଜାମର ପୂର୍ବତନ ମହିଳା ସରପଞ୍ଚଙ୍କ କାହାଣୀକୁ ନେଇ ବଲିଉଡ୍ ଫିଲ୍ମ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଗଞ୍ଜାମ ଜିଲାର ଆରତୀ ଦେବୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଜଣେ ଉଚ୍ଚ ଶିକ୍ଷିତା ଓ ସ୍ୱଚ୍ଛଳ ବ୍ୟାଙ୍କ ଚାକିରି ଛାଡି ରାଜନୀତିରେ ପ୍ରବେଶ କରି ୨୦୧୨ ମସିହାରେ ଦେଶର ସର୍ବକନିଷ୍ଠ ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ଲୋଗାନ ଥିଲା 'ଟିପ ଚିହ୍ନ ନୁହେଁ, ଦସ୍ତଖତ ଦିଅ'। ନାରୀ ଶିକ୍ଷା ଓ ମହିଳା ଗ୍ରାମସଭା ଭଳି କାର୍ଯ୍ୟ ହାତକୁ ନେଇ ସବୁବେଳେ ଚର୍ଚ୍ଚାରେ ଥିବା ଆରତୀ ଦେବୀଙ୍କ ଆଦର୍ଶ ଓ କାର୍ଯ୍ୟ ଏବେ ଜାତୀୟ ସ୍ତରରେ ପହଞ୍ଚିଛି। ଏଥିରେ ଅନୁପ୍ରାଣିତ ହୋଇ ବଲିଉଡ୍ ପ୍ରଯୋଜକ ତଥା ନିର୍ଦ୍ଦେଶକ ପ୍ରବୀନ ମୋର୍ଚ୍ଛଲେ ଏକ ବହୁଭାଷୀ ଚଳଚ୍ଚିତ୍ର 'ସାର୍ ମ୍ୟାଡ଼ମ ସରପଞ୍ଚ' ତିଆରି କରିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଆରତୀ ଦେବୀଙ୍କ ଚରିତ୍ରକୁ ହଲିଉଡ୍ ଷ୍ଟାର ଆର୍ୟାନା ସଜନାନୀ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ସୀମା ବିଶ୍ୱାସଙ୍କ ଭଳି ଜଣେ ଉଚ୍ଚକୋଟୀର ଅଭିନେତ୍ରୀଙ୍କ ଅଭିନୟ ମଧ୍ୟ ଚଳଚ୍ଚିତ୍ରକୁ ଆହୁରି ଶିକ୍ଷଣୀୟ କରିଦେଇଛି। ଏହି ଚଳଚ୍ଚିତ୍ର ୪ଟି ଭାଷାରେ ନିର୍ମାଣ ହୋଇ ସର୍ବ ଭାରତୀୟ ସ୍ତରରେ ମୁକ୍ତିଲାଭ କରିଥିବାବେଳେ ଓଡ଼ିଆ ଭାଷାରେ ଖୁବଶୀଘ୍ର ମୁକ୍ତିଲାଭ ହେବାକୁ ଯାଉଛି ବୋଲି ଶନିବାର ସ୍ଥାନୀୟ ପ୍ରେସକ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସମାଜସେବୀ ନମ୍ରତା ଚଢ଼ା, ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀଙ୍କ ସହିତ ପୂର୍ବତନ ସର୍ବ କନିଷ୍ଠା ସରପଞ୍ଚ ଆରତୀ ଦେବୀ ଉପସ୍ଥିତ ଥିଲେ। ଓଡ଼ିଶାରେ ପୂର୍ବରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରଗୁଡ଼ିକୁ ଯେପରି ଲୋକ ପସନ୍ଦ କରିଥିଲେ ଏବଂ ରାଜ୍ୟ ସରକାର ପ୍ରମୋଦ କର ଛାଡ଼ କରିଥିଲେ, ସେହିପରି ଏହି ଚଳଚ୍ଚିତ୍ରଟିକୁ ମଧ୍ୟ ଦୃଷ୍ଟି ଦେବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ପ୍ରକଟ କରାଯାଇଛି।




# ଯୁବକଙ୍କ କୌଣସି ବୟସ ନ ଥାଏ: ପ୍ରଭୁ




ୟୁଥ୍-୨୦ ଗଣମାଧ୍ୟମ କର୍ମଶାଳାରେ ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାୱ୍ଲା ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚାସୀନ ଅଛନ୍ତି କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ସୂଚନା କମିଶନର ସୁଶାନ୍ତ ମହାନ୍ତି, ସମାଜ ସମ୍ପାଦକ ନିରଞ୍ଜନ ରଥ, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ହିମାଂଶୁ ଖଟୁଆ।

ଭୁବନେଶ୍ୱର,୧୫।୪

## ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩

## ବୟସ କେବଳ ଏକ ସଂଖ୍ୟା: ତଥାଗତ

ଦେଶର ବିକାଶ ଓ ରାଷ୍ଟ୍ରର ଅଭିବୃଦ୍ଧି ପାଇଁ ଯୁବକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏପରିକି ଯୁବକଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବୟସସୀମା ନ ଥାଏ। ପ୍ରତିଟି ଭାରତୀୟ ମନରେ ଦେଶପ୍ରୀତି ଆବଶ୍ୟକ ଥିବାବେଳେ ଦେଶର ସ୍ୱାଭିମାନ ଓ ସଂସ୍କୃତି ବିଷୟରେ ଭଲ ଭାବେ ଅବଗତ ହେବା ଆଜିର ଯୁବସମାଜ ପାଇଁ ଅନିବାର୍ଯ୍ୟ ହୋଇପଡ଼ିଛି ବୋଲି ବରିଷ୍ଠ ପତ୍ରକାର ତଥା ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାୱ୍ଲା ମତପ୍ରକାଶ କରିଛନ୍ତି। ବିଶେଷକରି ଜି-୨୦ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ (ୱାଇ-୨୦) ଓ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଆୟୋଜିତ ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାୱ୍ଲା କହିଥିଲେ, ମନର ମାନସିକତା ହିଁ ଆମର ବୟସାବସ୍ଥାକୁ ସୂଚାଇଥାଏ। ଯଦି ଆମର ମାନସିକତା ଠିକ୍ ଅଛି ଏବଂ ଦେଶର ବିକାଶ ପାଇଁ କିଛି କରିବାର ମନୋବୃତ୍ତି ରହିଛି, ତା'ହେଲେ ବୟସ ବାଧକ ସାଜିବ ନାହିଁ। ସେହିଭଳି ଦେଶର କଳା, ସଂସ୍କୃତି ଓ ଇତିହାସକୁ ମଧ୍ୟ ସେହି ଅନୁସାରେ ଅନୁଶୀଳନ କରିବାକୁ ହେବ। କାରଣ ବିନା ଇତିହାସରେ କୌଣସି କାର୍ଯ୍ୟ କେବେ ବି ପୂରା ହୋଇପାରିନାହିଁ ବୋଲି ସେ ମତପ୍ରକାଶ କରିଥିଲେ। ଏପରିକି ବର୍ତ୍ତମାନର ଯୁବସମାଜର କାର୍ଯ୍ୟକଳାପ ଓ ଆଭିମୁଖ୍ୟ ସମ୍ପର୍କରେ ଚାୱ୍ଲା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ବୟସ କେବଳ ଏକ ସଂଖ୍ୟା। ଏହାର ପରିବର୍ତ୍ତନ ହୋଇଥାଏ, ହେଲେ ସମ୍ପୃକ୍ତ ବ୍ୟକ୍ତିର ମାନସିକତା ଓ ଇଚ୍ଛାଶକ୍ତି ହିଁ ବୟସ ଓ ଯୁବକର ତୁଳନା କରିଥାଏ। ବର୍ତ୍ତମାନର ପରିସ୍ଥିତିରେ ଯୁବାବସ୍ଥା ଭିନ୍ନ ଏକ ପଥରେ ଅଗ୍ରସର ହେଉଛନ୍ତି। ପ୍ରତିଟି ଯୁବକ ଜାଣିବା ଆବଶ୍ୟକ ଯେ ଦେଶର ଭାର ଗ୍ରହଣ କରିବାକୁ ହେଲେ ଆଗକୁ ଆସିବା ଦରକାର ବୋଲି ସତପଥୀ ଆଶାପୋଷଣ କରିଛନ୍ତି। ସେହିପରି ଯୁବଶକ୍ତି ଓ ସମାଜ ନିକଟରେ ପରିବର୍ତ୍ତନର ଶକ୍ତି ରହିଛି। ଯୁବସମାଜ ସୃଜନାତ୍ମକ ଓ ସ୍ୱାଭିମାନ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ। ସମାଜରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ବୟସ କିମ୍ବା ଜାତି ଓ ଧର୍ମର ଆବଶ୍ୟକତା ନାହିଁ। ଖାଲି ମନରେ ଉତ୍ସାହ ଓ ଆଗ୍ରହ ଥଲେ ସବୁ ସମ୍ଭବ ହୋଇପାରିବ, ଯାହାକୁ ଆଜିର ଯୁବସମାଜ କରିପାରିବେ ମୋର ବିଶ୍ୱାସ ରହିଛି ବୋଲି ସତପଥୀ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଜିର ଯୁବସମାଜର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଭାବେ ସେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ମିଡିଆ ସେସନ ଦି ପାୱାର ଅଫ୍ ୟୁଥ୍- ଡ୍ରାଇଭିଂ ଚେଞ୍ଜ ଆଣ୍ଡ ବିଲ୍ଡିଂ ଏ ବେଟର ୱାର୍ଲଡ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସମ୍ପାଦକ ନିରଞ୍ଜନ ରଥ, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ ସୂଚନା କମିଶନର ସୁଶାନ୍ତ ମହାନ୍ତି ଓ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଦେଶର ବିଭିନ୍ନ ରାଜ୍ୟ ଓ ଗଣମାଧ୍ୟମ ସଂସ୍ଥାର ୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ସିଡିଆଇ ଭାବେ ବଦଳି କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ ମିଶ୍ରଙ୍କ ପାଖରେ ଥିବା ଅତିରିକ୍ତ ଦାୟିତ୍ୱ ଗୃହ(ପ୍ରୋଟୋକଲ)କୁ ପ୍ରତ୍ୟାହାର କରି ନିଆଯାଇଛି।

ସେହିପରି ବାଲେଶ୍ୱର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ, ରାଜେନ୍ଦ୍ର କୁମାର ରଣଜିତଙ୍କୁ କନ୍ଧମାଳ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଶ୍ୱରଞ୍ଜନ ନାୟକଙ୍କୁ ବାଲେଶ୍ୱର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ସଂଗ୍ରାମ ଶେଖର ପଣ୍ଡାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର (ପ୍ରଶାସନ), ରାଜେନ୍ଦ୍ର ମିଞ୍ଜଙ୍କୁ ଗଜପତି ଜିଲା ଅତିରିକ୍ତ ଜିଲାପାଳ, ଜୟଶ୍ରୀ ସେନାପତିଙ୍କୁ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ, ସବ୍ୟସାଚୀ ପଣ୍ଡାଙ୍କୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ସାଧାରଣ ପରିଚାଳକ(ପ୍ରଶାସନ) ଓ ଶମ୍ଭୁ ଭୂଷଣ ମିଶ୍ରଙ୍କୁ ନଭିମୁମ୍ବାଇସ୍ଥିତ ଓଡ଼ିଶା ଭବନର ମ୍ୟାନେଜର ଭାବେ ବଦଳି କରାଯାଇଛି। ସେହିପରି ଗୁଣମଣି ସୁନାନୀ ଓ ପ୍ରତିଭା ପୃଷ୍ଟିଙ୍କୁ ସିନିୟର ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ପ୍ରତିଭାଙ୍କୁ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ସ୍ନାତକୋତ୍ତର ପ୍ରତିଷ୍ଠାନର ପ୍ରଶାସନିକ ଅଫିସର ଭାବେ ବଦଳି କରାଯାଇଥିବା ବେଳେ ସୁନାନୀଙ୍କୁ ନିଜ ସ୍ଥାନରେ କାର୍ଯ୍ୟ ଜାରି ରଖିବାକୁ କୁହାଯାଇଛି। ଧରିତ୍ରୀ ମିଶ୍ରଙ୍କୁ ସମବାୟ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି ଓ ସେ ଅତିରିକ୍ତ ଭାବେ ଓସମା ଜେନେରାଲ ମ୍ୟାନେଜର ଦାୟିତ୍ୱ ତୁଲାଇବେ। ସେହିପରି ମମତା ରାଣୀ ନାଏକଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

# ଗୁରୁସିଙ୍ଗା ପ୍ରାଥମିକ ବିଦ୍ୟାଳୟର ୧୦ ଛାତ୍ରଙ୍କୁ କରୋନା

ଝରିଗାଁ,୧୫।୪(ସ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୧୦ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଦ୍ୟାଳୟ ଛାତ୍ରାବାସରେ ୫ ଅନ୍ତେବାସୀଙ୍କୁ ଥଣ୍ଡା ଏବଂ ଜ୍ୱର ହୋଇଥିଲା। ଶନିବାର ସକାଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ସେମାନଙ୍କ କରୋନା ପରୀକ୍ଷା କରାଯିବାରେ ରିପୋର୍ଟ ପଜିଟିଭ ବାହାରିଥିଲା। ଏହାପରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ ବିଦ୍ୟାଳୟରେ ପହଞ୍ଚି ଥଣ୍ଡାରେ ଆକ୍ରାନ୍ତ ଥିବା ଛାତ୍ରମାନଙ୍କ ନମୁନା ପରୀକ୍ଷା କରିବାରୁ ଆଉ ୫ ଜଣ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସେହିପରି ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତ ଆକ୍ରାନ୍ତଙ୍କୁ ଔଷଧ ଦିଆଯିବା ସହ ଘରେ ଅଲଗା ରହିବାକୁ ପରାମର୍ଶ ଦିଆଯାଇଛି।

# ଜଗନ୍ନାଥ ପାଣିଙ୍କ ସାହିତ୍ୟରେ ସମାଜ ଜୀବନର ବିଶ୍ୱସ୍ତ ଛବି ପ୍ରତିଫଳିତ ହୋଇଛି



ଭୁବନେଶ୍ୱର,୧୫।୪(ବ୍ୟୁରୋ)

## ଲୋକକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦ ପକ୍ଷରୁ ଶନିବାର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ ଲୋକକବିଙ୍କ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ବକ୍ତା ଭାବେ ବରିଷ୍ଠ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାକୁ ଲୋକାଭିମୁଖୀ କରାଇବାରେ ଜଗନ୍ନାଥ ପାଣି ପ୍ରମୁଖ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ତଥା ସ୍ମୃତି ସଂସଦ ସମ୍ପାଦକ ନାଟ୍ୟକାର ଓ ନାଟ୍ୟ ଗବେଷକ ଡ. ଉପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ପାଣି ସାହିତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଲୋକକବିଙ୍କ ସାରସ୍ୱତ ଜୀବନୀ ଉପରେ ଅଭିଭାଷଣ ରଖି କହିଲେ, ଜଗନ୍ନାଥ ପାଣିଙ୍କ ସାହିତ୍ୟରେ ସମାଜ ଜୀବନର ବିଶ୍ୱସ୍ତ ଛବି ପ୍ରତିଫଳିତ ହୋଇଛି। ଦୈନ୍ୟପୀଡ଼ିତ ଜନ ଜୀବନରେ ରସବୋଧ ଜାଗ୍ରତ କରିବାରେ ପାଣି ସାହିତ୍ୟର ଭୂମିକା ଅତୁଳନୀୟ। ଏକାଡେମୀ ଉପ-ସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିଲେ। ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାଶିଷ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ଲୋକକବି ଜଗନ୍ନାଥ ପାଣିଙ୍କ ରଚନାରୁ ସଙ୍ଗୀତ ଗାନ କରାଯାଇଥିଲା।

# ସରିଲା ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ



ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ପାଇଁ କଟକ କଚେରି ରୋଡ୍‌ରେ ଆଇନଜୀବୀଙ୍କ ଗହଳି।

କଟକ ଅଫିସ,୧୫।୪

- ସମ୍ବଲପୁରରେ ହେଲାନି ମତଦାନ
- କର୍ଫ୍ୟୁ ଉଠିଲେ ହେବ ଭୋଟଗ୍ରହଣ

ସମ୍ବଲପୁର ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ପ୍ରାୟ ୬୦% ମତଦାନ ହୋଇଥିବା କୁହାଯାଉଥିବାବେଳେ ଆନୁଷ୍ଠାନିକ ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍ ପକ୍ଷରୁ ଭୋଟ ଗ୍ରହଣ ସମ୍ପର୍କିତ ନିର୍ଦ୍ଦିଷ୍ଟ ତଥ୍ୟ ଦିଆଯାଇନାହିଁ। ଆସନ୍ତା ୨୧ ତାରିଖରୁ ଭୋଟଗଣତି ଆରମ୍ଭ ହେବ। ଅପରପକ୍ଷରେ ସମ୍ବଲପୁରରେ କର୍ଫ୍ୟୁ ଉଠିଲେ ଭୋଟଗ୍ରହଣ ହେବ ବୋଲି ବାର୍ କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ମତଦାନ ନିମନ୍ତେ ଆଇନଜୀବୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସବୁଠି ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ସର୍ବାଧିକ ଭୋଟଗ୍ରହଣ କେନ୍ଦ୍ର କଟକରେ ୭,୩୯୯ ଜଣ ଆଇନଜୀବୀଙ୍କ ପାଇଁ ୨୫ଟି ଓ ଭୁବନେଶ୍ୱରରେ ୪୧୪୫ ଜଣ ଆଇନଜୀବୀଙ୍କ ପାଇଁ ୧୫ଟି କେନ୍ଦ୍ର କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରାର୍ଥୀମାନଙ୍କର ପ୍ରଚାର ବ୍ୟାନର ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଦର୍ଶିତ ହୋଇଥିଲା। ବିଶେଷକରି ଯୁବ ଆଇନଜୀବୀମାନେ ଏହି ନିର୍ବାଚନ ପ୍ରକ୍ରିୟାରେ ବେଶି ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଏହି ନିର୍ବାଚନ ନିମନ୍ତେ ହାଇକୋର୍ଟ ରାଜ୍ୟର ସମସ୍ତ ନ୍ୟାୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଏଥିସହ ବିଚାର ବିଭାଗୀୟ ଅଧିକାରୀମାନେ ପୋଲିଂ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ବାର୍ କାଉନ୍‌ସିଲ୍‌ର ୨୫ଟି ପଦ ନିମନ୍ତେ ୯୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ରାଜ୍ୟରେ ଭୋଟ ଗ୍ରହଣ ନିମନ୍ତେ ମୋଟ ୧୬୭ଟି ପୋଲିଂ ବୁଥ୍ କରାଯାଇଥିଲା। ସେହିପରି ରାଜ୍ୟର ମୋଟ ୩୪,୯୦୮ ଜଣ ଆଇନଜୀବୀ ଭୋଟର ଥିବା ଜଣାପଡିଛି। ମତଦାନ ନିୟମ ଅନୁଯାୟୀ, ଜଣେ ମତଦାତା ସର୍ବନିମ୍ନ ୫ଟି ଭୋଟ ଦେବାକୁ ବାଧ୍ୟ। ୫ରୁ କମ୍ ହେଲେ ତାଙ୍କର ମତଦାନ ନାକଚ ହୋଇଯିବ। ସେହିପରି ଜଣେ ସର୍ବାଧିକ ୨୫ଟି ଭୋଟ ଦେଇପାରିବେ। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ନିର୍ବାଚନ ଶେଷ ଥର ପାଇଁ ୨୦୧୩ ନଭେମ୍ବରରେ ହୋଇଥିଲା।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ୫-ଟି ସଚିବ

ପୁରୀ ଅଫିସ,୧୫।୪

ଧାର୍ମିକ ସହର ପୁରୀକୁ ରାଜ୍ୟ ସରକାର ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସମୟରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି। ଅଧିକାଂଶ ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି କାର୍ଯ୍ୟର ତଦାରଖ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ୫-ଟି ସଚିବ ପାଣ୍ଡିଆନ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳ ସମୟରେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଥିଲେ। ପାଣ୍ଡିଆନ ପୁରୀ ଆସି ପ୍ରଥମେ ଶ୍ରୀମନ୍ଦିରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ।



ପ୍ରଥମେ ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ଧର୍ମଶାଳା କାର୍ଯ୍ୟ ସମୀକ୍ଷା କରିବାକୁ ଯାଇଥିଲେ। ବାସେଳୀ ସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି-୨ରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କ ରହିବା ପାଇଁ ୧୦ଏକର ଜାଗାରେ ଧର୍ମଶାଳା ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୧୩୫ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ୫ଟି ବ୍ଲକ ବିଶିଷ୍ଟ ଏହି ଧର୍ମଶାଳାରେ ୩୭୦୦ ଯାତ୍ରୀ ରହିବାର ବ୍ୟବସ୍ଥା ହେଉଛି। ୪୩ ଏକର ପରିମିତ ଅଞ୍ଚଳରେ ୬୭ କୋଟି ଟଙ୍କା ବ୍ୟୟରେ ପାର୍କିଂ ସ୍ଥଳର ବ୍ୟବସ୍ଥା ହୋଇଛି। ଏଠାରେ ୪୨୦ଟି ବସ୍, ୨୫୮ ଅଟୋ, ୫୪୯ ଚାରିଚକିଆ ଗାଡ଼ି ଓ ୧୦୫୪ଟି ଦୁଇଚକିଆ ଗାଡ଼ି ପାର୍କିଂର ବ୍ୟବସ୍ଥା ରହିବ। ୧୬୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧିନ ଶ୍ରୀ ସେତୁର ଗୋଟିଏ ପାର୍ଶ୍ୱ ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳକୁ ରଥଯାତ୍ରା ପୂର୍ବରୁ ସଂଯୋଗ ପାଇଁ ତ୍ୱରାନ୍ୱିତ କାର୍ଯ୍ୟ କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟକୁ ପାଣ୍ଡିଆନ ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଓବିସିସିର ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

**୧.୭ କେଜି ଗଞ୍ଜେଇ ଜବତ,ନିଶା ବେପାରୀ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ନୟାଗଡରୁ ଗଞ୍ଜେଇ ଆଣି ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ ବିକ୍ରି କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ନିଶା ବେପାରୀକୁ ପ୍ରଶାନ୍ତିବିହାରସ୍ଥିତ ଚିଗୋରତୋଳା ବସ୍ତିସ୍ଥିତ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରେ ରହୁଥିବା କଟକର ଲିପୁ ମଲ୍ଲିକ (୪୦) । ତାଙ୍କଠାରୁ ୧.୭୦୦ କେଜି ଓଜନର ଗଞ୍ଜେଇ ଓ ନଗଦ ୨୫୦ ଟଙ୍କା ଜବତ କରାଯାଇଛି । ଜାମିନ ନ ମିଳିବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ତେବେ ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ।

# ରାଜଧାନୀର ସୁଆଦିଆ 'କୋରାଖଇ'



*ଭୁବନେଶ୍ୱର,୧୫।୪(ବ୍ୟୁରୋ) - ରାଜଧାନୀ ଭୁବନେଶ୍ୱରର ପ୍ରସିଦ୍ଧ ଖାଦ୍ୟ ଓ ଭୋଗ କଥା ଉଠିଲେ, ମନକୁ ଆସେ 'କୋରାଖଇ'। ଯେତିକି ସୁଆଦ, ସେତିକି ସ୍ୱାସ୍ଥ୍ୟପ୍ରଦ। ଏହା ପୁଣି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରିୟ ଭୋଗ। ଜନ୍ମାଷ୍ଟମୀ ହେଉକି ରୁକୁଣାରଥଯାତ୍ରା ସବୁ ପର୍ବପର୍ବାଣିରେ ଠାକୁରଙ୍କ ନିକଟରେ ଏହି ଭୋଗ ଲାଗି ହୋଇଥାଏ। ଲିଆ, ନଡ଼ିଆପାତି, ଗୁଆଘିଅ, ଅଳେଇଚ, ଗୁଜୁରାତି, ଜୁଆଣି, କାଜୁ ଆଦି ମିଶାଇ ଏହାକୁ ପ୍ରସ୍ତୁତ କରାଯାଇଥାଏ। କୋରାଖଇର ଜନ୍ମ ନେଇ ସ୍ପଷ୍ଟ ତଥ୍ୟ ନ ଥିଲେ ମଧ ପ୍ରାୟ ୧୫୦ ବର୍ଷ ପୂର୍ବେ ପୁରୁଣା ଭୁବନେଶ୍ୱରର ଲଳିତା ସୁନ୍ଦରୀ ବେୱା ପ୍ରଥମେ ଏହି ସୁଆଦିଆ ଖାଦ୍ୟକୁ ତିଆରି କରିଥିବା ଅଞ୍ଚଳବାସୀ କୁହନ୍ତି। କୋରାଖଇକୁ ନେଇ ମଧ ଅନେକ ଲୋକକଥା ଶୁଣିବାକୁ ମିଳେ। ଏହି ଅଞ୍ଚଳରେ ଥିବା ଭାରତ ବିଖ୍ୟାତ ବଇଆ କୋରାଖଇ, ଓଡ଼ିଶା ବିଖ୍ୟାତ କୋରାଖଇ, ଜଗତ ବିଖ୍ୟାତ କୋରାଖଇ ଆଦି ଦୋକାନରୁ ଛୁଟୁଥିବା ମହକ ହିଁ କହିଦିଏ, ଏହାର ବିଶ୍ୱ ପ୍ରସିଦ୍ଧିର କଥା। ପାଞ୍ଚ ପିଢ଼ି ଧରି କୋରାଖଇ ବେପାର ଅନେକଙ୍କ ଜୀବନଜୀବିକା ପାଲଟିଥିବାବେଳେ ଏହା ଦେଶବିଦେଶରେ ଓଡ଼ିଶା ତଥା ମନ୍ଦିରମାଳିନୀ ଭୁବନେଶ୍ୱରର ସ୍ୱତନ୍ତ୍ର ପରିଚୟ ପାଲଟିଛି। କୋରାଖଇକୁ ଓଡ଼ିଶାବାସୀ ଯେତିକି ଭଲ ପାଆନ୍ତି, ବାହାର ରାଜ୍ୟ ବା ବିଦେଶରେ ଏହାଠାରୁ ଢ଼େର୍ ଅଧିକ ଚାହିଦା ରହିଛି। ଭୁବନେଶ୍ୱରରୁ ବିଦେଶକୁ ପଠାଯାଉଥିବା ଖାଦ୍ୟ ସାମଗ୍ରୀ ମଧରେ କୋରାଖଇ ସର୍ବାଧିକ ଥିବା ଦେଖାଯାଏ। କୋରାଖଇର ପ୍ରଚାରପ୍ରସାର ସହ ଜିଆଇ ମାନ୍ୟତା ପାଇଁ ଦାବି ଉଠୁଥିବାରୁ ଏହାର ଗୁରୁତ୍ୱ ବେଶ୍ ବଢ଼ିଯାଇଛି। ତେବେ କୋରାଖଇରେ କ'ଣ ରହିଛି, କାହିଁକି ଏହା ଏତେ ପ୍ରସିଦ୍ଧ, ସେସମ୍ପର୍କରେ ବ୍ୟବସାୟୀ, କାରିଗର ଓ ଅଞ୍ଚଳବାସୀଙ୍କ ମତକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।*



ଚୁଲିରେ କୋରାଖଇ ପ୍ରସ୍ତୁତ କରାଯାଉଛି।

### ତିଆରି କରିବା କଷ୍ଟ ହେଲେ ବି ଆନନ୍ଦ ମିଳେ



ସହରରେ ଅନେକ ଗୁଡ଼ିଆ ଅଛନ୍ତି। ମାତ୍ର ଏ କୋରାଖଇ ପ୍ରସ୍ତୁତ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଏକାକୀ ୮୦ କିଲୋ ଓଜନର କୋରାଖଇ ଉଠାଇପାରୁଥିବା କାରିଗର ଏହି କାମ କରିପାରିବ। ଖାଇବାକୁ ପାଟିକୁ ଯେତିକି ସୁଆଦିଆ। ନିଆଁର ଧାସ ଓ ଧୂଆଁରେ ଏହାକୁ ପ୍ରସ୍ତୁତ କରିବା ସେତିକି କଷ୍ଟକର। ଏହା ଭୋଗ ହେଉଥିବାରୁ କୌଣସି ଗ୍ୟାସ ଚୁଲା ବ୍ୟବହାର କରାଯାଏ ନାହିଁ। ଏହା ଆମର କୌଳିକ ବୃତ୍ତି। ତେଣୁ ଯେତେ କଷ୍ଟ ହେଲେ ବି ଏଥିରୁ ଆମକୁ ଆନନ୍ଦ ମିଳେ। ଏଥିରେ ବ୍ୟବହାର ହେଉଥିବା ନଡ଼ିଆ ସାତଶଙ୍ଖ ଅଞ୍ଚଳରୁ ଆସୁଥିବାବେଳେ ଏଥିରୁ ପାତି ତିଆର କରାଯାଏ। ୨ରୁ ୩ ଜଣ କାରିଗର ଏକାଠି ହୋଇ ସବୁ କାମ କରିବାକୁ ପଡ଼େ ।

**– କାଳିନ୍ଦୀ ଚରଣ ସାହୁ, ବରିଷ୍ଠ କାରିଗର**

### ଈଶ୍ୱରଙ୍କ କୃପା, ସମ୍ମାନ ବି ମିଳୁଛି



କୋରାଖଇ ପ୍ରସ୍ତୁତିଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସବୁ ଈଶ୍ୱରଙ୍କ କୃପା। ସରକାରୀସ୍ତରରେ ଏତେ ପ୍ରଚାରପ୍ରସାର ନାହିଁ। ମାତ୍ର ଯେବେ ବି ଯେଉଁ ମେଳା ମହୋତ୍ସବରେ କୋରାଖଇ ପ୍ରଦର୍ଶିତ ହୋଇଛି, ତାହା ଆମକୁ ସଫଳତା ଓ ସମ୍ମାନ ଆଣିଦେଇଛି। ଆମ ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଖାଦ୍ୟରେ କୋରାଖଇ ସାମିଲ ହୁଏ। ଘରକୁ କୁଣିଆ ଆସିଲେ ତାଙ୍କ ହାତରେ ପୁଞ୍ଜେ କୋରାଖଇ ଦିଅନ୍ତି। ପରିଶ୍ରମ ଅନୁସାରେ, ସେମିତି ବିଶେଷ ଲାଭ ନ ହେଲେ ମଧ ସହରର ସ୍ୱତନ୍ତ୍ର ପରିଚୟ ପାଇଁ ଏହି ପରିଶ୍ରମ ଆତ୍ମସନ୍ତୋଷ ଦେଇଥାଏ। କୋଭିଡ୍ ପରେ ସବୁ ଜିନିଷର ଦରଦାମ ବଢ଼ିଥିଲେ ମଧ ଆମେ ଦର ବଢ଼ାଇନାହୁଁ।

**– ଅଶୋକ କୁମାର ସାହୁ, ବ୍ୟବସାୟୀ**

### ଅସଲି କୋରାଖଇ ଖାଇଲେ ହିଁ ମଜା ଲାଗିବ



କାହିଁ କେଉଁ କାଳରୁ ଏହି କୋରାଖଇ ପ୍ରସ୍ତୁତ ହୋଇଆସୁଛି। ମୁଁ ବିଜେବି ନଗରରୁ ଏଠାକୁ ହିଁ ଆସି ସବୁବେଳେ କୋରାଖଇ ନିଏ। ଯେଉଁମାନେ ଅସଲି କୋରାଖଇ ଖାଇନାହାନ୍ତି ସେମାନେ ତାହାର ମଜା କହିପାରିବେ ନାହିଁ। ମୁଁ ପ୍ରତିମାସରେ ୩ରୁ ୪ କେଜି କୋରାଖଇ କିଣିନିଏ । କିଛି ଘରେ ପୂଜା ହୁଏ ଓ କଟକର ବୟାଳିଶ ମଉଜାସ୍ଥିତ ରାଧାକୃଷ୍ଣ ମନ୍ଦିରକୁ ନିଏ। ଏହାର ଉପାଦାନଗୁଡ଼ିକ ସ୍ୱାସ୍ଥ୍ୟଗୁଡ଼ିକ ପାଇଁ ବେଶ୍ ଉପକାରୀ।

**– କେଦାର ପଟ୍ଟନାୟକ, ଗ୍ରାହକ**

### ରାଜ୍ୟ ସରକାର ପ୍ରଚାରପ୍ରସାର କରନ୍ତୁ



ଆମ ଅଣଜେଜେଙ୍କ ଅମଳରୁ କୋରାଖଇ ପ୍ରସ୍ତୁତ ହୋଇଆସୁଥିବା ଆମେ ଦେଖୁଛୁ। ରାଜଧାନୀ ଭୁବନେଶ୍ୱର ଓଡ଼ିଶାର ବିଭିନ୍ନ ଖାଦ୍ୟର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ତେବେ ସେହି ସବୁ ଖାଦ୍ୟରେ କୋରାଖଇ ସାମିଲ କରାଯାଏ ନାହିଁ। ତେଣୁ ଯଦି ଏହାର ଅଧିକ ପ୍ରଚାର ପ୍ରସାର ହୋଇପାରନ୍ତା, ତେବେ ଲୋକେ ଏହି ନିଆରା ଖାଦ୍ୟ ସହ ପରିଚିତ ହୋଇପାରନ୍ତେ। ରାଜଧାନୀର ଏହି ନିଜସ୍ୱ ସୁଆଦିଆ ଖାଦ୍ୟକୁ ଜିଆଇ ଟ୍ୟାଗ ପାଇଁ ଅନେକ ପ୍ରୟାସ କରାଯାଇଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ଶେଷରେ ସେ ସ୍ୱର ଥମିଯାଇଛି।

**– ଶଶୀକାନ୍ତ ସାହୁ, ବ୍ୟବସାୟୀ ତଥା କାରିଗର**

### ନକଲି କୋରାଖଇ ବଦନାମ କରୁଛି



ବାହାର ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନେ ଲିଙ୍ଗରାଜ ମନ୍ଦିର ବୁଲି ଆସିଲେ ଏଠାରୁ କୋରାଖଇ ନେବାକୁ ଭୁଲନ୍ତି ନାହିଁ। କିନ୍ତୁ ରାଜ୍ୟରେ ବହୁତ ଲୋକ ଅଛନ୍ତି କୋରାଖଇ ପ୍ରକୃତ ଉତ୍ପତ୍ତି ସମ୍ପର୍କରେ ଜାଣନ୍ତି ନାହିଁ। ମନ୍ଦିର ସମ୍ମୁଖରେ ବିକ୍ରି ହେଉଥିବା ନକଲି କୋରାଖଇ ପ୍ରକୃତ କୋରାଖଇକୁ ବଦନାମ କରିବା ସହ ଏହାର ପ୍ରଚାରପ୍ରସାରରେ ବାଧକ ସାଜୁଛି।

**– ରାଜକିଶୋର ମହାରଣା, ଅଞ୍ଚଳବାସୀ**

### ବିଦେଶୀମାନେ ମୋଠାରୁ କୋରାଖଇ ନିଅନ୍ତି



ଜେଜେମା' ଲଳିତା ସୁନ୍ଦରୀ ବେୱା କୋରାଖଇ ତିଆରି କରିବା ଆରମ୍ଭ କରିଥିଲେ। କିନ୍ତୁ ଜେଜେବାପା ବୈରାଗୀ (ବଇଆ) ସାହୁଙ୍କ ନାମରେ ବ୍ୟବସାୟ ଆରମ୍ଭ ହୋଇଥିଲା। ଏବେ ଆମେ ପ୍ରସ୍ତୁତ କରୁଛୁ। ଯଦି ଆମ ପିଲାମାନେ ଚାହିଁବେ ଆଉ ଏକ ପିଢ଼ି ଏଥିରେ ଯୋଗଦେବେ। ଏବେ ବ୍ୟବସାୟ ଭଲ ଚାଲିଛି। ବିଦେଶୀମାନେ ଏଠାରୁ ବରାଦ ଦେଇ କୋରାଖଇ ନିଅନ୍ତି। କିନ୍ତୁ ରାଜଧାନୀର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା କୋରାଖଇ ନିଜ ରାଜ୍ୟରେ ସେତିକି ଲୋକଲୋଚନକୁ ଆସିପାରିନାହିଁ।

**– ସୁରେନ୍ଦ୍ର କୁମାର ସାହୁ, ବ୍ୟବସାୟୀ ତଥା କାରିଗର**

## ସଂକ୍ଷେପରେ

### ଷ୍ଟୋରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ନଷ୍ଟ



ଭୁବନେଶ୍ୱର,୧୫।୪ (ବ୍ୟୁରୋ) ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଟିଇଆର୍ କଲେଜ ନିକଟ ଲେନ -୪ରେ ଥିବା ଏକ ଷ୍ଟୋରରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଖବର ପାଇ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସୂଚନାନୁସାରେ, ମାନସ ସାହୁ ସେଠାରେ ଫର୍ଣ୍ଣିଚର ସହ କସମେଟିକ ଜିନିଷ ରଖି ବେପାର କରିଥାନ୍ତି । ହେଲେ ଶୁକ୍ରବାର କୌଣସି କାରଣରୁ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ଲୋକେ ମାଲିକଙ୍କୁ ଖବର ଦେଇଥିଲେ। ପରେ ଷ୍ଟୋର୍‌ଟି ହୁତୁହୁତୁ ହୋଇ ଜଳିଥିଲା। ମାଲିକ ସ୍ଥାନୀୟ ଲୋକଙ୍କ ସହାୟତରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ସମ୍ଭବ ହୋଇ ପାରି ନ ଥିଲା । ପରେ ଅଗ୍ନିଶମ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା ।

### ନିର୍ଭୟର ୯ମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୫।୪(ବ୍ୟୁରୋ)- ଦୈନିକ ଖବରକାଗଜ 'ନିର୍ଭୟ'ର ୯ମ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଜନସଞ୍ଚାର ସଂସ୍ଥାନ ଦିଲ୍ଲୀର ପ୍ରଫେସର ରାକେଶ ଉପାଧ୍ୟାୟ ଯୋଗଦେଇ କହିଲେ, ଶାସକଙ୍କୁ କିଏ ପ୍ରଶ୍ନ କରିବ। ବ୍ୟବସ୍ଥାଗତ ଦୁର୍ବଳତା ବିଷୟ ମିଡିଆ ନ ଉଠାଇଲେ କିଏ ଉଠାଇବ। କିଛି ଅନୁଗ୍ରହୀତ ହେବାର ଆଶା ରଖି ମିଡିଆ କାର୍ଯ୍ୟ ନ କରି ଯଦି ସତ ଉପସ୍ଥାପନ କରେ, ତା'ହେଲେ ବ୍ୟବସ୍ଥା ଦୋହଲିଯାଇପାରିବ। ଦେଶରେ ଭାଷାଭିତ୍ତିକ ଖବରକାଗଜଗୁଡିକର ଗୁରୁତ୍ୱ ରହିଛି। କେବଳ ୭.୪ ପ୍ରତିଶତ ଭାରତୀୟ ଇଂଲିଶ ଖବରକାଗଜ ପଢୁଥିଲାବେଳେ ବାକି ପାଠକ ଭାଷାଭିତ୍ତିକ ଖବରକାଗଜ ପଢୁଛନ୍ତି। ଏହା ହିଁ ଭାଷାଭିକ ମିଡିଆର ଶକ୍ତି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗୌହାଟୀ ବିଶ୍ୱବିଦ୍ୟାଳୟ ଭାଷା ଓ ସଂସ୍କୃତି ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଜ୍ୟୋତ୍ସ୍ନା ରାଉତ, ପ୍ରମେୟ ଓ ନ୍ୟୁଜ ୭ର ସମ୍ପାଦକ ଗୋପାଳ ମହାପାତ୍ର ଉପସ୍ଥିତ ଥିଲେ। ନିର୍ଭୟର ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବର ପରିଚାଳନା କରିଥିଲେ ସହଯୋଗୀ ସମ୍ପାଦକ ସସ୍ମିତ ମହାପାତ୍ର। ସମାରୋହରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ଓ ପାଠକୀୟ ଆନ୍ଦୋଳନ ଚଳାଇଥିବା ଅଧ୍ୟାପକ କିଶୋର ମେହେରଙ୍କୁ ନିର୍ଭୟ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଜ୍ୟୋତି ପ୍ରକାଶ ଘୋଷଙ୍କ ନିୟମିତ ସ୍ତମ୍ଭକୁ ନେଇ ପ୍ରକାଶ ପାଇଥିବା ପୁସ୍ତକ ରୋଚକ କଥାର ଲୋକାର୍ପଣ ହୋଇଥିଲା । ଆୟୋଜିତ ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ୨୫ବର୍ଷର ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଥାଶିଳ୍ପୀ ଦେବ ପ୍ରସାଦ ଦାଶଙ୍କ ସଞ୍ଚାଳନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଏବଂ ସମାଜସେବୀ ନମ୍ରତା ଚଢା ଯୋଗଦେଇଥିଲେ।

## ସ୍ୱୟଂଚାଳିତ ପରିଜା ପାଠାଗାର ଉଦ୍‌ଘାଟିତ



ସ୍ୱୟଂଚାଳିତ ପରିଜା ପାଠାଗାର ଓ ଡିଜିଟାଲ ପାଠାଗାର ଉଦ୍‌ଘାଟନ ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ଅନ୍ୟମାନେ।

**ଉତ୍କଳ ବିଶ୍ୱବିଦ୍ୟାଳୟ**

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ପରିଜା ପାଠାଗାର ନୂଆ ରୂପ ପାଇଛି। ଏହାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରାଯିବା ସହ ଡିଜିଟାଲ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶନିବାର ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ପରିଜା ପାଠାଗାର ଓ ଡିଜିଟାଲ ପାଠାଗାରକୁ ଉଦ୍‌ଘାଟନ କରିଛନ୍ତି। ଡିଜିଟାଲ ପାଠାଗାରରେ କମ୍ପ୍ୟୁଟର ସିଷ୍ଟମ ସହିତ ୭୬ଟି ସିଟ୍ ବିଶିଷ୍ଟ ହଲ୍ ସ୍ଥାପନ କରାଯାଇଛି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ଏଠାରେ ପ୍ରତିଷ୍ଠିତ ପତ୍ରିକା ଏବଂଅନ୍‌ଲାଇନରେ ଉପଲବ୍ଧ ପୁସ୍ତକଗୁଡ଼ିକ ଗବେଷଣା ଓ ପଠନ ପାଇଁ ଉପଲବ୍ଧ ହେଉଛି। ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁଳପତି ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ନାମରେ ନାମିତ ଏହି କେନ୍ଦ୍ରୀୟ ପାଠାଗାରଟି ୧୯୪୬ରେ କଟକରେ ସ୍ଥାପିତ ହୋଇଥିଲା। ୧୯୬୨ରେ ଏହା ବାଣୀବିହାରକୁ ସ୍ଥାନାନ୍ତରିତ ହୋଇଥିଲା। ପରିଜା ପାଠାଗାରରେ ପ୍ରାୟ ୨ଲକ୍ଷ ୭୧ହଜାର ୬୨୨ରୁ ଅଧିକ ପୁସ୍ତକ ଓ ୫୮୦୦ ବିରଳ ପାଣ୍ଡୁଲିପି ରହିଛି। 'ଭାରତର ସମ୍ବିଧାନ' ପୁସ୍ତକର ୧ ହଜାରଟି ଫଟୋଲିଥୋଗ୍ରାଫିକ ପ୍ରତିକୃତି ରହିଛି। ପାଠାଗାରରେ ଶିଶୁ ପୁସ୍ତକ ସଂଗ୍ରହ, ବୟସ୍କଙ୍କ ପାଇଁ ପଠନ କକ୍ଷ, ବ୍ରେଲ୍ ବହି ସହିତ ଦିବ୍ୟାଙ୍ଗଙ୍କ ପାଇଁ ଏକ ଉତ୍ସର୍ଗୀକୃତ ପଠନ କକ୍ଷ ମଧ ରହିଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ କୁମାର ନାୟକ, ଅର୍ଥ ନିୟନ୍ତ୍ରକ ଗୌତମ ପ୍ରଧାନ, ପରିଜା ପାଠାଗାର ଦାୟିତ୍ୱରେ ଥିବା ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ମୁଖ୍ୟ ଗ୍ରନ୍ଥାଗାରିକା ଡ. ଆଶାପୂର୍ଣ୍ଣା ପ୍ରିୟଦର୍ଶିନୀ ନାୟକ, ଉନ୍ନୟନ ଅଧିକାରୀ ଡ. ମନୋରଞ୍ଜନ ସେନାପତି, ଉପନିବନ୍ଧକ ଚିନ୍ମୟ ପ୍ରଧାନ, ହରପ୍ରସାଦ ନାୟକ, ପରିଜା ପାଠାଗାରର ଇ-ସମ୍ପଦ ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ।

## ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ବିଷୁବ ମିଳନ, କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପରିସରରେ ଶୁକ୍ରବାର ଓ ନବବର୍ଷ ଉତ୍ସବ ପାଳନ କରାଯିବା ସହ ପରିଷଦର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଯାଇଛି। ଏଥି ସହ କର୍ମକର୍ତ୍ତା ନିର୍ବାଚିତ ହୋଇଛି। ସାମନ୍ତ ଚନ୍ଦ୍ରଶେଖରଙ୍କ ବିରଚିତ ସିଦ୍ଧାନ୍ତ ଦର୍ପଣର ଓ ଅନୁବାଦ କରିଥିବା ପଣ୍ଡିତ ବୀର ହନୁମାନ ଶାସ୍ତ୍ରୀଙ୍କ ଜୟନ୍ତୀ ମଧ ପାଳନ କରାଯାଇଥିଲା । ଏହି ଅବସରରେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ସଭାପତି ସହଦେବ ସାହୁ , ଉପସଭାପତି ଡ. ଜୟଦେବ କର ଓ ବୈକୁଣ୍ଠନାଥ ନାୟକ ,ସମ୍ପାଦକ ନାରାୟଣ ମଲ୍ଲିକ , କୋଷାଧକ୍ଷ ଦୋଳଗୋବିନ୍ଦ ପଣ୍ଡା ,ସମ୍ପାଦକ ନାରାୟଣ ମିଶ୍ର ଯୁଗ୍ମ , ନାରାୟଣ ନାୟକ ଯୁଗ୍ମ ଏବଂ ରଙ୍କନିଧି ଜେନା ଶିକ୍ଷା ନିୟନ୍ତ୍ରକ ଭାବେ ନିର୍ବାଚିତ ହୋଇଥିଲେ। ସହଦେବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଦୋଳଗୋବିନ୍ଦ ପଣ୍ଡା ମଙ୍ଗଳାଚରଣ ପାଠ କରିଥିବା ବେଳେ ନାରାୟଣ ମଲ୍ଲିକ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ଜ୍ୟୋତିଗବେଷକ ହରିହର ସାହୁ ବୀର ହନୁମାନ ଶାସ୍ତ୍ରୀଙ୍କ କୃତି ଉପରେ ଆଲୋଚନା କରିଥିଲେ। ଡ. କର ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଷ୍ଟ୍ରିକ୍ଟ ସେଣ୍ଟରରେ ହନୁମାନ ଜୟନ୍ତୀ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ହନୁମାନ ମନ୍ଦିର ପରିସରରେ ମହା ବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟା ୭ରେ କୁଆଖାଇ ନଦୀରୁ ଶୁଭ କଳସରେ ପବିତ୍ର ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ ପରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ଶୁକ୍ରବାର ସକାଳୁ ସୂର୍ଯ୍ୟ ପୂଜା ସହିତ ପ୍ରଭୁ ହନୁମାନଙ୍କ ସମସ୍ତ ପୂଜା, ୧୦୮ ହନୁମାନ ଚାଳିଶା ଓ ପାରାୟଣ କାର୍ଯ୍ୟ ଶେଷ ହେବା ପରେ ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଭକ୍ତଙ୍କ ପାଇଁ ପଣା ସହିତ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଅଜୟ ପାଲ ଓ ସାଥୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ 'ସଞ୍ଜ ସକାଳେ ତୁମ ଛବି ଖୋଜେ' ପରିବେଷଣ କରାଯାଇଥିଲା। ଏଥିରେ ସଞ୍ଜିତ୍, ସମୀକ୍ଷା,ଏଲିନା, ନିର୍ଲିପ୍ତା, ଗୀତାଞ୍ଜଳି ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନର ଉପଦେଷ୍ଟା ଦାମୋଦର ପ୍ରଧାନୀ, ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ, କୋଷାଧକ୍ଷ ଅଭୟ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ରମେଶଚନ୍ଦ୍ର ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।



ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହୋତ୍ସବରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ କର୍ମକର୍ତ୍ତା ଓ ଅନ୍ୟମାନେ।

## ଅର୍ଥନୈତିକ ଅଭିବୃଦ୍ଧିରେ ସହଯୋଗର ହାତ ବଢ଼ାଇଛି ଷ୍ଟାର୍ଟଅପ୍

**ଆଇସିଏଆଇ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ସମ୍ମିଳନୀ**

ଭୁବନେଶ୍ୱର, ୧୫।୪(ବ୍ୟୁରୋ)




ଏମ୍‌ଏସ୍‌ଏମ୍‌ଇ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ବୋଧନ ଦେଉଛନ୍ତି।

ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖା, ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ କମିଟି ପକ୍ଷରୁ ଶନିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଏମ୍‌ଏସ୍‌ଏମ୍‌ଇ ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇର ଅଭିବୃଦ୍ଧି ସମ୍ବନ୍ଧରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ।

ସମ୍ମାନିତ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗ ଦେଇଥିଲେ। ଆଇସିଏଆଇ, ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ କମିଟିର ଅଧକ୍ଷ ଧୀରଜ୍ କୁମାର ଖଣ୍ଡେଲ୍‌ୱାଲ୍ ଉଦ୍ୟୋଗୀମାନଙ୍କ ଅବଦାନରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ ସହଯୋଗର ହାତ ବଢ଼ାଇଛି ବୋଲି କହିଥିଲେ। ଆଇସିଏଆଇର ଉପସଭାପତି ରଞ୍ଜିତ ଅଗ୍ରୱାଲ୍ ଓଡ଼ିଶାରେ ଉଦ୍ୟୋଗପତିମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ଆଇସିଏଆଇ ସେମାନଙ୍କ ଦକ୍ଷତା ବଢ଼ାଇବା ସହ ଷ୍ଟାର୍ଟଅପ୍‌କୁ ବ୍ୟବସାୟିକ କେନ୍ଦ୍ରବିନ୍ଦୁ କରିବାକୁ ପଦକ୍ଷେପ ନେଇଛି। ଏହାର ବିକାଶ କରିବା ଲକ୍ଷ୍ୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ଦିଗରେ ଉତ୍ସାହିତ କରିଥିଲେ। ଏହି ଅବସରରେ ଆଇସିଏଆଇ ଏମ୍‌ଏସ୍‌ଏମ୍‌ଇ ଆଣ୍ଡ ଷ୍ଟାର୍ଟଅପ୍ କମିଟି ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସମ୍ମିଳନୀରେ ୧୭୫ରୁ ଊର୍ଦ୍ଧ୍ୱ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।

## ଜେଲ ଗଲେ ପୋଷ୍ଟାଲ ଆସିଷ୍ଟାଣ୍ଟ ଇଞ୍ଜିନିୟର

**ବିଲ୍ ପାସ୍ ପାଇଁ ଲାଞ୍ଚ ନେବା ବେଳେ ସିବିଆଇ ହାତରେ ଧରାପଡ଼ିଥିଲେ**

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ବିଲ୍ ପାସ୍ କରାଇବା ବାବଦକୁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ସମ୍ବଲପୁର ପୋଷ୍ଟାଲ ସିଭିଲ୍ ସବ୍‌ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଭାଶିଷ ପାଲ୍ ଓ ସହଯୋଗୀ ଦେବେନ୍ଦ୍ର କୁମାରଙ୍କୁ ଶନିବାର ସିବିଆଇ କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। କଣ୍ଟ୍ରାକ୍ଟର ପ୍ରସନ୍ନ ମାଣିକଙ୍କଠାରୁ ଲାଞ୍ଚ ନେବା ଅଭିଯୋଗ ଆଧାରରେ ସିବିଆଇ ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାନୁସାରେ ପୋଷ୍ଟାଲ ଡିଭିଜନର ଏକ୍‌ଜିକ୍ୟୁଟିଭ ଅଫିସରୁ କାର୍ଯ୍ୟାଦେଶ ପାଇ ରାଉରକେଲାସ୍ଥିତ ଡାକ ଷ୍ଟାଫ୍ କ୍ୱାର୍ଟର୍ସର ମରାମତି କାର୍ଯ୍ୟ ପ୍ରସନ୍ନ କରିଥିଲେ। ପୋଷ୍ଟାଲ କଲୋନୀ ମରାମତି ବାବଦକୁ ୧୭ ଲକ୍ଷ ୭୫ ହଜାର ୮୪୫ ଟଙ୍କା ୯୨ ପଇସାରେ ହେବାର ଥିଲା। କିନ୍ତୁ ୧୯ ଲକ୍ଷ ୪୭ ହଜାର ୮୮୩ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା। କାମ ବାବଦକୁ ପର୍ଯ୍ୟାୟକ୍ରମେ ୧୪ ଲକ୍ଷରୁ ଅଧିକ ଟଙ୍କା ମିଳିଥିଲା। ହେଲେ ବଳକା ୩.୭୭ ଲକ୍ଷ ବିଲ ହୋଇ ନ ଥିଲା। ତେଣୁ ଏହି ବିଲ୍ ପାସ୍ କରାଇବା ଲାଗି ପ୍ରସନ୍ନ ଏପ୍ରିଲ ୪ରେ ଅଭିଯୁକ୍ତ ସୁଭାଶିଷଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବାବଦକୁ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ। ନିଜ ପାଇଁ ଦେଢ଼ ଲକ୍ଷ ମାଗିଥିବାବେଳେ ଭୁବନେଶ୍ୱରର ଡାକ ବିଭାଗ, କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଦିପକ କୁମାର ଗୁପ୍ତାଙ୍କ ପାଇଁ ସାଢେ ୧୮ହଜାର ମାଗିଥିଲେ। ଫଳରେ ପ୍ରସନ୍ନ ସେହିଦିନ ପାଲ୍‌କୁ ୨୫ ହଜାର ଓ ପରଦିନ ତାଙ୍କ କହିବା ମୁତାବକ ସହଯୋଗୀ ଦେବେନ୍ଦ୍ର କୁମାର ପୁହାଣଙ୍କ ଆକାଉଣ୍ଟରେ ୧୮ହଜାର ୫୦୦ ଟଙ୍କା ଜମା କରିଥିଲେ। ପରେ ସୁଭାଶିଷ ଅଧିକ ଟଙ୍କା ଦାବି କରିବା ସହ ବିଲ୍ ପାସ ହେବନି କହି ଚାପ ପକାଉଥିଲେ। ଏନେଇ କଣ୍ଟ୍ରାକ୍ଟର ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଶୁକ୍ରବାର ସିବିଆଇର ଗୋଟିଏ ଟିମ୍ ଡେରା ପକାଇଥିଲେ। ପରେ ସୁଭାଶିଷ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ରାଶି ଗ୍ରହଣ କରୁଥିବାବେଳେ ସିବିଆଇ ଟିମ୍ ଏକ ଜାଲ ପକାଇ ସୁଭାଶିଷଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ମାମଲାରେ ସିବିଆଇ ମଧ୍ୟସ୍ଥ ଦେବେନ୍ଦ୍ରଙ୍କୁ ମଧ ଗିରଫ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଛୁରାମାଡ଼ ଅଭିଯୋଗରେ ଜଣେ ଗିରଫ

ବାଣପୁର,୧୫।୪(ଡି.ଏନ୍.ଏ.): ବାଣପୁର ଥାନା ଅଞ୍ଚଳରେ ଛୁରାମାଡ଼ ଅଭିଯୋଗରେ ଶନିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଦାଶରଥିପୁର ଅଞ୍ଚଳର ଦୀପକ ନାୟକ(୩୩)। ସୂଚନା ମୁତାବକ, ଶୁକ୍ରବାର ରାତିରେ ଦାଶରଥିପୁର ଅଞ୍ଚଳର ବାବୁଲା ଘଡେଇ(୪୫)ଙ୍କୁ କୌଣସି କାରଣ ନେଇ ଅଭିଯୁକ୍ତ ଦୀପକ ଛୁରିରେ ଆକ୍ରମଣ କରିଥିଲା। ବାବୁଲାଙ୍କ ଡାହାଣପଟ ପେଟରେ ଛୁରାମାଡ଼ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ବାଣପୁର ଏବଂ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବାବୁଲାଙ୍କ ସ୍ତ୍ରୀ ପ୍ରେମୀ ଘଡେଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪୧/୨୩) ରୁଜୁକରି ତଦନ୍ତ ଚଳାଇବା ସହ ଦୀପକଙ୍କୁ ଗିରଫ କରିଥିଲା। ତେବେ ପୂର୍ବଶତ୍ରୁତାକୁ ନେଇ ଛୁରାମାଡ଼ ହୋଇଥିବା ଜଣାପଡିଛି ।

### ପାଲା କଳାକାରଙ୍କ ପରଲୋକ

ନିରାକାରପୁର,୧୫।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ଅଞ୍ଚଳର ପାଲା କଳାକାର ରବୀନ୍ଦ୍ର ନାୟକ(୭୫)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ମାନସ ନାୟକ ମୁଖାଗ୍ନି ଦେଇଥିଲେ। ସେ ଜଣେ ସଫଳ ପାଲା କଳାକାର ସହିତ ହାସ୍ୟ କଳାକାର ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ପାଲା ଜଗତରେ ଗୋଟିଏ ଉଜ୍ଜ୍ୱଳ ତାରକାର ଅବସାନ ହୋଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ମା'ଉଗ୍ରତାରା ପାଲା ଗାୟକମଣ୍ଡଳୀ।

### ସରିଲା ମହାଯଜ୍ଞ



ନିରାକାରପୁର,୧୫।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଲେଣ୍ଡୁ ପଞ୍ଚାୟତ ଯାଜପୁରଠାରେ ଥିବା ମା'ତୋଟାଭଗବତୀଙ୍କ ପୀଠରେ ଚାଲିଥିବା ଚତୁର୍ଦ୍ଦଶ ବାର୍ଷିକ ଶତସପ୍ତ ଚଣ୍ଡୀ ମହଯଜ୍ଞର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାନସିକଧାରୀ ମହିଳା, ପୁରୁଷ ନିକଟ ମନ୍ଦାକିନୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ୪ ଦିନ ଚାଲିଥିବା ବେଳେ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଯାଜପୁର, ରେଙ୍ଗଟା, କୁନିଆସାମନ୍ତରାପୁର ଆଦି ଗ୍ରାମର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଦେଉଛି ବାବା ବୋଖାରୀ ପୀଠ'

ଖୋର୍ଦ୍ଧା ଅଫିସ,୧୫।୪



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା କାଇପଦରସ୍ଥିତ ବାବା ବୋଖାରୀଙ୍କ ପୀଠରେ ଉର୍ସ ଉତ୍ସବ ଅବସରରେ କାଇପଦର ବୋଖାରୀ ବାବାଙ୍କ ପୀଠ ବିକାଶ ପରିଷଦ, ବାବା ବୋଖାରୀଙ୍କ ଖାଦିମ୍ କମିଟି ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସଦ୍‌ଭାବନା ସଭା ଓ ଜାତୀୟ ସଂହତି ସମାରୋହ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଏହି ପୀଠ ହେଉଛି ସର୍ବଧର୍ମ ସମନ୍ୱୟର ଉପାସନ ସ୍ଥଳ। ସମଗ୍ର ବିଶ୍ୱର ବିଭିନ୍ନ ସମ୍ପ୍ରଦାୟର ଭକ୍ତମାନେ ବାବାଙ୍କୁ ଆରାଧନା କରିବା ବିରଳ। ବସୁଧୈବ କୁଟୁମ୍ବକମ୍‌ର ବାସ୍ତବ ଚିତ୍ର ଏଠାରେ ପ୍ରତିଫଳିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ସମନ୍ୱୟର ଠାକୁର। ସେହିପରି ବାବା ବୋଖାରୀଙ୍କ ପୀଠ ସର୍ବଧର୍ମ ସମନ୍ୱୟ ତଥା ଭାଇଚାରାର ବାର୍ତ୍ତା ଦେଉଛି। ବିଶ୍ୱବାସୀ ଗୋଟିଏ ମା'ର ସନ୍ତାନ ବୋଲି ମନେକରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ।

ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, ବାବା ବୋଖାରୀଙ୍କ ପୀଠ ବିଶ୍ୱକୁ ଭ୍ରାତୃତ୍ୱ, ଭାଇଚାରାର ବାର୍ତ୍ତା ଦେଇଥାଏ। ଅନ୍ୟତମ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା(ମୁନା) ଖାଁ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ସମନ୍ୱୟର ଠାକୁର। ମହାପ୍ରଭୁଙ୍କ ବଡ଼ ଭକ୍ତ ହେଉଛନ୍ତି ସାଲବେଗ। ସେ ଜାତିରେ ମୁସଲମାନ। ସେପରି ବାବା ବୋଖାରୀଙ୍କ ପୀଠରେ ହିନ୍ଦୁ ମୁସଲମାନ ଏକାଠି ଆରାଧନା କରିଥାନ୍ତି। ତେଣୁ ପୀଠ ଅନ୍ତର୍ଜାତୀୟ ସ୍ତରରେ ନିଆରା ଭାଇଚାରା, ଭ୍ରାତୃତ୍ୱର ଭାବକୁ ପ୍ରକାଶ କରିଥାଏ। ସଭାପତିତ୍ୱ ଭାଷଣରେ ଶ୍ରୀଚନ୍ଦନ କହିଥିଲେ, ବାବାଙ୍କ ଜନ୍ମଦିନକୁ ଉର୍ସ ଉତ୍ସବ ପାଳନ କରାଯାଏ। 'ଈଶ୍ୱର ଆଲ୍ଲା ତେରେ ନାମ୍ ସବ୍ କୋ ସନ୍‌ମତି ଦେ ଭଗବନ। ଅର୍ଥାତ ହିନ୍ଦୁ ମୁସଲମାନ,ଶିଖ୍ ସାଇ ସମସ୍ତେ ଭାଇ ଭାଇ। ଏହି ଉକ୍ତି ଏଠାରେ ପ୍ରଯୁଜ୍ୟ ବୋଲି କହିଥିଲେ।

ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କାଇପଦର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ଏକ ଘରୋଇ ଅନୁଷ୍ଠାନର କର୍ତ୍ତୃପକ୍ଷ ରାଜ୍ୟପାଳଙ୍କଠାରୁ ସମ୍ମାନ ଗ୍ରହଣ କରିଥିଲେ । ସେହିପରି ବୋଖାରୀ ବାବା ଖାଦିମ୍ କମିଟିକୁ ମଧ୍ୟ ଉତ୍ସବର ସୁପରିଚାଳନା ପାଇଁ ସମ୍ମାନିତ କରାଯାଇଛି। ଖାଦିମ୍ କମିଟିର ସଭାପତି ସେକ୍‌ସନା ଉଲ୍ଲା ଧନ୍ୟବାଦ ଦେଇଥିଲେ। ରାଜ୍ୟପାଳଙ୍କୁ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବିଧାୟକ ମିତ୍ର, ରାଜ୍ୟ ସଭା ସଦସ୍ୟ ମିଜିବୁଲା, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ପୀଠ ପରିଚାଳନା କମିଟି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଜ୍ୟପାଳ ଦରଘାରେ ଚାଦର ଚଢ଼ାଇ ବିଶ୍ୱ କଲ୍ୟାଣ, ମଙ୍ଗଳ କାମନା କରିଥିବା କହିଥିଲେ।

# ଭଗବତୀଙ୍କ ଦର୍ଶନ କଲେ ରେଳ ରାଷ୍ଟ୍ରମନ୍ତ୍ରୀ


ଖବରଦାତା ସମ୍ମିଳନୀରେ ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ସୂଚନା ଦେଉଛନ୍ତି।

ବାଣପୁର,୧୫।୪(ଡି.ଏନ୍.ଏ.)

କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ଶନିବାର ପୁରୀ ଲୋକସଭା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ଦାସ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। କେନ୍ଦ୍ରମନ୍ତ୍ରୀ ଓ ଅନ୍ୟାନ୍ୟ ନେତୃବୃନ୍ଦ ନାଚୁଣୀସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସାଙ୍ଗଠନିକ ବୈଠକରେ ଯୋଗଦେଇଥିଲେ। ଏହା ପରେ ସନ୍ଧ୍ୟାରେ ବାଣପୁର ଗସ୍ତ କରି ବଜାର ସାହିସ୍ଥିତ ମା'ଲକ୍ଷ୍ମୀ ମନ୍ଦିର ପରିସରରେ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ କହିଥିଲେ। ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର ଗ୍ରହଣ କରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ରେଳ୍‌ର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଜାଗା ଅଧିଗ୍ରହଣ କରୁ ନ ଥିବାରୁ କେନ୍ଦ୍ର ଯୋଜନା କରିଥିବା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି ବୋଲି ଜରଦୋଶ କହିଥିଲେ। ପରେ ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କୁ ଦର୍ଶନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

# 'ଶିଳ୍ପୀଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରହିବ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୫।୪(ଡି.ଏନ୍.ଏ.)

ଅନ୍ତର୍ଜାତୀୟ କଳାକାର ଦିବସ ଅବସରରେ ଶନିବାର ଶିଳ୍ପୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରିସ୍ଥିତ ହଟ୍ଟକେଶ୍ୱର ଦେବଙ୍କ ପୀଠ ପରିସରରେ ବେଗୁନିଆ–ବୋଲଗଡ଼ ଆଞ୍ଚଳିକ ଶିଳ୍ପୀ ସଂଘ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ଶତାଧିକ କଳାକାର ଉପସ୍ଥିତ ଥିଲେ। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ରର ପୂର୍ବତନ ପରିଚାଳକ ସୁନୀଲ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ଶିଳ୍ପୀ ସଂଘର ସମ୍ପାଦକ ପ୍ରିୟରଞ୍ଜନ କର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରାମଶଙ୍କର, କବି ବଂଶୀଧର ପଣ୍ଡା, ଶିଳ୍ପୀ ପ୍ରଶାନ୍ତ ବେହେରା, ରଞ୍ଜନ ମିଶ୍ର, ଦୀପ୍ତିରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପୀ କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦିବଂଗତ ଶିଳ୍ପୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟିର ସର୍ଜନାକର୍ତ୍ତା ହେଉଛନ୍ତି ବ୍ରହ୍ମଦେବ। ସେହିଭଳି ଶିଳ୍ପୀମାନଙ୍କୁ ମଧ୍ୟ ଦ୍ୱିତୀୟ ବ୍ରହ୍ମଦେବ ଭାବେ ଆଖ୍ୟା ଦିଆଯାଇପାରିବ। ସେମାନେ ପଥର ଖୋଦେଇ ମୂର୍ତ୍ତି, କାଗଜ ତିଆରି ମୁଖା, ତାଳପତ୍ରର ହାତତିଆରି ସାମଗ୍ରୀର କାରିଗରି ବିଦ୍ୟାରେ ନୈପୁଣ୍ୟ ଲାଭ କରିଛନ୍ତି। ଯାହାକି ଜୀବନଦାନ ଦେବା ସହ ପୂଜା କରୁଛେ ବୋଲି ଅତିଥି ପଟ୍ଟନାୟକ କହିଥିଲେ। ବହୁ ଶିଳ୍ପୀଙ୍କୁ ସରକାରୀ ପ୍ରୋତ୍ସାହନ ଓ ସହାୟତାର ହାତ ବଢାନ୍ତୁ ବୋଲି ବକ୍ତା କର କହିଥିଲେ। ଏହି ଅବସରରେ ୩ଜଣ ଶିଳ୍ପୀକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଳପତ୍ର ଖୋଦେଇ କାରିଗର ରବିନ୍ଦ୍ର ରଥଙ୍କୁ ଗୋକୁଳି ପଟ୍ଟନାୟକ ସ୍ମୃତି ସମ୍ମାନ, ପ୍ରଫୁଲ୍ଲ ମହାପାତ୍ରଙ୍କୁ ଭରତ ମହାପାତ୍ର ସ୍ମୃତି ସମ୍ମାନ ଓ ମହେନ୍ଦ୍ର ସାମଲଙ୍କୁ କଳିଙ୍ଗ ମହାରଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିଳ୍ପୀ ପବିତ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ। ବିଚିତ୍ରାନନ୍ଦ ପ୍ରଧାନ, ଦିବାକର ମହାପାତ୍ର, ଜରିନା ବିବି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପ୍ରତିବର୍ଷ ସମାବେଶର ଆୟୋଜନ କରାଯାଇ ଶିଳ୍ପୀମାନଙ୍କର ପ୍ରଗତି ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ଆବାହକ ପଣ୍ଡା ମତ ଦେଇଥିଲେ।

# 'ସାମାଜିକ ଦାୟିତ୍ୱବୋଧ ଓ ବରିଷ୍ଠ ନାଗରିକଙ୍କ ଭୂମିକା' ଆଲୋଚନାଚକ୍ର

ବେଗୁନିଆ,୧୫।୪(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମା ସ୍ଥିତ ପଣ୍ଡିତ ନୀଳକଣ୍ଠ ରଥଶର୍ମା ସ୍ମୃତି ସଂସଦ ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସାମାଜିକ ଦାୟିତ୍ୱବୋଧ ଓ ବରିଷ୍ଠ ନାଗରିକଙ୍କ ଭୂମିକା' ଶୀର୍ଷକ ଆଲୋଚନା କରାଯାଇଥିଲା। ପଣ୍ଡିତ ରଥଶର୍ମାଙ୍କ କନ୍ୟା ସୁଶ୍ରୀ ସଂଘମିତ୍ରା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ନୀଳକଣ୍ଠ ତ୍ରିପାଠୀ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପଣ୍ଡିତ ରଥଶର୍ମାଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଗାୟକ ବସନ୍ତ ଦାସ ମଙ୍ଗଳାଚରଣ ପାଠ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଆବାହନୀ ସଙ୍ଗୀତ ଗାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବୃତ୍ତିଗତ ଜୀବନର ପରିସମାପ୍ତି ପରେ ବରିଷ୍ଠ ନାଗରିକମାନେ ନିଜର ଦାୟିତ୍ୱ ନିର୍ବାହ କରିବା ସହ ସକାରାତ୍ମକ ଦିଗରେ ମନୋନିବେଶ କଲେ ସମାଜର ପ୍ରଗତି ହେବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଗୀତାଞ୍ଜଳି ମହାପାତ୍ର, ଶରତ କୁମାର ପଣ୍ଡା, ବିଜୟ ପ୍ରଧାନ, ଶ୍ରୀବତ୍ସ ପାଣିଗ୍ରାହୀ, ରାଜକିଶୋର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବୟିତ୍ରୀ ପ୍ରତିମା ପ୍ରଧାନ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବାବେଳେ ସଭ୍ୟ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ବାଇକ୍‌ରେ ପିଟିହେଲା କାର୍: ୩ ଆହତ

ବୋଲଗଡ଼,୧୫।୪(ଡି.ଏନ୍.ଏ.)

### ଭାଙ୍ଗିଲା ମନ୍ଦିର ସମ୍ମୁଖ ସିଂହମୂର୍ତ୍ତି



ବଲାଙ୍ଗୀର–ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବନ୍ଧ ଛକସ୍ଥିତ ମଙ୍ଗଳା ମନ୍ଦିରଠାରେ ଏକ କାର୍ ବାଇକକୁ ପିଟି ଦେବା ସହ ମନ୍ଦିର ସମ୍ମୁଖ ସିଂହ ମୂର୍ତ୍ତିକୁ ଭାଙ୍ଗିଦେଇଥିଲା। ଫଳରେ ବାଇକ୍ ନିକଟରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି, କାର୍ ଚାଳକ ଏବଂ ଅନ୍ୟ ଜଣେ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମଧ୍ୟରେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱରରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ଏହି କାର୍ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ପଛୁଆବର୍ଗ ସର୍ଭେ ପାଇଁ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅଙ୍ଗନୱାଡିକର୍ମୀମାନେ।

ବୋଲଗଡ଼,୧୫।୪(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଅଞ୍ଚଳର ସାମାଜିକ ଓ ଆର୍ଥିକ ଅନଗ୍ରସର ପଛୁଆବର୍ଗ ସର୍ଭେ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କଲ୍ୟାଣ ଅଧିକାରୀ ସୌମ୍ୟରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ବିଡିଓ ଧୋବେଇ ନାୟକ, ଏବିଡିଓ ରତିକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ୧୩୫ଜଣ ଅଙ୍ଗନୱାଡିକର୍ମୀ ଯୋଗଦେଇଥିଲେ। ଆର୍ଥିକ ଓ ଶିକ୍ଷାଗତ ପଛୁଆବର୍ଗଙ୍କ ସର୍ବେକ୍ଷଣ କରାଯିବା ପାଇଁ ସର୍ଭେକାରୀ ଓ ସୁପରଭାଇଜରଙ୍କୁ ଆବଶ୍ୟକ ତଥ୍ୟ ସଂଗ୍ରହ ଓ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି।

# ଲ' କଲେଜ କ୍ୟାମ୍ପସର ଶିଳାନ୍ୟାସ

ଖୋର୍ଦ୍ଧା ଅଫିସ,୧୫।୪

ଦଧିମାଛଗାଡିଆ ଦାରୁକ୍ଷେତ୍ର ଜଗନ୍ନାଥ ବିହାରଠାରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଶିଳାନ୍ୟାସ ହୋଇଯାଇଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳଜିତ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଗ୍ରାମାଞ୍ଚଳରେ ଆଇନ ସଚେତନତା, ଯୁବପିଢିଙ୍କୁ ଆଇନ ଶିକ୍ଷାକ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ଅଗ୍ରଣୀ ଭୂମିକା ନେବ ବୋଲି କହିଥିଲେ। କଲେଜ ପରିଚାଳନା ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ସୁଧୀର କୁମାର ମାନସିଂ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ଶିକ୍ଷାବିତ୍ ବିଷ୍ଣୁଚରଣ ସାହୁ, ରାଜେନ୍ଦ୍ର ନାଥ ସାମନ୍ତରାୟ, ସତ୍ୟବାଦୀ ବଳିୟାରସିଂ, ପଦ୍ମନାଭ ବିଶ୍ୱାଳ, ଇତିଶ୍ରୀ ସାହୁଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ଡ. ଗିରିଶ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀଛାତ୍ର, କମିଟି ସଦସ୍ୟ ସହଯୋଗ କରିଥିଲେ।

# ପ୍ରଶାନ୍ତି ଏକ୍ସପ୍ରେସ୍ ରହଣି ପାଇଁ ଦାବିପତ୍ର

ଟାଙ୍ଗୀ(ଖୋର୍ଦ୍ଧା),୧୫।୪(ଡି.ଏନ୍.ଏ.)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ କାଲୁପଡା ଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ୟୁଜର୍ସ କମିଟି ପକ୍ଷରୁ ଏକ ଦାବିପତ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶଙ୍କୁ ପ୍ରଦାନ କରାଯାଇଛି। ରଣପୁର ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ କମିଟି ପକ୍ଷରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ କୁମାର ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା, ଚିଲିକା, ରଣପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣ କାଲୁପଡା ଘାଟ ରେଳ ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ବିଶେଷଭାବେ ବାଙ୍ଗଲୋର ଯିବା ପାଇଁ ଖୋର୍ଦ୍ଧାରୋଡ୍ କିମ୍ବା ବାଲୁଗାଁ ଷ୍ଟେଶନ ଯିବାକୁ ପଡିଥାଏ। ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ଧରି ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଦାବି ହୋଇଆସୁଛି। ବିଭାଗୀୟ ଅଧିକାରୀ ଓ କେନ୍ଦ୍ର ନେତୃତ୍ୱଙ୍କୁ ବାରମ୍ବାର ଏନେଇ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଦାବି ପୂରଣ ହୋଇନାହିଁ।


ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଚାଦର ଚଢ଼ାଇଲେ, ମଙ୍ଗଳ ମନାସିଲେ

### ଉର୍ସ ଉତ୍ସବ ଆରମ୍ଭ

ଖୋର୍ଦ୍ଧା ଅଫିସ,୧୫।୪





ଅନ୍ତର୍ଜାତୀୟ ସଦ୍‌ଭାବନା ସ୍ଥଳଭାବେ ପରିଚିତ ଖୋର୍ଦ୍ଧା କାଇପଦରସ୍ଥିତ ବାବା ବୋଖାରୀଙ୍କ ଜନ୍ମଦିବସ ଅବସରରେ ଦୁଇ ଦିନିଆ ଉର୍ସ ଉତ୍ସବ ଆରମ୍ଭ ହୋଇଛି। ରମଜାନର ୨୩ ଓ ୨୪ ଦିନରେ ଏହି ଉତ୍ସବ ପାଳିତ ହୋଇଥାଏ। ଉତ୍ସବରେ ବିଭିନ୍ନ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବାବାଙ୍କ ଆଶୀର୍ବାଦରୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଖାଦିମ କମିଟିର ସଭାପତି ସେକ୍ ସନା ଉଲ୍ଲା କୁହନ୍ତି, ଶନିବାରଠାରୁ ଦୁଇଦିନ ଧରି ଉତ୍ସବ ଚାଲିବ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ବାବାଙ୍କ ପୀଠରେ ଭକ୍ତଙ୍କ ଦ୍ୱାରା ଚାଦର ଚଢ଼ା କାର୍ଯ୍ୟକ୍ରମ ଜାରି ରହିବ। ପୋଲିସ, ଜିଲା ପ୍ରଶାସନର ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପୀଠର ମହିମା ଭକ୍ତଙ୍କୁ ଏଠାକୁ ଟାଣିଆଣେ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକେ ଏହି ପୀଠକୁ ଆସିଥାନ୍ତି। ଏହି ପୀଠ ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କ ପାଇଁ ଭାଇଚାରାର ବାର୍ତ୍ତା ବହନ କରେ। ବିଭିନ୍ନ ଦୁରା ରୋଗରେ ପୀଡ଼ିତ ରୋଗୀ ଏବଂ ମାନସିକଧାରୀ ଏଠାକୁ ମାନସିକ ପୂରଣ ଲାଗି ଏଠାକୁ ଆସିଥାନ୍ତି। ଏହି ପୀଠ ଓଡ଼ିଶା ଏବଂ ଭାରତର ଏକ ତୀର୍ଥସ୍ଥାନ। ଯେଉଁଠି ଉଭୟ ହିନ୍ଦୁ ଏବଂ ମୁସଲିମ୍ ଏକାଠି ମିଶି ପୂଜାର୍ଚ୍ଚନା କରନ୍ତି। ଏଥିସହିତ ବହୁ ଲୋକେ ବିଭିନ୍ନ ମାନସିକ ପୂରଣ ନେଇ ଗୁହାରି ଏବଂ ଅଧିଆ ପଡ଼ନ୍ତି।

### ଏକାଠି ପୂଜା ପାଉଛନ୍ତି ବାବା ବୋଖାରୀ ଓ ସତ୍ୟପୀର

କୁହାଯାଏ ୧୭ଶହ ମସିହାରେ ହଜରତ ବୋଖାରୀ ପୀର ବାବା ନାମକ ଜଣେ ମୁସଲିମ ସନ୍ୟାସୀ ଏହି ଅଞ୍ଚଳକୁ ଆସିଥିଲେ। ସେତେବେଳେ ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ରହିଥିଲା। ସେ ବରୁଣେଇ ପାହାଡ ପାଦଦେଶରେ ରହି ଜପତପ ଧ୍ୟାନ କରୁଥିଲେ। ଦିନେ ଜଣେ ଗଉଡ ବାବାଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ସେ ତାଙ୍କ ଅନୁଗତ୍ୟ ପାଲଟିଯାଇଥିଲା। ବାବାଙ୍କ ପାଇଁ ଦୈନିକ ଖାଇବା ନେଇ ଆସେ। ଦିନେ ସେ ଦେଖିଲା ବାବାଙ୍କ ଚାରିପଟେ ଉଇ ହୁଙ୍କା ପାଲଟିଗଲାଣି। ବାବାଙ୍କ କଥାରେ ସେ ତାଙ୍କ ନିକଟରେ ବସିଲା। ପରେ ସେ ବାବାଙ୍କ କଥାରେ ଡାହାଣ ପାର୍ଶ୍ୱରେ ବସିପଡିଥିଲା। ପରବର୍ତ୍ତି ସମୟରେ ଉଭୟଙ୍କ ଶରୀର ହୁଙ୍କାରେ ବିଲିନ ହୋଇଯାଇଥିଲା। ସମୟକ୍ରମେ ଉଭୟ ଦେହ ତ୍ୟାଗ କରିଥିଲେ। ଉଭୟ ସମାଧିପୀଠ ବାବା ବୋଖାରୀ ଏବଂ ସତ୍ୟପୀରବାବା ପୀଠ ଭାବେ ପରିଚିତ ହୋଇଥିଲା।

### ଶରଣାପନ୍ନ ହୋଇଥିଲେ ଗଜପତି ରାମଚନ୍ଦ୍ର ଦେବ

ଜନଶ୍ରୁତି ଅଛି ଏକଦା ଗଜପତି ମହାରାଜା ରାମଚନ୍ଦ୍ରଦେବ ରୋଗରେ ପୀଡ଼ିତ ହୋଇ ବାବାଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ଆଶ୍ରିତ ହୋଇଥିଲେ। ବାବାଙ୍କ ଅଲୌକିକ ଶକ୍ତି ପ୍ରଭାବରେ ସେ ରୋଗ ମୁକ୍ତ ହୋଇଥିଲେ। ଏପରିକି ବାବାଙ୍କ ପାଣିର ଆବଶ୍ୟକତା ପଡିବାରୁ ହାତରେ ଧରିଥିବା ବଚ୍ଛା ଭୂଇଁକୁ ସ୍ପର୍ଶ କରିବା ମାତ୍ରକେ ଏକ ଝର ସୃଷ୍ଟି ହୋଇଥିଲା। ଯାହା ବର୍ତ୍ତମାନ ପୀଠକୁ ଆସୁଥିବା ଦର୍ଶନାର୍ଥୀଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

### ମାନସିକଧାରୀ ଦିଅନ୍ତି ଦରଖାସ୍ତ

ଏସ୍. ଉମାର ଅଲ୍ଲୀ କୁହନ୍ତି, ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ମାନସିକ ପୂରଣ ଲାଗି ଶ୍ରଦ୍ଧାଳୁମାନେ ଦରଖାସ୍ତ ଦେଇଥାନ୍ତି। ଏକ ସାଦା କାଗଜରେ ଦରଖାସ୍ତ ଲେଖି ତାହାକୁ ପୀଠ ପରିସରରେ ଉଦ୍ଦିଷ୍ଟ ଜାଗାରେ ଝୁଲାଇ ଦିଆଯାଏ। ଏଭଳି ଦୈନିକ ଶତାଧିକ ଭକ୍ତ, ଦରଖାସ୍ତ ଦେଇଥାନ୍ତି। ମାନସିକ ପୂରଣ ପରେ ବାବାଙ୍କୁ ଚାଦର ଚଢାନ୍ତି। ଏହାସହିତ କଦଳୀ ଅଟାରେ ପ୍ରସ୍ତୁତ ଶିରିଣି ଏବଂ ଖେଚୁଡି ଭୋଗ ଲାଗି କରନ୍ତି।

### ଆଡ଼ମ୍ବରରେ ପାଳନ ହୁଏ ଜନ୍ମଦିନ

ବାବାଙ୍କ ଜନ୍ମଦିନକୁ ମହାଆଡ଼ମ୍ବରରେ ପାଳନ କରାଯାଏ। ଏହି ସମୟରେ ପୀଠରେ ଦେଶର ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ବାବାଙ୍କ ସମାଧିସ୍ଥଳରେ ଗୁଡ କୋରା ଭୋଗ ଅର୍ପଣ କରାଯାଏ। ଏହାକୁ ମାଳିଘର ପ୍ରସ୍ତୁତ କରନ୍ତି। ବାବାଙ୍କ ପୂଜାର୍ଚ୍ଚନା ଲାଗି ଦୈନନ୍ଦିନ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଫୁଲ ଏହି ଗ୍ରାମର ମାଳି ପରିବାର ଯୋଗାଇଥାନ୍ତି। ବାବାଙ୍କୁ ଗୋଲାପ ଜଳରେ ସ୍ନାନ ସହ ଚାଦର ଢାଙ୍କି ପୂଜା କରନ୍ତି।

## ସଂକ୍ଷେପରେ

### ମଠରେ ପଶି ଭଙ୍ଗାରୁଜା କଲେ ଦୁର୍ବୃତ୍ତ

ନିମାପଡ଼ା,୧୫।୪(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତର ଅରିଷଣ୍ଡ ଗ୍ରାମ ନିକଟରେ ଥିବା ଅମୃତନଗରୀ ସୀତାରାମ ମଠରେ ଦୁର୍ବୃତ୍ତମାନେ ଉନ୍ମୁକ୍ତ କାଣ୍ଡ ଘଟାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ମଠର ମହନ୍ତ ବାବା ଦିବାକର ଦାସ ନ ଥିବାବେଳେ ଦୁର୍ବୃତ୍ତମାନେ ମଠ ଭିତରେ ପଶି ବାବାଙ୍କ ଲୁଗାପଟା, ସୋଲାର ଲାଇଟ୍, ବସ୍ତ୍ର ଆଦିରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ମଠ ଓ ଠାକୁରଙ୍କ ବିଭିନ୍ନ ବାସନକୁସନ, ଆସବାବପତ୍ର ଭଙ୍ଗାରୁଜା, ପିଙ୍ଗାଫୋପଡ଼ା କରିଥିଲେ। ଏନେଇ ମହନ୍ତ ଦାସ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କ୍ଷତିଗ୍ରସ୍ତ ହୋଇଥିବା ଆସବାବପତ୍ରର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ବାବା ଦାସ କହିଛନ୍ତି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ: ୨ଆହତ

ଡେଲାଙ୍ଗ,୧୫।୪(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ମାରପିଟ ହେବାରୁ ଉଭୟ ପରିବାର ୨ ଜଣ ଆହତ ହୋଇଛନ୍ତି। ଏନେଇ ଥାନାରେ ପୃଥକ ପୃଥକ ୨ଟି ମାମଲା ୧୦୪/୨୩ ଓ ୧୦୫/୨୩ରେ ରୁଜୁ ହୋଇଛି। ସୂଚନା ମୁତାବକ, ଅରିସଲ ପଞ୍ଚାୟତସ୍ଥିତ ଦ୍ୱୀଜବର ଗ୍ରାମର ପ୍ରସନ୍ନ ବେହେରା ଓ ଚୁନିଆଁ ବେହେରାଙ୍କ ପରିବାର ମଧ୍ୟରେ ଶୁକ୍ରବାର ମାରିପଟ ହୋଇଥିଲା। ଏଥିରେ ପ୍ରସନ୍ନଙ୍କ ସ୍ତ୍ରୀ ଓ ଚୁନିଆଁଙ୍କ ପୁଅ ଆହତ ହୋଇଥିଲେ। ଚୁନିଆଙ୍କ ପୁଅ ସାଗର ବେହାରା(୧୯)କୁ ପ୍ରସନ୍ନ ଟାଙ୍ଗିଆରେ ଆକ୍ରମଣ କରିଥିବାବେଳେ ଚୁନିଆ ଓ ତାଙ୍କ ସହଯୋଗୀ ପ୍ରସନ୍ନଙ୍କ ସ୍ତ୍ରୀଙ୍କୁ ଉଲଗ୍ନ କରି ମାଡ ମରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ୨ଜଣଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବାବେଳେ ସାଗରଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରୁ ଟାଙ୍ଗିଆ ଜବତ କରାଯାଇଥିବାବେଳେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଥାନାଧିକାରୀ ଅନିଲ ମହାନ୍ତି ସୂଚନା ଦେଇଛନ୍ତି।

### ଚୋରି କରି ଗିରଫ

ପୁରୀ ଅଫିସ,୧୫।୪ - ପେଣ୍ଠକଟା ଚର୍ଚ୍ଚରୁ ମାଇକ୍ ସେଟ୍ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।ସେ ହେଲେ ପେଣ୍ଠକଟା ବେହେରାସାହିର ଈଶ୍ୱର ବେହେରା(୨୨)। ଅଭିଯୁକ୍ତଙ୍କଠାରୁ ୩ଟି ମାଇକ୍ରୋଫୋନ୍, ଗୋଟିଏ ସ୍ପିକର୍, ମାଇକ୍ରୋଫୋନ୍ ତାର ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୦୨/୨୩ରେ ଏକ ମାମଲା ରୁଜୁ କରିଛି । ଗତ ୧୩ତାରିଖ ବିଳମ୍ବିତ ରାତିରେ ଚର୍ଚ୍ଚର ଝରକା ଭାଙ୍ଗି ଅଭିଯୁକ୍ତ ଭିତରେ ପଶିଥିଲା। ପରେ ଆଲମିରା ଭାଙ୍ଗି ମାଇକସେଟ୍ ଚୋରି କରିନେଇଥିଲା। ଏନେଇ ଚର୍ଚ୍ଚ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଦାବି ପୂରଣ ନ ହେଲେ ସାମୁହିକ ଛୁଟିରେ ଯିବେ ଫାର୍ମାସିଷ୍ଟ

ଡେଲାଙ୍ଗ,୧୫।୪(ଡି.ଏନ୍.ଏ.)- ଓଡ଼ିଶା ଫାର୍ମାସିଷ୍ଟ ମହାସଂଘ ଡାକରାରେ ଡେଲାଙ୍ଗ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ଏକ ଦାବିପତ୍ର ଶୁକ୍ରବାର ଡେଲାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଫାର୍ମାସିଷ୍ଟଙ୍କ ମୂଳ ଦରମା ଗ୍ରେଡ୍‌ପେ ୨୪ଶହରୁ ୨୮ଶହ ଟଙ୍କାକୁ ବୃଦ୍ଧି କରିବା, ୨ ବର୍ଷ ଚାକିରୀ ପରେ ସମସ୍ତଙ୍କୁ ୪୨ଶହ ଗ୍ରେଡ୍‌ପେ ପ୍ରଦାନ କରିବା, ଫାର୍ମାସିଷ୍ଟ ପଦବୀକୁ ଫାର୍ମାସି ଅଫିସର ଭାବେ ନାମିତ କରିବା ଆଦି ଦାବିଗୁଡ଼ିକ ବିଷୟରେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଶନିବାର ସୁଦ୍ଧା ଦାବିପୂରଣ କରା ନ ଗଲେ ୧୭ ତାରିଖରୁ ସମସ୍ତ ଫାର୍ମାସିଷ୍ଟ ସାମୁହିକ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଦସ୍ୟ ବିଶ୍ୱଜିତ୍ ରାଉତ, ରେବତୀ ବଲ୍ଲଭ ଜଗଦେବ, ସୁଶୀଲ ରାଉତ, ଛବିରାଣୀ ବେହେରା, ରବିଶଙ୍କର ଖୁଲାର ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଆ ନବବର୍ଷ ପାଳିତ ପୁସ୍ତକ ଲୋକାର୍ପଣ

ଡେଲାଙ୍ଗ,୧୫।୪(ଡି.ଏନ୍.ଏ.)- ଶିକ୍ଷାବିତ୍ ଓ ବରିଷ୍ଠ ନାଗରିକଙ୍କ ପକ୍ଷରୁ ପାଞ୍ଚବାଟିଆ ଅଧକପାଳିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ନବବର୍ଷ ପାଳନ ହୋଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ଡମ୍ବରୁଧର ମୁଦୁଲି ଅଧକ୍ଷତା କରିଥିଲେ। ଗୁରୁଚରଣ ବଳ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ଗୋବିନ୍ଦଚନ୍ଦ୍ର ଫାରକ୍, ଚୈତନ୍ୟ ସେଠୀ, ଭାସ୍କର ବଳ, ଶୁବଳ ବଳ, ସତ୍ୟନାରାୟଣ ପାତ୍ର ପ୍ରମୁଖ ବରିଷ୍ଠ ନାଗରିକ ଉପସ୍ଥିତ ରହି ଓଡ଼ିଆ ଭାଷା, ପରମ୍ପରା, ପଣା ସଂକ୍ରାନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ପୁସ୍ତକ ଋତୁଚକ୍ର, ଅକ୍ଷରବର୍ଣ୍ଣ ଲୋକାର୍ପିତ ହୋଇଥିଲା।

# ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକୁ ନା

- ହାଇକୋର୍ଟ ରାୟକୁ କାଏମ ରଖିଲେ ସୁପ୍ରିମକୋର୍ଟ
- କ୍ଷତିଗ୍ରସ୍ତଙ୍କୁ ଜମି ଫେରାଇବା ସହ କ୍ଷତିପୂରଣ ଦାବି

ପୁରୀ ଅଫିସ,୧୫।୪

ପୁରୀ -କୋଣାର୍କ ମେରାଇନ୍ ଡ୍ରାଇଭ ରୋଡ୍‌ର ବେଲଦଳ ଅଞ୍ଚଳରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ। ବେଦାନ୍ତର ୧୦ ହଜାର ଏକର ଜମି ଅଧିଗ୍ରହଣକୁ ସୁପ୍ରିମକୋର୍ଟ ବେଆଇନ କହିବା ସହ ୫ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ୨୦୦୬ ମସିହାରେ ରାଜ୍ୟ ସରକାର ଅନିଲ୍ ଅଗ୍ରୱାଲ ଫାଉଣ୍ଡେଶନ ସହ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଏମ୍‌ଓୟୁ କରିଥିଲେ। ଯାହାକୁ ତୀବ୍ର ବିରୋଧ କରିଥିଲା ସ୍ୱଦେଶୀ ଜାଗରଣ ମଞ୍ଚ। ତେବେ ସରକାରଙ୍କ ଜମି ଅଧିଗ୍ରହଣକୁ ୨୦୧୦ରେ ହାଇକୋର୍ଟ ବେଆଇନ କହିଥିବା ବେଳେ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ଓ ରାଜ୍ୟ ସରକାର। ତେବେ ଦୀର୍ଘ ୧୭ ବର୍ଷ ପରେ ସୁପ୍ରିମକୋର୍ଟ ବେଦାନ୍ତ ବିରୋଧରେ ରାୟ ଦେଇଥିଲେ। ଫଳରେ କ୍ଷତିଗ୍ରସ୍ତମାନଙ୍କୁ ସେମାନଙ୍କ ଜମି ଫେରାଇଦେବା ସହ କ୍ଷତିପୂରଣ ଦେବାକୁ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଶନିବାର ସ୍ଥାନୀୟ ନାୟକ ପ୍ଲାଜା ସମ୍ମିଳନୀ କକ୍ଷ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସୂଚନା ଦିଆଯାଉଛି ।

ସମ୍ମିଳନୀରେ ମଞ୍ଚର ଜିଲା ସଂଯୋଜକ ବିଶ୍ୱନାଥ ପଣ୍ଡା ସୂଚନା ଦେଇ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ଆରାଧ୍ୟ। ଏହି ପବିତ୍ର ମାଟିରେ ୨୦୦୬ ଏପ୍ରିଲରେ ରାଜ୍ୟ ସରକାର ସେତେବେଳର ଏକ କଳା ତାଲିକାଭୁକ୍ତ କମ୍ପାନୀ ଅନୀଲ ଅଗ୍ରୱାଲଙ୍କ ବେଦାନ୍ତ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ତତ୍ପରତାର ସହିତ ପୁରୀ-କୋଣାର୍କ ବେଳାଭୂମି ମାର୍ଗ ନିକଟସ୍ଥ ଜୈବ ବିବିଧତା ସମ୍ପୂର୍ଣ୍ଣ ୧୦ ହଜାର ଏକରରୁ ଊର୍ଦ୍ଧ୍ୱ ଚାଷଜମି, ଗୋଚରକୁ ଦେଇ ଦେଇଥିଲେ। ଏଥିପାଇଁ ପୁଣି ବନ୍ୟଜନ୍ତୁ ସଂରକ୍ଷଣ ଏବଂ ଲୁଣା ଜଙ୍ଗଲକୁ ଲାଗି ଥିବା ଜମିକୁ ଦେବାର ତତ୍ପରତା ରାଜ୍ୟ ସରକାରଙ୍କ ଦେଶର ପରିବେଶ ସୁରକ୍ଷା ଓ ସଂରକ୍ଷଣ ଆଇନ୍‌କୁ ଖିଲାପ କରିବାର ଯେଉଁ ମସୁଧା ଚଳାଇଥିଲେ ତାହାକୁ ଉଚ୍ଚତମ ନ୍ୟାୟାଳୟ ଭର୍ତ୍ସନା କରିବା ସହ ଏହା ବେଆଇନ ବୋଲି ମତ ପ୍ରଦାନ କରିଛନ୍ତି। ସର୍ବୋପରି ଏକ ନିର୍ବାଚିତ ସରକାର ସ୍ଥାନୀୟ ଜନତାଙ୍କୁ ଉପେକ୍ଷା କରି ଜୈବ ବିବିଧତା ଘେରା ଜମିକୁ ଏକ ପାରିବାରିକ କମ୍ପାନୀକୁ ଟେକିଦେବା ନିମନ୍ତେ ସମସ୍ତ ପ୍ରକାର ନିୟମର ସୀମାକୁ ଉଲ୍ଲଂଘନ କରିଥିଲା। ଏହା ବିରୋଧରେ ତତ୍କାଳୀନ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧ ସଂଘର୍ଷ ସମିତିର ଆବାହକ ଉମାବଲ୍ଲଭ ରଥ ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ପ୍ରାନ୍ତ ସଂଘର୍ଷ ବାହିନୀ, ଅଧୁନା ରାଷ୍ଟ୍ରୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ଓ ବିଷ୍ଣୁ ଦାସଙ୍କ ମିଳିତ ନେତୃତ୍ୱରେ ସ୍ଥାନୀୟ ସ୍ତରରୁ ଜନଜାଗରଣ, ପଦଯାତ୍ରା, ପୁରୀଠାରେ ସାଧୁସନ୍ଥଙ୍କୁ ନେଇ ସଭା କରିବା ତଥା ଦିଲ୍ଲୀର ଯନ୍ତରମନ୍ତରରେ ୨୦ ଏପ୍ରିଲ ୨୦୧୦ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ସ୍ୱଦେଶୀ ଜାଗରଣ ମଞ୍ଚର ଏହି ବ୍ୟାପକ ଆନ୍ଦୋଳନରେ ଭୁବନେଶ୍ୱରର ଇଉକଲ ଅଡିଟୋରିୟମରେ ସୁଲେଖକ ଏସ୍ ଗୁରୁମୂର୍ତ୍ତି, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ ଓ ବେଦାନ୍ତ ବିଶ୍ୱବିଦ୍ୟାଳୟର ବିରୋଧ ସଂଘର୍ଷ ସମିତିର ଆବାହକ ଉମାବଲ୍ଲଭ ରଥ ଉପସ୍ଥିତ ଥିଲେ। ଏପରିକି ପଦଯାତ୍ରାର ଶେଷ ଦୁଇଦିନରେ ବର୍ତ୍ତମାନର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇଥିଲେ। ତେବେ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ସ୍ୱଦେଶୀ ଜାଗରଣ ମଞ୍ଚର ଆନ୍ଦୋଳନକୁ ଯଥାର୍ଥ ପ୍ରମାଣିତ କରିଛି। ରାଜ୍ୟ ସରକାର ଚଞ୍ଚକତା କରି ମହାପ୍ରଭୁଙ୍କ ୫୦୦ ଏକର ଜମିକୁ ମାତ୍ର ୮ କୋଟି ୩୩ ଲକ୍ଷରେ ଏକ ପାରିବାରିକ କମ୍ପାନୀକୁ ଟେକି ଦେଇ ସାରିଛନ୍ତି। ଏହାକୁ ରାଜ୍ୟ ସରକାର ତୁରନ୍ତ ଫେରାଇବା ନିମନ୍ତେ ସ୍ୱଦେଶୀ ଜାଗରଣ ମଞ୍ଚ ଦୃଢ଼ ଦାବି କରିବା ସହ ସରକାର ଏହି ଜମିର ବାସ୍ତବିକ୍ ସ୍ଥିତି କ'ଣ ରହିଛି ସ୍ପଷ୍ଟ କରନ୍ତୁ। ସେହିପରି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଉପେକ୍ଷା ପ୍ରଦର୍ଶନ କରିଥିବାରୁ ରାଜ୍ୟ ସରକାର ପ୍ରତ୍ୟକ୍ଷରେ ଜଗନ୍ନାଥଙ୍କ ସିଂହଦ୍ୱାର ସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ଖବରଦାତା ସମ୍ମଳନୀରେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ବେଦାନ୍ତ ବିରୋଧୀ ସଂଘର୍ଷ ସମିତିର କାର୍ଯ୍ୟକାରୀ ସଭାପତି ଦାମୋଦର ପ୍ରଧାନ, ବିରୋଧୀ ସଂଘର୍ଷ ସମିତିର ଉପଦେଷ୍ଟା ବିଷ୍ଣୁ ମିଶ୍ର, ମଞ୍ଚର କ୍ଷେତ୍ରୀୟ ସଂଯୋଜକ ଶତ୍ରୁଘ୍ନ ତରାଇ, ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ଜିଲା ସଂଯୋଜକ ବିଶ୍ୱନାଥ ପଣ୍ଡା ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ

ପିପିଲି,୧୫।୪(ସ୍ୱ.ପ୍ର.)

ପିପିଲି ବ୍ଲକ ଅର୍ଜୁନଗଦା ଗ୍ରାମରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ସ୍ୱର୍ଗତ ବାନାମ୍ବର ପାଣ୍ଡେଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ଶ୍ରୀମା ଶ୍ରୀଅରବିନ୍ଦ ସଂଗଠକ ସୁକାନ୍ତ ଜେନା ଓ ପୁରୀ ଜିଲା ସଂଗଠକ ଗଙ୍ଗାଧର ମହାପାତ୍ର ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୃଥିବୀ ପୃଷ୍ଠରେ ଆବିର୍ଭାବ ମାନବ ସମାଜର ଆଧ୍ୟାତ୍ମିକ ଉଦ୍ଦେଶ୍ୟରେ ବୋଲି ଆଲୋଚନା କରିଥିଲେ । ପିପିଲି ବ୍ଲକ ଶ୍ରୀମା ଶ୍ରୀଅରବିନ୍ଦ ସଂଗଠକ ସଚିକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ବେହେରା ଉପସ୍ଥିତ ଅତିଥି ଓ ଶ୍ରୋତାଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ଶ୍ରୀମା ଶ୍ରୀ ଅରବିନ୍ଦ ପାଠଚକ୍ର ଆବାହକ ସୁରଥ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପରିଡ଼ା, ଶ୍ୟାମ ସୁନ୍ଦର ସାହୁଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଉକ୍ତ ପାଠଚକ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଚନ୍ଦନଯାତ୍ରା ନିମନ୍ତେ ପୁଷ୍କରିଣୀରେ ଥିବା ଭଦ୍ରା ଓ ନନ୍ଦା ଚାପଡ଼ଙ୍ଗାକୁ ଭୋଇ ସେବକମାନେ ସଫା କରୁଛନ୍ତି ।

## ବ୍ଲକ କଂଗ୍ରେସ ତରଫରୁ ଇଫ୍‌ତାହାର ପାର୍ଟି

କାକଟପୁର,୧୫।୪(ଡି.ଏନ୍.ଏ.)

କାକଟପୁର ବଜାରସ୍ଥିତ ଖୁଣ୍ଟିଆ ଟାୱାରରେ କାକଟପୁର ବ୍ଲକ କଂଗ୍ରେସ ତରଫରୁ ଶନିବାର ସନ୍ଧ୍ୟାରେ କାକଟପୁରର ୫ଟି ପଞ୍ଚାୟତର ମୁସଲମାନ ଭାଇମାନଙ୍କ ପାଇଁ ଏକ ଇଫତାହାର ପାର୍ଟି ପ୍ରଥମଥର ପାଇଁ ଆୟୋଜିତ କରାଯାଇଥିଲା। ଏହି ଅବସରରେ ଓଡିଶା ପ୍ରଦେଶ କମିଟିର ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ ଏବଂ କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୁତ ସ୍ୱାଇଁ ଯୋଗଦେଇଥିଲେ। ରମଜାନ ମାସରେ ଉପବାସ ରଖିଥିବା କାକଟପୁର ବ୍ଲକର ଶତାଧିକ ମୁସଲିମ ବ୍ୟକ୍ତି ଏହି ଆୟୋଜିତ ପାର୍ଟିରେ ସମସ୍ତଙ୍କ ସହ ପ୍ରଥମେ ନମାଜ ପାଠ କରିଥିଲେ ଏବଂ ପରେ ସର୍ବତ ଓ ଖଜୁରୀ ଖାଇ ଉପବାସ ଭାଙ୍ଗିଥିଲେ। ରମଜାନ ମାସର ଏହି ଇଫତାହାର ପାର୍ଟିରେ ହିନ୍ଦୁ ମୁସଲିମଙ୍କ ମଧ୍ୟରେ ସର୍ବଦା ଶାନ୍ତି ରକ୍ଷା କରିବା ପାଇଁ ସମ୍ପାଦକ ଦାସ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ପାର୍ଟିରେ କାକଟପୁର କଂଗ୍ରେସ କମିଟିର ବିଭିନ୍ନ କର୍ମୀ ଶେଖ ଅତିଉର୍ ରହମାନ, ମହମ୍ମଦ ମଜିଦ, ମହମ୍ମଦ ସମିମ, ଶେଖ ଫରିଦ, ମହମ୍ମଦ ହକୋଶେଖ ଗିଆସୁଦ୍ଦିନ, ମହମ୍ମଦ ତନୁ, ସେକ କଲାମ, ସେକ ହିମାୟତ ପ୍ରମୁଖ ଯୋଗଦେଇଥିଲେ।

## ଜାତୀୟ ଫାଟୁଆ ରୋଗ ନେଇ ସଚେତନତା

ଡେଲାଙ୍ଗ,୧୫।୪(ଡି.ଏନ୍.ଏ.)

ଜାତୀୟ ଫାଟୁଆ ରୋଗ ସଂସ୍ଥାନ ପକ୍ଷରୁ ଜି-୨୦ ସମିଟ୍ ସଂସ୍ଥାନ ତତ୍ତ୍ୱାବଧାନରେ ଶନିବାର ଡେଲାଙ୍ଗ ବ୍ଲକ ରେଙ୍ଗଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଫାଟୁଆ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଜ୍ଞାନିକ ଡ. ବଳରାମ ସାହୁ, ରେଙ୍ଗଳ ପଞ୍ଚାୟତ ସରପଞ୍ଚ ସାଗରିକା ବଡ଼ଜେନା ଓ ସାମାଜିକ କର୍ମୀ ଚଣ୍ଡେଶ୍ୱର ବଡ଼ଜେନା ପ୍ରମୁଖ ଉପସ୍ଥିତ ରହି ଗୋରୁଙ୍କଠାରେ ଦେଖାଯାଉଥିବା ଫାଟୁଆ ରୋଗର କାରଣ, ଲକ୍ଷଣ, ନିରାକାରଣ ଓ ପଶୁଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପଶୁଙ୍କଠାରେ ଦେଖାଯାଉଥିବା ରୋଗ କିପରି ଦେଶୀୟ ଚିକିତ୍ସା ପଦ୍ଧତି ମାଧ୍ୟମରେ ଭଲ ହୋଇପାରିବ ସେନେଇ ଭିଡିଓ ମାଧ୍ୟମରେ ବିସ୍ତୃତ ସଚେତନ ଦିଆଯାଇଥିଲା। ଜାତୀୟ ଫାଟୁଆ ରୋଗ ସଂସ୍ଥାନର ନୋଡାଲ ଅଫିସର ଡ.ମନୋରଞ୍ଜନ ରାଉତ ଜି-୨୦ ବିଷୟରେ ପଶୁପାଳକଙ୍କୁ ଅବଗତ କରାଇଥିଲେ। ସଂସ୍ଥାନ ପକ୍ଷରୁ ପଶୁପାଳକ ମହିଳାପୁରୁଷଙ୍କୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀ ଯଥା ପ୍ଲାଷ୍ଟିକ ଟବ୍, ଟାୱେଲ, ହ୍ୟାଣ୍ଡୱାସ୍, ଡିଟର୍ଜେଣ୍ଟ ପାଉଡର, ଫିନାଇଲ, ଝାଡୁ ଇତ୍ୟାଦି ବିତରଣ କରାଯାଇଥିଲା।



ଜଣେ ଯୁବତୀଙ୍କୁ ପ୍ଲାଷ୍ଟିକ ଟବ୍ ଓ ଝାଡୁ ପ୍ରଦାନ କରୁଛନ୍ତି ।

## ବହି ପଢ଼ି ଚିତ୍ର ଆଙ୍କୁଥିଲେ ଶିଳ୍ପୀ

**ଚିତ୍ର-ସାହିତ୍ୟ କର୍ମଶାଳା, କବିତା ପାଠୋତ୍ସବ**

ପୁରୀ ଅଫିସ,୧୫।୪

ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଅନନ୍ତ ଗୁରୁକୁଳ ଏବଂ ପ୍ରିୟପତ୍ରର ମିଳିତ ସହଯୋଗରେ ମହାବିଷୁବ, ଓଡ଼ିଆ ନୂଆବର୍ଷ ଏବଂ ଅଷ୍ଟାଦଶ ଚିତ୍ର- ସାହିତ୍ୟ କର୍ମଶାଳା, କବିତା ପାଠୋତ୍ସବ ଏବଂ ଚିତ୍ର - ସାହିତ୍ୟ ସମ୍ମାନ ପ୍ରଦାନ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ.କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ପ୍ରାଚୀନ କାଳରେ ଚିତ୍ର ମାଧ୍ୟମରେ ଆମର ପୂର୍ବପୁରୁଷ ଭାବବିନିମୟ କରୁଥିଲେ। ଚିତ୍ରଶିଳ୍ପୀମାନେ ବହି ପଢ଼ି ବିଭିନ୍ନ ଆବଶ୍ୟକ ଚିତ୍ର ପ୍ରସ୍ତୁତ କରିଥାନ୍ତି। ଚିତ୍ର ସମସ୍ତଙ୍କର ମନ ମୋହିନିଏ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ବିଶ୍ୱପ୍ରକାଶ ପଟ୍ଟନାୟକ ଯୋଗଦେଇଥିବା ବେଳ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଡ. ପ୍ରତିମା ମିଶ୍ର ଷଡ଼ଙ୍ଗୀ ଏବଂ ଜାନକୀ ବଲ୍ଲଭ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ପ୍ରକାର ଉତ୍ସବ ଆୟୋଜନ ଆମ ସମାଜରେ ପ୍ରଭାବ ପକାଇବ ବୋଲି କହିଥିଲେ। ଏହି ଅବସରରେ ବିଜୟଲକ୍ଷ୍ମୀ ଦାଶ, ଶରତ କୁମାର ମିଶ୍ର, ଚିନ୍ମୟୀ ଗଜେନ୍ଦ୍ର, ମିନତି ମିଶ୍ର, ଶୁଚିସ୍ମିତା ମହାନ୍ତି, ଦୀପିକା ସାମଲ, ଅଭିଜିତ ନନ୍ଦ, ଗୀତା ପଟ୍ଟନାୟକ ଏବଂ ମୀନାକ୍ଷୀ ସିଂ ବରାଳଙ୍କୁ ଚିତ୍ର- ସାହିତ୍ୟ ସମ୍ମାନ ୨୦୨୩ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କବିତା ପାଠୋତ୍ସବକୁ ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଏବଂ ପ୍ରବାସିନୀ ମିଶ୍ର ସଂଯୋଜନା କରିଥିଲେ। ଉତ୍ସବରେ ଡ.ସସ୍ମିତା ମିଶ୍ର, ପ୍ରବାସିନୀ ମିଶ୍ର, ରାଜେଶ ପତି, ପ୍ରଜ୍ଞା ପାରମିତା ପାଣି, କରୁଣାକର ଭୋଳ, ତୃପ୍ତି ପଣ୍ଡା, ଡ.ପ୍ରତିମା ମିଶ୍ର ଷଡ଼ଙ୍ଗୀ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆୟୋଜିତ ଚିତ୍ର-ଅଙ୍କନ କର୍ମଶାଳାରେ ଅମ୍ଲାନ ଅର୍ପିତ ଦାଶ, ଅଭିଜିତ ସାହୁ, ପ୍ରଜ୍ଞା ପ୍ରଶାନ୍ତିକା, ଆଦିବର୍ଣ୍ଣା ମହାନ୍ତି, ପ୍ରତିଜ୍ଞା ପ୍ରିୟଦର୍ଶିନୀ ବେହେରା, ନିର୍ମଳ ଚନ୍ଦ୍ର ବେହେରା, ସମ୍ଭବ ହୋତା, ଶ୍ରୀ ଜଗନ୍ନାଥ, ଐଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ, ଆୟୁଷୀ ମହାନ୍ତି, ସିଶ୍ରୁତି ମହାନ୍ତି, ସୌମ୍ୟସ୍ୱରୂପ ଗଜେନ୍ଦ୍ର, ସୋନୀ ସାହୁ, ମନୀଷା ପଣ୍ଡା, ପ୍ରୀତିଶା ମିତ୍ର, ହର୍ଷିତ ମିତ୍ର, ସାଇ ପ୍ରୀତମ୍ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇ ରଙ୍ଗିନ ଚିତ୍ର ନିଜ ମନରୁ ଅଙ୍କନ କରି ଅତିଥିମାନଙ୍କୁ ପ୍ରଦାନ କରିବା ପରେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସାପତ୍ର ଦିଆଯାଇଥିଲା। ଶେଷରେ ବିଭୁ ମହାରଣା ଧନ୍ୟବାଦ ଦେଇଥିଲେ।

## କରମଙ୍ଗା ସାଧନ କେନ୍ଦ୍ରରେ ଆମ ସଂସ୍କୃତି ଓ ଆମ ଖେଳଣା

କୋଣାର୍କ,୧୫।୪(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ଅଧୀନ କରମଙ୍ଗା ସାଧନ କେନ୍ଦ୍ର ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା କାର୍ଯ୍ୟକ୍ରମ ଆଶ୍ରମ ସ୍କୁଲ ସମ୍ମିଳନୀ କକ୍ଷଠାରେ ଶନିବାର ଅନୁଷ୍ଠିତ ହୋଇଛି। କରମଙ୍ଗା ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବଳବନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବିଳାସିନୀ ମଲ୍ଲ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉତ୍କଳିକା ବେହେରା, କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭାବେ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ଦାସ, ଶିକ୍ଷୟିତ୍ରୀ କଳ୍ପନା ମିଶ୍ର, ଶିକ୍ଷକ ଲଲାଟ କେଶରୀ ବେହେରା ଓ ଶିକ୍ଷୟିତ୍ରୀ ରଜନୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ଖେଳଣା ତିଆରି ପଦ୍ଧତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ଆମ ସଂସ୍କୃତି ଉପରେ ଶିକ୍ଷାଦାନ ନିମନ୍ତେ ବିଭିନ୍ନ ଶିଶୁ ମନୋରଞ୍ଜନଧର୍ମୀ ଶିକ୍ଷଣ ସାମଗ୍ରୀଗୁଡ଼ିକର ପ୍ରସ୍ତୁତି ଓ ତାହାର ନିର୍ମାଣ ପଦ୍ଧତି ଉପରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ଶିକ୍ଷୟିତ୍ରୀଶିକ୍ଷକ ଆମ ସଂସ୍କୃତି ସମ୍ବନ୍ଧୀୟ ଖେଳଣା ପ୍ରସ୍ତୁତ କରିବା ସହ ସେଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୪୨ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସାଧନକେନ୍ଦ୍ର ସଂଯୋଜକ ବଳବନ୍ତରାୟ ପରିଚାଳନା କରିଥିଲେ।

## ଅଲଗୁମ ପ୍ରିମିୟର ଲିଗ୍ କ୍ରିକେଟ,କିଙ୍ଗସ୍-୧୧ ଚାମ୍ପିୟନ

ସାକ୍ଷୀଗୋପାଳ, ୧୫।୪(ଡି.ଏନ୍.ଏ/ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଲଗୁମର ବଉଳ ସାହି ପଡ଼ିଆରେ ଚାଲିଥିବା ଏପିଏଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାରୁ ୭ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ କେବଳ ୨୦୨୩ କିଙ୍ଗସ-୧୧ ଏବଂ ସାଇ-୧୧ ଦଳ ପହଞ୍ଚିପାରିଥିଲେ। ଟସ୍ ଜିଣି କିଙ୍ଗସ୍-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୧୬୪ ରନ କରିଥିଲେ। ଜବାବରେ ସାଇ-୧୧ ଦଳ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। କରନ ଖାଁ ୯୪ ରନ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ରକିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୁପକ କୁମାର ବିହାରୀ, ସମ୍ମାନିତ ଅତିଥି ପ୍ରଫୁଲ୍ଲ ପ୍ରଧାନ ଓ ଯଯାତି କେଶରୀ ରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପବିତ୍ର ପରିଡା ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅନିଲ, କାଶୀନାଥ, ସରୋଜ, ମାନସ, କାହ୍ନା ଓ ବିଶ୍ୱନାଥ ମ୍ୟାଚ ପରିଚାଳନା କରିଥିଲେ।


ଅତିଥିମାନେ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଓଡ଼ିଆ ନବବର୍ଷକୁ ଶ୍ରୀଜଗନ୍ନାଥ ଦିବସ ପାଳିବାକୁ ଆହ୍ୱାନ

ପୁରୀ ଅଫିସ,୧୫।୪

ମହାବିଷୁବ ସଂକ୍ରାନ୍ତି ଅବସରରେ ଅନ୍ତର୍ଜାତୀୟ ଶିକ୍ଷା ନିଯୁକ୍ତି ଏବଂ ସଶକ୍ତୀକରଣ ପରିଷଦ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜିଟାଲ୍ ମିଡିଆ ଟେକ୍ନୋଲୋଜିର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଦିବସ ପୁରୀସ୍ଥିତ ଟାଉନ ହଲ୍ ପରିସରରେ ପାଳିତ ହୋଇଛି। ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶାସ୍ତ୍ର ବର୍ଣ୍ଣିତ ୧୦୮ନାମକୁ ନେଇ ଏକ ଦୃଶ୍ୟଶ୍ରାବ୍ୟର ଅନାବରଣ କରାଯାଇଛି। ଏହି ଦୃଶ୍ୟଶ୍ରାବ୍ୟଟି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜିଟାଲ୍ ମିଡିଆ ଟେକ୍ନୋଲୋଜି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଅତିଥି ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ରାଜେନ୍ଦ୍ର କୃଷି ବିଦ୍ୟାଳୟର କୁଳପତି ପ୍ରଫୁଲ୍ଲ ମିଶ୍ର, ପୂର୍ବତନ କୁଳପତି ଡ. ହରିହର ହୋତା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମଧୁସୂଦନ ମିଶ୍ର, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ପାଇକ ନିଯୋଗ ସମ୍ପାଦକ ଶ୍ରୀନୀଳମଣି ଗୁରୁ, ଗଙ୍ଗାରାମ ମଠ ମହନ୍ତ ବଳରାମ ଦାସ ଗୋସ୍ୱାମୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ବିକାଶ କୁମାର ପ୍ରସାଦ, ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଗୁରୁଚରଣ ଦାସ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ରାଉତ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ଓ ଲେଖିକା ଶ୍ରୁତ କୀର୍ତ୍ତି ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ବର୍ଷ ଓଡ଼ିଆ ନୂଆ ବର୍ଷ ମହାବିଷୁବ ସଂକ୍ରାନ୍ତିକୁ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଦିବସ ଭାବେ ପାଳିବାକୁ ଆହ୍ୱାନ ଦିଆଯାଇଥିଲା। ସ୍କନ୍ଦ ପୁରାଣ ଅନୁସାରେ ମହାପ୍ରଭୁଙ୍କ ସେବା ପୂଜାଠାରୁ ଅଧିକ ମହାପ୍ରଭୁଙ୍କ ଆନ୍ତରିକ ଭକ୍ତମାନଙ୍କର ସେବା ଅଟେ। ତେଣୁ ଏହି ଦିନ ଗରିବ, ଅବହେଳିତ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ପ୍ରସାଦ ବଣ୍ଟନ କଲେ କୋଟି ପୁଣ୍ୟର ଫଳ ମିଳେ। ପ୍ରତ୍ୟେକ ଶ୍ରୀଜଗନ୍ନାଥ ଭକ୍ତ ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରେ ଜୟ ଶ୍ରୀଜଗନ୍ନାଥ ଦିବସ ପାଳନ କରି ମହାପ୍ରଭୁଙ୍କର ଅନନ୍ତ କୃପା ଲାଭ କରନ୍ତୁ ବୋଲି ଅତିଥିମାନେ କହିଥିଲେ। ପୂର୍ବତନ କୁଳପତି ଡ. ହରିହର ହୋତା ସଭାରେ ସଭାପତିତ୍ୱ କରିଥିଲେ। ଶେଷରେ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜିଟାଲ୍ ମିଡିଆ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିଲେ।



ପୁରୀସ୍ଥିତ ଟାଉନ ହଲ୍ ପରିସରରେ ଆୟୋଜିତ ଶ୍ରୀଜଗନ୍ନାଥ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ।

## ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.): ଜଗତପୁର ଥାନା ଅଧୀନ ଏକ ଥଣ୍ଡା ପାନୀୟ କମ୍ପାନୀ ପଛ ପାର୍ଶ୍ୱ ମହାନଦୀରୁ ପୋଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ କଟକ ପାଲାମଣ୍ଡପ ଲକ୍ଷ୍ମୀଲେନ୍‌ର ସଂଗ୍ରାମ କିଶୋର ସାହୁ। ମୃତକଙ୍କ ସାନଭାଇ ସମ୍ରାଟ କିଶୋର ସାହୁଙ୍କ କହିବାନୁଯାୟୀ, ସଂଗ୍ରାମ ଇଲେକ୍ଟ୍ରିସିଆନ୍‌ ମିସ୍ତ୍ରି ଭାବେ କାମ କରନ୍ତି। ଶୁକ୍ରବାର ଭୋର ୫ଟାରେ ଚାଲି ଚାଲି ବଜାରକୁ ଆସି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଶନିବାର ଅପରାହ୍ନରେ ମହାନଦୀରେ ମୃତଦେହ ଭାସୁଥିବାଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ୬ ବାଇକ ଜବତ, ଜଣେ ଗିରଫ

କଟକ ଅଫିସ,୧୫।୪: ବାଇକ୍ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ ବାରପଥର ଅଞ୍ଚଳର ଟି. ଧନଞ୍ଜୟ (୨୩)। ରାଣୀହାଟ କେନାଲ ରୋଡ୍‌ର କେ. ରମେଶ (୪୬) ଗତ ୧୩ ତାରିଖରେ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୯୮/୨୩) ରୁଜୁ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ଅଭିଯୋଗକାରୀଙ୍କ ଚୋରି ବାଇକ ଓ ଅନ୍ୟ ୫ଟି ଚୋରା ବାଇକ ଜବତ କରାଯାଇଛି।

### ଗ୍ରାମ୍ୟ ନିର୍ମାଣ ଜନସ୍ୱାସ୍ଥ୍ୟ ବିଭାଗ ଉପବିଭାଜନ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ

କଟକ ଅଫିସ/ମଙ୍ଗୁଳି-ଜଗତପୁର,୧୫।୪(ଡି.ଏନ୍.ଏ.): ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋତାପୋଖରୀସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ପରୀକ୍ଷାଗାର ଓ ଗ୍ରାମ୍ୟ ନିର୍ମାଣ ଜନସ୍ୱାସ୍ଥ୍ୟ ବିଭାଗ ଉପବିଭାଜନ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରଗତି ନିମନ୍ତେ ଅହରହ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ପୌରୋହିତ୍ୟ କରି କହିଥିଲେ, କଟକର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ବିଧାୟକ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଜଗତପୁର ଥାନା ଅଧୀନ ଇମାମନଗରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମର ଡେପୁଟି ମେୟର ଦମୟନ୍ତୀ ମାଝି, ଡା. ପ୍ରମୋଦ କୁମାର ଦେ, ମେଡିକାଲ ଅଫିସର ସଚ୍ଚିଦାନନ୍ଦ ଶତପଥି, ଡା. କିରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ସତ୍ୟବ୍ରତ ପଣ୍ଡା, ରଞ୍ଜନ କୁମାର ରାଉତ, ତାପସ ମହାନ୍ତି, ନାଗେଶ୍ୱର ବେହେରା ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଓ ବିଧାୟକ ଜଗତପୁର ବିରୂପା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହରେ ଯୋଗଦେଇଥିଲେ।

# ପୁରୁଣା ପେନ୍‌ସନ ପୁନଃ ଲାଗୁ କରାଯାଉ

କଟକ ଅଫିସ,୧୫।୪

ପୂର୍ବ ପ୍ରଚଳିତ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ଦାବିରେ ଆସନ୍ତା ୨୬ରେ ହେବାକୁ ଥିବା ମହାସମାବେଶକୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)। ଏହି ମହାସମାବେଶରେ ଓଷ୍ଟାର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ନୟାସଡ଼କସ୍ଥିତ ଓଷ୍ଟା କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପେନ୍‌ସନ୍ ଜଣେ ଅବସରପ୍ରାପ୍ତ ଶିକ୍ଷକ ବା କର୍ମଚାରୀଙ୍କ ଶେଷ ସମ୍ବଳ। ଜୀବନର ସମୁଦାୟ ସମୟ ସରକାରୀ କାର୍ଯ୍ୟରେ ନିୟୋଜିତ ହେବା ପରେ ଅବସର ଜୀବନରେ ପେନ୍‌ସନ୍ ହିଁ ସହାୟ ହୋଇଥାଏ। ଏଥିସହ ଆମ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟସ୍ତରରେ କାର୍ଯ୍ୟ କରୁଥିବା ଶିକ୍ଷକ, କର୍ମଚାରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡ଼ୋଶୀ ରାଜ୍ୟ ସରକାରମାନେ ସେମାନଙ୍କ ରାଜ୍ୟର ଶିକ୍ଷକ, କର୍ମଚାରୀମାନଙ୍କ ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିଛନ୍ତି। ହେଲେ ଆମ ରାଜ୍ୟ ସରକାର ଏହାକୁ ଅଦ୍ୟାବଧି ଗ୍ରହଣ ନ କରିବା ଅତ୍ୟନ୍ତ ଦୁଃଖଦାୟକ। ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ବିଦ୍ୟାଳୟ ଖୋଲିବାଠାରୁ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ଅବସର ଓ ମୃତ୍ୟୁ ପରେ ସେହି ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଅଭାବରୁ ଭାଙ୍ଗି ଯିବାକୁ ବସିଲାଣି। ରାଜ୍ୟ ସରକାର ଦୀର୍ଘ ୨୪ ବର୍ଷର ଶାସନ କାଳରେ ଗୋଟିଏ ହେଲେ ବିଦ୍ୟାଳୟକୁ ସରକାରୀ ବିଦ୍ୟାଳୟରେ ପରିଣତ ନ କରିବା କ୍ଷୋଭର ବିଷୟ। ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ସହାୟକମାନଙ୍କ କ୍ଷେତ୍ରରେ ଉଚ୍ଚତର ଦରମା ପ୍ରଦାନ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ସେମାନଙ୍କୁ ଏହା ଦିଆଯାଉ ନାହିଁ। ଏସବୁ ସମେତ ଶିକ୍ଷକମାନଙ୍କର ବହୁ ସମସ୍ୟାର ସମାଧାନ ପାଇଁ ଓଷ୍ଟା ପକ୍ଷରୁ ବାରମ୍ବାର ଆଲୋଚନା, ଅଭିଯୋଗ ମାଧ୍ୟମରେ ଦାବି ଜଣାଇଲେ ମଧ୍ୟ ସରକାର ଶୁଣୁନାହାନ୍ତି। ଏହାର ସମାଧାନ ପାଇଁ ଓଷ୍ଟା ଏକ ବୃହତ୍ତର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ଗ୍ରହଣ କରିଛି। ଆସନ୍ତା ୨୬ରେ ଏକ ବିଶାଳ ଶିକ୍ଷକ କର୍ମଚାରୀ ସମାବେଶ ହେବାକୁ ଯାଉଛି। ସରକାର ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ ନ କଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଓଷ୍ଟା ପକ୍ଷରୁ ଚେତାବନୀ ଦିଆଯାଇଛି। ଓଷ୍ଟା ପକ୍ଷରୁ ବିନୋଦ ବିହାରୀ ପାଣିଗ୍ରାହୀ, ଭିକାରି ଚରଣ ସାହୁ, ରଞ୍ଜନ କୁମାର ଦାଶ, ଅଶୋକ କୁମାର ମହାପାତ୍ର ଏବଂ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ମହାସମାବେଶରେ ସାମିଲ ହେବା ପାଇଁ ସୂଚନା ଦିଆଯାଉଛି।

- ୨୬ରେ ମହାସମାବେଶ
- ସାମିଲ ହେବ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

# ବିସିଇର ସୁସ୍ଥତା ଅଭିଯାନ ଉଦ୍‌ଯାପିତ

କଟକ ଅଫିସ, ୧୫।୪

ବିଜ୍‌ନେସ୍ କ୍ଲବ ଅଫ୍ ଏଣ୍ଟରପ୍ରାଇଜର୍ସ (ବିସିଇ) ପକ୍ଷରୁ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମଠାରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ମାଗଣା ଫିଟ୍‌ନେସ ଏବଂ ସୁସ୍ଥତା ଅଭିଯାନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୧ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବୟସର ଲୋକମାନେ ଅଂଶଗ୍ରହଣ କରି ଯୋଗ, ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଟିପ୍ସ ବିଶେଷଜ୍ଞଙ୍କଠାରୁ ଶିକ୍ଷା ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିସିଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋନି ସାଣ୍ଟୋସ୍ ଦାସ କହିଥିଲେ, ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ପ୍ରକାର ବ୍ୟାୟାମ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଶାନ୍ତି କମିଟି ସଦସ୍ୟ ପ୍ରଭାସ ମହାନ୍ତି, ଏଲ୍‌ଆଇସି ଅଧିକାରୀ ବିଶ୍ୱଜିତ୍ ବେହେରା, ଫିଟ୍‌ନେସ୍ ଏକ୍ସପର୍ଟ ଶ୍ରୁତିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବ୍ୟବସାୟ କ୍ଷେତ୍ରର ବିସିଇ ସଦସ୍ୟ ଏହି ଅଭିଯାନରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।


କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


କଟକ ଶତାବ୍ଦୀ ଭବନରେ ଆମ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଶନିବାର ଅନୁଷ୍ଠିତ ଆମ ସଂସ୍କୃତି ବୈଶାଖୀ ଉତ୍ସବରେ ଅଭିନେତା ପ୍ରଶାନ୍ତ ନନ୍ଦ, ଗୀତିକାର ବିଜୟ ମଲ୍ଲ ଓ ସୁବେଦାର କୈଳାସ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଉଦୟଭାନୁ ଜ୍ୟୋତି ସମ୍ମାନ

କଟକ ଅଫିସ,୧୫।୪

ଉଦୟଭାନୁ ସାହିତ୍ୟ ସଂସଦର ବିଷୁବ ଉତ୍ସବ ମଧୁପାଟଣାସ୍ଥିତ ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ ସଭାଗୃହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ବିଜୟ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବିଚାରପତି ଜୀବନ ବଲ୍ଲଭ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀ ଯୋଗଦେଇ ସାହିତ୍ୟକୁ ଜଗତ କଲ୍ୟାଣ ଦିଗରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଂସଦର ମୁଖପତ୍ର ଉଦୟଭାନୁ-୨୦୨୩ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଜ୍ଞାନ ସାହିତ୍ୟ ସ୍ରଷ୍ଟା ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଉଦୟଭାନୁ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡ. ଧନେଶ୍ୱର ସାହୁଙ୍କୁ ଡ. ଧନେଶ୍ୱର ମହାପାତ୍ର ସ୍ମାରକୀ ସମ୍ମାନ, ସୁବାସ ମହାପାତ୍ରଙ୍କୁ ଉଦୟଭାନୁ ସାରସ୍ୱତ ସମ୍ମାନ, ବିଭୂତି ପତିଙ୍କୁ ଉଦୟଭାନୁ ସାମ୍ବାଦିକ ସମ୍ମାନ, ପ୍ରଫେସର ସୁବାସିନୀ ଲେଙ୍କାଙ୍କୁ ଉଦୟଭାନୁ ଲେଖିକା ସମ୍ମାନ, ସୂର୍ଯ୍ୟକାନ୍ତ ଦେବତାଙ୍କୁ ଉଦୟଭାନୁ ସମାଜସେବୀ ସମ୍ମାନ ଏବଂ ଶୈବାଳିନୀ ତ୍ରିପାଠୀଙ୍କୁ ରବି ମିଶ୍ର ସ୍ମାରକୀ ସାଂସ୍କୃତିକ ସମ୍ମାନ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦିକା ସରୋଜିନୀ ମିଶ୍ର ବିବରଣୀ ପାଠ ଓ ବ୍ରହ୍ମାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରଥମ ଅଧିବେଶନରେ ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ଆସରରେ ମୁଖ୍ୟ ଅତିଥି ଭାବରେ ଡ. ଚିନ୍ମୟୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ବାବାଜୀ ଚରଣ ଲେଙ୍କା ସ୍ୱାଗତ ଭାଷଣ ସଙ୍ଗଠନ ସମ୍ପାଦକ ସୁଧୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମଜ୍ଞାନ ଭଜନ ସମାରୋହ ଉଦ୍‌ଯାପିତ

ଫୁଲନଖରା,୧୫।୪(ଡି.ଏନ୍.ଏ.)

କଟକ ମହାନଗର ନିଗମ ଅଧୀନ ୫୯ ୱାର୍ଡର ନୂଆ କାଚରାମାଳଠାରେ ଦୁଇଦିନ ଧରି ଚାଲିଥିବା ବ୍ରହ୍ମଜ୍ଞାନ ଭଜନ ସମାରୋହର ଶନିବାର ଉଦ୍‌ଯାପିତ ହୋଇଯାଇଛି। ତ୍ରିନାଥାୟ ନମଃ ଯୁବ ପରିଷଦ ଓ ନୂଆ କାଚରାମାଳସ୍ଥିତ ମହାଭୋଇ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଭଜନ ସମାରୋହରେ କଟକ ଜିଲା ଅଡଶପୁର ମଣିକୁନ୍ଦାର ବାବୁ ରଞ୍ଜନ ଦାସ, ଭୁବନେଶ୍ୱର ବଡଗଡର ରମେଶ ଚନ୍ଦ୍ର ପାଣି ଓ ନୂଆ କାଚରାମାଳ ରାଉତାଣୀ ଆଧ୍ୟାତ୍ମିକ ଭଜନ ମଣ୍ଡଳୀର ଗାୟକ ବାବୁ କୃଷ୍ଣ ଭୋଇ ଗାୟକ ଭାବେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଭଜନ ଶୁଣିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରୋତା ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ଭୋଇ, ସମ୍ପାଦକ ପବିତ୍ର ଭୋଇ, ବାୟାଣୀ ଭୋଇ, ଭରତ ଭୋଇ, ସନ୍ତୋଷ ଭୋଇ, ନିହାର ରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ନିଖିଳ ଉତ୍କଳ ଆଧ୍ୟାତ୍ମିକ ଜ୍ଞାନତତ୍ତ୍ୱ ଭଜନ ମଣ୍ଡଳୀର ସଭାପତି ସୁକାନ୍ତ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକିରଣ ଚିକିତ୍ସକ ସଂଘର ସମ୍ମିଳନୀ

କଟକ ଅଫିସ,୧୫।୪

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ବିକିରଣ ଚିକିତ୍ସକ ସଂଘର ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସ୍ତରୀୟ ଚିକିତ୍ସକ ଡା. ମୋନାଲି ସ୍ୱାଇଁ, ଡା. ସଜଲ କକ୍କର, ସୁଶୋଭନ ବାନାର୍ଜୀ, ଲିଙ୍ଗନ ପୂଜାରୀ, ସାର୍ଥକ କୁମାର ମହାନ୍ତି ଓ ଡା. କାହ୍ନୁ ଚରଣ ପାତ୍ର ଯୋଗଦେଇ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ବିକିରଣ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଛି ବୋଲି କହିଥିଲେ। ଏହି ଅବସରରେ ସଂଘର ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ପ୍ରଫେସର ଡା. ନୀହାରିକା ପଣ୍ଡା ଓ ଉପସଭାପତି ଭାବେ ଆସୋସିଏଟ୍ ପ୍ରଫେସର ଡା. ଲୁସି ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସେହିପରି ସମ୍ପାଦକ ଭାବେ ଆସୋସିଏସଟ୍ ପ୍ରଫେସର ଡା. ସଂଯୁକ୍ତା ପାଢ଼ୀ, ସହ ସମ୍ପାଦକ ଡା. ଶୈଳେନ୍ଦ୍ର ନାରାୟଣ ପରିଡ଼ା, କୋଷାଧ୍ୟକ୍ଷ ଡା. ସନ୍ଦୀପ ବାରିକ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଡା. ବ୍ରହ୍ମାନନ୍ଦ ଶତପଥୀ, ଡା. ତପନ କୁମାର ସାହୁ, ଡା. ସୌମ୍ୟରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପ୍ରଫେସର ଡା. ଉପେନ୍ଦ୍ରନାଥ ପଣ୍ଡା, କୃଷ୍ଣବଲ୍ଲଭ ଦାସ, ବିଧୁକଲ୍ୟାଣ ମହାନ୍ତି ଓ ପ୍ରଫେସର ଡା. ସି. ଆର୍. ନାୟକ ମନୋନୀତ ହୋଇଛନ୍ତି। ଭାରତୀୟ ଚିକିତ୍ସକ ସଂଘ ସଭାପତି ଡା. ସୁରେନ୍ଦ୍ରନାଥ ସେନାପତି, ଡା. ବିଶ୍ୱରଞ୍ଜନ ରାଉତରାୟ, ଡା. ଦୁର୍ଗାପ୍ରସାଦ ସାହୁ ଓ ଡା. ସୁଲଗ୍ନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବିକିରଣ ଚିକିତ୍ସକ ସଂଘର ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଡ୍ରିମ୍‌ସରେ ମଧୁବାବୁ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ

କଟକ ଅଫିସ, ୧୫।୪

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ସ୍ଥାପିତ ହୋଇଛି। ଓଡ଼ିଆ ନବବର୍ଷ ଉପଲକ୍ଷେ ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ ବେହେରା ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, କୋଟସାହି ସରପଞ୍ଚ ସୁମନ୍‌ପ୍ରଭା ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. କଲ୍ୟାଣ କୁମାର ସାହୁ, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

# ସିଏମ୍‌ସି ଅଞ୍ଚଳରେ ଖୋଲିବ ୧୧୫ ସର୍ଭେ ସେଣ୍ଟର

କଟକ ଅଫିସ, ୧୫।୪

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ମେ' ୧ରୁ ୨୭ ତାରିଖ ପର୍ଯ୍ୟନ୍ତ କଟକ ସହରର ବିଭିନ୍ନ ୱାର୍ଡରେ ପଛୁଆବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କିତ ସର୍ଭେ ଆରମ୍ଭ ହେବ। ଏ ନେଇ ଶନିବାର ଚୌଧୁରୀବଜାରସ୍ଥିତ ସିଏମ୍‌ସି ବିଜୁ ଭବନରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅଧିକାରୀମାନେ ଉପସ୍ଥିତଥିଲେ। ଏଥିରେ ୧୭୧ ଜଣ ଗଣନାକାରୀ ଓ ୧୭ ଜଣ ନିରୀକ୍ଷକ ତାଲିମ ନେଇଥିଲେ। ସେମାନେ ଯେପରି ନିର୍ଭୁଲ ଭାବରେ ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପଞ୍ଜୀକରଣ କରିବେ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସିଏମ୍‌ସି ଅଞ୍ଚଳରେ ଏଥିପାଇଁ ୧୧୫ଟି ସର୍ଭେ ସେଣ୍ଟର ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପଛୁଆବର୍ଗର ଲୋକମାନେ ଉକ୍ତ ସେଣ୍ଟରରେ ପହଞ୍ଚି ଗଣନାକାରୀ ଓ ନିରୀକ୍ଷକଙ୍କ ସହାୟତାରେ ସେମାନଙ୍କ ତଥ୍ୟ ପ୍ରଦାନ କରି ପଞ୍ଜୀକରଣ କରାଇବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଦାୟିତ୍ୱରେ ଥିବା ସିଏମ୍‌ସି ସହକାରୀ କମିଶନର ସୂଚନା ଦେଇଛନ୍ତି । ସର୍ଭେ ସେଣ୍ଟରଗୁଡିକ ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଡେପୁଟି କମିଶନର ଅମିୟ ପଣ୍ଡା କହିଛନ୍ତି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଏପ୍ରିଲ ୧୩ରୁ ୧୭ ଓ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ୧୯ରୁ ୨୧ ପର୍ଯ୍ୟନ୍ତ ଚାଲିବ ବୋଲି ସିଏମ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅଙ୍ଗନୱାଡି କର୍ମୀ, ଶିକ୍ଷକ ଓ ସିଏମ୍‌ସିର ୱାର୍ଡ ଅଫିସରମାନେ ଗଣନାକାରୀ ଓ ନିରୀକ୍ଷକ ଦାୟିତ୍ୱରେ ରହି ତାଲିମରେ ସାମିଲ ହୋଇଛନ୍ତି।


କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସହ ଅଧିକାରୀମାନେ।

**ମେ' ପହିଲାରୁ ପଛୁଆବର୍ଗ ସର୍ଭେ**

- ୧୮୮ ଗଣନାକାରୀ, ନିରୀକ୍ଷକ ତାଲିମ ନେଲେ


ସିଡିଏ ସେକ୍ଟର-୯ସ୍ଥିତ ଏକ ମଣ୍ଡପରେ ମର୍କତ ନଗର ପୋଲିସ ପକ୍ଷରୁ ଶନିବାର ଅନୁଷ୍ଠିତ ଚିକିତ୍ସା ଶିବିରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।


କଟକ ଶଗଡିଆସାହି-ପ୍ରଫେସରପଡା ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶନିବାର ବାହାରିଥିବା ମୁଖା ଶୋଭାଯାତ୍ରା।


କଟକ ସୁତାହାଟରେ ନୌଜବାନ କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ଇଫ୍‌ତାର ପାର୍ଟି।

**ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ**

କଟକ ଅଫିସ: ଇଣ୍ଟରନ୍ୟାଶନାଲ କ୍ଲବ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତିର ମିଳିତ ସହଯୋଗରେ ମଙ୍ଗଳାବାଗ ରୋଡ୍‌ସ୍ଥିତ ମା' ଝାଡ଼ଖଣ୍ଡି ମନ୍ଦିର ସମ୍ମୁଖରେ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସିପି ଅମିତାଭ ମହାପାତ୍ର, ବିଶିଷ୍ଟ ଅତିଥି ଆଇଆଇସି ସୁଧାଂଶୁ ଭୂଷଣ ଜେନା ଓ ସମ୍ମାନିତ ଅତିଥି ଭାବେ କର୍ପୋରେଟର କେ. କାମେଶ୍ୱର ରାଓ, ସାମାଜିକ କର୍ମୀ କ୍ଷିତିଶ ଚନ୍ଦ୍ର ପାତ୍ର, ଡ. ମିତା ଦେବତା, ନୃସିଂହ ଚରଣ ଚୌଧୁରୀ, ଡ. ଶେଖ୍ କଲିମୁଲ୍ଲା ଯୋଗଦେଇଥିଲେ। କ୍ଲବର ମୁଖ୍ୟ ଉପଦେଷ୍ଟା ତଥା ପରିବେଶବିତ୍ ଡ. ଆଶୁତୋଷ ଦେବତା, କଲ୍ୟାଣ ସମିତି ସଭାପତି ଭକ୍ତବତ୍ସଳ ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପାତ୍ର ଓ ସମ୍ପାଦକ ବିଭୁତି ଭୂଷଣ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମା'ଶାରଳା ସାହିତ୍ୟ ସଂସ୍କୃତି ପରିଷଦର ଲୋଗୋ ଉନ୍ମୋଚନ

ମାହାଙ୍ଗା,୧୫।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡାମରାଇସ୍ଥିତ ମା'ଶାରଳା ସାହିତ୍ୟ ସଂସ୍କୃତି ପରିଷଦର ଏକ ବୈଠକ ଆଭାସି ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମ ପରିଚାଳକ ଇଂ. ଭରତ ଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଅଜୟ କୁମାର ମିଶ୍ର ଏଥିରେ ଯୋଗଦେଇ ଓଡିଆ ନବ ବର୍ଷ ଓ ମହାବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋଚନା କରିବା ସହ ମା' ଶାରଳା ସାହିତ୍ୟ ସଂସ୍କୃତି ପରିଷଦର ଲୋଗୋ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତାଭାବେ କବି ପରିକ୍ଷିତ ସାହୁ , ସମ୍ମାନିତ ଅତିଥିଭାବେ କବି ହେମନ୍ତ କୁମାର ଜେନା, ରାମନାରାୟଣ ଶର୍ମା, ପରିଷଦର ଉପସଭାପତି ସୁପ୍ରିୟା ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ନବ ବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ରାଜକିଶୋର ମୁଣ୍ଡି ଅତିଥି ପରିଚୟ ଓ ନଗେନ୍ଦ୍ର କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। କବି ସାଗର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ କବି ରତି ନାରାୟଣ ରାଉତଙ୍କ ମନ୍ତ୍ରପାଠ କରିଥିବା ବେଳେ ଅଶୋକ କୁମାର ଦାସ ବେଦପାଠ କରିଥିଲେ ।

### ସାଲେପୁରରେ ବିଭିନ୍ନ ଅନୁଷ୍ଠାନ ଖୋଲିଲେ ଜଳଛତ୍ର କେନ୍ଦ୍ର

ସାଲେପୁର,୧୫।୪(ଡି. ଏନ.ଏ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ଅବସରରେ ସାଲେପୁର ବଜାରରେ ଜୟହିନ୍ଦ କ୍ଲବ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଲୋକମାନଙ୍କୁ ଥଣ୍ଡା ପାନୀୟ ଦହି ସରବତ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମିନାର ବେହେରା, ସୁରେଶ ଦୀକ୍ଷିତ, ବଦ୍ରିନାଥ ସିଂହ, ସୌମ୍ୟଦୀପ ନାୟକ, କୈଳାସ ଚନ୍ଦ୍ର ସାହୁ, ଅମୂଲ୍ୟ ନାୟକ, ନିହାର ରଞ୍ଜନ ରାଉତ, ସୁଶାନ୍ତ କୁମାର ନାୟକ, ଅନନ୍ତ ଦାସ, ଅରବିନ୍ଦ ଭୂୟାଁଙ୍କ ସମେତ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଶିଶୁଆ ବଜାରରେ ମା' ବୁଢ଼ୀ ଜାଗୁଲାଈ ଯୁବକ ସଂଘ ପକ୍ଷରୁ ଜଳ ଛତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବୋଧ ପ୍ରକାଶ ବେହେରା, ଗୋବିନ୍ଦ ସାହୁ,ଦୀପକ ଛାଟୋଇ, ଶୁଭେନ୍ଦୁ ନାରାୟଣ ବେହେରା, ଶିବପ୍ରସାଦ ବାରିକ ସଂଘ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# 'ଯୁବସମାଜ ଶୃଙ୍ଖଳିତ, ସଂଯମୀ ହେଲେ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ'

ନିଶ୍ଚିନ୍ତକୋଇଲି,୧୫।୪(ସ୍ୱ.ପ୍ର)

ଯୁବଶକ୍ତି ଅସାଧ ସାଧନ କରିପାରନ୍ତି। ପୁରାଣ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ଯୁବ ଶକ୍ତିର ସ୍ୱତନ୍ତ୍ରତା ରହିଛି। ଯୁବ ସମାଜ ଶୃଙ୍ଖଳିତ ଓ ସଂଯମୀ ହେଲେ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଖେଳ ପଡିଆରେ ଆୟୋଜିତ ଆଧ୍ୟାତ୍ମିକ ସମାବେଶରେ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଆଧ୍ୟାତ୍ମିକ ଗୁରୁ ପୂଜ୍ୟଶ୍ରୀ ବାବା ବଳିଆ କହିଛନ୍ତି। ହିନ୍ଦୁ ଜାଗରଣ ମଞ୍ଚର ଆହ୍ୱାନ କ୍ରମେ ହନୁମାନ ଜାଗରଣ ଶକ୍ତି ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ପକ୍ଷରୁ ଜନ ସଚେତନତା ଶୋଭାଯାତ୍ରା ଓ ଆଧ୍ୟାତ୍ମିକ ସମାବେଶ ଆୟୋଜନ କରାଯାଇଥିଲା। ଏନେଇ ଶୁକ୍ରବାର ଅପରାହ୍ନରେ ମାହାଙ୍ଗା ଶାଖାରୁ ଏକ ଶୋଭାଯାତ୍ରା କୁଆଁପାଳରୁ ବାହାରିଥିବାବେଳେ ନିଶ୍ଚିନ୍ତକୋଇଲି ଶାଖାର ଶୋଭାଯାତ୍ରା ନିଶ୍ଚିନ୍ତକୋଇଲି ସ୍କୁଲ ଖେଳ ପଡ଼ିଆରୁ ବାହାରିଥିଲା। ଉଭୟ ରାଲିର ନେତୃତ୍ୱ ହିନ୍ଦୁ ଜାଗରଣ ମଞ୍ଚ ପ୍ରାନ୍ତୀୟ ସଦସ୍ୟ ସୁମନ୍ତ କୁମାର ଘଡ଼େଇ ନେଇଥିଲେ। ଉଭୟ ଶୋଭାଯାତ୍ରା କଟକ-ଚାନ୍ଦବାଲି ରାସ୍ତା ଦେଇ ଅସୁରେଶ୍ୱର ଖେଳ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ବାବା ବଳିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ମଞ୍ଚକୁ ପାଛୋଟି ନିଆଯାଇଥିଲା। ଆଧ୍ୟାତ୍ମିକ ସମାବେଶ ପ୍ରାରମ୍ଭରେ ସୁନୀଲ କୁମାର ବାରିକଙ୍କ ନେତୃତ୍ୱରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ବାବା ବଳିଆ ନିଶାମୁକ୍ତ ସମାଜ, ପିତାମାତାଙ୍କୁ ଭକ୍ତି, ସତ୍ୟ ସନାତନ ଧର୍ମର ଜାଗରଣ କରିବା, ଶ୍ରୀରାମ ଚରିତ ପାଠ କରି ପ୍ରଭୁ ରାମଙ୍କ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିବା, ପରିବେଶର ସୁରକ୍ଷା କରିବା ଓ ସର୍ବୋପରି ଯୁବ ଶକ୍ତିକୁ ଜାଗରଣ କରି ରାଷ୍ଟ୍ରକୁ ବିକଶିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିକାଶ ସମିତିର ପୂର୍ବ ସମ୍ଭାଗର ପୂର୍ବତନ କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଘଡ଼େଇ ଯୋଗଦେଇ ସାମ୍ପ୍ରତିକ ସମୟରେ ରାଜ୍ୟ ତଥା ଦେଶରେ ରାମ ରାଜ୍ୟ କିପରି ପ୍ରତିଷ୍ଠା ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ରାଷ୍ଟ୍ରଭକ୍ତ, ଆଧ୍ୟାତ୍ମିକ ବ୍ୟକ୍ତି ଓ ଯୁବକମାନେ ସାମିଲ ହୋଇଥିଲେ।



ଅସୁରେଶ୍ୱର ଖେଳ ପଡିଆରେ ଆୟୋଜିତ ଆଧ୍ୟାତ୍ମିକ ସମାବେଶରେ ପଦ୍ମଶ୍ରୀ ବାବା ବଳିଆ ଓ ଅନ୍ୟ ଅତିଥି।

# ମହାନଦୀ ତଟୋତ୍ସବ ଉଦ୍‌ଘାଟିତ

କଟକ ସଦର,୧୫।୪(ଡି.ଏନ୍.ଏ.)

କିଶନ ନଗର ତହସିଲ ଅନ୍ତର୍ଗତ ମଲିପୁରଠାରେ ମହାନଦୀ ତଟୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ଆବାହକ ତଥା ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କର, ଉପଜିଲାପାଳ କମଳଜିତ୍ ଦାସ, ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ପ୍ରମିଳା ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଇଶାଣୀ-ବ୍ରହ୍ମପୁର ସରପଞ୍ଚ ସୁଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଭାପତି ସତ୍ୟବ୍ରତ ତ୍ରିପାଠୀ କହିଥିଲେ, ଏଭଳି ପରିକଳ୍ପନା ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ମନରେ ଏକ ନୂଆ ସାଂସ୍କୃତିକ ପ୍ରେରଣା ସୃଷ୍ଟି କଲା।



ମହାନଦୀ ତଟୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଷ୍ଟେପ ପଏଣ୍ଟ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟରେ ଝୁମିଲେ ଦର୍ଶକ



ଷ୍ଟେପ ପଏଣ୍ଟ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ବୃହଦମ୍ବା ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବଡ଼ମ୍ବା,୧୫।୪(ଡି.ଏନ.ଏ)

ବଡ଼ମ୍ବା କଲେଜ ପଡିଆରେ ଚାଲିଥିବା ପ୍ରଥମ ବୃହଦମ୍ବା ବୈଶାଖୀ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ଷ୍ଟେପ ପଏଣ୍ଟ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଦର୍ଶକମାନେ ଏହାକୁ ଉପଭୋଗ କରିବା ସହ ବିଭୋର ହୋଇ ଝୁମିଥିଲେ। ସେହିପରି ସିନେ ଜଗତର ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ଗାୟକ ତରୁଣ ଜ୍ୟୋତିଙ୍କ ସୁମଧୁର ସଂଗୀତ ଦର୍ଶକଙ୍କ ମନ ମୋହିଥିଲା। ହାସ୍ୟ ଅଭିନେତା ଜୁନିୟର ପପୁଙ୍କ ଅଭିନୟ ମନ ଛୁଆଁ ହୋଇଥିଲା। ଅନ୍ୟପକ୍ଷେ ଟେଲି ଅଭିନେତ୍ରୀ ସୋନାଲିଙ୍କ ଉପସ୍ଥାପନା ମନ ମୁଗ୍ଧ କରିଥିଲା। ଆସନ୍ତା ମଙ୍ଗଳବାର ମହୋତ୍ସବର ଉଦ୍‌ଯାପନ ଦିବସ ଥିବାବେଳେ ଏହା କଳା, ସଂସ୍କୃତି ଓ ବାଣିଜ୍ୟ ପ୍ରତିଭାର ଗାଥାକୁ ସ୍ମରଣୀୟ କରି ରଖିବ ବୋଲି ଅନୁଷ୍ଠାନ ତଥା କ୍ଲବ ବାଦଶାହା ସଭାପତି ସଞ୍ଜୟ କୁମାର ସ୍ୱାଇଁ କହିଛନ୍ତି।

### ମହାନଦୀ ତଟୋତ୍ସବ ପ୍ରହସନ: ପ୍ରକାଶ

କଟକ ସଦର,୧୫।୪(ଡି.ଏନ୍.ଏ.)

କିଶନ ନଗର ତହସିଲ ଅନ୍ତର୍ଗତ ମଲ୍ଲିପୁର ମହାନଦୀ ତଟୋତ୍ସବ କେବଳ ପ୍ରହସନ ବୋଲି ଶନିବାର କିଶୋର ନଗରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ସରକାରଙ୍କ ଦ୍ୱାରା କରାଯାଉଥିବା ବିକାଶକୁ ବାଦ୍ ଦେଲେ ୯ ବର୍ଷ ମଧ୍ୟରେ କଟକ ସଦର ବିଧାୟକ ସ୍ୱତନ୍ତ୍ର ଭାବେ ସ୍ଥାନୀୟ ଅଞ୍ଚଳର ମୌଳିକ ସମସ୍ୟା ଦୂର ପାଇଁ କିଛି କରିନାହାନ୍ତି। ନଦୀବନ୍ଧ ରାସ୍ତା ସମସ୍ୟା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଭଳି ସମସ୍ୟା କାଗଜପତ୍ରରେ ସୀମିତ ରହିଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପରିଷଦର କର୍ମୀ ତଥା ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସାହୁ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କଟକ ସଦର ବିଧାୟକ ତଥା ତଟୋତ୍ସବ କମିଟି ଆବାହକ ଚନ୍ଦ୍ରସାରଥୀ ବେହେରା କହିଛନ୍ତି, ପର୍ଯ୍ୟାୟକ୍ରମେ ଉନ୍ନୟନ କାର୍ଯ୍ୟ କରାଯାଉଛି। କଟକ ସଦର ନିର୍ବାଚନ ମଣ୍ଡଳୀ ନଦୀନାଳ ଘେରା ଅଞ୍ଚଳ ହୋଇଥିବାରୁ କଟକ ଓ ଭୁବନେଶ୍ୱର ସହର ଭଳି ସାଂସ୍କୃତିକ ପରିବେଶ ସୃଷ୍ଟି ପାଇଁ ଏହା ଏକ କ୍ଷୁଦ୍ର ପ୍ରୟାସ ବୋଲି ସେ କହିଛନ୍ତି।

# ମାଧବ ସାମନ୍ତ ସିଂହାର ବିଦ୍ୟାପୀଠ ପୁରସ୍କୃତ

**ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡର ରାଜ୍ୟ ପୁରସ୍କାର ଉତ୍ସବ**

ଆଠଗଡ,୧୫।୪(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡ ପକ୍ଷରୁ ରାଜ୍ୟ ପୁରସ୍କାର ଉତ୍ସବ ଭୁବନେଶ୍ୱର ରାଜଭବନର ଅଭିଷେକ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଠଗଡ଼ ବ୍ଲକ ମାଧବ ସାମନ୍ତ ସିଂହାର ବିଦ୍ୟାପୀଠ ଯୋରନ୍ଦାର ଶିବାଜୀ ସ୍କାଉଟର ଛାତ୍ରମାନେ ପୁରସ୍କୃତ ହୋଇଛନ୍ତି। ସେମାନେ ୨୦୨୨ରେ ବିଦ୍ୟାଳୟ ତଥା ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାର ସଚେତନତା ( ଚାରା ରୋପଣ, ତମାଖୁ ବର୍ଜନ, ବନ୍ୟଜନ୍ତୁ ସଂରକ୍ଷଣ,ବାଦୁଡ଼ି କ୍ଲବ, ଜଳଛତ୍ର, ବାଲ୍ୟବିବାହ ବିରୋଧ) ଭଳି ଅନେକ କାର୍ଯ୍ୟକ୍ରମ କରି ଜାତୀୟସ୍ତରୀୟ ପ୍ରଧାନମନ୍ତ୍ରୀ ଫଳକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜାତୀୟସ୍ତରରେ ମନୋନୀତ ହୋଇଥିବାରୁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ନାୟକ, ସ୍କାଉଟ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉତ୍ସବରେ ବିଦ୍ୟାଳୟରୁ ୧୦ ଜଣ ସ୍କାଉଟ ଓ ୫ ଜଣ ଗାଇଡ ଯୋଗ ଦେଇଥିଲେ।



ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ନାୟକ, ସ୍କାଉଟ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବଢୁଛି ଗ୍ରୀଷ୍ମ ପ୍ରବାହ, ଖୋଲୁନି ଜଳଛତ୍ର

**ପାଣି ପାଇଁ ପଥଚାରୀ ଉହଲବିକଳ**

ରଘୁନାଥପୁର, ୧୫।୪(ଡି.ଏନ୍.ଏ.)

କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଦିନ ୧୧ଟା ପରଠୁ ରାସ୍ତାଘାଟ ପ୍ରାୟ ଶୂନ୍‌ଶାନ ହୋଇଯାଉଛି। ଅତି ଆବଶ୍ୟକ ନ ଥିଲେ ଲୋକେ ଘରୁ ପଦାକୁ ବାହାରିବାକୁ ଉଚିତ ମଣୁନାହାନ୍ତି। ଏହାସତ୍ତ୍ୱେ ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏପର୍ଯ୍ୟନ୍ତ ଅଦ୍ୟାବଧି ଜଳଛତ୍ର ଖୋଲାଯାଇ ନାହିଁ। ଫଳରେ ରାସ୍ତାରେ ଯାଉଥିବା ବାଟୋଇମାନେ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରଘୁନାଥପୁର, ଜଗନ୍ନାଥପୁର ବଜାର, ତାରପୁର ବାଇପାସ୍ ଓ ପୁରୁଣା ବଜାର, ଜଇପୁର ହାଟ ବଜାର ଓ ଛକ, ନୂଆପଡା, ନାଳିବର ଛକ, ରେଢୁଆ ହାଟ, ଜଇଷୋଳ, ତରିକୁନ୍ଦ ବଜାର ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଭିନ୍ନ ପଞ୍ଚାୟତ ଜରିଆରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ଲୋକେ ପାଣି ପାଇଁ ଉହଲବିକଳ ହେଉଛନ୍ତି। ଏପରିକି ପିଇବା ପାଣି ପାଇଁ ଲୋକେ ଜଳଖିଆ ଦୋକାନ ଓ ହୋଟେଲଗୁଡ଼ିକ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଅସହ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜଳଛତ୍ର ଖୋଲାଯିବା ପାଇଁ ନିର୍ଦ୍ଦେଶ ରହିଛି। ତୃଣମୂଳସ୍ତରରେ ଏହା କେତେମାତ୍ରାରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ତର୍ଜମା କରାଯିବା ଆବଶ୍ୟକ । ଏହାଛଡା ପ୍ରତ୍ୟେକ ପଞ୍ଚାୟତର ଜନପ୍ରତିନିଧିମାନେ ଏହାକୁ ଗୁରୁତର ସହ ନେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ତପନ କୁମାର ସେନାପତି କୁହନ୍ତି ଯେ ପ୍ରତି ପଞ୍ଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ରମାନ ଖୋଲିବା ପାଇଁ ଗତ ସୋମବାରଠାରୁ କୁହାଯାଇଛି। ସେ ନିଜେ ମଧ୍ୟ ଏହାକୁ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩

No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୭।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ www.sidacodisha.org.inରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

ଅତିରିକ୍ତ ସଚିବ

SIDAC
**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
ଫୋନ୍: ୦୬୭୪-୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324



**JHRKHAND STATE BEVERAGES CORPORATION LTD. RANCHI**
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com
Utpad Bhawan, Ground Floor, Near New Police Station, Kanke Road, Ranchi - 834008

Letter No :-780 Date-15.04.2023

**Corrigendum**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

Important dates

| S.N. | Particulars | Previous Date | Previous Time | Extended Date | Extended Time |
|---|---|---|---|---|---|
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 02 of 2023-24**

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 03 Nos.
3. Estimated Cost : Rs.245.78 lakh to 521.16 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website www.tendersodisha.gov.in.

Sd./- Superintending Engineer
RWS&S Division, Balangir
OIPR-25033/11/0003/2324



**NOTICE**

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

**Qualification:**
1. **Compulsory:** M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

**Remuneration: Rs.15000/- per month (Consolidated)**
- Interested candidates may send their CV (with personal Email Id and Mobile No.) to **sulochana.sahu111@gmail.com** by **18.04.2023**.
- For any query kindly Contact: **7008928613, 8456047739**.

Sd./- ALF President
Jeevan Jyoti ALF, Dhenkanal
OIPR-13146/11/0003/2324



**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 817 OF 2022**

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. **M/s. S. R. Beverages,** Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its **Prop.: Mrs. Sasmita Ray**
2. **Mrs. Sasmita Ray,** W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. **Mr. Prasanta Kumar Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. **Mr. Dusmanta Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. **Mrs. Chanchala Ray,** W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 817 of 2022** in the court of Debts Recovery Tribunal at Cuttack for recovery of ₹ **22,67,294/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt. 31.05.2023 at 10.30 AM** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the 11th day of April, 2023.

REGISTRAR
Debts Recovery Tribunal, Cuttack



GOVERNMENT OF ODISHA
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
Tel & Fax: 06858-222833 (O), E-mail ID: eerbngpur@yahoo.com
**e-Procurement Notice**
Bid Identification No. S.E. (R&B) - 01/2023-24/NGP

No. 2129 Date: 12.04.2023

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the work : Civil Construction Work as mentioned in DTCN
2. No. of work : 04 Nos.
3. Estimated cost : Rs.174.81 lakhs to 297.00 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 19.04.2023 upto 16.00 hours of 03.05.2023
6. Last date & time for receipt of bids in portal : 16.00 hours of 03.05.2023
7. Bids received online shall be opened on : 11.00 hours of 04.05.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division
OIPR-34143/11/0001/2324

# ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

## ଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମେଲଣ



ବାଲୁଗାଁ,୧୫ା୪(ଡି.ଏନ୍.ଏ.)

ମହାବିଷୁବ (ପଣା) ସଂକ୍ରାନ୍ତି ଅବସରରେ ବାଲୁଗାଁର ପ୍ରସିଦ୍ଧ ଶୈବପୀଠ ଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଅଷ୍ଟଶମ୍ଭୁ ମେଲଣ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ସ୍ଥାନାଧିପତି ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ରାମେଶ୍ୱରଦେବ ଗବପଦର, ଗତିଶ୍ୱରଦେବ ମଙ୍ଗରାଜପୁର, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ବାଲୁଙ୍କେଶ୍ୱର ଦେବ ଦୋଳମୁଣ୍ଡାଇ, ବାଙ୍କନିଧିଦେବ ଗବପଦର, ଚନ୍ଦ୍ରଶେଖର ଦେବ ବଡ଼କୂଳ, ସିଂହନାଥ ଦେବ ସିଙ୍ଗେଶ୍ୱର, ଗୁପ୍ତେଶ୍ୱର ଦେବ ରଘୁନାଥପୁର, ଦଧିବାମନ ଦେବ ସାନ୍ତରାପୁର(ବାଲୁଗାଁ), ଗୋପାଳଜୀଉ ଦେବ ପାଟଣାସାହି, ରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ, ପାଟଣା ସାହି ଓ ଗୁଣ୍ଡୁରପୁର ସାହିର ମା'ଜାଗୁଳାଇ ଏବଂ ମା'ଚଣ୍ଡୀ ଠାକୁରାଣୀଙ୍କ ସମେତ ୧୬ ଦେବଦେବୀ ଶୁକ୍ରବାର ରାତ୍ରିରୁ ଶୋଭାଯାତ୍ରାରେ ଆସି ମେଲଣ ପଡ଼ିଆରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କୁ ପଣା ଭୋଗ ଲାଗି ହୋଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାମ ନାଟକ ପରିବେଷଣ ହୋଇଥିଲା। ଶନିବାର ଭୋରରୁ ଠାକୁରଙ୍କୁ ଦୁଇଟି ପର୍ଯ୍ୟାୟରେ ଭୋଗଲାଗି ହେବା ସହ ଦିନତମାମ ପୂଜାର୍ଚ୍ଚନା ଜାରି ରହିଥିଲା। ଶୋଭାଯାତ୍ରା ଓ ସାଜସଜ୍ଜା କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତଙ୍କୁ ଉମାମହେଶ୍ୱର ଦେବଙ୍କ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ଶୋଭାଯାତ୍ରାରେ ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ପ୍ରଥମ, ମା'ଜାଗୁଳାଇ ଦେବୀ ପାଟଣାସାହି ଦ୍ୱିତୀୟ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ଏବଂ ରଘୁନାଥ ଦେବ ବିଜେ ବାଲୁଗାଁ ମିଳିତଭାବେ ତୃତୀୟ ସ୍ଥାନଭାବେ ମନୋନୀତ ହୋଇଥିଲେ। ସେହିପରି ବିମାନ ସାଜସଜ୍ଜାରେ ବାଙ୍କନିଧି ଦେବ ଗବପଦର ପ୍ରଥମ, ରାମେଶ୍ୱର ଦେବ ଗବପଦର ଦ୍ୱିତୀୟ, ସିଙ୍ଗିନାଥ ଦେବ ସିଙ୍ଗେଶ୍ୱର ଏବଂ ଦଧିବାମନ ଦେବ ସାମନ୍ତରାପୁର ତୃତୀୟ ସ୍ଥାନ ହାସଲ କରିଥିଲେ। ସନ୍ଧ୍ୟାରେ ପାରମ୍ପରିକ ପୂଜା ଓ ନୀତି ସମାପନ ପରେ ମେଲଣ ପର୍ବ ଆରମ୍ଭ ହୋଇଥିଲା। ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଲଣ ପଡ଼ିଆକୁ ବିଜେ କରିବା ପରେ ହରିବୋଲ, ହୁଳହୁଳି ଓ ଘଣ୍ଟକାହାଳୀ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଏହି ଉତ୍ସବରେ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଲଣ ଶେଷ ପରେ ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଅଷ୍ଟଶମ୍ଭୁ ମେଲଣ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ୨ଦିନଧରି ପଣା ବଣ୍ଟନ ସେବା ଯୋଗାଇ ଦିଆଯାଇଥିଲା। ବାଲୁଗାଁ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ପଣା ଯାତ୍ରାପଡ଼ିଆରେ ଖୋଲିଲା ଟଙ୍କ ତୋରାଣି କେନ୍ଦ୍ର

କୃଷ୍ଣପ୍ରସାଦ,୧୫ା୪(ଡି.ଏନ୍.ଏ.): ପ୍ରବଳ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପଣାଯାତ୍ରା ପଡ଼ିଆରେ ମହାପ୍ରଭୁଙ୍କ ଟଙ୍କ ତୋରାଣି କେନ୍ଦ୍ର କୃଷ୍ଣପ୍ରସାଦ ବିକାଶ ପରିଷଦ ପକ୍ଷରୁ ଖୋଲାଯାଇଛି। କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସର୍ବଭାରତୀୟ କାନାରା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ, ୩୫ ମୌଜା ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ପରିଷଦର ରବୀନ୍ଦ୍ର ନାଥ ମାଝୀ, ଅମିତା ତରେଇ, ଶଙ୍କର୍ଷଣ ପଲେଇ, ବିଷ୍ଣୁ ଚରଣ ବେହେରା, ମୀନା ରାଣୀ ସାହୁ, ଲକ୍ଷ୍ମୀଧର ପରିଡ଼ା, ନକୁଳ ସୁନ୍ଦରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି। ୫ଦିନ ଏହି ସେବା ଯୋଗାଇ ଦିଆଯିବ ବୋଲି ଅମିତା ତରେଇ ସୂଚନା ଦେଇଛନ୍ତି।

### ରାମ ଅଭିଷେକ ନୀତି ସହ ସାହିଯାତ ଶେଷ

ପୁରୀ ଅଫିସ,୧୫ା୪: ବୈଶାଖ ମାସ କୃଷ୍ଣପକ୍ଷ ଦଶମୀ ତିଥି ଶନିବାର ଶ୍ରବଣା ମକର ନକ୍ଷତ୍ର ତଥା ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାମ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଅପରପକ୍ଷେ ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ଆଗତ କରାଯାଇଛି। ସ୍ଥାନୀୟ ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ଏହି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ଡାକିଯିବା ପରେ ଦକ୍ଷିଣଘରୁ ଶ୍ରୀମଦନମୋହନ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ନକ୍ଷତ୍ର ବନ୍ଦାବନା ଅନୁଷ୍ଠିତ ହୋଇଥିଲା। ବଡ଼ବାଡ଼ରେ ମୁଦିରସ୍ତ, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ନକ୍ଷତ୍ର ବନ୍ଦାପନା ନୀତି ସମ୍ପାଦନା କରିଥିଲେ। ବଡ଼ଠାକୁରଙ୍କ ନକ୍ଷତ୍ର ଏବଂ ରାଶି ଲାଗିରେ ନକ୍ଷତ୍ର ବନ୍ଦାପନା ପଡ଼ିଥିବାରୁ ବଳଭଦ୍ରଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ନକ୍ଷତ୍ର ବନ୍ଦାପନା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ପରେ ସେବାୟତଙ୍କ ଗହଣରେ ନକ୍ଷତ୍ର ବେଢ଼ା ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀମଦନମୋହନଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯିବା ସହିତ ପ୍ରତିହାରୀ ସେବକମାନେ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ।

## ପ୍ଲାଷ୍ଟିକମୁକ୍ତ ଅଭିଯାନ

କୃଷ୍ଣପ୍ରସାଦ,୧୫ା୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଚାଲିଛି ୭୬ତମ ପଣାଯାତ୍ରା ମହୋତ୍ସବ। ଏହି ଅବସରରେ ପଡ଼ିଆକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଏକ୍ରିକ୍ ପ୍ରକଳ୍ପ ପକ୍ଷରୁ ନିୟୋଜିତ ହମାରା ବଚପନ ଟ୍ରଷ୍ଟ ଏବଂ ପଣାଯାତ୍ରା ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ତେବେ ଅଦରକାରୀ ବସ୍ତୁରୁ ନିତ୍ୟ ବ୍ୟବହୃତ ସାମଗ୍ରୀ ଶିବିର ପଣାଯାତ୍ରା ପଡ଼ିଆ ମଧ୍ୟରେ ଆୟୋଜନ କରାଯାଇଛି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ଦଳପତି ଅଶୋକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ ସାହୁ, ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ, ଜୀବିକା ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ନଳିନୀକାନ୍ତ ବଡ଼ଜେନା ପ୍ରମୁଖ ଶୋଭାଯାତ୍ରାରେ ଯାଇ ଅସ୍ଥାୟୀ ବ୍ୟବସାୟୀଙ୍କୁ ସଚେତନ କରାଇବା ସହ ଡଷ୍ଟବିନ ବ୍ୟବହାର କରିବାକୁ କହିଥିଲେ। ପ୍ରତ୍ୟହ ଦୁଇ ଥର ଯାତ୍ରା ପଡ଼ିଆକୁ ସଫେଇ କରାଯିବ ବୋଲି ହମାରା ବଚପନ ଟ୍ରଷ୍ଟର ଦଳପତି ଅଶୋକ ନାୟକ କହିଛନ୍ତି।

## 'ସମୂହ ପ୍ରୟାସ ପରିବେଶକୁ ସନ୍ତୁଳିତ ରଖିବ'



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଅଫିସ,୧୫ା୪

ପିଲାଙ୍କ ମଧ୍ୟରେ ପରିବେଶ ସୁରକ୍ଷା, ସଚେତନତା ବୃଦ୍ଧି ପାଇଁ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଶିକ୍ଷାବିଭାଗ ଆନୁକୂଲ୍ୟରେ 'ପରିବେଶ ଆହ୍ୱାନ ଏବଂ ଆମର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଓଡ଼ିଶା ପରିବେଶ ସମିତିର ସମ୍ପାଦକ ତଥା ବିଶିଷ୍ଟ ପରିବେଶବିତ୍ ଡ.ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତି ପୃଥିବୀରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ପରିବେଶଜନିତ ସମସ୍ୟା ଚିତ୍ର ଉପସ୍ଥାପନ କରିଥିଲେ। ଜଙ୍ଗଲ କ୍ଷୟ, ବିଭିନ୍ନ ପ୍ରକାର ପ୍ରଦୂଷଣ ଯୋଗୁ ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ନଷ୍ଟ ହେବା ସହ ମାଟିର ଉର୍ବରତା ମଧ୍ୟ କମିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱ ପାଇଁ ବଡ଼ ଆହ୍ୱାନ। ଦ୍ରୁତ ଜନସଂଖ୍ୟା, ଶିଳ୍ପାୟନ, ସହରୀକରଣ ଯୋଗୁ ପ୍ରାକୃତିକ ସମ୍ବଳ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏଭଳି ଏକ ପୃଷ୍ଠଭୂମିରେ ପରିବେଶ ସୁରକ୍ଷା ଦିଗରେ ପ୍ରତ୍ୟେକ ବ୍ୟକ୍ତି ଜଣେ ସବୁଜ ସେନାନୀଭାବେ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ୍ ହେବା ସହ ସଚେତନତା ବୃଦ୍ଧି ଦିଗରେ କାର୍ଯ୍ୟ କଲେ ପରିବେଶ ସୁରକ୍ଷିତ ରହିବ। ଏଥିରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। କଲେଜ କ୍ୟାମ୍ପସ, ନିଜ ଅଞ୍ଚଳରେ ରହୁଥିବା ଚତୁଃପାର୍ଶ୍ୱରେ ବ୍ୟାପକ ଚାରାରୋପଣ ସହ ତାହାର ଉପଯୁକ୍ତ ଯତ୍ନ ନେଲେ, ପରିବେଶ ସନ୍ତୁଳିତ ହୋଇପାରିବ। ସମୂହ ପ୍ରୟାସ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ ବୋଲି ପାଣିଗ୍ରାହୀ କହିଥିଲେ। କଲେଜ ପରିଚାଳନା ସମିତି ଅଧ୍ୟକ୍ଷା ଡ. ମମତା ଦେ କହିଥିଲେ, ପରିବେଶ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ଏଥିପ୍ରତି ସଚେତନ ହେଲେ ଏହି କର୍ମଶାଳା ସଫଳ ହେବ। ବିଭାଗୀୟ ମୁଖ୍ୟ ସରୋଜା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ସ୍ମରଣିକା ରଣା ମଞ୍ଚ ପରିଚାଳାନ କରିଥିବା ବେଳେ ଛାତ୍ରୀ ଅନ୍ନପୂର୍ଣ୍ଣା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିପାଟଣା,୧୫ା୪(ଡି.ଏନ୍.ଏ.)

ବିଶ୍ୱନାଥପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସୌଭାଗ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ଯୋଗଦେଇ ଶିକ୍ଷା ଗ୍ରହଣ ଦ୍ୱାରା ଜଣେ ଚରିତ୍ରବାନ ବ୍ୟକ୍ତି ସୃଷ୍ଟି କରିବା ବିଦ୍ୟାଳୟର ଦାୟିତ୍ୱ। ଶିକ୍ଷା ବିକାଶ ସମିତି ଏଥିପାଇଁ ସଦାସର୍ବଦା ଚେଷ୍ଟା କରୁଛି ବୋଲି କହିଥିଲେ। ଅତିଥିଭାବେ ଶିକ୍ଷା ବିକାଶ ସମିତିର କରୁଣାକର ପ୍ରଧାନ, ସୂର୍ଯ୍ୟ ନାରାୟଣ ମିଶ୍ର, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ନୃତ୍ୟ, ସଙ୍ଗୀତ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ର ରୁଦ୍ର ମାଧବ ବାରିକ୍ ଓ ପ୍ରିୟାନ୍ସୁ ସାହୁଙ୍କୁ ବିଧାୟକ ସମ୍ମାନିତ କରିଥିଲେ। ବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ସଙ୍ଗୀତା ହୋତା, ଉପଦେଷ୍ଟା ରବୀନ୍ଦ୍ର ମିଶ୍ର ଓ ସଂଯୋଜକ ପ୍ରଫୁଲ୍ଲ କୁମାର ସାଠୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱୟଂଚାଳିତ ପରିଜା ପାଠାଗାର ଉଦ୍‌ଘାଟିତ

### ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୫ା୪(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ପରିଜା ପାଠାଗାର ନୂଆ ରୂପ ପାଇଛି। ଏହାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରାଯିବା ସହ ଡିଜିଟାଲ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶନିବାର ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ପରିଜା ପାଠାଗାରକୁ ଉଦ୍‌ଘାଟନ କରିଛନ୍ତି। ଡିଜିଟାଲ ପାଠାଗାରରେ କମ୍ପ୍ୟୁଟର ସିଷ୍ଟମ ସହିତ ୭୬ଟି ସିଟ୍ ବିଶିଷ୍ଟ ହଲ୍ ସ୍ଥାପନ କରାଯାଇଛି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ଏଠାରେ ପ୍ରତିଷ୍ଠିତ ପତ୍ରିକା ଏବଂଅନ୍‌ଲାଇନରେ ଉପଲବ୍ଧ ପୁସ୍ତକଗୁଡ଼ିକ ଗବେଷଣା ଓ ପଠନ ପାଇଁ ଉପଲବ୍ଧ ହେଉଛି। ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁଳପତି ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ନାମରେ ନାମିତ ଏହି କେନ୍ଦ୍ରୀୟ ପାଠାଗାରଟି ୧୯୪୬ରେ କଟକରେ ସ୍ଥାପିତ ହୋଇଥିଲା। ୧୯୬୨ରେ ଏହା ବାଣୀବିହାରକୁ ସ୍ଥାନାନ୍ତରିତ ହୋଇଥିଲା। ପରିଜା ପାଠାଗାରରେ ପ୍ରାୟ ୨ଲକ୍ଷ ୭୧ହଜାର ୬୨୨ରୁ ଅଧିକ ପୁସ୍ତକ ଓ ୫୮୦୦ ବିରଳ ପାଣ୍ଡୁଲିପି ରହିଛି। 'ଭାରତର ସମ୍ବିଧାନ' ପୁସ୍ତକର ୧ ହଜାରଟି ଫଟୋଲିଥୋଗ୍ରାଫିକ ପ୍ରତିକୃତି ରହିଛି। ପାଠାଗାରରେ ଶିଶୁ ପୁସ୍ତକ ସଂଗ୍ରହ, ବୟସ୍କଙ୍କ ପାଇଁ ପଠନ କକ୍ଷ, ବ୍ରେଲ୍ ବହି ସହିତ ଦିବ୍ୟାଙ୍ଗଙ୍କ ପାଇଁ ଏକ ଉତ୍ସର୍ଗୀକୃତ ପଠନ କକ୍ଷ ମଧ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ ନାୟକ, ଗୌତମ ପ୍ରଧାନ, ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ଡ. ଆଶାପୂର୍ଣ୍ଣା ପ୍ରିୟଦର୍ଶିନୀ ନାୟକ, ଡ. ମନୋରଞ୍ଜନ ସେନାପତି, ଚିନ୍ମୟ ପ୍ରଧାନ, ହରପ୍ରସାଦ ନାୟକ, ପରିଜା ପାଠାଗାରର ଇ-ସମ୍ପଦ ପ୍ରଶାସକ ଉପସ୍ଥିତ ଥିଲେ।

## ଚନ୍ଦନଯାତ୍ରା ପାଇଁ କନା କାର୍ଯ୍ୟ ଅନୁକୂଳ

### ୨୩ରୁ ବାହାର ଚନ୍ଦନଯାତ୍ରା

ପୁରୀ ଅଫିସ,୧୫ା୪: ଚଳିତ ମାସ ୨୩ ତାରିଖ ତଥା ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ନନ୍ଦା ଏବଂ ଭଦ୍ରା ଚାପ ଡଙ୍ଗା ସହ ବୈଜୟନ୍ତୀ ଡଙ୍ଗା ପାଣିରୁ ବାହାର କରାଯାଇଛି। ସେହିପରି ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ହେବାକୁ ଥିବା ଚାପ ଡଙ୍ଗା ଦ୍ୱୟ ଏବଂ ମହାପ୍ରଭୁଙ୍କ ନୀତିରେ ବ୍ୟବହାର ହେଉଥିବା ଆବଶ୍ୟକ ସାମଗ୍ରୀ ନିମନ୍ତେ କନା କାର୍ଯ୍ୟ ଶନିବାର ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବିଧିବିଧାନ ଅନୁଯାୟୀ କନା କାର୍ଯ୍ୟ ଅନୁକୂଳ କରିଛନ୍ତି। ନଡ଼ିଆ, ଧୂପ, ଦୀପ, ମହାପ୍ରସାଦ ଆଦି ଅର୍ପଣ କରି କନା କଟା କାର୍ଯ୍ୟ ଅନୁକୂଳ କରିଥିଲେ। ଶେଜ ଏବଂ ମାଣ୍ଡି ପାଇଁ କନା କାଟି ଅନୁକୂଳ କାର୍ଯ୍ୟ ଆରମ୍ଭ କରିଥିଲେ। ଅନୁକୂଳ ପରେ ଗୁରୁବାରଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ନିର୍ମାଣ କାର୍ଯ୍ୟ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କରାଯିବ। ନିର୍ମାଣ କାର୍ଯ୍ୟରେ ୧୭ଜଣ ଦରଜି ଭାଇ ନିୟୋଜିତ ରହିଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟା ପୂର୍ବଦିନ ଶେଷ ହୋଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଦରଜି ସର୍ଦ୍ଦାର ମହାପାତ୍ର ସୂଚନା ଦେଇଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର, ୧୫ା୪ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନ ନିକଟ ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମାନସିକଧାରୀ ମହିଳା, ପୁରୁଷ ନିକଟ ପୁଷ୍କରିଣୀରୁ ପାଣି ଉଠାଇ ଏକ ପଟୁଆରରେ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପ୍ରତ୍ୟହ ସୂର୍ଯ୍ୟପୂଜା ସହିତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ଏହା ଚାରିଦିନ ବ୍ୟାପୀ ଚାଲିବ ବୋଲି ତାରିଣୀ ଯଜ୍ଞ କମିଟିର ସଭାପତି ସୁଦର୍ଶନ ସେଠୀ ସୂଚନା ଦେଇଛନ୍ତି।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩

No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୭।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ **www.sidacodisha.org.in**ରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

ଅତିରିକ୍ତ ସଚିବ

SIDAC
**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
ଫୋନ୍: ୦୬୭୪-୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324



**JHRKHAND STATE BEVERAGES CORPORATION LTD. RANCHI**
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com
Utpad Bhawan, Ground Floor, Near New Police Station, Kanke Road, Ranchi - 834008

Letter No :-780 Date-15.04.2023

**Corrigendum**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

**Important dates**

| S.N. | Particulars | Previous Date | Previous Time | Extended Date | Extended Time |
|---|---|---|---|---|---|
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 02 of 2023-24**

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 03 Nos.
3. Estimated Cost : Rs.245.78 lakh to 521.16 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding: From | To |
|---|---|---|---|
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Superintending Engineer
RWS&S Division, Balangir
OIPR-25033/11/0003/2324



**NOTICE**

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

**Qualification:**
1. **Compulsory:** M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

**Remuneration: Rs.15000/- per month (Consolidated)**
- Interested candidates may send their CV (with personal Email Id and Mobile No.) to **sulochana.sahu111@gmail.com** by **18.04.2023**.
- For any query kindly Contact: **7008928613, 8456047739**.

Sd./- ALF President
Jeevan Jyoti ALF, Dhenkanal
OIPR-13146/11/0003/2324



NOTICE
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 817 OF 2022**

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. **M/s. S. R. Beverages,** Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its **Prop.: Mrs. Sasmita Ray**
2. **Mrs. Sasmita Ray,** W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. **Mr. Prasanta Kumar Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. **Mr. Dusmanta Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. **Mrs. Chanchala Ray,** W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 817 of 2022** in the court of Debts Recovery Tribunal at Cuttack for recovery of ₹ **22,67,294/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt. 31.05.2023 at 10.30 AM** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the **11th day of April, 2023.**

REGISTRAR
Debts Recovery Tribunal, Cuttack



GOVERNMENT OF ODISHA
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
Tel & Fax: 06858-222833 (O), E-mail ID: eerbngpur@yahoo.com
**e-Procurement Notice**
**Bid Identification No. S.E. (R&B) - 01/2023-24/NGP**

**No. 2129** **Date: 12.04.2023**

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : Civil Construction Work as mentioned in DTCN
2. No. of work : 04 Nos.
3. Estimated cost : Rs.174.81 lakhs to 297.00 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 19.04.2023 upto 16.00 hours of 03.05.2023
6. Last date & time for receipt of bids in portal : 16.00 hours of 03.05.2023
7. Bids received online shall be opened on : 11.00 hours of 04.05.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in**.

Sd./- Superintending Engineer
Nabarangpur (R&B) Division
OIPR-34143/11/0001/2324




୧୫।୪।୨୦୨୩

| | |
|---|---|
| ୫,୪୫,୮୦୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୬.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଡାଳ ପଡ଼ି ୨ ଦୋକାନ ଘର ଭାଙ୍ଗିଲା

ଗୋପ,୧୫।୪(ଡି.ଏନ୍.ଏ)- ଗୋପ - ନାଗପୁର ରାସ୍ତାର ସୁବର୍ଣ୍ଣପୁର ବଜାର ଉପରେ ଦୀର୍ଘ ୧୦୦ ବର୍ଷର ଥିବା ଗୋଟିଏ ବରଗଛର ଡାଳ ଶନିବାର ଭୋର୍ ସମୟରେ ଭାଙ୍ଗି ପଡ଼ିବା ଯୋଗୁ ୨ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବରପାଇ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ବସନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଗଛ ଡାଳ ହାଣିବା ସହ ଭାଙ୍ଗିଯାଇଥିବା ଦୋକାନ ଉପରୁ ଅନ୍ୟାନ୍ୟ ଜିନିଷ ପତ୍ର ବାହାର କରିଥିଲେ। ଭୋର୍ ସମୟରେ ଦୁଇଗୋଟି ଦୋକାନର ମାଲିକ ଦୋକାନରେ ଶୋଇଥିଲେ ମଧ ଉଠି ପଳାଇଥିଲେ। ଏପରିକି ଭୋର୍ ସମୟ ହୋଇଥିବାରୁ ଦୋକାନରେ ଗ୍ରାହକ ମଧ ନ ଥିଲେ। ଏହି ଦୁଇଗୋଟି ଦୋକାନ ମଧରେ ଗୋଟିଏ ଔଷଧ ଦୋକାନ ସହିତ ଗୋଟିଏ ପାନ ଦୋକାନ ରହିଥିବା ବେଳେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା ଦାବି କରିଛନ୍ତି।

### ୧୦୮ ହନୁମାନ ଚାଳିଶା ପାଠ

କାକଟପୁର,୧୫।୪(ଡି.ଏନ୍.ଏ.) କାକଟପୁର ବ୍ଲକ କଣ୍ଟାପଡା ପଞ୍ଚାୟତ ପତିସାହି ଗ୍ରାମରେ ପ୍ରତିଷ୍ଠିତ ସତ୍ୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ହନୁମାନ ଜୟନ୍ତୀ, ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଯାଇଛି। ପ୍ରାତଃ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ,ବେଶ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡିପାଠ କରାଯାଇଥିଲା। ସଂକଟ ମୋଚନ ମନ୍ଦିର ଟ୍ରଷ୍ଟର ସଂଯୋଜକ ବିରଞ୍ଚିନାରାୟଣ ଦାଶଙ୍କ ନେତୃତ୍ୱରେ ୩୫ରୁ ଉର୍ଦ୍ଧ୍ୱ ହନୁମାନ ଭକ୍ତ ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। ଗ୍ରାମବାସୀ ଓ ଟ୍ରଷ୍ଟିଙ୍କ ସହଯୋଗରେ ଭକ୍ତମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ଅନ୍ତେ ସମସ୍ତ ଭକ୍ତଙ୍କୁ ପ୍ରସାଦ ଦିଆଯାଇଥିଲା।

# ରାମ ଅଭିଷେକ ନୀତି ସହ ସାହିଯାତ ଶେଷ

ପୁରୀ ଅଫିସ,୧୫।୪

ବୈଶାଖ ମାସ କୃଷ୍ଣପକ୍ଷ ଦଶମୀ ତିଥି ଶନିବାର ଶ୍ରବଣା ମକର ନକ୍ଷତ୍ର ତଥା ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାମ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଅପରପକ୍ଷେ ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ଆଗତ କରାଯାଇଛି। ସ୍ଥାନୀୟ ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ଏହି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ଡାକିଯିବା ପରେ ଦକ୍ଷିଣଘରୁ ଶ୍ରୀମଦନମୋହନ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ନକ୍ଷତ୍ର ବନ୍ଦାବନା ଅନୁଷ୍ଠିତ ହୋଇଥିଲା। ବଡ଼ବାଡ଼ରେ ମୁଦିରସ୍ତ, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ପୂଜାପଣ୍ଡା ସାମନ୍ତ ନକ୍ଷତ୍ର ବନ୍ଦାପନା ନୀତି ସମ୍ପାଦନା କରିଥିଲେ। ବଡ଼ଠାକୁରଙ୍କ ନକ୍ଷତ୍ର ଏବଂ ରାଶି ଲାଗିରେ ନକ୍ଷତ୍ର ବନ୍ଦାପନା ପଡ଼ିଥିବାରୁ ବଳଭଦ୍ରଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ନକ୍ଷତ୍ର ବନ୍ଦାପନା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ପରେ ସେବାୟତଙ୍କ ଗ୍ରହଣରେ ନକ୍ଷତ୍ର ବେଢ଼ା ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀମଦନମୋହନଙ୍କୁ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯିବା ସହିତ ପ୍ରତିହାରୀ ସେବକମାନେ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ଦ୍ୱାର ନିକଟରେ ଶ୍ରୀମଦନମୋହନଙ୍କୁ ଶୀତଳଭୋଗ ମଣୋହି ପରେ ଦ୍ୱାର ଫିଟାଯାଇଥିଲା। ପରେ ମହାଜନ ସେବକମାନେ ଠାକୁରଙ୍କୁ ଦକ୍ଷିଣୀଘରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଅନ୍ୟାନ୍ୟ ନୀତି ବଢ଼ି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା।

ପରେ ଗୌଡ଼ବାଡସାହି ପକ୍ଷରୁ ରାମାଭିଷେକ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଗୌଡବାଡ ସାହି ଆଖଡ଼ାର ଭରତ, ଶତ୍ରୁଘ୍ନ, ହନୁମାନ ଏବଂ ବଶିଷ୍ଠ ଭୂମିକାରେ ୪ଜଣ ଯୁବକ ରହିଥିଲେ। ପରେ



ସାହିଯାତ ଶେଷ ଦିନରେ ଭରତ, ଶତ୍ରୁଘ୍ନ ନୀତି ସମ୍ପାଦନ ପାଇଁ ହନୁମାନଙ୍କ ସହ ଶ୍ରୀମନ୍ଦିରକୁ ଯାଉଛନ୍ତି।

## ମହାପ୍ରଭୁଙ୍କ ନକ୍ଷତ୍ର ବନ୍ଦାପନା

ଭରତ ଏବଂ ଶତ୍ରୁଘ୍ନ ଶ୍ରୀମନ୍ଦିର ରତ୍ନଭଣ୍ଡାର ନିକଟକୁ ଯାଇ ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ନେଇ ଘଣ୍ଟ, ଛତା, କାହାଳୀ ପଟୁଆରରେ ନନ୍ଦଗ୍ରାମ ଭାବେ ସଜିତ ହୋଇଥିବା ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ମଠ ନିକଟରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡାବିଜେ କରି ଲକ୍ଷ୍ମୀ ମନ୍ଦିରର ଜଗମୋହନ ଥିବା ଖଟଶେଜ ଉପରେ ବିଜେ କରିଥିଲେ। ଏହାପରେ ଠାକୁରମାନଙ୍କ ମହାସ୍ନାନ ଓ ମାଳଫୁଲ ଲାଗି କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ପରେ ପାଣିପଡି ଅଭିଷେକ ଭୋଗ ଡକାଯାଇଥିଲା। ପୂଜାପଣ୍ଡା ପଞ୍ଚଉପଚାରରେ ଭୋଗ ମଣୋହି କରିବା ପରେ ରାଜ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଠାକୁରମାନଙ୍କୁ ଦକ୍ଷିଣ ଘରକୁ ବାହୁଡା ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ଅପରପକ୍ଷେ ଗୌଡବାସ ସାହି ପକ୍ଷରୁ ଯାତ ବାହାରିଥିଲା। ଗୌଡବାଡ ସାହିର ବିଭିନ୍ନ ଜାଗା ପକ୍ଷରୁ ନାଗା, ଫୁଲ ମେଢ, ମୁଖାମେଢ, କାଳି ମେଢ, ପଞ୍ଚମୁଖୀ ହନୁମାନ, ଦଶ ଅବତାର ମେଢ ସହ ବିଭିନ୍ନ ମେଢ, ସମରକଳା ନୃତ୍ୟ ବାହାରି ଥିଲା।

# ଚନ୍ଦନ ଯାତ୍ରା ଲାଗି କନା କାର୍ଯ୍ୟ ଅନୁକୂଳ

ପୁରୀ ଅଫିସ,୧୫।୪

## ୨୩ରୁ ବାହାର ଚନ୍ଦନ ଯାତ୍ରା

ଚଳିତ ମାସ ୨୩ ତାରିଖ ତଥା ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ନନ୍ଦା ଏବଂ ଭଦ୍ରା ଚାପ ଡଙ୍ଗା ସହ ବୈଜୟନ୍ତୀ ଡଙ୍ଗା ପାଣିରୁ ବାହାର କରାଯାଇଛି। ସେହିପରି ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ହେବାକୁ ଥିବା ଚାପ ଡଙ୍ଗା ଦ୍ୱୟ ଏବଂ ମହାପ୍ରଭୁଙ୍କ ନୀତିରେ ବ୍ୟବହାର ହେଉଥିବା ଆବଶ୍ୟକ ସାମଗ୍ରୀ ନିମନ୍ତେ କନା କାର୍ଯ୍ୟ ଶନିବାର ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବିଧିବିଧାନ ଅନୁଯାୟୀ କନା କାର୍ଯ୍ୟ ଅନୁକୂଳ କରିଛନ୍ତି। ନଡ଼ିଆ, ଧୂପ, ଦୀପ, ମହାପ୍ରସାଦ ଆଦି ଅର୍ପଣ କରି କନା କଟା କାର୍ଯ୍ୟ ଅନୁକୂଳ କରିଥିଲେ। ଶେଜ ଏବଂ ମାଣ୍ଡି ପାଇଁ କନା କାଟି ଅନୁକୂଳ କାର୍ଯ୍ୟ ଆରମ୍ଭ କରିଥିଲେ। ଅନୁକୂଳ ପରେ ଗୁରୁବାରଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହାପ୍ରଭୁଙ୍କ ପାଇଁ ୧୭ଟି ଶେଜ, ୨୧ଟି ମାଣ୍ଡି, ମୁର୍ଦ୍ଦଙ୍ଗ ମାଣ୍ଡି ୨ଟି, ଧଳା ଛତା ଗୋଟିଏ, କଳା ଛତା ଗୋଟିଏ, ଓଳାର ଗୋଟିଏ, ସୁନା ବିଞ୍ଚଣା ଗୋଟିଏ, ରୁପା ଆଲଟ ୩ଟି, ବିଞ୍ଚଣା ୫ଟି, ରୁପା ଦଶ ଅବତାର ମୁଣି ଗୋଟିଏ, ଅଳଙ୍କାର ମୁଣି ଗୋଟିଏ, ପାଲିଙ୍କି ଚାଳି ୨ଟି, ତରାସ ଗୋଟିଏ, ନନ୍ଦା ଚାପର ମଣ୍ଡଣି ଗୋଟିଏ ଏବଂ ଭଦ୍ରା ଚାପର ମଣ୍ଡଣି ଗୋଟିଏ, ବାଙ୍କି ୮ଟି, ଖଣ୍ଡା ଓ ଛୁରି, ଏହାବ୍ୟତୀତ ଚାନ୍ଦୁଆ ପତାକା ଆଦି ନିର୍ମାଣ କରାଯିବ। ସମସ୍ତ ନିର୍ମାଣ କାର୍ଯ୍ୟ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କରାଯିବ। ନିର୍ମାଣ କାର୍ଯ୍ୟରେ ୧୭ଜଣ ଦରଜି ଭାଇ ନିୟୋଜିତ ରହିଛନ୍ତି। ସମସ୍ତ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟା ପୂର୍ବଦିନ ସମାପ୍ତ ହୋଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଦରଜି ସର୍ଦ୍ଦାର ମହାପାତ୍ର ସୂଚନା ଦେଇଛନ୍ତି। କନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର କନା, ବିଭିନ୍ନ ପ୍ରକାର ଲେସ ଏବଂ ଚୁମୁକି ବ୍ୟବହାର କରାଯିବ। ତେବେ ଚଳିତ ବର୍ଷ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ଗାଁ ଧାନ ଦେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାରେ ନନ୍ଦା, ଭଦ୍ରା ପାଇଁ ବ୍ୟବହୃତ ହେଉଥିବା କନା ସହ ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ନିମନ୍ତେ କନା ପ୍ରଦାନ କରାଯାଇଛି।

## ମା' ରାମଚଣ୍ଡୀଙ୍କ ଜଳସାଇ

ପୁରୀ ଅଫିସ,୧୫।୪

ମହାବିଷୁବ ସଂକ୍ରାନ୍ତି ଅବସରରେ ପୁରୀ ରାମଚଣ୍ଡୀ ସାହିସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳସାଇ ନୀତି ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁମାନେ ମାନସିକ କରି ମା'ରାମଚଣ୍ଡୀ ଠାକୁରାଣୀଙ୍କ ଉପରେ ଜଳ ଲାଗି କରିଥିଲେ। ପ୍ରତ୍ୟେକ ବର୍ଷ ମହାବିଷୁବ ସଂକ୍ରାନ୍ତି ଅବସରରେ ଠାକୁରାଣୀଙ୍କ ଜଳସାଇ ନୀତି ଅନୁଷ୍ଠିତ ହୋଇଥାଏ। ରାମଚଣ୍ଡୀ ଠାକୁରାଣୀ ଜଳସାଇ ନୀତି ଦେଖିବା ଲାଗି ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଶ୍ୱାସ ରହିଛି, ମା' ରାମଚଣ୍ଡୀଙ୍କ ସ୍ନାନ ଜଳରେ ସ୍ନାନ କଲେ କିମ୍ବା ପାନ କଲେ ବିଭିନ୍ନ ରୋଗ ବ୍ୟାଧିରୁ ମୁକ୍ତି ମିଳିବା ସହ କୋଟି ପୁଣ୍ୟ ଅର୍ଜନର ସୌଭାଗ୍ୟ ମିଳିଥାଏ।

# ୨୩ରୁ ଗୋଟିପୁଅ ନୃତ୍ୟୋତ୍ସବ

ପୁରୀ ଅଫିସ,୧୫।୪

ଗୋଟିପୁଅ ନୃତ୍ୟ ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପ୍ରଦର୍ଶନ। ଏହା କୋଟି କୋଟି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ ନିଜ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ। ରଘୁରାଜପୁରର ଏହି ଚମତ୍କାର ନୃତ୍ୟକୁ ନେଇ ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରଘୁରାଜପୁର ଗ୍ରାମରେ ଗୋଟିପୁଅ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଏହି ଉତ୍ସବକୁ ସଫଳ କରିବାକୁ ସମସ୍ତ ବିଭାଗର ପାରସ୍ପରିକ ସହଯୋଗ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସ୍ମୃତିରଞ୍ଜନ ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଚନ୍ଦନପୁର ଆଇଆଇସି ସୁମତୀ କୁମାରୀ ମହାନ୍ତି, ଗୋଟିପୁଅ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବଦ୍ରି ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶିବାଶିଷ ଖୁଣ୍ଟିଆ, ଗୋଟିପୁଅ ଅନୁଷ୍ଠାନର ସେବେନ୍ଦ୍ର ଦାସ ଓ ସଂଯୋଜକ ବସନ୍ତ କୁମାର ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଶ୍ରୀରାଧାରମଣ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଶ୍ରୀଶ୍ରୀରାଧାରମଣ ଦେବଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଶ୍ରୀଜଗନ୍ନାଥ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିଲେ ଶ୍ରୀରାଧାରମଣ ଦେବ

ପୁରୀ ଅଫିସ,୧୫।୪

ଶ୍ରୀରାଧାରମଣ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଶ୍ରୀଶ୍ରୀରାଧାରମଣ ଦେବଙ୍କ ଜୟନ୍ତୀ ଉତ୍ସବ ଦେବୀଘାଟସ୍ଥିତ ଫକୀର ମୋହନ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରମୋଦ କୁମାର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀରାଧାରମଣଙ୍କ ପ୍ରତି ଭକ୍ତିଅର୍ଘ୍ୟ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଚିକିତ୍ସକ ଡା.ସୁନୀଲ କୁମାର ତରାଇ ଯୋଗଦେଇ ଛାତ୍ର ସମାଜ ପ୍ରତି ମହାପୁରୁଷମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିର ପାଇକ ନିଯୋଗ ସମ୍ପାଦକ ନୀଳମଣି ଗୁରୁ ଶ୍ରୀରାଧାରମଣ ଦେବ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିଲେ ବୋଲି କହିଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରଚଳିତ ଶ୍ରୀଜଗନ୍ନାଥ ଓ ଚନ୍ଦନ ଯାତ୍ରାରେ ସମସ୍ତ ଲୀଳାକୁ ତାଙ୍କ ଆବିର୍ଭାବର ୩୫୦ ବର୍ଷ ପରେ ଶ୍ରୀକ୍ଷେତ୍ରରେ ସିଏ ପୁନଃ ପ୍ରଚଳନ କରାଇଥିଲେ। ଶ୍ରୀମନ୍ଦିରରେ ପାଦପଦ୍ମ ସ୍ଥାପନା ସହିତ ପୁରୀର ମଠ ମନ୍ଦିର ସଂରକ୍ଷଣ କରିଥିଲେ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଫକୀର ମୋହନ ବିଦ୍ୟା ମନ୍ଦିରର ଚେୟାରମ୍ୟାନ ଅଭୟ ରାଉତ ଯୋଗଦେଇଥିଲେ। ସଭାରେ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସ ସଭାପତିତ୍ୱ କରିଥିଲେ। ଉତ୍ସବ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ହୋଟେଲରେ ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ଦାବି

ନିମାପଡ଼ା,୧୫।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ସର୍ବାପଡ଼ା ଗ୍ରାମ ନିକଟରେ ଥିବା ଏକ ସୌଖୀନ ହୋଟେଲରେ ଦୀର୍ଘଦିନ ଧରି ବେଆଇନ ଭାବେ ଦେହ ବ୍ୟବସାୟ ଓ ଜୁଆଖେଳ ଚାଲିଥିବା ସର୍ବାପଡ଼ାବାସୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ପୋଲିସ ଏ ଦିଗରେ ଦୃଢ ପଦକ୍ଷେପ ନେଇ ହୋଟେଲରେ ଚାଲିଥିବା ଅବାଧ କାର୍ଯ୍ୟକୁ ବନ୍ଦ କରିବା ସହ ହୋଟେଲ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏକ ଆଶ୍ରମ ନିକଟରେ ନିମାପଡ଼ା– କୋଣାର୍କ ମୁଖ୍ୟ ରାସ୍ତାକଡ଼ରେ ଏହି ହୋଟେଲ ଅବସ୍ଥିତ। ସେଠାରେ ଦିନରେ ମଧ ଏପରି କାର୍ଯ୍ୟ ଚାଲୁଥିବାରୁ ଆଶ୍ରମକୁ ଆସୁଥିବା ଲୋକଙ୍କ ଧାର୍ମିକ ଭାବ ଧାରା ନଷ୍ଟ ହେଉଥିବାବେଳେ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଇ ବହୁ ଅପରାଧୀ ଏହି ହୋଟେଲରେ ରାତ୍ରିଯାପନ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହୋଟେଲରେ ଚାଲିଥିବା ଅନୈତିକ କାର୍ଯ୍ୟର କୁପ୍ରଭାବ ସ୍ଥାନୀୟ ଅଞ୍ଚଳରେ ପଡୁଛି। ପୋଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମକୁ କହିବା ସହ ଚେତାବନୀ ଦେଇଛନ୍ତି। ଉକ୍ତ ହୋଟେଲରେ ଅବାଧରେ ଜୁଆଖେଳ ଚାଲୁଥିବାବେଳେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଜୁଆଡିମାନେ ହୋଟେଲରେ ଆଡ୍ଡା ଜମାଇଥିବା ଦେଖାଯାଉଛି।

## ରାଜ୍ୟ ବାର୍ ଆସୋସିଏଶନ ନିର୍ବାଚନ, ପୁରୀରେ ମତଦାନ

ପୁରୀ ଅଫିସ ୧୫।୪ - ରାଜ୍ୟ ବାର୍ ଆସୋସିଏଶନ ନିର୍ବାଚନ ପାଇଁ ଶନିବାର ପୁରୀ କୋର୍ଟ ପରିସରରେ ମତଦାନ ହୋଇଛି। ଏଥିରେ ପୁରୀ ବାର୍ ଆସୋସିଏଶନ୍‌ର ଓକିଲମାନେ ନିଜ ନିଜ ପସନ୍ଦ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ୮ଟି ବୁଥ୍ ହୋଇଥିବାବେଳେ ଗୋଟିଏ ବୁଥ୍‌ରେ ୩୦୦ଜଣଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ବାର୍ ଆସୋସିଏଶନର ସମୁଦାୟ ୨୫ଜଣ ସଦସ୍ୟଙ୍କ ପାଇଁ ଭୋଟ ଗ୍ରହଣ ହେଉଛି।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩

No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୭।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ **www.sidacodisha.org.in**ରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

ଅତିରିକ୍ତ ସଚିବ

SIDAC
**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର – ୭୫୧୦୩୦
ଫୋନ୍: ୦୬୭୪–୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 02 of 2023-24**

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

| | | |
|---|---|---|
| 1. | Nature of Work | : Construction of ESR, UGR, pump house with laying of rising main and distribution in different villages of Balangir district. |
| 2. | Total No. of Work | : 03 Nos. |
| 3. | Estimated Cost | : Rs.245.78 lakh to 521.16 lakh |
| 4. | Eligible Class of Contractor | : "B", "A" Contractor |
| 5. | Period of Completion | : Eighteen Months |
| 6. | Other Details | : |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- Superintending Engineer**
**RWS&S Division, Balangir**
OIPR-25033/11/0003/2324



**NOTICE**

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

**Qualification:**
1. **Compulsory:** M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

**Remuneration: Rs.15000/- per month (Consolidated)**
- Interested candidates may send their CV (with personal Email Id and Mobile No.) to **sulochana.sahu111@gmail.com** by **18.04.2023**.
- For any query kindly Contact: **7008928613, 8456047739**.

**Sd./- ALF President**
**Jeevan Jyoti ALF, Dhenkanal**
OIPR-13146/11/0003/2324



**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 817 OF 2022**

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. **M/s. S. R. Beverages**, Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its **Prop.: Mrs. Sasmita Ray**
2. **Mrs. Sasmita Ray,** W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. **Mr. Prasanta Kumar Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. **Mr. Dusmanta Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. **Mrs. Chanchala Ray,** W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 817 of 2022** in the court of Debts Recovery Tribunal at Cuttack for recovery of ₹ **22,67,294/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt. 31.05.2023 at 10.30 AM** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the **11th day of April, 2023.**

**REGISTRAR**
**Debts Recovery Tribunal, Cuttack**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
**Tel & Fax: 06858-222833 (O), E-mail ID: eerbngpur@yahoo.com**
**e-Procurement Notice**
**Bid Identification No. S.E. (R&B) - 01/2023-24/NGP**

**No. 2129** **Date: 12.04.2023**

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

| | | |
|---|---|---|
| 1. | Name of the work | : Civil Construction Work as mentioned in DTCN |
| 2. | No. of work | : 04 Nos. |
| 3. | Estimated cost | : Rs.174.81 lakhs to 297.00 lakhs |
| 4. | Period of Completion | : 5 Calendar of months |
| 5. | Date & time of bidding | : From 11.00 hours of 19.04.2023 upto 16.00 hours of 03.05.2023 |
| 6. | Last date & time for receipt of bids in portal | : 16.00 hours of 03.05.2023 |
| 7. | Bids received online shall be opened on | : 11.00 hours of 04.05.2023 |
| 8. | Name and address of the Officer Inviting Bid | : Superintending Engineer, Nabarangpur (R&B) Division, Nabarangpur |

Further details can be seen from the **www.tendersodisha.gov.in**.

**Sd./- Superintending Engineer**
**Nabarangpur (R&B) Division**
OIPR-34143/11/0001/2324



**JHRKHAND STATE BEVERAGES CORPORATION LTD. RANCHI**
**(A GOVT. OF JHARKHAND UNDERTAKING)**
**Corporate Identification No :-U51228JH2010SGC014519, TIN No – 20520108277**
**E-mail :- jsbcl.jharkhand@gmail.com**
**Utpad Bhawan, Ground Floor, Near New Police Station, Kanke Road, Ranchi - 834008**

Letter No :-780 Date-15.04.2023

**Corrigendum**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

**Important dates**

| S.N. | Particulars | Previous | | Extended | |
|---|---|---|---|---|---|
| | | Date | Time | Date | Time |
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଜୟ ଓଡ଼ିଶା ଶକ୍ତି ପକ୍ଷରୁ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ, ସକାଳ ୯ଟା।
- ମାନସିକ ଅନଗ୍ରସର ପିଲାଙ୍କ ଅଭିଭାବକ ସଂଘର ୧୬ତମ ବାର୍ଷିକୋତ୍ସବ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- କଳିଙ୍ଗ ରାଜକୁମାରୀ, ଓଡ଼ିଶା ଫ୍ୟାଶନ ଭିଲ୍ଲା, ଅପରାହ୍ନ ୫ଟା।
- ଚିନ୍ତା ଓ ଚେତନାର ୪୫ତମ ବୈଶାଖୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ ନବବର୍ଷ ଓ ଦ୍ୱିତୀୟ ସାରଳାଦାସ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ଆହୁତି ପ୍ରଦାନ, ମନ୍ଦିର ପରିସର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ରାତି ୮ଟା।

ବାଲିଅନ୍ତା
- ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ, ହରିଦାସପୁର- ନହରକଣ୍ଟା, ଶ୍ରୀ ସପ୍ତେଶ୍ୱର ମହାଦେବ ମନ୍ଦିର, ଅପରାହ୍ନ ୫ଟା।
- ବାଦିପାଲା ପରିବେଷଣ, ମହାନ୍ତିପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ ଏବଂ ସୁନ୍ଦରାପାଟଣା-ରୁଦ୍ରପୁର, ମା' ଗେହ୍ଲାଦୋଇଙ୍କ ପୀଠ ସନ୍ଧ୍ୟା ୭ଟା।
- ରାମଲୀଳାର ନାଟକ, 'ତରଣୀସେନ ବଧ ଓ ବୀରାହୁ ବଧ', ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।
- ରାମ ଲୀଳାର ନାଟକ 'ଇନ୍ଦ୍ରଜିତ ବଧ', ଗୋତଳବିନ୍ଧା ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ରାତି ୧୧ଟା ୩୦।

କଟକ
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ସାରସ୍ୱତ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୦ଟା ୩୦।

ବଡ଼ମ୍ବା
- ପ୍ରାଣଯୋଗ ପ୍ରତିଷ୍ଠାନ, ଓଡ଼ିଶାର ଊନବିଂଶ ବାର୍ଷିକ ଉତ୍ସବ ପାଳିତ, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରତାପାଟ, ସକାଳ ୭ଟା।



ଚିନ୍ତା ଓ ଚେତନା ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ୪୫ତମ ବୈଶାଖୀ ଉତ୍ସବରେ ପୁରସ୍କୃତ ଓ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

# ପହଣ୍ଡି ବିଜେ ସହ ଆରମ୍ଭ ହେଲା ବୈଶାଖୀ ଉତ୍ସବ

■ ୧୩ଜଣଙ୍କୁ 'ଚିନ୍ତା ଓ ଚେତନା ଜାତୀୟ ପୁରସ୍କାର'
■ ୧୨ଜଣଙ୍କୁ 'ଚିନ୍ତା ଓ ଚେତନା ବୈଶାଖୀ ସମ୍ମାନ'

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଚିନ୍ତା ଓ ଚେତନା ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ୪୫ତମ ବୈଶାଖୀ ଉତ୍ସବ ଆରମ୍ଭ ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେରେ ସନ୍ଧ୍ୟାର କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ହୋଇଥିଲା। ଘଣ୍ଟ ଧ୍ୱନିର ତାଳେ ତାଳେ କମ୍ପି ଉଠୁଥିଲା ମଣ୍ଡପ। ଗୋଟିପୁଅ, ସାରଳା ଘଣ୍ଟ ନୃତ୍ୟ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ତାଙ୍କ ସାଥୀଙ୍କ ପରିବେଷଣ ସହ ବ୍ରାହ୍ମଣଙ୍କ ବେଦ ଧ୍ୱନିରେ ମଞ୍ଚରେ ବିରାଜି ଥିଲେ ଶ୍ରୀଜଗନ୍ନାଥ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ବାବା ରାମ ନାରାୟଣ ଦାସ, ଲକ୍ଷ୍ମୀକାନ୍ତ ପାଲିତ, ଅନୁଷ୍ଠାନର ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୩ବର୍ଷ ପାଇଁ ୧୩ଜଣଙ୍କୁ 'ଚିନ୍ତା ଓ ଚେତନା ଜାତୀୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ୨୦୨୦-୨୧ ବର୍ଷ ପାଇଁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ୨୦୨୨-୨୩ବର୍ଷ ପାଇଁ ଜ୍ଞାନ ରଞ୍ଜନ ମହାପାତ୍ର, ଦିଲୀପ କୁମାର ମିଶ୍ର, ପ୍ରଫେସର ତପନ କୁମାର ପଣ୍ଡା ଓ ୨୦୨୩-୨୪ବର୍ଷ ପାଇଁ ସୁଶୀଳ ମିନହାସ, ଅମ୍ବିକା ପ୍ରସାଦ ମହାନ୍ତି, ବୈକୁଣ୍ଠ ନାଥ ପଣ୍ଡା, ହରେନ୍ ସାହୁ, ସୁନୀଲ କୁମାର ଦାଶ, ଡ. ଗୋପାଳ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ନାରାୟଣ ମିଶ୍ର, ଦେବାଶିଷ ମହାପାତ୍ର ଓ ସତ୍ୟବ୍ରତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୧୨ଜଣଙ୍କୁ 'ଚିନ୍ତା ଓ ଚେତନା ବୈଶାଖୀ ସମ୍ମାନ' ପ୍ରଦାନ କରାଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ ସଂଘମିତ୍ରା ପରିଡ଼ା, ମାଲ୍‌କିନ ବେହେରା, ସ୍ମିତା ଦାଶ ଓ ୨୦୨୩-୨୪ ବର୍ଷ ପାଇଁ ଶରତ କୁମାର ପାଣି, ରେଣୁକା ସେଠୀ, ହରେକୃଷ୍ଣ ଧଳ, ମାରୁତି ରିପ୍ରିଣ୍ଟ, ରାଧେଶ୍ୟାମ ତରେଇ, ଗାୟକ ରତ୍ନ ସିଦ୍ଧେଶ୍ୱର ନାୟକ, ମଧୁ ମଣ୍ଡଳ, ପ୍ରଦୀପ ଦେହୁରୀ, ଅକ୍ଷୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ୧୮ ତାରିଖ ଯାଏ ଚାଲିବାକୁ ଥିବା ଏହି ଉତ୍ସବର ମିଡିଆ ପାର୍ଟନର ରହିଛି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'।



ବୈଶାଖୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଇଞ୍ଜିନିୟର ଛାତ୍ରଙ୍କଠାରୁ ନେଇଗଲେ ୧୫ ଲକ୍ଷ

**ଟ୍ରେଡିଂ ଆପ୍‌ରେ ଟଙ୍କା ବିନିଯୋଗ କରିବା ନାମରେ ସାଇବର ଠକେଇ**

**ଭୁବନେଶ୍ୱର,୧୫।୪ (ବ୍ୟୁରୋ):** ଟ୍ରେଡିଂ ଆପ୍‌ରେ ଟଙ୍କା ବିନିଯୋଗ କରି କମ୍ ସମୟ ମଧ୍ୟରେ ଅଧିକ ଟଙ୍କା ରୋଜଗାର କରିବା ଜଣେ ଇଞ୍ଜିନିୟର ଛାତ୍ରଙ୍କୁ ମହଙ୍ଗା ପଡ଼ିଛି। ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଠକେଇର ଶିକାର ଛାତ୍ର ଥାନନ୍ଦ ପ୍ରସାଦ ରଥ ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଫେସ୍‌ବୁକ ଜରିଆରେ ୪ ଲକ୍ଷ ଓ ଟେଲିଗ୍ରାମରେ ୧୧ ଲକ୍ଷ ଟଙ୍କା ଠକେଇ ହୋଇଥିବା ସେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ, ପ୍ରସାଦଙ୍କୁ କିଛିଦିନ ତଳେ ଫେସ୍‌ବୁକରେ ସାଦିକ ଯ୍ୟାଗମୁର ନାମ୍ନୀ ଜଣେ ଯୁବତୀଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଥିଲା। କିଛି ଦିନର ବାର୍ତ୍ତାଳାପ ପରେ ଯୁବତୀ ଜଣକ ଥାନନ୍ଦଙ୍କୁ ଟ୍ରେଡିଂରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଇଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ପ୍ରଥମେ ସେ ଅଳ୍ପ ଟଙ୍କା ବିନିଯୋଗ କରି ତିନିଗୁଣ ଲାଭ ପାଇଥିଲେ। ପରେ ଫେସବୁକ ଜରିଆରେ ମୋଟ ୪ ଲକ୍ଷ ଟଙ୍କା ଲଗାଇଥିଲେ। କିନ୍ତୁ ଏଥିରେ ଲାଭ ନ ହେବାରୁ ଯୁବତୀ ଜଣକ ଟ୍ରେଡିଂରେ ଏପରି ଲାଭ କ୍ଷତି ହୋଇଥାଏ କହି ବୁଝାଇଥିଲେ। ତେଣୁ ତାଙ୍କୁ ଏକ ଟେଲିଗ୍ରାମର ଲିଙ୍କ୍ ପଠାଇଥିଲେ। ଯୁବତୀଙ୍କ କଥାରେ ପଡ଼ି ପ୍ରସାଦ ତାଙ୍କୁ ଏକାଧିକ ପର୍ଯ୍ୟାୟରେ ୧୧ ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ସେ ଆଉ ଟଙ୍କା ଫେରି ପାଇ ନ ଥିଲେ। ଯୋଗାଯୋଗ ସମ୍ଭବ ନ ହେବାରୁ ମେସେଜ କରିଥିଲେ ମଧ୍ୟ ଯୁବତୀ ଜଣକ କୌଣସି ଉତ୍ତର ଦେଇ ନ ଥିଲେ।

# ଏନ୍‌ଏଲ୍‌ୟୁ ଚାମ୍ପିୟନ, ଉତ୍କଳ ବିଶ୍ୱବିଦ୍ୟାଳୟ ରନର ଅପ୍

**ହାଇକୋର୍ଟ ପକ୍ଷରୁ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା**

କଟକ ଅଫିସ,୧୫।୪

ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ଗୋଟିଏ ଟିମ୍ ଚାମ୍ପିୟନ ହୋଇଥିବାବେଳେ ଅନ୍ୟ ଏକ ଟିମ୍ ରନର ଅପ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ବିଭାଗ ଦ୍ୱିତୀୟ ରନର ଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ଆଇନ୍ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ୪ଟି ଜୋନ୍‌ରେ ଓଡ଼ିଶାକୁ ଭାଗ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୭ରେ ସମ୍ବଲପୁର, ଏପ୍ରିଲ ୯ରେ ବ୍ରହ୍ମପୁର, ଏପ୍ରିଲ ୧୪ରେ ଭୁବନେଶ୍ୱର ଓ ଏପ୍ରିଲ ୧୫ରେ କଟକଠାରେ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଜୋନ୍ ସ୍ତରରୁ ଚୟନ ହୋଇଥିବା ବିଜେତାମାନେ କଟକ ଜୁଡିସିଆଲ ଏକାଡେମୀଠାରେ ଶନିବାର ଅପରାହ୍ନରେ ଆୟୋଜିତ ଫାଇନାଲ ରାଉଣ୍ଡରେ ଭାଗ ନେଇଥିଲେ। ଫାଇନାଲ ରାଉଣ୍ଡକୁ ପ୍ରବେଶ କରିଥିବା ଟିମ୍‌ଗୁଡ଼ିକ ହେଲା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ପିଜି ବିଭାଗ, ବରଗଡ଼ ଆଇନ କଲେଜ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି ବିଭାଗ, ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ ପିଜି ବିଭାଗ ଏବଂ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସମେତ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଫାଇନାଲ ରାଉଣ୍ଡ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇତିହାସ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର, କଳା ଓ ବୈଷୟିକ ବିଜ୍ଞାନ ବିଷୟରୁ କୁଇଜ ପ୍ରଶ୍ନ ପଚରା ଯାଇଥିଲା। ରାଘବ ଚକ୍ରବର୍ତ୍ତୀ କୁଇଜ ମାଷ୍ଟର ଭାବେ କାର୍ଯ୍ୟ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଆର. କେ. ପଟ୍ଟନାୟକ ଚାମ୍ପିୟନ ଓ ରନର ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଚିଲିକାକୁ ଓଲଟିଲା ଅଟୋ, ବର୍ତ୍ତିଲେ ୭ ଯାତ୍ରୀ

କୃଷ୍ଣପ୍ରସାଦ,୧୫।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁରୁପାଳ ରାସ୍ତାରେ ଶନିବାର ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ଚିଲିକାରେ ପଡ଼ିଯାଇଥିଲା। ଫଳରେ ଅଟୋରେ ଥିବା ୭ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରିଥିଲେ। ଏକ ବଡ଼ ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ସୂଚନା ମୁତାବକ, ଏହି ବ୍ଲକ ଅନ୍ତର୍ଗତ ଦେଉଳପଡା ତିତିପଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା। ଏହି ଯାତ୍ରା ଦେଖିବା ପାଇଁ ବହୁ ଲୋକ ଆସିଥାନ୍ତି। ଶନିବାର ରାତି ୯ଟାରେ ଏକ ବ୍ୟାଟେରି ଚାଳିତ ଅଟୋରେ କୃଷ୍ଣପ୍ରସାଦର ଖଟିସାହି ଗ୍ରାମର ୭ଜଣ ଯାତ୍ରୀ ବାଲିଯାତ୍ରା ବୁଲିବାକୁ ଆସୁଥିଲେ। କୁରୁପାଳର ଏକ ରାସ୍ତାରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ଚିଲିକାରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଅଟୋଟିକୁ ଉପରକୁ ଉଠାଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୁର୍ଜନ



@ ସୌରଭ



@ କୃଷ୍ଣା



@ ଶଶୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲ ବାରଣ୍ଡାରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୫।୪ (ବ୍ୟୁରୋ)

ମୈତ୍ରୀ ବିହାର ଥାନା ଅନ୍ତର୍ଗତ କଳିଙ୍ଗ ହସ୍ପିଟାଲ ନିକଟସ୍ଥ ଏକ ହୋଟେଲ ବାରଣ୍ଡାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି । ତାଙ୍କ ପରିଚୟ ଜଣାପଡି ନ ଥିବା ବେଳେ ବୟସ ପାଖାପାଖି ୫୦ ହେବ। ମୃତଦେହ ପାଖରେ ଏକ ଆଶା ବାଡି ପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ତାଙ୍କର ମୃତ୍ୟୁ କିଭଳି ହେଲା ତାହା ଜାଣିବାକୁ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

## ପୂର୍ବତନ ବିଧାୟକ ଅନାମଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କଲା ଇଡି

ଭୁବନେଶ୍ୱର,୧୫।୪ (ବ୍ୟୁରୋ)

ମନି ଲଣ୍ଡରିଂ ଆକ୍ଟ ମାମଲାରେ ପୂର୍ବତନ ବିଜେଡି ବିଧାୟକ ଅନାମ ନାୟକଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଚାର୍ଜଶିଟ ଦାଖଲ କରିଛି। ନାୟକଙ୍କ ବିରୋଧରେ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଥିବା ଜଣାପଡ଼ିଛି। ଖୁବଶୀଘ୍ର ଏହି ମାମଲାର ଶୁଣାଣି ହେବ ବୋଲି ସୂଚନା ମିଳିଛି।

ସୂଚନାନୁସାରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଧାୟକ ଅନାମ ନାୟକଙ୍କ ଘରେ ୨୦୨୦ ଜାନୁୟାରୀ ୧୭ରେ ଭିଜିଲାନ୍ସ ଚଢ଼ାଉ କରି ବହୁ ବେଆଇନ ସମ୍ପତ୍ତି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ତେବେ କୋରାପୁଟର ଭିଜିଲାନ୍ସ ପୋଲିସ ଷ୍ଟେଶନରେ ପଞ୍ଜିକୃତ ହୋଇଥିବା ଏଫଆଇଆର୍ ଆଧାରରେ ଇଡି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଇଡି ପୂର୍ବତନ ବିଧାୟକ ଅନାମଙ୍କ ୧.୫୨ କୋଟି ଟଙ୍କା ଠାବ କରିଥିଲା, ଯାହା ତାଙ୍କ ଆୟ ଉତ୍ସଠାରୁ ବହୁ ଅଧିକ ଥିଲା। ବିଭିନ୍ନ ଅସ୍ଥାବର ସମ୍ପତ୍ତି ହାସଲ କରି ତାଙ୍କ ନାମ ତଥା ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବ୍ୟାଙ୍କ ନିବେଶ କରିବାରେ ବିନିଯୋଗ କରିଥିବା ଇଡି ଜାଣିବାକୁ ପାଇଥିଲା। ଇଡି ପୂର୍ବରୁ ୧.୫୨ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ସଂଲଗ୍ନ କରିସାରିଛି, ଯାହାକି ଅଦାଲତରେ ଦାଖଲ ହୋଇଛି। ଉଲ୍ଲେଖଯୋଗ୍ୟ, ପୂର୍ବତନ ବିଧାୟକ ଅନାମ କଳାହାଣ୍ଡି ଜିଲାପାଳ କାର୍ଯ୍ୟାଳୟରେ ସରକାରୀ ଜୁନିୟର କିରାଣୀ ଭାବରେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ପରେ ୨୦୦୫ରେ ଚାକିରିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ୨୦୧୪ରୁ ୨୦୧୯ ସେ ବିଜେଡି ଟିକେଟରୁ ଭବାନୀପାଟଣା ଆସନରୁ ବିଧାୟକ ଥିଲେ।

# ସ୍କାଉଟ୍ସ, ଗାଇଡ୍ସଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ



ଲୋୟୋଲା ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ପୁରସ୍କୃତ ହେଲେ ଲୋୟୋଲା ଛାତ୍ରୀ**

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ୩୭ତମ ରାଜ୍ୟ ପୁରସ୍କାର ଉତ୍ସବ ଶନିବାର ରାଜଭବନର ନୂଆ ଅଭିଷେକ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କାଉଟ ସଂଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଲୋୟୋଲା ସ୍କୁଲ୍‌ର ଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ଲୋୟୋଲା ସ୍କୁଲ ପ୍ରିନ୍ସିପାଲ ଫାଦର ମିସ୍‌କ୍ୱିଥଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଏହି ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରତ୍ୟେକ ୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ସହ ମାନପତ୍ର ଗ୍ରହଣ କରିଛନ୍ତି। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ସଂଗଠନ କମିଶନର (ଗାଇଡ୍) ତଥା ଆଡିମିନିଷ୍ଟ୍ରେଟିଭ ଅଫିସର ଅନାମିକା ଦାସଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଉତ୍ସବର ସମ୍ବର୍ଦ୍ଧନା ପର୍ବ ପରେ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, କବ୍ ଓ ବୁଲ୍‌ବୁଲ୍‌ଙ୍କୁ ରାଜ୍ୟପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଳ ସମ୍ପଦ ଓ ବାଣିଜ୍ୟ ପରିବହନ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଅବସରପ୍ରାପ୍ତ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି. ପ୍ରସାଦ ରାଓ ଦୋରା, ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୭୫୦ରୁ ଊର୍ଦ୍ଧ୍ୱ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ସମସ୍ତ ପଦାଧିକାରୀ ଯୋଗଦେଇଥିଲେ।




ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ

## ୨୦ ଦେଶର ୨୧ ପ୍ରତିନିଧି ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୫।୪

କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଆମେରିକା, ବ୍ରିଟେନ, ଜର୍ମାନୀ, ୟୁକ୍ରେନ୍, ସୁଇଜରଲାଣ୍ଡ, ପୋଲାଣ୍ଡ, ଆର୍ମେନିଆ, ସ୍ଲୋଭାକିଆ, ବୁଲ୍‌ଗେରିଆ, କଙ୍ଗୋ, ଆଇଭେରି କୋଷ୍ଟ ଭଳି ୨୦ ଦେଶର ସାଂସଦ, ଶିକ୍ଷାବିତ୍‌ଙ୍କ ସମେତ ୫ଟି ଦେଶର କୂଟନୀତିଜ୍ଞଙ୍କୁ ମଧ୍ୟ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଜି-୨୦ ସମ୍ମିଳନୀ ପରିପ୍ରେକ୍ଷୀରେ ଗତ ଦୁଇ ଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ସମ୍ମାନଜନକ ୟୁଥ୍-୨୦ ପରାମର୍ଶ କର୍ମଶାଳା ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୨୦ ଦେଶର ୨୧ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ସମସ୍ତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତକରି ବସୁଧୈବ କୁଟୁମ୍ବକମ୍ ଉପରେ ଗୁରୁତ୍ୱ ଦେଇଥିଲେ। ଏପରିକି ରାଜ୍ୟପାଳ କହିଥିଲେ, ସମାଜରେ ଶାନ୍ତି, ସମୃଦ୍ଧି ଓ ସାମ୍ୟତା ବଜାୟ ରଖିବା ପାଇଁ ଜି-୨୦ ଅଧୀନରେ ୟୁଥ୍-୨୦ କର୍ମଶାଳା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅନ୍ତର୍ଜାତୀୟ ପ୍ରତିନିଧି କିଟ୍ ଓ କିସ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରି କିଟ୍ ଓ କିସ୍ ପରିଦର୍ଶନକରି ସେମାନେ ପ୍ରତିଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହ କିଟ୍ ପକ୍ଷରୁ ତାଙ୍କୁ ମିଳିଥିବା ଆତିଥେୟତାରେ ସେମାନେ ଅଭିଭୂତ ବୋଲି କହିଥିଲେ। ଓଡ଼ିଶାର ଲୋକମାନେ ଅତ୍ୟନ୍ତ ଭଲ ଓ ଅତିଥି ପରାୟଣ ବୋଲି ପ୍ରତିନିଧିମାନେ ମତ ଦେବା ସହ ସେମାନଙ୍କ ଓଡ଼ିଶା ଗସ୍ତ କେବେ ବି ଭୁଲିପାରିବେ ନାହିଁ ମତପ୍ରକାଶ କରିଥିଲେ।

ଏ ସମ୍ପର୍କରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, ତାଙ୍କ ଅନୁରୋଧ ରକ୍ଷାକରି ୨୦ ଦେଶର ସାଂସଦ, କୂଟନୀତିଜ୍ଞ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନେ ଏଠାକୁ ଆସିଥିବାରୁ ଏହା ଉଭୟ କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ। ସେଥିପାଇଁ ସେ କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଥିଲେ।


ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଅର୍ନ୍ତଜାତୀୟ ପ୍ରତିନିଧିଙ୍କୁ ସମ୍ମାନୀତ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ରଗ୍‌ବୀ ଇଣ୍ଡିଆର ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ, କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ ଏବଂ ଉପସଭାପତି ଉମାପଦ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟୋର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୪




ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦକ କମ୍ପାନୀ ପ୍ଲାଷ୍ଟୋ ପକ୍ଷରୁ ନିକଟରେ ଏକ ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ପ୍ରମୁଖ ବ୍ରାଣ୍ଡ୍ ପାଣିଟାଙ୍କିର ଏକ ୬ସ୍ତରୀୟ ବିଶିଷ୍ଟ ଏକ ଡବଲ ଫୋମ୍ ସହ ଇନୋଭେଟିଭ ଡବଲ ଫୋମ୍ ଟେକ୍ନୋଲୋଜି, ୟୁଭି ସୁରକ୍ଷା, ଦୀର୍ଘସ୍ଥାୟୀ ପାଣିଟାଙ୍କିର ବଜାର ପ୍ରବେଶ କରାଯାଇଛି। ସେହିଭଳି କମ୍ପାନୀର ଉକ୍ତ ଉତ୍ପାଦରେ ଅନେକ ବୈଶିଷ୍ଟ୍ୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଉକ୍ତ ପାଣିଟାଙ୍କି ବିଶେଷକରି ନିଜସ୍ୱ ଗୃହ, ବାଣିଜ୍ୟିକ କ୍ଷେତ୍ର ଏବଂ ଶିଳ୍ପାଞ୍ଚଳ ଆଦିରେ ବ୍ୟବହୃତ ହୋଇପାରିବ। ଅପରପକ୍ଷରେ କମ୍ପାନୀର ଉକ୍ତ ଉତ୍ପାଦରେ ୬ସ୍ତରୀୟ ଡବଲ ଫୋମ ଟ୍ୟାଙ୍କ ସହ ଗୁଣାତ୍ମକ ମାନ ଓ ଉନ୍ନତ ମାନର ପ୍ଲାଷ୍ଟିକରେ ନିର୍ମାଣ କରାଯାଇଛି। ଏହା ସବୁ ପ୍ରକାର ଉତ୍ତାପ ଓ ପରିବେଶ ଅନୁକୂଳ ଭିତ୍ତିରେ ଉପଯୋଗୀ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ବର୍ଷ ହେବ କମ୍ପାନୀ ଭାରତୀୟ ବଜାରରେ ବିଭିନ୍ନ ବର୍ଗର ଉତ୍ପାଦ ନିର୍ମାଣ କରୁଛି। ବିଶେଷକରି ପାଣିଟାଙ୍କି, ପାଇପ ଭଳି ଆବଶ୍ୟକ ସାମଗ୍ରୀର ବଜାର ଲିଡର ଭାବେ କମ୍ପାନୀ ସ୍ୱୀକୃତି ଲାଭ କରିଛି।

# ଏସ୍‌ବିଆଇ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଭୁବନେଶ୍ୱର,୧୫।୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏପରିକି ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଏସ୍‌ବିଆଇ ଭୁବନେଶ୍ୱର ମୁଖ୍ୟ ଶାଖା ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିଷଦର ସଭାପତି ସୌରଭ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତା ଆୟୋଜିତ ସଭାରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଓ ନୂତନ ଭାରତ ଗଠନରେ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ। ସଂଘର ମୁଖ୍ୟ ପରାମର୍ଶଦାତା ବଂଶୀଧର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଏକ ପରିଷଦ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସଂଯୁକ୍ତା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସର ପୂର୍ବାହ୍ନରେ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଓ ପରିଷଦର ସମ୍ପାଦକ ଜିତେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ଭରତପୁରସ୍ଥିତ ଲୁଇସ୍ ବ୍ରେଲି ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ଏକ କୁଲର କମ୍ ୱାଟର ଫିଲ୍‌ଟର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା। ଦିବସର ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଙ୍କ ଉତ୍କୃଷ୍ଟ କଳା ଚାତୁରୀ ପାଇଁ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମାଙ୍କ ଦ୍ୱାରା ଏକ ଆଧୁନିକ ହାରମୋନିୟମ ଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା।

# ଲାଲଚାନ୍ଦ୍‌ର 'ଗ୍ରେଟ୍ ଅକ୍ଷୟତୃତୀୟା ଅଫର'

ଭୁବନେଶ୍ୱର,୧୫।୪




ଓଡ଼ିଶାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ 'ଗ୍ରେଟ୍ ଅକ୍ଷୟ ତୃତୀୟା ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପ୍ରତିଷ୍ଠାନର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରସ୍ଥିତ ଶୋ'ରୁମ୍ ପାଇଁ ଗଢ଼ା ମଜୁରି ଉପରେ ବିଶେଷ ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏପରିକି ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ଗଢ଼ା ମୂଲ୍ୟ ଫ୍ଲାଟ୍ ୬୯୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହିତ ୨୫,୦୦୦ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୨୦୦ ମିଲିଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା ଗ୍ରାହକମାନେ ମାଗଣା ପାଇପାରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୫୦,୦୦୦ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୫୦୦ ମିଲିଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା ଏବଂ ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା ଉପରେ ୨ଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା ଗ୍ରାହକମାନେ ମାଗଣାରେ ପାଇପାଇବେ। ସେହିଭଳି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦%ର ରିହାତି ରହିଛି। ଏହା ସହ ଲାଲଚାନ୍ଦ୍ ସିଲେକ୍ଟ ବ୍ରାଣ୍ଡେଡ୍ ଘଣ୍ଟା ଉପରେ ୨୦% ପର୍ଯ୍ୟନ୍ତ ଏବଂ ବ୍ରାଣ୍ଡେଡ୍ ଗିଫ୍ଟ ଆଇଟମ୍ ଉପରେ ୧୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଷ୍ଟୋରର ପ୍ରଥମ ବାର୍ଷିକୀ ଉପଲକ୍ଷେ ମଧ୍ୟ ଆକର୍ଷଣୀୟ 'ଡବଲ ଧମାକା ଅଫର'ର ଶୁଭାରମ୍ଭ କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକ ସର୍ବନିମ୍ନ ୨୦,୦୦୦ ଟଙ୍କା ମୂଲ୍ୟର ଗହଣା କିଣି ଇଲେକ୍ଟ୍ରିକ୍ ସ୍କୁଟର ଜିତିବାର ସୁବର୍ଣ୍ଣ ସୁଯୋଗ ପାଇପାରିବେ। ଏପରିକି ଲକି ଡ୍ର' ମାଧ୍ୟମରେ ୩ ଜଣ ଭାଗ୍ୟଶାଳୀ ବିଜେତା ଉକ୍ତ ଅଫରର ଲାଭ ଉଠାଇପାରିବେ। ଏହା ସହିତ କନ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଲାଲଚାନ୍ଦ୍ ବ୍ରହ୍ମପୁର ପକ୍ଷରୁ 'ଗୁଡ୍ ଲକ୍ ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଝିଅର ମାଟ୍ରିକ୍ ଆଡ୍‌ମିଟ୍ କାର୍ଡ ଦେଖାଇ ଅଭିଭାବକମାନେ ଗହଣା କିଣାକିଣି ଉପରେ 'ଗୁଡ୍ ଲକ୍ କଏନ୍' ମାଗଣା ପାଇପାରିବେ। ଏହା ସହ ସ୍ୱତନ୍ତ୍ର ଆନିଭର୍ସାରି ଅଫର ଜରିଆରେ ଗ୍ରାହକମାନେ ପ୍ରତ୍ୟେକ କ୍ରୟ ଉପରେ ଏକ ନିଶ୍ଚିତ ଉପହାର ମଧ୍ୟ ପାଇପାରିବେ। ଏହି ସମସ୍ତ ଅଫର ୨୦୨୩ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୈଧ ରହିଛି। ସେହିପରି ଲାଲଚାନ୍ଦ୍ ଜୁଏଲର୍ସରେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ଉତ୍ପାଦ ସହ ନିୟମ ଅନୁପାଳନ କରିଥାଏ।

# ଆଦ୍ୟାନ୍ତ ପକ୍ଷରୁ ଆନନ୍ଦଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୫।୪

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଆନନ୍ଦ କୁମାରଙ୍କୁ ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ. ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତି, ଶିକ୍ଷକ ମଣ୍ଡଳୀ ଏବଂ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଆନନ୍ଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରିଙ୍କୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଆଦ୍ୟାନ୍ତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଅଜୟ ବାହାଦୁର ସିଂ ଆନନ୍ଦ କୁମାରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ସିଂ କହିଥିଲେ, ଆଦ୍ୟାନ୍ତ ଉଚ୍ଚ. ମାଧ୍ୟମିକ ବିଦ୍ୟାଳୟର ପ୍ରେରଣା ଏବଂ ପରାମର୍ଶଦାତା ପଦ୍ମଶ୍ରୀ ଆନନ୍ଦ କୁମାର ତାଙ୍କର ସଂଘର୍ଷ, ସାଧନା ଏବଂ ସଫଳତା ନିମନ୍ତେ ଭବିଷ୍ୟତରେ ଦିନେ ମର୍ଯ୍ୟାଦାଜନକ ଭାରତରତ୍ନ ଏବଂ ନୋବେଲ ପୁରସ୍କାର ପାଇବେ ବୋଲି ସିଂ ଆଶାବ୍ୟକ୍ତ କରିଥିଲେ। ପଦ୍ମଶ୍ରୀ ଆନନ୍ଦ କୁମାର କହିଥିଲେ, ଦୃଢ଼ ପ୍ରତିଜ୍ଞା, ଅଟଳ ବିଶ୍ୱାସ ଏବଂ କଠିନ ପରିଶ୍ରମ ମାଧ୍ୟମରେ ସଫଳତାର ଶୀର୍ଷକୁ ପହଞ୍ଚିପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଏପରିକି ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଉଦହାରଣ ଓ ସଫଳତାର ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ବିଶେଷକରି ଭାରତର ଇତିହାସ ଏବଂ ତାଙ୍କ ନିଜ ଜୀବନର ବିଭିନ୍ନ ଘଟଣାର ସ୍ମୃତି ରୋମନ୍ଥନ କରି ସେ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଦିନରେ ନିଜେ ଆସି ଶିକ୍ଷାଦାନ ପାଇଁ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଅଧ୍ୟକ୍ଷା ଷଡ଼ଙ୍ଗୀ ଉଭୟ ଆନନ୍ଦ କୁମାର ଏବଂ ଚେୟାରମ୍ୟାନ୍ ଅଜୟ ବାହାଦୁର ସିଂଙ୍କୁ ସେମାନଙ୍କର ଆଗମନ ଏବଂ ପ୍ରେରଣାଦାୟକ ଅଭିଭାଷଣ ନିମନ୍ତେ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଫୁରସତ୍

# ଅଧିକ ଉଚ୍ଚତା ଯୋଗୁ ମିଳୁନି ବୟଫ୍ରେଣ୍ଡ

ୱାଶିଂଟନ

ସମସ୍ତେ ସୁନ୍ଦର ଚେହେରା, ଉଚ୍ଚତା ପସନ୍ଦ କରନ୍ତି। ହେଲେ ଉଚ୍ଚତାକୁ ନେଇ ଜଣେ ଝିଅଙ୍କୁ ଅସୁବିଧା ହେଉଥିବା ସେ କହିଛନ୍ତି। ତାଙ୍କର ଅଧିକ ଉଚ୍ଚତା ଯୋଗୁ ତାଙ୍କୁ ବୟଫ୍ରେଣ୍ଡ ମିଳିବା ମଧ୍ୟ କଷ୍ଟକର ହେଉଛି। ଆମେରିକାର ଜଣେ ୬ଫୁଟ ୨ ଇଞ୍ଚ ଉଚ୍ଚତା ବିଶିଷ୍ଟ ୨୮ ବର୍ଷୀୟା ମୈରୀ ତେମାରା ତାଙ୍କ ଉଚ୍ଚତାକୁ ନେଇ ଦୁଃଖରେ ଥିବା କହିଛନ୍ତି। ଯେଉଁଥିପାଇଁ ତାଙ୍କୁ ବୟଫ୍ରେଣ୍ଡ ଖୋଜିବାରେ ଅସୁବିଧା ହେଉଛି। ଥରେ ସେ ୬ଫୁଟ ୩ ଇଞ୍ଚ ବିଶିଷ୍ଟ ଜଣେ ପୁଅକୁ ଦେଖା କରିବାକୁ ଯାଇଥିଲେ। ହେଲେ ସେଠାରେ ପହଞ୍ଚି ଜଣାପଡିଲା ଯେ, ପୁଅର ଉଚ୍ଚତା ୫ ଫୁଟ ୧୧ ଇଞ୍ଚ। ମୈରୀଙ୍କୁ ସେଠାରେ ତାଙ୍କ ଉଚ୍ଚତା ପାଇଁ ଟ୍ରୋଲ ହେବାକୁ ପଡିଥିଲା। କଥାରେ ଅଛି, ଝିଅଙ୍କ କମ୍ ଉଚ୍ଚତା ହେଲେ ଚଳିବ, କିନ୍ତୁ ପୁଅଙ୍କ ଉଚ୍ଚତା ଝିଅଙ୍କଠାରୁ ଅଧିକ ହେବା ଉଚିତ। ଏବେ ମୈରୀ ଏହି ରୁଢି କଥାକୁ ଭାଙ୍ଗିବାକୁ ଚାହୁଁଛନ୍ତି। ସେ ଏବେ ତାଙ୍କଠାରୁ କମ୍ ଉଚ୍ଚତା ବିଶିଷ୍ଟ ପୁଅଙ୍କୁ ଡେଟ୍ କରିବା ଆରମ୍ଭ କରିଛନ୍ତି। ମୈରୀଙ୍କ ମା'ଙ୍କ ଉଚ୍ଚତା ୬ ଫୁଟ ୫ ଇଞ୍ଚ ହୋଇଥିବାବେଳେ ବାପାଙ୍କ ଉଚ୍ଚତା ୬ଫୁଟ ୩ ଇଞ୍ଚ। ତାଙ୍କ ୨ ଭାଇଙ୍କ ମଧ୍ୟରୁ ଜଣଙ୍କ ଉଚ୍ଚତା ୬ଫୁଟ ୯ ଇଞ୍ଚ ହୋଇଥିବାବେଳେ ଅନ୍ୟଜଣଙ୍କ ୬ଫୁଟ୍ ୧୦ ଇଞ୍ଚ। ତାଙ୍କ ଘରେ ସମସ୍ତଙ୍କ ଉଚ୍ଚତା ୬ଫୁଟ ଉପରେ ଥିବାରୁ ବାହାର ଲୋକେ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ତେବେ ମୈରୀ ଆଥ୍‌ଲେଟ ହେବା ସହ ଜଣେ ମଡେଲର ମଧ୍ୟ।



# ଭୁଲ୍ ଟୁଇଟ୍ ପାଇଁ କ୍ଷମା ମାଗିଲେ ହେମା

ମୁମ୍ବାଇ

ଆସାମର ସବୁଠୁ ବଡ଼ ପର୍ବ ହେଲା 'ବିହୁ'। ଏହି ପର୍ବ ପ୍ରତିବର୍ଷ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ପଡିଥାଏ। ଫସଲ ଅମଳ ଆରମ୍ଭ ହେବା ସମୟକୁ ସେଠାକାର ଲୋକେ ଏହି ପର୍ବ ପାଳିଥାନ୍ତି। ତେବେ ଏହି ପର୍ବ ଉପଲକ୍ଷେ ଅଭିନେତ୍ରୀ ହେମା ମାଳିନୀ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଲେଖି ଶୁଭେଚ୍ଛା ଜଣାଇଥିଲେ। ହେଲେ ସେ ସେଥିରେ ଭୁଲବଶତଃ ବିହୁକୁ ଆସାମର ପର୍ବ ଲେଖିବା ପରିବର୍ତ୍ତେ ବିହାର ପର୍ବ ବୋଲି ଲେଖିଥିଲେ। ଯେଉଁଥିପାଇଁ ଅନେକ ଟ୍ରୋଲ ହେବାକୁ ପଡିଥିଲା। ଏବେ ହେମା ତାଙ୍କ ଭୁଲକୁ ସ୍ୱୀକାର କରି ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ସେ ଏକ ଟୁଇଟ୍ ଜରିଆରେ ଲେଖିଛନ୍ତି, ବିହୁକୁ ବିହାର ପର୍ବ ବୋଲି ସେ ଭୁଲରେ ଲେଖିଛନ୍ତି। ବାସ୍ତବରେ ଏହା ଆସାମର ପର୍ବ। ସେ ତାଙ୍କର ଏପରି ଭୁଲ ପାଇଁ ଦୁଃଖିତ। ତାଙ୍କର ଏପରି ଟୁଇଟ୍‌ରେ ଅନେକ ୟୁଜର୍ସ ଭିନ୍ନ ଭିନ୍ନ କମେଣ୍ଟ କରିଥିଲେ।



# କମ୍ପାନୀ ପକ୍ଷରୁ ବ୍ୟକ୍ତିଙ୍କୁ ୩୬୫ ଦିନ ପେଡ୍ ଲିଭ୍

**ବେଜିଂ:** ଲୋକେ ତାଙ୍କ ସୁବିଧା ଅସୁବିଧା ପାଇଁ ତାଙ୍କ କର୍ମସ୍ଥାନରୁ କିଛିଦିନ ବିରତି ନେଇଥାନ୍ତି। ସେଥିରେ ତାଙ୍କର କିଛି ଦିନର ଦରମା କଟି ନ ଥାଏ। ହେଲେ ନିକଟରେ ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଥିବା ଏକ କମ୍ପାନୀଠାରୁ ବର୍ଷକର ବିରତି ମିଳିଛି। ଏଥିସହ ତାଙ୍କୁ ସବୁ ମାସର ଦରମା ମଧ୍ୟ ମିଳିବ ବୋଲି ଘୋଷଣା ହୋଇଛି। ଚାଇନାର ଏକ କମ୍ପାନୀ ତା' କର୍ମଚାରୀଙ୍କ ପାଇଁ ଲକି ଡ୍ରର ଆୟୋଜନ କରିଥିଲା। ସେଥିରେ ଜଣେ ବ୍ୟକ୍ତି ଲକି ଡ୍ରରେ ପେଡ୍ ଲିଭ୍ ଜିତିଛନ୍ତି। ରିପୋର୍ଟ ମୁତାବକ, ସେହି କମ୍ପାନୀ କର୍ମଚାରୀଙ୍କ କାମ ପ୍ରତି ଆଗ୍ରହ ବଢାଇବାକୁ ୩ ବର୍ଷରେ ଥରେ ଲକି ଡ୍ରର ଆୟୋଜନ କରିଥାଏ। କମ୍ପାନୀରେ ପ୍ରଶାସନ ସମ୍ବନ୍ଧୀୟ ଜଣେ କର୍ମଚାରୀଙ୍କୁ ଲକି ଡ୍ର ମାଧ୍ୟମରେ ୩୬୫ ଦିନ ଛୁଟି ମିଳିଛି।



# ବର୍ଗାକାର ଚକା ବିଶିଷ୍ଟ ସାଇକେଲ

ନୂଆଦିଲ୍ଲୀ

ଲୋକେ ଗୋଟେ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ବିଭିନ୍ନ ପ୍ରକାର ଯାନବାହନ ବ୍ୟବହାର କରିଥାନ୍ତି। ହେଲେ ସବୁ ଯାନର ଚକା ଗୋଲାକୃତି ହୋଇଥିବା ଦେଖିବାକୁ ମିଳେ। ଯଦି କୌଣସି ଯାନର ଚକା ଆକୃତି ଗୋଲାକାର ବଦଳରେ ଅନ୍ୟ ଆକାର ଧାରଣ କରେ, ତେବେ କ'ଣ ଏହା ଚାଲିପାରିବ? କିଛି ଲୋକଙ୍କ ମନରେ ନିଶ୍ଚିତ ଏପରି ପ୍ରଶ୍ନ ଆସିଥାଏ। ତେବେ ନିକଟରେ ଇଞ୍ଜିନିୟର ସର୍ଗି ଗୋର୍ଡିଇଭ୍ ଗୋଲାକାର ବଦଳରେ ଏକ ବର୍ଗାକାର ଚକା ବିଶିଷ୍ଟ ସାଇକେଲ ତିଆରି କରିଛନ୍ତି। ଯାହାକି ବରଫାବୃତ୍ତ ଅଞ୍ଚଳରେ ଚାଲିପାରିବ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଭିଡିଓରେ ସର୍ଗି ଏକ ବର୍ଗାକାର ଚକା ବିଶିଷ୍ଟ ସାଇକେଲ ଚଲାଉଥିବା ନଜରକୁ ଆସିଛନ୍ତି। ପ୍ରକୃତରେ ସେ ବ୍ୟକ୍ତି କହିଛନ୍ତି, ସେହି ସାଇକେଲକୁ ଏପରି ଡିଜାଇନ କରାଯାଇଛି ଯେ ସେଥିରେ ଲାଗିଥିବା ଚକା ବୁଲୁନି। ଚକାରେ ଲାଗିଥିବା ଟାୟାର ବୁଲୁଥିବାରୁ ସାଇକେଲଟି ଗଡିବାରେ କୌଣସି ଅସୁବିଧା ହେଉନି। ହେଲେ ଗୋଲାକାର ଚକା ଯେମିତି ସରଳ ଏବଂ ଅଧିକ ସ୍ପିଡ୍‌ରେ ଯାଇପାରିବ, ତାହା ଏହି ସାଇକେଲରେ ସମ୍ଭବ ନୁହେଁ। ତେବେ ଏପରି ବିଚିତ୍ର ଚକା ଥିବା ସାଇକେଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।



# ବିଲେଇ ପାଇଁ ସ୍ୱାମୀଙ୍କୁ ଛାଡ଼ପତ୍ର

**ୱାଶିଂଟନ:** ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ କଳି ଲାଗି ବିବାହ ବିଚ୍ଛେଦ ହୋଇଥାଏ। ହେଲେ ନିକଟରେ ଘରେ ପାଳିଥିବା ବିଲେଇକୁ ସ୍ୱାମୀ ବାହାର କରିଦେବାରୁ ସ୍ତ୍ରୀ ତାଙ୍କୁ ଛାଡପତ୍ର ଦେଇଥିବା ନଜରକୁ ଆସିଛି। ଜଣେ ମହିଳା ତାଙ୍କ ବାପାଙ୍କ ଦେହାନ୍ତ ପରେ ବେନ୍‌ଜି ନାମକ ଏକ ବିଲେଇ ପାଳିଥିଲେ। ମହିଳା ସେହି ବିଲେଇକୁ ତାଙ୍କ ବାପାଙ୍କ ପୁନର୍ଜନ୍ମ ବୋଲି ଭାବୁଥିଲେ। ଧୀରେ ଧୀରେ ମହିଳା ଉକ୍ତ ବିଲେଇକୁ ଅଧିକ ସ୍ନେହ କରିବାକୁ ଲାଗିଲେ। ଏହା ଦେଖି ତାଙ୍କ ସ୍ୱାମୀ ଅତ୍ୟନ୍ତ ବିରକ୍ତି ହେଉଥିଲେ। ଦିନେ ମହିଳା ତାଙ୍କ ମା'ଙ୍କ ଜନ୍ମଦିନ ପାଳନ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ସ୍ୱାମୀ ପାଳିତ ବିଲେଇକୁ ପ୍ରାଣୀ ରହୁଥିବା ସ୍ଥାନରେ ଛାଡି ଦେଇଥିଲେ। ଏଥିରେ ସ୍ତ୍ରୀ ବ୍ୟସ୍ତ ହୋଇ ଛଡାଯାଇଥିବା ସ୍ଥାନରୁ ବିଲେଇକୁ ସାଙ୍ଗରେ ଆଣିଥିଲେ। ହେଲେ ସ୍ୱାମୀଙ୍କ ଏପରି କାର୍ଯ୍ୟ ଯୋଗୁ ସେ ତାଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି।

# କେଜ୍‌ରିୱାଲଙ୍କୁ ମୋଦି ଡରୁଛନ୍ତି : ଏଏପି

**ନୂଆଦିଲ୍ଲୀ,୧୫।୪**

ସିବିଆଇ ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନିକଟକୁ ପଠାଯାଇଥିବା ସମନ ପ୍ରସଙ୍ଗକୁ ନେଇ ଆମ ଆଦମୀ ପାର୍ଟି(ଏଏପି) ମୁଖପାତ୍ର ସୌରଭ ଭରଦ୍ୱାଜ ଭାଜପାକୁ ଟାର୍ଗେଟ କରିଛନ୍ତି। ଶନିବାର ଭରଦ୍ୱାଜ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଦି ଦେଶର କୌଣସି ନେତାଙ୍କୁ ଭୟ କରୁଛନ୍ତି, ତେବେ ସେ ହେଉଛନ୍ତି କେଜ୍‌ରିୱାଲ। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଆମେ ଅନେକ ଦଳର ସରକାର, ରାଜନୈତିକ ବନ୍ଧୁତା ଏବଂ ଶତ୍ରୁତା ଦେଖିଛୁ, କିନ୍ତୁ କେନ୍ଦ୍ରୀୟ ଏଜେନ୍ସିଗୁଡିକର ଏପରି ଅପବ୍ୟବହାର ଆଜି ପର୍ଯ୍ୟନ୍ତ ହୋଇ ନ ଥିଲା। ଉଦାହରଣ ସ୍ୱରୂପ, ପ୍ରଥମେ ଆମ ଦଳର ତିନି ନମ୍ବର ନେତା ଏବଂ ତା'ପରେ ଦୁଇ ନମ୍ବର ନେତାଙ୍କୁ ଗିରଫ କରାଗଲା। ଆଉ ଏବେ ଏକ ନମ୍ବର ନେତାଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଆମେ ସବୁଠାରୁ ଛୋଟ,ନୂଆ ଜାତୀୟ ପାର୍ଟି। ଆମର ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ କୌଣସି ତୁଳନା ନାହିଁ, ସେ ନିଜେ କହିଛନ୍ତି, ସବୁଠି ତାଙ୍କର ପ୍ରଶଂସାର ବାଜା ବାଜୁଛି। ଦିଲ୍ଲୀର ଜଣେ ଗରିବ ଏବଂ କୋଠାରେ ରହୁଥିବା ବାସିନ୍ଦା ମଧ୍ୟ ପ୍ରଶ୍ନ କରୁଛନ୍ତି ଭାଜପା କାହିଁକି ଏଏପି ବିରୋଧରେ ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇଛି। ଏପରିକି ଦିଲ୍ଲୀ ନିର୍ବାଚନରେ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଚାରପତ୍ର ବାଣ୍ଟିଥିଲେ ମଧ୍ୟ ଦିଲ୍ଲୀର ଲୋକମାନେ ଏଏପିକୁ ଚୟନ କରିଥିଲେ। ଆମର ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଏଏପି ସରକାର ଭାଙ୍ଗିଲା ନାହିଁ। ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି କେଜ୍‌ରିୱାଲଙ୍କୁ ଶେଷ କରିବାକୁ ପଡିବ, ତେଣୁ ତାଙ୍କୁ ଜେଲରେ ରଖିବାକୁ ପ୍ରସ୍ତୁତି ଚାଲିଛି। ତାଙ୍କୁ ୬ ମାସରୁ ବର୍ଷେ ଜେଲରେ ରଖାଯିବା ପାଇଁ ଷଡ଼ଯନ୍ତ୍ର ହେଉଛି। ତା'ପରେ ଦିଲ୍ଲୀ ଏବଂ ପଞ୍ଜାବରେ ତଦନ୍ତ ଏଜେନ୍ସିର ଏକ ତାଣ୍ଡବ କରାଯିବ। ନେତାମାନଙ୍କୁ ଗିରଫ କରି ସରକାରଙ୍କୁ ଭଙ୍ଗାଯିବାର ଯୋଜନା ଭାଜପା ସରକାର କରୁଛନ୍ତି। ଦେଶରେ ଅନେକ ନେତା ଅଛନ୍ତି, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ମନରେ କେଜରି୍ୱାଲଙ୍କ ପ୍ରତି ଭୟ ରହିଛି । ଯେତେବେଳେ ରାହୁଲ ଗାନ୍ଧୀ ଅଯୋଗ୍ୟ ହୋଇଥିଲେ, ସେତେବେଳେ କେଜ୍‌ରିୱାଲ ତାଙ୍କୁ ସମର୍ଥନ କରିଥିବା ପ୍ରଥମ ଅଣ–କଂଗ୍ରେସ ନେତା ଥିଲେ। ଏହାକୁ ନେଇ ଭାଜପା କ୍ରୋଧ ପ୍ରକାଶ କରୁଥିବା ସୌରଭ ଅଭିଯୋଗ କରିଛନ୍ତି।



ଜମ୍ମୁ–କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ୍ ପୁଲ୍‌ୱାମା ଆକ୍ରମଣ ପାଇଁ କେନ୍ଦ୍ର ସରକାରଙ୍କ ଭୁଲ୍ ନିଷ୍ପତ୍ତିକୁ ଦାୟୀ କରିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଶନିବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ସିଆର୍‌ପିଏଫ୍ ଯବାନଙ୍କୁ ବିମାନ କ'ଣ ପାଇଁ ଦିଆଗଲା ନାହିଁ ବୋଲି ଜୟରାମ ପ୍ରଶ୍ନ କରିବା ସହ ଭାଜପା 'ସର୍ବନିମ୍ନ ଶାସନ ଓ ସର୍ବାଧିକ ଚୁପ୍ କରାଇବା'ରେ ବିଶ୍ୱାସ କରୁଥିବା ଅଭିଯୋଗ କରିଛନ୍ତି। ନିକଟରେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନାଟେ ଉପସ୍ଥିତ ଅଛନ୍ତି। (ଫଟୋ : ଚମନ ଗୌତମ)

# ଶ୍ରମମନ୍ତ୍ରୀଙ୍କ ବହିଷ୍କାର ଦାବି : ଭାଜପା, କଂଗ୍ରେସର ବିକ୍ଷୋଭ




ରାମମନ୍ଦିର ଛକ ନିକଟରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ବିଜେଡି ନେତ୍ରୀ ନିଜ ପ୍ରତି ହୋଇଥିବା ଯୌନ ବ୍ୟଭିଚାର ଭଳି ସଙ୍ଗିନ ଅଭିଯୋଗ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆଣିଛନ୍ତି। ଏହାକୁ ଦୃଢ଼ ନିନ୍ଦା କରିବା ସହ ଶନିବାର ଭାଜପା ଭୁବନେଶ୍ୱର ଜିଲା ସଙ୍ଗଠନ ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ କର୍ମୀମାନେ ପଦଯାତ୍ରାରେ ବାହାରି ରାମମନ୍ଦିର ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହିଳାଙ୍କ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ତୁରନ୍ତ ନବୀନବାବୁ ଆଉ ଏକ ଯୌନ ବ୍ୟଭିଚାରୀ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ଗିରଫ କରନ୍ତୁ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ମା'ଙ୍କୁ ସମ୍ମାନ ଦେଉଛନ୍ତି ବୋଲି କହୁଛନ୍ତି। ଯଦି ନାରୀଙ୍କୁ ସମ୍ମାନ ଦେଉଛନ୍ତି ତେବେ ଶାସକ ଦଳର ନେତ୍ରୀଙ୍କ ମାମଲା କାହିଁକି ରୁଜୁ କରାଯାଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡିର ମନ୍ତ୍ରୀମାନେ କ'ଣ ଆଇନର ଊର୍ଦ୍ଧ୍ୱରେ କି ବୋଲି ବାବୁ ସିଂ କହିଛନ୍ତି। ଶ୍ରମ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ସହ ତୁରନ୍ତ ଗିରଫ କରିବାକୁ ଭାଜପା ଦାବି କରିଛି।

ସେହିପରି ପ୍ରଦେଶ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ରାସ୍ତା ଅବରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଛନ୍ତି, ନବୀନ ପଟ୍ଟନାୟକଙ୍କର ମା'ଙ୍କୁ ସମ୍ମାନ

## ଗିରଫ ଦାବିକଲେ ଉଭୟ ଦଳ

ଆହ୍ୱାନ ପ୍ରତାରଣା ପୂର୍ଣ୍ଣ । ୨୩ ବର୍ଷର ଶାସନରେ ଶାସକ ଦଳର ବିଧାୟକ, ମନ୍ତ୍ରୀ, ଏମ୍‌ପି ଓ ନେତାମାନେ ବହୁ ମହିଳା ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରମମନ୍ତ୍ରୀଙ୍କ ବିରୋଧରେ ସିଧାସଳଖ ଜଣେ ମହିଳା ବଳାତ୍କାର ଅଭିଯୋଗ ନେଇ ଥାନାରେ ଏତଲା ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ମଧ୍ୟ ସୁରକ୍ଷା ଦେବା ପାଇଁ ଚକ୍ରାନ୍ତ ଚାଲିଛି। ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଉଛି । ଭୁବନେଶ୍ୱର ଜିଲା, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ମିଳିତ ଭାବେ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାର ଏସ୍‌ଆଇଟି ତଦନ୍ତ ଦାବି କରିଛି। ଏଥିସହ ମନ୍ତ୍ରୀଙ୍କର ତୁରନ୍ତ ଇସ୍ତଫା ଓ ଗିରଫଦାରି ମଧ୍ୟ ଦାବି କରାଯାଇଛି ।




ଭୁବନେଶ୍ୱର ଜିଲା, ଛାତ୍ର ଓ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

# ନାମାଙ୍କନ କଲେ କଂଗ୍ରେସ ପ୍ରାର୍ଥୀ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ଶନିବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ଓ ନିକଟରେ ଦଳରେ ଯୋଗ ଦେଇଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପ୍ରମୁଖ ତାଙ୍କ ସହିତ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ତରୁଣ ପାଣ୍ଡେ ଦଳୀୟ ନେତା ଓ କର୍ମୀଙ୍କ ସହ ମନମୋହନ ସ୍କୁଲ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ପ୍ରାର୍ଥୀପତ୍ର ଦାଖଲ କରିବା ପରେ ତରୁଣ କହିଛନ୍ତି, ବିଜେଡି ସରକାରର ୨୩ ବର୍ଷ ଶାସନ ଭିତରେ ଝାରସୁଗୁଡ଼ାର ସେପରି କିଛି ବିକାଶ ହୋଇପାରି ନାହିଁ। ଏ ପର୍ଯ୍ୟନ୍ତ ଗୋଟିଏ ବି ସରକାରୀ କଲେଜ ଝାରସୁଗୁଡ଼ାରେ ଖୋଲିପାରିଲା ନାହିଁ। ଏଠାରେ ପାନୀୟ ଜଳର ସମସ୍ୟା ରହିଛି। ଖାଲି ରାସ୍ତାଘାଟ ତିଆରି କରି ଲାଇଟ ଲଗାଇ ଦେଲେ ବିକାଶ କୁହାଯିବ ନାହିଁ। ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ହୋଇନି। ଏଠାରେ ଶିଳ୍ପ ଅଛି, କିନ୍ତୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନି। ବେକାରି ସଂଖ୍ୟା ବଢ଼ିଚାଲିଛି। ସେହିପରି କଳକାରଖାନାଗୁଡ଼ିକୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଯୋଗୁ ଝାରସୁଗୁଡ଼ା ପ୍ରଦୂଷଣଜନିତ ସମସ୍ୟାର ଶିକାର ହେଉଛି। ଏହିସବୁ ପ୍ରସଙ୍ଗ ପ୍ରଚାର ବେଳେ ଉଠାଯିବ ବୋଲି ସେ କହିଛନ୍ତି। ମତଦାତା ଏଥର ତାଙ୍କୁ ଭୋଟ ଦେଇ ବିଜୟୀ କରାଇବେ ବୋଲି ତରୁଣ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି । ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ କେବେ ପ୍ରାର୍ଥୀପତ୍ର ଦାଖଲ କରିବେ ସେ ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ଝାରସୁଗୁଡ଼ା ଉପନିର୍ବାଚନ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଏହାର ଫଳାଫଳ ୨୦୨୪ ନିର୍ବାଚନକୁ ପ୍ରଭାବିତ କରିବା ସମ୍ଭାବନା ରହିଛି । ଏହି ଦୃଷ୍ଟିକୋଣରୁ ବିଜେଡି ଉକ୍ତ ଆସନକୁ ନିଜ ସପକ୍ଷରେ ନେବା ପାଇଁ ସମସ୍ତ କୌଶଳ ପ୍ରୟୋଗ କରିବ। ଅନ୍ୟପକ୍ଷରେ ଭାଜପା ଓ କଂଗ୍ରେସ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡକୁ ମୁଖ୍ୟ ଅସ୍ତ୍ର କରି ବିଜେଡିକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ**

# ଟିକେଟ ନେଲେ ଦୀପାଳି



ନବୀନ ନିବାସଠାରେ ଶନିବାର ଝାରସୁଗୁଡା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ସଭାପତି ନବୀନ ପଟ୍ଟନାୟକଙ୍କ ଠାରୁ ଟିକେଟ ଗ୍ରହଣ କରୁଛନ୍ତି ।

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଝାରସୁଗୁଡ଼ା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଶନିବାର ନବୀନ ନିବାସରୁ ଟିକେଟ ନେଇ ଫେରିଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଟିକେଟ ପ୍ରଦାନ କରିଛନ୍ତି। ଦୀପାଳିଙ୍କ ନାଁ ଦଳ ପକ୍ଷରୁ ପୂର୍ବରୁ ଘୋଷଣା ହୋଇଥିଲା । ଟିକେଟ ପାଇବା ପରେ ଦୀପାଳି ଗଣମାଧ୍ୟମକୁ ଟିକେଟ ଦେଖାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇଛନ୍ତି। ବିଜୟୀ ହେବାନେଇ ସେ ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି। ବିଜୟୀ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଗର୍ବିତ କରାଇବେ ବୋଲି ସେ କହିଛନ୍ତି । ଏଥିସହ ଝାରସୁଗୁଡ଼ାରେ କିଛି ବିକାଶ ହୋଇ ନ ଥିବା ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଝାରସୁଗୁଡ଼ାରେ ବିମାନବନ୍ଦରଠୁ ନେଇ ପାନୀୟ ଜଳ ଭଳି ଅନେକ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହୋଇଛି ବୋଲି ସେ କହିଛନ୍ତି। ଦୀପାଳି ଭାଇ ବିଶାଳ ଓ ଝାରସୁଗୁଡ଼ା ବିଜେଡି ପର୍ଯ୍ୟବେକ୍ଷକ ଦେବୀ ମିଶ୍ରଙ୍କ ସହ ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କଠାରୁ ଟିକେଟ ନେଇଛନ୍ତି । ଆସନ୍ତା ୧୮ ତାରିଖରେ ସେ ପ୍ରାର୍ଥୀପତ୍ର ଦାଖଲ କରିବେ । ଦୀପାଳିଙ୍କୁ ଜିତାଇବା ପାଇଁ ବିଜେଡି ଜୋରଦାର ପ୍ରସ୍ତୁତି ଚଳାଇଛି । ଦଳ ପକ୍ଷରୁ ୩ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକ, ୧୨ ଜଣ ବ୍ଲକ ଏବଂ ମ୍ୟୁନିସିପାଲିଟି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡିର ବରିଷ୍ଠ ନେତାମାନେ ଝାରସୁଗୁଡ଼ାରେ ଡେରା ପକାଇଛନ୍ତି । ଦୀପାଳିଙ୍କୁ ବଡ଼ ବ୍ୟବଧାନରେ ଜିତାଇବାକୁ ସ୍ୱତନ୍ତ୍ର ରଣନୀତି ଦଳ ପକ୍ଷରୁ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ ଖବର

# କେନ୍ଦ୍ରମନ୍ତ୍ରୀଙ୍କ ବୈଠକରେ ହୋହଲ୍ଲା

■ ପୁରୀ ଲୋକ ସଭା ପ୍ରବାସ ଯୋଜନା
■ ଗୋଟିଏ ମଞ୍ଚରେ ଇରାନୀ, ପ୍ରତ୍ୟୁଷା

**ନୟାଗଡ଼ ଅଫିସ,୧୫।୪**

ପୁରୀ ଲୋକ ସଭା ପ୍ରବାସ ଯୋଜନାରେ ଭାଜପା ପକ୍ଷରୁ ନୟାଗଡ଼ ବିଧାନସଭା କ୍ଷେତ୍ରର ସାଙ୍ଗଠନିକ ବୈଠକ ଖଣ୍ଡପଡ଼ା ରୋଡର ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେନ୍ଦ୍ର ରେଳ ଓ ଟେକ୍ସଟାଇଲ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜାର୍ଦ୍ଦୋଷଙ୍କ ସମେତ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଜିଲା ସଭାପତି ଲାଲା ମନୋଜ ରାୟ ଉପସ୍ଥିତ ଥିଲେ। ତେବେ ଗୋଟିଏ ମଞ୍ଚରେ ଗୋଟିଏ ଦଳର ଦୁଇ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ନେତ୍ରୀ ଇରାନୀ ରାୟ ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଭାଜପା ସଙ୍ଗଠନକୁ ମଜବୁତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଭାଜପାକୁ ବିଜୟୀ କରିବାକୁ ହେଲେ ମିଳିମିଶି କାମ କରିବାକୁ କୁହାଯାଇଛି। ତେବେ ବୈଠକ ଚାଲୁ ରହିଥିବା ସମୟରେ କର୍ମୀ ହୋହଲ୍ଲା କରୁଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଗୋଷ୍ଠୀର କର୍ମୀମାନେ ପାଟିତୁଣ୍ଡ କରି ପ୍ରଶ୍ନ ପଚାରୁଥିଲେ ଜିଲା ପରିଷଦ ପ୍ରାର୍ଥୀ, ଦଳୀୟ ନେତାଙ୍କୁ କ'ଣ ବୈଠକ ମନା। ଆମମାନଙ୍କୁ କାହିଁକି ବୈଠକ ସମ୍ପର୍କରେ ଅବଗତ କରାଗଲା ନାହିଁ। ଏହାକୁ ନେଇ ବୈଠକରେ ବାଧା ଉପୁଜିଥିଲା। ରାଷ୍ଟ୍ରୀୟ ପ୍ରବକ୍ତା ବୈଠକରୁ ଉଠି ଆସି କର୍ମୀ ଓ ନେତାଙ୍କୁ ବୁଝାଶୁଝା କରିଥିଲେ। ପରେ କର୍ମୀଙ୍କ ରାଗ ପ୍ରଶମିତ ହୋଇଥିଲା। ବୈଠକ ଶେଷ ପରେ ଅନ୍ୟ ଏକ କକ୍ଷରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସମର୍ଥକମାନଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରାଗଲା। ଏଥିରେ କେବଳ ରାଷ୍ଟ୍ରୀୟ ପ୍ରବକ୍ତା, କେନ୍ଦ୍ରମନ୍ତ୍ରୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କ'ଣ ଆଲୋଚନା ହେଲା କୁହାଯାଇ ନ ଥିଲେ ହେଁ ଏକାଠି ହୋଇ କାମ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି। ବୈଠକ ଶେଷ ପରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଜିନ୍ଦାବାଦ ଧ୍ୱନି ଶୁଣିବାକୁ ମିଳିଥିଲା। ଗଣମାଧ୍ୟମର ପ୍ରତିନିଧି ଭିଜୁଆଲ ସଂଗ୍ରହ ଆରମ୍ଭ କରିବାରୁ ନାରା ବଦଳିଥିଲା। ରାଷ୍ଟ୍ରୀୟ ପ୍ରବକ୍ତା ଜିନ୍ଦାବାଦ୍ ବୋଲି କିଛି ସମୟ ଶୁଣିବାକୁ ମିଳିଥିଲା। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ପଚାରିବାରୁ କହିଥିଲେ ୨୦୨୪ ନିର୍ବାଚନ ଆସୁଛି। ଏଣୁ ସାଙ୍ଗଠନିକ ବୈଠକ କରାଯାଇଛି। ଆମେ ପରିଶ୍ରମରେ ବିଶ୍ୱାସ କରୁ। ଭାଜପା ଶୃଙ୍ଖଳିତ ଦଳ ବୋଲି ସେ କହିଥିଲେ। ତେବେ ଦଳୀୟ କନ୍ଦଳ ସମ୍ପର୍କରେ କିଛି ନ କହି ଏଡାଇ ଯାଇଥିଲେ। ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀର ସହ ପ୍ରଭାରୀ ଅମୀୟ ଦାସ କହିଥିଲେ, ଶନିବାରର ବୈଠକରେ କୌଣସି କନ୍ଦଳ ହୋଇ ନାହିଁ। ଉଭୟ ନେତ୍ରୀ ଏକାଠି ହୋଇ କାମ କରୁଛନ୍ତି। ସଙ୍ଗଠନକୁ ଆଗକୁ ବଢ଼ାଇବେ ବୋଲି କହିଛନ୍ତି। ସୂଚନା ଥାଉକି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଇରାନୀ ରାୟ ପୃଥକ ପୃଥକ ଭାବେ ସଭା, କର୍ମୀ ସମ୍ମିଳନୀ କରି ଆସୁଛନ୍ତି। ଉଭୟ ନେତ୍ରୀ ଗାଁ ମୁହାଁ ହୋଇ ନିଜ ନିଜର ସଙ୍ଗଠନକୁ ବଢ଼ାଇ ଚାଲିଛନ୍ତି। ଉଭୟ ନେତ୍ରୀ ଟିକେଟ ପାଇବାକୁ ଦାବିଦାର ବୋଲି କହୁଛନ୍ତି। ଏଭଳିସ୍ଥଳେ ଭାଜପାରେ ଫାଟ ଦାଣ୍ଡରେ ପଡି ହାଟରେ ଗଡୁଛି। ଦୁଇ ନେତ୍ରୀଙ୍କୁ ଏକାଠି କରି ବହୁ ଦିନ ପରେ ଏକ ଦଳୀୟ ସାଙ୍ଗଠନିକ ବୈଠକ କରାଯାଇଛି। ଅନପକ୍ଷେ ଭାଜପାର ଏହି ବୈଠକ ସଂକ୍ରାନ୍ତରେ ଖବରଦାତାମାନଙ୍କୁ ସୂଚନା ଦିଆ ଯାଇ ନ ଥିଲା।

# ଆଶ୍ରମରେ ଯୁବତୀଙ୍କୁ ହତ୍ୟା ସନ୍ଦେହ

**ନୟାଗଡ଼ ଅଫିସ/ରଣପୁର,୧୫।୪(ସ୍ୱ.ପ୍ର.)**

ରଣପୁର ଥାନା ବଳଭଦ୍ରପୁର ଗ୍ରାମର ଦେବରାଜ ସାହୁଙ୍କ ଝିଅ ସତ୍ୟଭାମାଙ୍କ ଶନିବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ପରିବାର ଛାଡି ଦୀର୍ଘ ଦିନ ଧରି ରଣପୁର ଓମ୍‌ଶାନ୍ତି ଆଶ୍ରମରେ ରହୁଥିଲେ। ରଣପୁର ଓ ଗୌରାଙ୍ଗପୁରର ଏକ ଭଡ଼ାଘରେ ଚାଲିଥିବା ଓମ୍‌ଶାନ୍ତି ଆଶ୍ରମକୁ ସେ ଦେଖାଶୁଣା କରିଆସୁଥିଲେ। ଶନିବାର ସକାଳ ୧୧ଟା ବେଳେ ପରିବାର ଲୋକେ ଫୋନ ଯୋଗେ ସାଥୀଙ୍କଠାରୁ ଖବର ପାଇଲେ ଯେ, ଝିଅ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ରଣପୁର ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଶୀଘ୍ର ଆସନ୍ତୁ। ପରବର୍ତ୍ତୀ ପର୍ଯ୍ୟାୟରେ ଡାକ୍ତର ସତ୍ୟଭାମାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ଝିଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଝିଅର ମୃତ୍ୟୁର କାରଣ ଜାଣି ନ ପାରି ପରିବାର ଲୋକେ ଥାନାରେ ହତ୍ୟା ସନ୍ଦେହ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନାହିଁ।

## ୧୪ ଦେଶର ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କଲେ ନବୀନ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନରେ ୧୪ଟି ଦେଶର ମନ୍ତ୍ରୀ, ଏମ୍‌ପି, କୂଟନୀତିଜ୍ଞ, ନୀତି ଉପଦେଷ୍ଟାଙ୍କ ସହ ଆଲୋଚନା କରିଛନ୍ତି। ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୭୫ ବର୍ଷ ଧରି ଭାରତ ଏକ ଦୃଷ୍ଟାନ୍ତମୂଳକ ଧର୍ମନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର ଭାବେ ପରିଚୟ ସୃଷ୍ଟି କରିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ଆଖିଦୃଶିଆ ଅଭିବୃଦ୍ଧି ହୋଇଛି। ରାଜ୍ୟରେ ଅର୍ଥ, ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ଭାବବିନିମୟ କରିବା ସହ ନବୀନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ: ଜେଲ ଗଲେ ପ୍ରଧାନ ଶିକ୍ଷକ

**ନୟାଗଡ଼ ଅଫିସ/ଗଣିଆ, ୧୫।୪ (ଡି.ଏନ୍.ଏ.)**

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗଣିଆ ଥାନା ପୋଲିସ ଏକ ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଦାସ (୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଦାସଙ୍କ ନାମରେ ଥାନାରେ ଆଇପିସି ଦଫା ୩୨୩, ୩୪୧, ୩୫୪, ୩୫୪(ଏ), ୩୬୪, ୫୦୬, ୫୦୭ ଏବଂ ପୋକ୍‌ସୋର ଆରଡବ୍ଲ୍ୟୁ ସେକସନ ୧୦/୧୨, ଆର୍‌ଏନ୍ ସେକ୍ସନ ୬୭/୬୭(ଏ)ରେ ୩୭/୨୦୨୩ ନଂ.ରେ ମାମଲା ରୁଜୁ ହୋଇଛି।

# ଦୁବାଇ ଯିବେ ମାଲକାନଗିରି ବଣ୍ଡା ଛାତ୍ରୀ ବୁଦ୍ରୀ

**ମାଲକାନଗିରି,୧୫।୪(ଡି.ଏନ.ଏ.)**

ବଣ୍ଡା ଜନଜାତିର ଛାତ୍ରୀ ଯିବେ ଦୁବାଇ। ଏହାକୁ ନେଇ ମାଲକାନଗିରି ଜିଲାରେ ବେଶ୍ ଖୁସି ପ୍ରକାଶ ପାଇଛି। ଦେଶ ଦେଶ ମଧ୍ୟରେ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶାର ୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏହି ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଅନ୍ତର୍ଗତ ଦାନ୍ତିପଡ଼ା ଗ୍ରାମର ବଣ୍ଡା ଯୁବତୀ ବୁଦ୍ରୀ କିର୍ଷାନୀ। ମାଆବାପା ଛେଉଣ୍ଡ ବୁଦ୍ରୀ ଇପିକଲ ପକ୍ଷରୁ ଦୁବାଇରେ କରାଯାଉଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଆଇଟିଆଇରେ ପାଠପଢ଼ା ଶେଷ ପରେ ଡାଇରେକ୍ଟର ଅଫ୍ ଟେକ୍ନିକାଲ ଏଜୁକେଶନ ନିର୍ଦ୍ଦେଶକଙ୍କୁ ତାଙ୍କ ନାମ ସୁପାରିସ କରାଯାଇଥିଲା। ସ୍କିଲ ଇଣ୍ଡିଆ ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳରୁ କୃତୀ ଛାତ୍ରୀଛାତ୍ର ଦୁବାଇ ଯିବାକୁ ଚୟନ ବେଳେ ବୁଦ୍ରୀ ସ୍ଥାନ ପାଇଛନ୍ତି। ମାଆବାପାଙ୍କୁ ହରାଇବା ପରେ ବୁଦ୍ରୀ ତାଙ୍କ ଭଉଣୀଙ୍କ ପାଖରେ ରହି ପାଠ ପଢୁଥିଲେ। ଭଉଣୀଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି।



# ଫିନ୍‌ଟେକ୍ ଫେଷ୍ଟିଭାଲ–୨୦୨୩ ଉଦ୍‌ଘାଟିତ

## ଆର୍ଥିକ ଅଭିବୃଦ୍ଧି ରୋଡ୍ ମ୍ୟାପ୍‌ରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଓଡ଼ିଶା ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଓଡ଼ିଶା ଫିନ୍‌ଟେକ୍ ଫେଷ୍ଟିଭାଲ୍ –୨୦୨୩ ଶନିବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶା ଫିନ୍‌ଟେକ୍ ଫେଷ୍ଟିଭାଲ୍ ରାଜ୍ୟବାସୀଙ୍କ ପାଇଁ ଆର୍ଥିକ ଅଭିବୃଦ୍ଧିର ଏକ ରୋଡ୍‌ମ୍ୟାପ୍ ତିଆରି କରିବାରେ ସହାୟକ ହେବ। ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି, କ୍ରୀଡ଼ା ଓ ଯୁବସେବା ତଥା ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆର ପ୍ରମୁଖ କାର୍ଯ୍ୟନିର୍ବାହୀ ପରିଚାଳିକା ପ୍ରବୀଣା ରାୟ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ସିଇଓ ମନୋଜ ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, 'ଆଇସର୍ଭିୟୁ'ର ସିଇଓ ଦେବୀପ୍ରସାଦ ଷଡ଼ଙ୍ଗୀ ଏବଂ ଅନ୍ୟ ପଦାଧିକାରୀମାନେ ଆଗାମୀ ଦିନରେ ଫିନ୍‌ଟେକ୍ ଉତ୍ପାଦର ଦ୍ରୁତ ଆବୃତ୍ତି ଦିଗରେ ପଦକ୍ଷେପ ନିଆଯିବା ପାଇଁ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଇଣ୍ଡିଆ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ ଶ୍ରୀୟା
ପରିବାରବର୍ଗ


ଜନ୍ମେଞ୍ଜୟ
ପରିବାରବର୍ଗ


ଦିବ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଞ୍ଜାବ କିଙ୍ଗ୍ସର ତୃତୀୟ ବିଜୟ

**ଲକ୍ଷ୍ନୌ, ୧୫।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚକୁ ୨ ଉଇକେଟରେ ଜିତି ତୃତୀୟ ବିଜୟ ହାସଲ କରିଛି ପଞ୍ଜାବ କିଙ୍ଗ୍ସ। ଅଧିନାୟକ ଲୋକେଶ ରାହୁଲଙ୍କ ୭୪ ରନ୍ ବଳରେ ଲକ୍ଷ୍ନୌ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ସିକନ୍ଦର ରାଜାଙ୍କ ୫୭ ରନ୍ ବଳରେ ୩ ବଲ୍ ବାକିଥାଇ ୮ ଉଇକେଟ ହରାଇ ମ୍ୟାଚ୍ ଜିତିନେଇଥିଲା ପଞ୍ଜାବ। ଶିଖର ଧାୱନଙ୍କ ସ୍ଥାନରେ ସାମ୍ କୁରାନ୍ ଅଧିନାୟକ ଦାୟିତ୍ୱ ନିର୍ବାହ କରିଥିଲେ। କାଇଲ ମେୟର୍ସଙ୍କ ସ୍ଥାନରେ କ୍ରିଷ୍ଣପ୍ପା ଗୌତମ ଓ ରାହୁଲ ଚହରଙ୍କ ସ୍ଥାନରେ ପ୍ରଭସିମରନ୍ ସିଂ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବେ ଆସିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ସୁପର ଜାଏଣ୍ଟ୍ସ ପକ୍ଷରୁ କାଇଲ ମେୟର୍ସ(୨୯) ଓ ଲୋକେଶ ରାହୁଲ(୭୪) ପ୍ରଥମ ଉଇକେଟରେ ୫୩ ରନ୍ ଯୋଡ଼ିଥିଲେ। ଦୀପକ ହୁଡା ମାତ୍ର ୨ ଓ କୃନାଲ ପାଣ୍ଡ୍ୟା ୧୮ ଅତ୍ୟନ୍ତ ଧୀମା ବ୍ୟାଟିଂ କରିଥିଲେ। ଲଗାତର ବଲ୍‌ରେ କୃନାଲ ପାଣ୍ଡ୍ୟା ଓ ବିପଜ୍ଜନକ ନିକୋଲାସ ପୁରନଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ କାଗିସୋ ରାବଡା। ଏହାପରେ ସୁପର ଜାଏଣ୍ଟ୍ସର ସ୍କୋର ଧୀମେଇ ଯାଇଥିଲା। ଟପ୍ ସ୍କୋରର ରହିଥିବା ରାହୁଲ ୧୯ ତମ ଓଭରରେ ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ୫୬ ବଲ୍ ଖେଳି ୭୪ ରନ୍ କରିଥିବା ରାହୁଲଙ୍କ ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଏହା ସହିତ ରାହୁଲ ଆଇପିଏଲ୍‌ରେ ଦ୍ରୁତତମ ୪ ହଜାର ରନ୍ ହାସଲକାରୀ ପାଲଟିଛନ୍ତି। ପଞ୍ଜାବ ପକ୍ଷରୁ ସାମ୍ କୁରାନ୍ ୩ ଉଇକେଟ ନେଇଥିବା ବେଳେ କାଗିସୋ ରାବଡା ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂ, ହରପ୍ରୀତ ବ୍ରାର ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୦ ରନ୍‌ର ପିଛା କରୁଥିବା ପଞ୍ଜାବ କିଙ୍ଗ୍ସର ଆରମ୍ଭ ଭଲ ନଥିଲା। ଲକ୍ଷ୍ନୌର ଯୁଧବୀର ଚରକ ଆରମ୍ଭରୁ ଦୁଇ ଉଇକେଟ ନେବାରୁ ପଞ୍ଜାବ ୧୭ ରନ୍‌ରେ ୨ ଉଇକେଟ ହରାଇଥିଲା। ତେବେ ମାଥ୍ୟୁ ଶର୍ଟ ୩୪ ଓ ସିକନ୍ଦର ରାଜା ୫୭ ଇନିଂସ ସଜାଡ଼ିଥିଲେ। ଦଳୀୟ ସ୍କୋର ୪୫ରେ ଶର୍ଟ ଆଉଟ ହୋଇଥିଲେ। ହରପ୍ରୀତ ସିଂ ଭାଟିଆ(୨୨)ଙ୍କୁ ସାଥୀ କରି ୩୦ ରନ୍ ଯୋଡ଼ିଥିଲେ ରାଜା। ଭାଟିଆଙ୍କ ଉଇକେଟ ପତନ ପରେ ରାଜା ଆକ୍ରମଣାତ୍ମକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୪୧ ବଲ୍ ଖେଳି ସେ ୪ ଚୌକା ଓ ୩ ଛକା ମାରିଥିଲେ। ଶେଷକୁ ଶାହରୁଖ ଖାନ୍ ୧୦ ବଲ୍‌ରୁ ୨୩ ରନ୍ କରି ପଞ୍ଜାବକୁ ଜିତାଇଥିଲେ। ଯୁଧ୍‌ବୀର ସିଂ ଚରକ, ମାର୍କ ଉଡ୍ ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦ ମ୍ୟାଚ୍ ସିକନ୍ଦର ରାଜା

**ସଂକ୍ଷିପ୍ତ ସ୍କୋର**

**ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ** ୨୦ ଓଭରରେ ୧୫୯/୮ (ଲୋକେଶ ରାହୁଲ-୭୪, କାଇଲ ମେୟର୍ସ-୨୯, କୃନାଲ ପାଣ୍ଡ୍ୟା-୧୮, ସାମ୍ କୁରାନ୍-୩/୩୧, କାଗିସୋ ରାବଡା-୨/୩୪, ହରପ୍ରୀତ୍ ବ୍ରାର-୧/୧୦)।

**ପଞ୍ଜାବ କିଙ୍ଗ୍ସ** ୧୯.୩ ଓଭରରେ ୧୬୧/୮(ସିକନ୍ଦର ରାଜା-୫୭, ମାଥ୍ୟୁ ଶର୍ଟ-୩୪, ଶାହରୁଖ ଖାନ୍-୨୩*, ଯୁଧ୍‌ବୀର ସିଂ ଚରକ-୨/୧୯, ମାର୍କ ଉଡ୍-୨/୩୫, ରବି ବିଷ୍ଣୋଇ-୨/୧୮)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ କୋଲକାତା**
ସ୍ଥାନ:ମୁମ୍ବାଇ,
ସମୟ: ଅପରାହ୍ଣ ୩.୩୦

**ଗୁଜରାଟ ବନାମ ରାଜସ୍ଥାନ**
ସ୍ଥାନ: ଅହମଦାବାଦ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସେମିରେ ପ୍ରମୋଦ-ସୁକାନ୍ତ, ଦିଲେଶ୍ୱର-ନବୀନ

### ବ୍ରାଜିଲ ଓପନ ପାରା ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୧୫।୪(ସ୍ପୋର୍ଟ୍ସ ବ୍ୟୁରୋ)**

ସାଓପାଓଲୋରେ ଅନୁଷ୍ଠିତ ବ୍ରାଜିଲ୍ ଓପନ୍ ପାରା ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଦିଲେଶ୍ୱର ରାଓ-ନବୀନ ଶିବକୁମାର ଏବଂ ପ୍ରମୋଦ ଭଗତ-ସୁକାନ୍ତ କଦମ। ଦିଲେଶ୍ୱର-ନବୀନ ଯୋଡି ଅନ୍ୟତମ ଭାରତୀୟ ଖେଳାଳି ଅଭିଜିତ ସାକୁଜା ଓ ବିକ୍ରମ କୁମାରଙ୍କୁ ୧୮-୨୧,୨୧-୧୨, ୨୧-୧୮ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ପକ୍କା କରିଛନ୍ତି। ସେମାନେ ସେମିଫାଇନାଲରେ କୋରିଆର ଖେଳାଳିଙ୍କୁ ଭେଟିବେ। ପାରା ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଓ ତାଙ୍କ ଯୋଡ଼ି ସୁକାନ୍ତ କଦମ କ୍ୱାର୍ଟର ଫାଇନାଲ ମ୍ୟାଚରେ ପେରୁର ରେଞ୍ଜୋ ଡିକ୍ୱେଜ୍ ବାନ୍ସେସ୍ ମୋରାଲେସ୍ ଓ ପେଡ୍ରୋ ପାବ୍‌ଲୋ ଡେ ଭିନାଟେଙ୍କୁ ୨୧-୧୦, ୨୧-୧୪ରେ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପ୍ରମୋଦ ଏକକରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ସେମିଫାଇନାଲରେ ଜାପାନର ଫୁଜିହାରଙ୍କୁ ଭେଟିବେ। ପ୍ରମୋଦ ଭଗତ ଓ ମନୀଷା ରାମଦାସ ମିଶ୍ରିତ ଯୁଗଳ ଯୋଡି କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆ ଯୋଡିଙ୍କଠାରୁ ୧୪-୨୧, ୧୨-୨୧ରେ ପରାଜିତ ହୋଇ ବିଦାୟ ନେଇଛନ୍ତି। ଓଡ଼ିଶାର ଦୁଇ ଖେଳାଳି ପ୍ରମୋଦ ଓ ଦିଲେଶ୍ୱର ଭାରତ ପାଇଁ ୩ ପଦକ ସୁନିଶ୍ଚିତ କରିଛନ୍ତି।


ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ।

# ଶେଖର ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

### ୧୫ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୧୫।୪(ସ୍ପୋର୍ଟ୍ସ ବ୍ୟୁରୋ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଶେଖର ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଶେଖର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୨୫ ଓଭରରେ ୫ ଉଇକେଟ ବିନିମୟରେ ୧୪୫ ରନ କରିଥିଲା। ସାହିଲ ସତ୍ୟବ୍ରତ ନାୟକ ସର୍ବାଧିକ ୪୬ ରନ କରିଥିଲେ। ଟାଉନ କ୍ଲବ 'ବି'ର ସଫଳ ବୋଲର ସାରାଂଶ ତ୍ରିପାଠୀ ଦୁଇଟି ଉଇକେଟ ନେଇଥିଲେ। ୧୪୬ ରନର ବିଜୟ ଲକ୍ଷ୍ୟ ନେଇ ଟାଉନ କ୍ଲବ 'ବି' ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୧୩ରନ କରିଥିଲା। ଦଳ ପକ୍ଷରୁ ନିହାର ମିଶ୍ର ସର୍ବାଧିକ ୩୧ ରନ କରିଥିଲେ। ଶେଖର ସ୍ପୋର୍ଟିଂର ମିଧାଂଶୁ ଦାସ ୨ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସାହିଲ ସତ୍ୟବ୍ରତ ନାୟକଙ୍କୁ ପୂର୍ବତନ ରଣଜୀ ଖେଳାଳି ବିବିସିସି ମହାପାତ୍ର ପୁରସ୍କୃତ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ପ୍ରଗତି ଦଳ ପ୍ରଥମେ ବ୍ୟାଟିଂ କରି ୮୬ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅସୀମ ବରାଦ ସର୍ବାଧିକ ୫୨ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ସମ୍ବିତ କୁମାର ବେଜ୍ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ୬ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଶୁଭଜିତ ମିଶ୍ର ସର୍ବାଧିକ ୩୬ ରନ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ସମ୍ବିତ କୁମାର ବେଜ୍‌ଙ୍କୁ ବିଶିଷ୍ଟ ବ୍ୟବସାୟୀ ଚିନ୍ମୟ ବଡ଼ଜେନା ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଦିବସରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଟାଉନ୍ କ୍ଲବ ସଭାପତି ସୁର କୁମାର ରାଉତରାୟ, ଉପଦେଷ୍ଟା ସମୀର ମହାନ୍ତି, ଦୌଡ଼କୁଦ ସଂଘର ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସ୍ଥାନୀୟ କର୍ପୋରେଟର ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ଭଲିବଲ୍ ଚାମ୍ପିୟନଶିପ୍

# ଟ୍ରାଏଲ୍ସରେ ୬୦୦ ପ୍ରତିଯୋଗୀ

**ଭୁବନେଶ୍ୱର, ୧୫।୪(ସ୍ପୋର୍ଟ୍ସ ବ୍ୟୁରୋ)**

୪୫ତମ ଜାତୀୟ ସବ୍‌ଜୁନିୟର ଓ ୪୯ତମ ଜାତୀୟ ଜୁନିୟର ଭଲିବଲ୍ ଚାମ୍ପିୟନଶିପ ପାଇଁ ଓଡ଼ିଶା ବାଳକ ଓ ବାଳିକା ଦଳର ଟ୍ରାଏଲ୍ସରେ ସାମିଲ ହୋଇଛନ୍ତି ୬୦୦ ପ୍ରତିଯୋଗୀ। କିଟ୍ଟିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ୧୩ରୁ ୧୫ ତାରିଖ ଯାଏ ଓଡ଼ିଶା ଦଳର ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏହି ଟ୍ରାଏଲ୍ସରେ ୪୪୦ ଜଣ ବାଳକ ଓ ୧୬୦ ଜଣ ବାଳିକା ଅଂଶ ଗ୍ରହଣ କରିଥିଲେ। ୪୫ତମ ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିୟନଶିପ ୨୭ ମେ'ରୁ ୧ ଜୁନ୍ ମଧ୍ୟରେ ପଶ୍ଚିମବଙ୍ଗର ହୁଗୁଳିରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ୪୯ ତମ ଜାତୀୟ ଜୁନିୟର ଭଲିବଲ୍ ଚାମ୍ପିୟନଶିପ ରାଜସ୍ଥାନର ରାଜସମାଡରେ ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟ ପାଇଁ କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳିଙ୍କ ମଧ୍ୟରୁ ଏକ ସମ୍ଭାବ୍ୟ ଦଳ ପ୍ରସ୍ତୁତ କରାଯିବ। ଏହି ସିଲେକ୍ସନ୍ ଟ୍ରାଏଲ୍ ପାଇଁ ଭାରତୀୟ ଭଲିବଲ ଫେଡେରେଶନ ସଭାପତି ତଥା ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ସଭାପତି ଅଚ୍ୟୁତ ସାମନ୍ତ ସମସ୍ତ ବ୍ୟବସ୍ଥା କରିଥିଲେ।


# Classified Everyday
0674-2580101, 2549949


MATRIMONIAL

**BRIDE WANTED**

DOB: 11.04.1986, 2/1 ୩୭ ବର୍ଷୀୟ ସରକାରୀ ଚାକିରି କରୁଥିବା ୩୦,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପୁଅ ପାଇଁ ବ୍ରାହ୍ମଣ କନ୍ୟା ପାତ୍ରୀ ଆବଶ୍ୟକ। (ଓଡ଼ିଶାରେ ରହୁଥିବା ଓଡ଼ିଆ, ବଙ୍ଗାଳୀ, ବିହାରୀ, ଦ୍ୱିତୀୟ ବିବାହ ସବୁ ମାନ୍ୟ ଅଟେ।) ପୁଅର ନାମ ଓ ନମ୍ବର- ଆଶିଷ କୁମାର ପାଣିଗ୍ରାହୀ, ୯୪୩୯୦୭୯୩୯୪. D-0093

**GROOM WANTED**

47 ବର୍ଷର ମହିଳା SBI Bankରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 8455853154. D-0107

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0105


REAL ESTATE

**SALE**

Land for sale near Samantarapur Bhubaneswar. Area: 2650sqft. Contact: 9090030068. D-0112

Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ) D-0023

Hurry! Akshaya Trutiya ten grams Gold coin offer on purchase of ready to move BDA/ Bank project approved two numbers 1BHK flat in multi storied apartment near Shani Temple, 500 meters from National Highway, Patrapada, Bhubaneswar. 9238326233. D-38585

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

Schedule Caste plot for sale BDA Town Planning Scheme, Phase one, Plot No. 1364. Contact: 9937446498. D-74533

2BHK superbuilt apartment flat near Garage Chhak, Bhubaneswar. Contact: 7873492433. D-74402

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Grandbazar ସମ୍ମୁଖରୁ walkable ଦୂରତାରେ ଘର ଉପଯୋଗୀ plot କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। 8249310759. D-74841

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74672




House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-0106

2BHK Residential Accommodation for Bank/PSU/Corporate Professional at Acharya Vihar, Call - 9853526268. D-0116


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856. D-2931

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081




Newly open health benefits Spa special offer @999 Nayapalli. 7846814019. D-73699

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open Spa Positively health benefit with expert. Contact- 7749976301 D-74532

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Relax, Refresh your body, Mind at Saikrupa Spa with best therapies. 8984068077. D-0034

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74670

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**44th Happy Birthday to my beloved Husband**



Mrs.- Shreeya Das
W/o- Mr. Janmejay Mohanty
LB-107, BDA Colony, Laxmisagar, BBSR
Many many happy returns of the day. Wish you an auspicious Happy Birth Day.
From Wife & Son
ଧ-୦୦୭୬

**Happy Birthday**



I hope all your wishes come true! Many many happy returns of the day....Happy birthday dibya......
Best Wishes.... Bubu Family & Relatives...
D-0111



D-0091

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଜିଆଇ ଟ୍ୟାଗ୍ ପାଇଥିବା ‘ମିର୍ଚ୍ଚା’ ଚାଉଳ ...... ରାଜ୍ୟରେ ମିଳିଥାଏ ?
୨– ୱାର୍ଲ୍ଡ ହୋମିଓପାଥି ଡେ’ .......... ତାରିଖରେ ପାଳନ କରାଯାଏ ?
୩– ମାଇଁ ଭିଲେଜ୍, ମାଇଁ ହେରିଟେଜ୍ ପ୍ରୋଗ୍ରାମରେ ..........ଟି ଗ୍ରାମକୁ ସାମିଲ କରାଯାଇଛି ?
୪– ଷ୍ଟାଣ୍ଡ ଅପ୍ ଇଣ୍ଡିଆ ସ୍କିମ୍‌ର ସମୟସୀମାକୁ .......... ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
୫– ଆମେରିକାକୁ ............. ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାରରେ ଦେଇଥିଲା ?

## ଗତ ଥରର ଉତ୍ତର

୧ ଆସାମ
୨ ରାଜେଶ ମାଲ୍‌ହୋତ୍ରା
୩ ମଧ୍ୟପ୍ରଦେଶ
୪ ୟୁନିୟନ୍ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ
୫ ମାନ୍‌ସୀ ଗୁଲାଟି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା

୧– ବିଭୁଦତ୍ତ ବଳିୟାରସିଂ, ଖୋର୍ଦ୍ଧା
୨– ସୁନୟନା ତ୍ରିପାଠୀ, ବରଗଡ଼
୩– କୃଷ୍ଣପ୍ରିୟା ମଲ୍ଲିକ, କଟକ
୪– ଶିଳ୍ପା ଜୈନ, କଳାହାଣ୍ଡି

## ଟପ୍ ୧୦

**ଲୋକପ୍ରିୟ ସ୍ମାର୍ଟ ୱାଚ୍**

(୧)........ ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪ କ୍ଲାସିକ୍
(୨)........ ଆପ୍‌ଲ ୱାଚ୍ ସିରିଜ୍ ୭
(୩)........ ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪
(୪)........ ଫିଟ୍‌ବିଟ୍ ସେନ୍ସ
(୫)........ ପୋଲାର ଗ୍ରିଟ୍ ଏକ୍ସ(X) ପ୍ରୋ
(୬)........ ଓପୋ ୱାଚ୍–ଦି ଆପ୍‌ଲ ୱାଚ୍ ଫର୍ ଆଣ୍ଡ୍ରଏଡ୍ ୟୁଜର୍ସ
(୭)........ ଆମାଜ୍‌ଫିଟ୍ ଜିଟିଆର୍ ୩ ପ୍ରୋ
(୮)........ ଫସିଲ୍ ଜେନ୍ ୫
(୯)........ ହୁଆଇ ୱାଚ୍ ଜିଟି ୩
(୧୦)........ ସୁଣ୍ଟୁ ୭

### ୟୁଥ୍ ଆଲର୍ଟ

# ଦୂର ହେବ ଝାଳଗନ୍ଧ

**ଖରା ଦିନକୁ ଦିନ ପ୍ରଖର ହେବାରେ ଲାଗିଛି। ଏମିତିରେ ସଭିଙ୍କ ଶରୀରରୁ ଅଧିକ ଝାଳ ମଧ୍ୟ ବାହାରୁଛି। ହେଲେ କାହା କାହାଠାରେ ଏହି ଝାଳ ଖୁବ୍ ଗନ୍ଧ ହୋଇଥାଏ, ଯାହାକୁ ଦୂର କରିବା ଲାଗି ସେମାନେ ପର୍‌ଫ୍ୟୁମ୍, ଡିଓଡରାଣ୍ଟ, ପାଉଡର ଆଦି ବ୍ୟବହାର କରନ୍ତି। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତେକ ଘରୋଇ ଉପଚାର ଦ୍ୱାରା ଉପକୃତ ହୋଇପାରିବେ...**

**ପ୍ରତିଦିନ ଗାଧାନ୍ତୁ:** ପ୍ରତିଦିନ ଭଲ ଭାବେ ଗାଧୋଇବା ସହ ନିଜ ପୋଷାକପତ୍ରକୁ ମଧ୍ୟ ସଫା ରଖନ୍ତୁ। କାରଣ ବାସ୍ତବରେ ଝାଳରେ କୌଣସି ଗନ୍ଧ ନ ଥାଏ। ହେଲେ ବିଭିନ୍ନ କାରଣରୁ ବ୍ୟାକ୍ଟେରିଆ ହେବା ଦ୍ୱାରା ଝାଳଗନ୍ଧ ଆରମ୍ଭ ହୋଇଥାଏ। ତେଣୁ ଭଲ ଭାବେ ଗାଧୋଇବା ଦ୍ୱାରା ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନ ଥାଏ ଏବଂ ଝାଳଗନ୍ଧ ମଧ୍ୟ ହୋଇ ନ ଥାଏ।

**ନଡ଼ିଆ ତେଲ ଉପକାରୀ:** ଗାଧୋଇବା ପରେ ଅଳ୍ପ ନଡ଼ିଆ ତେଲ ଲଗାଇଲେ ଉପକୃତ ହେବେ। କାରଣ ଏଥିରେ ଥିବା ଆଣ୍ଟିମାଇକ୍ରୋବାୟାଲ୍ ତତ୍ତ୍ୱ ଶରୀରରେ ବ୍ୟାକ୍ଟେରିଆ ଉତ୍ପନ୍ନ ହେବାକୁ ଦେଇ ନ ଥାଏ। ଫଳରେ ଝାଳଗନ୍ଧ ହୋଇ ନ ଥାଏ। ନଡ଼ିଆ ତେଲ ବ୍ୟତୀତ ଆପଣ ଅନ୍ୟ ଆରୋମା ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।

**ଗନ୍ଧରୁ ଦୂରେଇ ରଖିବ ଗୋଲାପ ଜଳ:** ଗାଧୁଆ ପାଣିରେ କିଛି ଗୋଲାପ ଜଳ ମିଶାଇ ପ୍ରତିଦିନ ଗାଧୋଇବା ଦ୍ୱାରା ଝାଳଗନ୍ଧ ଦୂର ହୋଇଥାଏ। ତୁଳାରେ କିଛି ଗୋଲାପ ଜଳ ନେଇ ଝାଳ ହେଉଥିବା ସ୍ଥାନରେ ଲଗାଇପାରିବେ କିମ୍ବା ସ୍ପ୍ରେ କରିବା ଦ୍ୱାରା ଏହା ଶରୀରକୁ ପ୍ରାକୃତିକ ସୁଗନ୍ଧ ଦେବାରେ ସାହାଯ୍ୟ କରିବ।

**କଞ୍ଚାଆଳୁ ହଟାଇବ ଗନ୍ଧ:** ଝାଳଗନ୍ଧ ନ ହେବା ଲାଗି କଞ୍ଚାଆଳୁ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। କଟା କଞ୍ଚାଆଳୁକୁ କାଖରେ ଘଷନ୍ତୁ। ପ୍ରତିଦିନ ଏପରି କଲେ କିଛିଦିନ ମଧ୍ୟରେ ଧୀରେ ଧୀରେ ଆପଣ ଝାଳଗନ୍ଧ ଦୂର ହୋଇଥିବା ଅନୁଭବ କରିପାରିବେ।



**ଫିଟିକିରି, ପୋଦିନା ବି ଲାଭଦାୟକ:** ପ୍ରତିଦିନ ଗାଧୋଇବା ପାଣିରେ ଖଣ୍ଡେ ଫିଟିକିରି ଏବଂ କିଛି ପୋଦିନା ପତ୍ର ପକାଇ ଗାଧାନ୍ତୁ। କିଛିଦିନ ଏପରି ପାଣିରେ ଗାଧୋଇବା ଅଭ୍ୟାସ କରନ୍ତୁ। ଦେଖିବେ ଝାଳଗନ୍ଧ ଖୁବ୍‌ଶୀଘ୍ର ଦୂର ହୋଇଯିବ।

**ଲେମ୍ବୁ, ନିମ୍ବ ଦେବ ଗନ୍ଧରୁ ମୁକ୍ତି:** କାଖରେ ଖଣ୍ଡେ ଲେମ୍ବୁ ଘଷିବା ଦ୍ୱାରା ଝାଳଗନ୍ଧ ହୋଇ ନ ଥାଏ। ସେହିପରି ନିମ୍ବପତ୍ର ବଟା କାଖରେ ଲଗାଇଲେ ବ୍ୟାକ୍ଟେରିଆ ମରିଯିବା ଦ୍ୱାରା ଏହି ଗନ୍ଧ ଦୂର ହୋଇଥାଏ।





# ସ୍ୱାସ୍ଥ୍ୟ ପାଇଁ ଅମୃତ ପଇଡ଼ ପାଣି

**ବର୍ତ୍ତମାନ ଖରାର ପ୍ରଭାବ ଦିନକୁ ଦିନ ଯେତେ ଯେତେ ବଢୁଛି, ରାସ୍ତାକଡ଼ରେ ବିଭିନ୍ନ ଥଣ୍ଡାପାନୀୟ ଦୋକାନ ଆଗରେ ଭିଡ଼ ସେତେ ଜମୁଛି। ହେଲେ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଉଦୁଉଦିଆ ଖରାଦାଉରୁ ପେଟ ଥଣ୍ଡା ରଖିବା ଲାଗି ପଇଡ଼ ପାଣି ସାଜିଛି ଅଧିକାଂଶଙ୍କ ପାଇଁ ଅମୃତ ସଦୃଶ...**

ବର୍ତ୍ତମାନ ଚାରିଆଡ଼େ ପ୍ରବଳ ଖରା ହେଉଛି। ଓଡ଼ିଶାର କେତେକ ସ୍ଥାନରେ ଚଳିତ ବର୍ଷ ସର୍ବାଧିକ ତାପମାତ୍ରା ରେକର୍ଡ ମଧ୍ୟ କରିଛି। ଏମିତିରେ ବାହାରକୁ କିଛି ସମୟ ବାହାରିବା ମାତ୍ରେ ପାଖରେ ପାଣି ବୋତଲ ଜରୁରୀ ହୋଇପଡୁଛି। ଏହାବ୍ୟତୀତ ସ୍ୱାଦ ସହ ଆରାମ ଲାଗି ବିଭିନ୍ନ ଥଣ୍ଡା ପାନୀୟର ଚାହିଦା ଖୁବ୍ ବଢ଼ିଯାଇଛି। ଏମିତିକି ଅନେକେ ବିଶେଷକରି ଯୁବପିଢ଼ି କୋଲ୍ଡ଼ ଡ୍ରିଙ୍କ୍‌କୁ ପାଣି ଭଳି ଦୈନନ୍ଦିନ ପାନୀୟ ତାଲିକାରେ ସାମିଲ କରିଦେଇଥିବା ବି ଦେଖିବାକୁ ମିଳୁଛି। ହେଲେ ବର୍ତ୍ତମାନ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ଯୁବପିଢି ପଇଡ଼ ପାଣି ପିଇବାକୁ ଭଲ ପାଉଛନ୍ତି। କାରଣ ଏହାର ଅନେକ ଉପକାରୀ ଗୁଣ ରହିଛି...



**ଭରିରହିଛି ପୋଷକତତ୍ତ୍ୱ:** ଏହାକୁ ପିଇବା ଦ୍ୱାରା ଶରୀର ଫିଟ୍ ରହିଥାଏ। କାରଣ ଏଥିରେ ଅନ୍ୟ ଥଣ୍ଡାପାନୀୟ ଭଳି କାର୍ବନ ଡାଇଅକ୍ସାଇଡ କିମ୍ବା ସ୍ୱାସ୍ଥ୍ୟ ପ୍ରତି ହିତକର ଉପାଦାନ ବଦଳରେ ଭରିରହିଛି ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ, ଯାହା ସ୍ୱାସ୍ଥ୍ୟ ପାଇଁ ଅମୃତ।

**ବୃଦ୍ଧିକରେ ରୋଗ ପ୍ରତିରୋଧକ ଶକ୍ତି:** ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ। ଏ ସମସ୍ତ ଉପାଦାନ ପଇଡ଼ ପାଣିରେ ଭରିରହିଛି। ତେଣୁ ଏହାକୁ ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦୂର ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ତେଣୁ ଡାକ୍ତରମାନେ ମଧ୍ୟ ରୋଗୀଙ୍କୁ ପଇଡ଼ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି।

**ରୋଗରୁ ଦୂରେଇ ରଖେ:** ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କ ଏହା ବେଶ୍ ଉପକାରୀ। କାରଣ ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରିରହିଛି, ଯାହା ସମସ୍ତ ପ୍ରକାରର ଅଣସଂକ୍ରାମକ ରୋଗ ଏବଂ ଲାଇଫ୍ ଷ୍ଟାଇଲ୍ ଡିଜ୍‌ଅର୍ଡର ରୋଗ ଦୂର କରିଥାଏ। ଏଥିରେ ବେଶିମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଭରି ରହିଛି ; ଯାହାକୁ ପିଇବା ଦ୍ୱାରା ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ।

**ସନ୍‌ଟ୍ୟାନ୍‌ରୁ ଦିଏ ମୁକ୍ତି:** ପଇଡ଼ ପାଣି ପିଇବା ଯେତିକି ଉପକାରୀ ଏହାକୁ ତ୍ୱଚାରେ ଲଗାଇଲେ ସେତିକି ସୁଫଳ ମିଳିଥାଏ। ସୂର୍ଯ୍ୟକିରଣ ପ୍ରଭାବରୁ ସୃଷ୍ଟି ହେଉଥିବା ସନ୍‌ବର୍ନ ଏବଂ ଅନ୍ୟାନ୍ୟ ସମସ୍ୟା ଥିଲେ ପଇଡ଼ ପାଣି ଲଗାଇ ୨୦–୩୦ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏଥିରେ ଭରପୂର ମାତ୍ରାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି’ ଏହି ସମସ୍ୟା ଦୂର କରିଥାଏ। ଏମିତିକି ହାଡ଼ଫୁଟି, ବ୍ରଣ ଆଦିର ଦାଗ ଦୂର କରିବା ଲାଗି ମଧ୍ୟ ଏହା ବେଶ୍ ଉପକାରୀ।

**ଦୂର କରେ ସ୍କିନ୍ ଇନ୍‌ଫେକ୍ସନ:** ହର୍ମୋନ୍ ପରିବର୍ତ୍ତନ, ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଖରା, ପ୍ରଦୂଷଣ ଆଦି କାରଣରୁ ବର୍ତ୍ତମାନ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦେଉଛି, ଯାହାକୁ ଦୂର କରିବା ଲାଗି ପଇଡ଼ ପାଣି ଉପକାରୀ। ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।

**ରୋକିଥାଏ ଏଜିଂ ସମସ୍ୟା:** ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଭଳି ବିଭିନ୍ନ କାରଣରୁ ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କଠାରେ ରିଙ୍କିଲ୍, ଫାଇନ୍ ଲାଇନ୍, ବ୍ଲାକ୍ ସ୍ପଟ୍ ଭଳି ବିଭିନ୍ନ ଏଜିଂ ସମସ୍ୟା ସୃଷ୍ଟି କରୁଛି ; ଯାହାକୁ ପ୍ରାକୃତିକ ଉପାୟରେ ଦୂର କରିବା ଲାଗି ପଇଡ଼ ପାଣି ସବୁଠୁ ଭଲ। ପଇଡ଼ରେ ଥିବା ଲରିକ୍ ଏସିଡ୍, ଯାହାକୁ ଆଣ୍ଟି ମାଇକ୍ରୋବିଆଲ୍ ପାୱାରହାଉସ୍ ବୋଲି କୁହାଯାଇଥାଏ ଏହା ସ୍କିନ୍ ଇନ୍‌ଫେକ୍ସନ ଦୂର କରିଥାଏ। ସେହିପରି ଏଥିରେ ଥିବା ସାଇଟୋକାଇନ୍ସ ନାମକ ପ୍ରୋଟିନ୍ କୋଷଗୁଡ଼ିକୁ ବୃଦ୍ଧି ଏବଂ କାର୍ଯ୍ୟକ୍ଷମ କରାଇବାରେ ସାହାଯ୍ୟ କରିଥାଏ ; ଯାହାକି ଏଜିଂ ସମସ୍ୟା ହେବାକୁ ଦେଇ ନ ଥାଏ।

## ପଇଡ଼ ପାଣିର ବଢୁଛି ଚାହିଦା



**ବୁଦ୍ଧିଆ ବାରିକ**(ବ୍ୟବସାୟୀ, ପୁରୀ)– ପୁରୀ ବେଳାଭୂମିରେ ପ୍ରାୟ ୧୫ ବର୍ଷ ହେବ ପଇଡ଼ ବ୍ୟବସାୟ କରିଆସୁଛି। ଆରମ୍ଭରୁ ଏବେ ପର୍ଯ୍ୟନ୍ତ ଦାମ୍ ୫ ଟଙ୍କାରୁ ୩୦–୪୦ ଟଙ୍କାରେ ପହଞ୍ଚିଥିଲେ ହେଁ ବର୍ଷର ପ୍ରତିଟି ସମୟରେ ପଇଡ଼ର ଚାହିଦା କେବେ କମିଥିବା ଦେଖିନି। ହେଲେ ଖରାଦିନେ ଏହାର ବିକ୍ରି ସର୍ବାଧିକ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ କେବଳ ପାଣି ପଇଡ଼, ଅଳ୍ପ ନାଳି ଏବଂ ମୋଟା ନାଳି ପଇଡ଼ର ଦାମ୍ ଭିନ୍ନ ଭିନ୍ନ ରହିଛି। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକେ ଏହାକୁ ଭଲ ପାଇଥାନ୍ତି। ପୁରୀ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର କୂଳିଆ ପବନରେ ପଇଡ଼ ପାଣି ପିଇବାର ମଜା ନେଉଛନ୍ତି। ତେବେ ଚଳିତ ବର୍ଷ ଖରା ଅଧିକ ହେଉଥିବାରୁ ଏହାର ଡିମାଣ୍ଡ ବେଶି ଥିବାରୁ ଭଲ ବେପାର ହୋଇପାରୁଛି। ପ୍ରତିଦିନ ସାକ୍ଷୀଗୋପାଳରୁ ପଇଡ଼ ମଗାଇ ବିକ୍ରି କରିଥାଏ। କେବେ କେବେ ଗ୍ରାହକଙ୍କ ଚାହିଦା ଅଧିକ ହେଲେ ପଇଡ଼ ବେଶି ମଗାଇବାକୁ ପଡୁଛି।

## ଏମାନେ କ’ଣ କୁହନ୍ତି



**ଲିଜା ସାହୁ**( ଛାତ୍ରୀ, କଟକ)– ଖରାଦିନେ ପେଟ ଥଣ୍ଡା ରଖିବା ଲାଗି ପଇଡ଼ ପାଣି ବେଷ୍ଟ। ଏହା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହିତକର। ତେଣୁ ବାହାରକୁ ଯାଇଥିଲେ ଶୋଷ ଲାଗିବା ସମୟରେ ଏହାକୁ ପିଇଥାଏ। ଖାଲି ଏତିକି ନୁହେଁ, ଖରାଦିନେ କଲେଜରୁ ଫେରିବା ପରେ ବେଳେବେଳେ ମୁହଁରେ ବି ପଇଡ଼ ପାଣି ଲଗାଏ। ଏହାଦ୍ୱାରା ତ୍ୱଚାର ଡଲ୍‌ନେସ୍ ଏବଂ ଟ୍ୟାନ୍ ଦୂର ହେବା ସହ ଫ୍ରେଶ୍ ବି ଲାଗିଥାଏ।



**ସତ୍ୟ କୁମାର**(ବ୍ୟବସାୟୀ, ଭୁବନେଶ୍ୱର)– ଖରାଦିନ ପାଇଁ ଦୋକାନରେ ପ୍ରାୟ ସବୁ ପ୍ରକାରର ଥଣ୍ଡାପାନୀୟ ରଖିଛି। ଯାହା ଭଲ ବିକ୍ରି ମଧ୍ୟ ହେଉଛି। ହେଲେ ଏବେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନେକେ ଡିମାଣ୍ଡ କରୁଥିବାରୁ ପଇଡ଼ ମଧ୍ୟ ଆଣି ରଖୁଛି। ଆଗାମୀ ବର୍ଷକୁ ଏହି ବ୍ୟବସାୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସତ କହିବାକୁ ଗଲେ, ନିଜେ ମଧ୍ୟ ବାହାରକୁ ଗଲେ କୋଲ୍ଡ ଡ୍ରିଙ୍କ୍ସ ବଦଳରେ ପଇଡ଼ ପାଣି ପିଇବାକୁ ବେଶି ଭଲପାଏ।





### ଜାଣନ୍ତୁ ଦୁନିଆ

# ବୃହତ୍ ପ୍ରାଣୀ



**ଆମେ ପ୍ରତିଦିନ ବିଭିନ୍ନ ପ୍ରକାରର ପ୍ରାଣୀଙ୍କୁ ଦେଖୁ। ସେମାନଙ୍କ ଆକାର ଏବଂ ପ୍ରକାରକୁ ନେଇ ମନ ଭିତରେ ଏକ ନିର୍ଦ୍ଦିଷ୍ଟ ଛବି ମଧ୍ୟ ରହିଯାଇଥାଏ। ହେଲେ ପୃଥିବୀରେ ସେଭଳି ପ୍ରାଣୀମାନଙ୍କର ସର୍ବବୃହତ୍ ପ୍ରଜାତି ରହିଛି, ଯାହା ବିଷୟରେ ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଜାଣିବା ସେଭଳି କେତେକ ବୃହତ୍ ପ୍ରାଣୀଙ୍କ ସମ୍ପର୍କରେ...**

**ସବୁଠୁ ବଡ଼ ସାପ; ଗ୍ରୀନ୍ ଆନାକୋଣ୍ଡା:** ଏହା ହେଉଛି ପୃଥିବୀର ସବୁଠୁ ବଡ଼ ସାପ, ଯାହାର ଲମ୍ବ ୩୦ ଫୁଟ୍ ହୋଇଥିବା ବେଳେ ଓଜନ ପ୍ରାୟ ୫୫୦ ପାଉଣ୍ଡ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ତେବେ ଅଣ୍ଡିରା ସାପ ତୁଳନାରେ ମାଈ ସାପର ଲମ୍ବ ଅଧିକ ହୋଇଥାଏ। ଏହି ସାପ ବ୍ରାଜିଲର ସନ୍ତସନ୍ତିଆ ସ୍ଥାନରେ ଏବଂ ଆମାଜନ୍ ରେନ୍‌ଫରେମଷ୍ଟରେ ଦେଖାଯାଆନ୍ତି। ସେମାନେ ବନ୍ୟ ଜୀବଜନ୍ତୁଙ୍କୁ ନିଜ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି।





**ବଡ଼ ଗାଈ; ଚିଆନିନା:** ଇଟାଲୀର ଟସ୍କାନିରେ ଦେଖିବାକୁ ମିଳୁଥିବା ଏହି ଗାଈ ୨ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥିବା ବେଳେ ଓଜନ ୧୭୦୦ କିଲୋଗ୍ରାମ୍‌ରୁ ଊର୍ଦ୍ଧ୍ୱ, ଯେଉଁଥିପାଇଁ ଏହା ଉଭୟ ଓଜନ ଏବଂ ଉଚ୍ଚତାରେ ପୃଥିବୀର ସବୁଠୁ ଗାଈ ପ୍ରଜାତି। ଏହାକୁ ମୁଖ୍ୟତଃ ମାଂସ ପାଇଁ ପାଳନ କରାଯାଏ।



**ବଡ଼ ବେଙ୍ଗ; ଗୋଲିଆଥ୍ ବୁଲ୍‌ଫ୍ରଗ୍:** ବର୍ଷାଦିନେ ନଈ, ପୋଖରୀ, ବିଲ କିମ୍ବା ରାସ୍ତାକଡ଼ରେ ଛୋଟରୁ ବଡ଼ ଅନେକ ଆକାରର ବେଙ୍ଗ ଦେଖିଥିବେ। ହେଲେ ଭାବିଛନ୍ତି କି ବେଙ୍ଗ କେବେ ୩୨ ସେଣ୍ଟିମିଟର ଲମ୍ବର ବି ହୋଇପାରେ। ଆଶ୍ଚର୍ଯ ଲାଗୁଥିଲେ ବି ଏହା ସତ। ପୃଥିବୀର ସବୁଠୁ ବଡ଼ ପ୍ରଜାତିର ଏହି ବେଙ୍ଗର ନାମ ହେଉଛି ଗୋଲିଆଥ୍ ବୁଲ୍‌ଫ୍ରଗ୍। ଏହାର ଓଜନ ପାଖାପାଖି ୩.୩ କିଲୋଗ୍ରାମ୍। ଏହି ବେଙ୍ଗ ପଶ୍ଚିମ ଆଫ୍ରିକାରେ ଦେଖାଯାଆନ୍ତି। ସେଠାରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ।

**ବିଶାଳ ମାଛ; ହ୍ୱେଲ୍ ଶାର୍କ:** ଏହା ହେଉଛି ପୃଥିବୀର ସବୁଠୁ ବଡ଼ ମାଛ, ଯାହାର ଲମ୍ବ ପ୍ରାୟ ୧୨ ଫୁଟ୍। ସେମାନଙ୍କ ଦାନ୍ତ ଖୁବ୍ ଛୋଟ ହୋଇଥିବାରୁ ସେମାନେ କାମୁଡ଼ି କିମ୍ବା ଚୋବାଇ ଖାଇପାରନ୍ତି ନାହିଁ। ତେଣୁ ସେମାନେ ଛୋଟ ମାଛ ଏବଂ ଜଳଚର ଜୀବ ଗିଳିଥା’ନ୍ତି। ଏହି ମାଛର ବୟସସୀମା ପ୍ରାୟ ୧୫୦ ବର୍ଷ। ତେବେ ମାତ୍ର ୧୦ ପ୍ରତିଶତ ମାଛ ହିଁ ଏତେ ବଡ଼ ହେବା ପର୍ଯ୍ୟନ୍ତ ବଞ୍ଚିଥାନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଏପ୍ରିଲ ୧୬/୨୦୨୩ | Bhubaneswar, Sunday, April 16/ 2023

# ବାଙ୍ଗାଲୋର ୨୩ ରନ୍‌ରେ ବିଜୟୀ



ଉଇକେଟ ନେବା ପରେ ବିଜୟ କୁମାର ବୈଶାକ।



ପ୍ଲେୟର ଅଫ୍ ଦ ମ୍ୟାଚ୍ ବିରାଟ କୋହଲି।

ବେଙ୍ଗାଲୁରୁ,୧୫।୪: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କ୍ରମାଗତ ପଞ୍ଚମ ମ୍ୟାଚରେ ମଧ ପଏଣ୍ଟ ଖାତା ଖୋଲିପାରିନାହିଁ ଦିଲ୍ଲୀ କ୍ୟାପିଟାଲ୍ସ। ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ନିକଟରୁ ୨୩ ରନ୍‌ରେ ହାରିବା ସହ ଡେଭିଡ୍ ୱାର୍ନରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଲଗାତର ପଞ୍ଚମ ପରାଜୟ ବରଣ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ଉଇକେଟରେ ୧୭୪ ରନ୍ କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୧ ରନ୍ କରିବାରେ ସମର୍ଥ ହୋଇଥିଲା। ମହିପାଲ ଲୋମରୋରଙ୍କ ସ୍ଥାନରେ ଅନୁଜ ରାୱତ ଓ ମୁସ୍ତାଫିଜୁର ରେହମାନଙ୍କ ସ୍ଥାନରେ ପୃଥ୍ୱୀ ଶ' ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ।

**କୋହଲିଙ୍କ ତୃତୀୟ ଅର୍ଦ୍ଧଶତକ:** ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆରସିବିକୁ ବିରାଟ କୋହଲି(୫୦) ଓ ଫାଫ୍ ଡୁ ପ୍ଲେସି(୨୨) ଏକ ଦୃଢ଼ ଆରମ୍ଭ କରିଥିଲେ। ଉଭୟ ଓପନିଂ ଯୋଡ଼ିରେ ୪୨ ରନ୍ ଯୋଡ଼ିଥିଲେ। ଚତୁର୍ଥ ମ୍ୟାଚ୍‌ରେ ବିରାଟ ତୃତୀୟ ଅର୍ଦ୍ଧଶତକ ହାସଲ କରିବା ସହିତ ଦଳ ଏକ ବିଶାଳ ସ୍କୋର ଆଡ଼କୁ ଅଗ୍ରସର ହେଉଥିଲା। କୋହଲି ୩୪ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୫୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ମଧ୍ୟକ୍ରମରେ ଦିଲ୍ଲୀ ସ୍ପିନରଙ୍କ ପ୍ରଭାବୀ ବୋଲିଂ କାରଣରୁ ଆରସିବି ୧୭୪ ରନ୍ କରିଥିଲା। ୧୫ତମ ଓଭରରେ କୁଲଦୀପ୍ ଯାଦବ ମେଡେନ୍ ସହ ୨ ଉଇକେଟ ନେବାରୁ ଆର୍‌ସିବିର ରନ୍‌ଗତି ଉପରେ ଅଙ୍କୁଶ ଲାଗିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କୁଲଦୀପ୍ ଯାଦବ ଓ ମିଚେଲ ମାର୍ଶ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ ଲଳିତ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ବିଜୟଙ୍କ ଘାତକ ବୋଲିଂ:** ୧୭୫ ବିଜୟ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଦିଲ୍ଲୀ ମାତ୍ର ଦୁଇ ରନ୍‌ରେ ୩ ଉଇକେଟ ହରାଇଥିଲା। ପୃଥ୍ୱୀ ଶ' ଓ ମିଚେଲ ମାର୍ଶ ଖାତା ଖୋଲିବାରେ ସମର୍ଥ ହୋଇ ନ ଥିବାବେଳେ ୟାଶ ଧୂଲ ୧ ରନ୍ କରିଥିଲେ। ଡେଭିଡ୍ ୱାର୍ନର (୧୯) ଓ ମନୀଷ ପାଣ୍ଡେ(୫୦) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ଉଭୟ ୨୮ ରନ୍ ଯୋଡ଼ିଥିବା ବେଳେ ପଦାର୍ପଣକାରୀ ବିଜୟ କୁମାର ବୈଶାକ ୩ ଉଇକେଟ ନେଇଥିଲେ। ପ୍ରଥମ ବଲ୍‌ରେ ୱାର୍ନରଙ୍କ ଉଇକେଟ ଅକ୍ତିଆର କରିବା ସହିତ ସେ ଅକ୍ଷର ପଟେଲ ଓ ଲଳିତ ଯାଦବଙ୍କୁ ମଧ୍ୟ ପ୍ୟାଭିଲିୟନ ପଠାଇଥିଲେ। ମନୀଷ ପାଣ୍ଡେ ୩୮ ବଲ୍ ଖେଳି ୫୦ ରନ୍ କରିଥିଲେ। ଆରସିବି ପକ୍ଷରୁ ବିଜୟ ୩, ମହମ୍ମଦ ସିରାଜ ୨, ୱେନ୍ ପାର୍ନେଲ୍,

## ଦିଲ୍ଲୀର କ୍ରମାଗତ ପଞ୍ଚମ ପରାଜୟ

ୱାନିନ୍ଦୁ ହସରଙ୍ଗା ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିରାଟ କୋହଲିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର** ୨୦ ଓଭରରେ ୧୭୪/୬(ବିରାଟ କୋହଲି-୫୦, ମହିପାଲ ଲୋମରୋର-୨୬, ଗ୍ଲେନ୍ ମ୍ୟାକ୍ସୱେଲ-୨୪, କୁଲଦୀପ ଯାଦବ-୨/୨୩, ମିଚେଲ୍ ମାର୍ଶ-୨/୧୮)।

**ଦିଲ୍ଲୀ କ୍ୟାପିଟାଲ୍ସ** ୨୦ ଓଭରରେ ୧୫୧/୯(ମନୀଷ ପାଣ୍ଡେ-୫୦, ଆନରିଚ୍ ନର୍ଜେ-୨୩*, ଅକ୍ଷର ପଟେଲ-୨୧, ବିଜୟ କୁମାର-୩/୨୦, ମହମ୍ମଦ ସିରାଜ-୨/୨୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୩ | ୧ | ୬ | +୧.୫୮୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୭୬୧ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୦.୩୪୧ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୭୧୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୨୨୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୪ | ୨ | ୨ | ୪ | -୦.୩୧୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | -୦.୮୨୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | -୦.୮୭୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |

**ପାକିସ୍ତାନ ବିଜୟୀ**

**ଲାହୋର, ୧୫।୪:** ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ପାକିସ୍ତାନ ୮୮ ରନ୍‌ରେ ବିଜୟ ହାସଲ କରିଛି। ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ହୋଇଛି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ